
# ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ସେପ୍ଟେମ୍ବର ୨୨/୨୦୨୧ (୧୬ ପୃଷ୍ଠା) Bhubaneswar, Wednesday, September 22/2021 ★★★★

୪୭ଶ ଭାଗ ୨୯୮ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୭/-





**ଅନାଥ ପିଲାଙ୍କ ପରୀକ୍ଷା ଫି ଛାଡ୍ କଲା ସିବିଏସ୍ଇ**

କୋଭିଡ୍‌ରେ ମା' ବାପାଙ୍କୁ ହରାଇଥିବା ଦଶମ ଓ ଦ୍ୱାଦଶ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ପରୀକ୍ଷା ଏବଂ ରେଜିଷ୍ଟ୍ରେଶନ ଫି ଛାଡ଼ କରିବା ପାଇଁ କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସ୍ଇ)ନିଷ୍ପତ୍ତି ନେଇଛି। ପିଲାମାନଙ୍କ ଉପରେ କୋଭିଡ୍ ମହାମାରୀର ପ୍ରଭାବକୁ ଦୃଷ୍ଟିରେ ରଖି ୨୦୨୧-୨୨ ଶିକ୍ଷାବର୍ଷ ପାଇଁ ବୋର୍ଡ କର୍ତ୍ତୃପକ୍ଷ ଉପରୋକ୍ତ ନିଷ୍ପତ୍ତି ନେଇଛନ୍ତି।



## ସଂକ୍ଷେପରେ

### ସେନା ହେଲିକପ୍ଟର ଦୁର୍ଘଟଣା: ୨ ପାଇଲଟଙ୍କ ମୃତ୍ୟୁ

**ଶ୍ରୀନଗର, ୨୧।୯:** ଜମ୍ମୁ-କଶ୍ମୀରର ଉଦ୍ଧମପୁର ଜିଲାରେ ମଙ୍ଗଳବାର ପୂର୍ବାହ୍ନ ୧୦ଟା ୩୦ ସମୟରେ ସେନା ହେଲିକପ୍ଟର ଅବତରଣ ବେଳେ ପାହାଡ଼ରେ ପିଟିହୋଇ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ଦୁଇଜଣ ସେନା ପାଇଲଟଙ୍କ ମୃତ୍ୟୁ ଘଟିଛି। ଗୁରୁତର ଆହତ ମେଜର ରୋହିତ କୁମାର ଏବଂ ମେଜର ଅନୁଜ ରାଜପୁତ୍‌ଙ୍କୁ ହେଲିକପ୍ଟରରୁ ବାହାର କରି ହସ୍ପିଟାଲ ନିଆଯାଇଥିଲା। ସେଠାରେ ସେମାନଙ୍କର ମୃତ୍ୟୁ ଘଟିଥିବା ଜଣେ ବରିଷ୍ଠ ସେନା ଅଧିକାରୀ କହିଛନ୍ତି। ଜମ୍ମୁ-କଶ୍ମୀରରେ ୫୦ ଦିନ ମଧ୍ୟରେ ଏହା ଦ୍ୱିତୀୟ ସେନା ହେଲିକପ୍ଟର ଦୁର୍ଘଟଣା। ଗତ ମାସରେ ରଞ୍ଜିତ ସାଗର ଡ୍ୟାମ୍‌ରେ ଏକ ସେନା ହେଲିକପ୍ଟର ପିଟିହୋଇଯିବାରୁ ୨ ଜଣ ପାଇଲଟଙ୍କ ମୃତ୍ୟୁ ଘଟିଥିଲା। ସେମାନଙ୍କ ମଧ୍ୟରୁ ଜଣକ ମୃତଦେହ ଏପର୍ଯ୍ୟନ୍ତ ମିଳିନାହିଁ।

### 'ଶୀତଳଯୁଦ୍ଧ ଚାହେଁନି ଆମେରିକା'

**ୱାଶିଂଟନ୍ ୨୧।୯:** ଚାଇନା ସହ ସମ୍ପର୍କ ଦୃଷ୍ଟିରୁ ଆମେରିକା ଏକ ନୂଆ ଶୀତଳ ଯୁଦ୍ଧ ଚାହେଁନାହିଁ। ଆଫଗାନିସ୍ତାନରୁ ସୈନ୍ୟ ପ୍ରତ୍ୟାହାର ପରେ ନିରନ୍ତର ଯୁଦ୍ଧକୁ ଶେଷ କରି କୂଟନୈତିକ ସମ୍ବନ୍ଧ ଓ ବିକାଶର ନୂଆ ଯୁଗ ଆରମ୍ଭ କରିବାକୁ ଆମେରିକା କାମ କରିବ ବୋଲି ମଙ୍ଗଳବାର ଜାତିସଂଘ ସାଧାରଣ ସଭାରେ ଉଦ୍‌ବୋଧନ ଦେଇ ରାଷ୍ଟ୍ରପତି ଜୋ ବାଇଡେନ୍ କହିଛନ୍ତି। ଚାଇନା ନାଁ ନ ନେଇ ଉଭୟ ଦେଶ ମଧ୍ୟରେ ଥିବା ତିକ୍ତତାକୁ ନେଇ ବାଇଡେନ୍ ଚିନ୍ତା ପ୍ରକଟ କରିଥିଲେ। ଶୀତଳ ଯୁଦ୍ଧ କିମ୍ବା ବିଶ୍ୱକୁ ବିଭକ୍ତୀକରଣ କରି ନୂଆ ଲଢ଼େଇ ଆମେରିକା ଚାହେଁ ନାହିଁ ବୋଲି ସେ କହିଥିଲେ। କୌଣସି ରାଷ୍ଟ୍ର ସହ ତୀବ୍ର ମତଭେଦ ଥିଲେ ବି ସମସ୍ୟା ଓ ଆହ୍ୱାନର ଶାନ୍ତିପୂର୍ଣ୍ଣ ସମାଧାନ ଚାହୁଁଥିବା ଦେଶ ସହିତ ଆମେରିକା କାର୍ଯ୍ୟ କରିବାକୁ ପ୍ରସ୍ତୁତ ବୋଲି ବାଇଡେନ୍ ପ୍ରକାଶ କରିଛନ୍ତି।

### ଅଭିଷେକ ବାନାର୍ଜୀଙ୍କୁ ହାଇକୋର୍ଟରୁ ମିଳିଲାନି ଆଶ୍ୱସ୍ତି



**ନୂଆଦିଲ୍ଲୀ, ୨୧।୯:** ପଶ୍ଚିମବଙ୍ଗ କୋଇଲା ଦୁର୍ନୀତି ମାମଲାରେ ଅଭିଯୁକ୍ତ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ନେତା ଅଭିଷେକ ବାନାର୍ଜୀ ଏବଂ ତାଙ୍କ ସ୍ତ୍ରୀ ରୁଜିରା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) କାର୍ଯ୍ୟାଳୟରେ ହାଜର ହେବାରୁ ବର୍ତ୍ତିବା ପାଇଁ କରିଥିବା ଆବେଦନକୁ ଦିଲ୍ଲୀ ହାଇକୋର୍ଟ ମଙ୍ଗଳବାର ଖାରଜ କରିଦେଇଛନ୍ତି। ତେବେ ସେମାନଙ୍କ ଆବେଦନ ଉପରେ ୩ ଦିନ ମଧ୍ୟରେ ଜବାବ ରଖିବାକୁ ହାଇକୋର୍ଟ ଇଡିକୁ ନିର୍ଦ୍ଦେଶ ଦେଇଛନ୍ତି। ଜଷ୍ଟିସ୍ ଯୋଗେଶ ଖାନ୍ନା ମାମଲାର ପରବର୍ତ୍ତୀ ଶୁଣାଣି ସେପ୍ଟେମ୍ବର ୨୭କୁ ଧାର୍ଯ୍ୟ କରିଛନ୍ତି। ମଙ୍ଗଳବାର ସେମାନଙ୍କୁ କାଗଜପତ୍ର ସହ ଇଡିଙ୍କ ନୂଆଦିଲ୍ଲୀ କାର୍ଯ୍ୟାଳୟରେ ହାଜର ହେବା ପାଇଁ ସମନ ଜାରି କରାଯାଇଥିଲା। ସେମାନଙ୍କ ମନିଲଣ୍ଡରିଂର ଚେର ଦେଶ ତଥା ଦେଶ ବାହାରକୁ ଯାଇଥିବାରୁ ତଦନ୍ତ କେବଳ ଥାନା କିମ୍ବା କୌଣସି ଅଞ୍ଚଳ ମଧ୍ୟରେ ସୀମିତ ରହିପାରିବ ନାହିଁ ବୋଲି ଇଡି କହିବା ସହ ସେମାନଙ୍କ ଆବେଦନକୁ ବିରୋଧ କରିଥିଲା।

# ୩ୟ ଥର ଟ୍ରୁଡୋ ପ୍ରଧାନମନ୍ତ୍ରୀ

**ଟରଣ୍ଟୋ, ୨୧।୯**

- କାନାଡାରେ ସଂଖ୍ୟାଲଘୁ ସରକାର
- ବହୁମତରୁ ବଞ୍ଚିତ ହେଲେ ଲିବେରାଲ ପାର୍ଟି ନେତା
- ୧୭ ଭାରତୀୟ ବଂଶୋଦ୍ଭବ ଏମ୍‌ପି ନିର୍ବାଚିତ


ଜଷ୍ଟିନ୍ ଟ୍ରୁଡୋ

କାନାଡାବାସୀ ପୁଣି ଲିବେରାଲ ପାର୍ଟିର ଜଷ୍ଟିନ୍ ଟ୍ରୁଡୋଙ୍କ ଉପରେ ଭରସା କରି ତୃତୀୟ ଥର ପାଇଁ ତାଙ୍କୁ କ୍ଷମତାକୁ ଆଣିଛନ୍ତି। କାନାଡାରେ ସୋମବାର ଅନୁଷ୍ଠିତ ୪୪ ତମ ସାଧାରଣ ନିର୍ବାଚନରେ ଟ୍ରୁଡୋ ବିଜୟୀ ହୋଇଥିଲେ ହେଁ ସଂଖ୍ୟାଗରିଷ୍ଠତା ପାଇବାରୁ ବଞ୍ଚିତ ହୋଇଛନ୍ତି। ଫଳରେ ସେ ସଂଖ୍ୟାଲଘୁ ସରକାର ଗଢ଼ିବା ନେଇ ପୂର୍ବରୁ ହୋଇଥିବା ସର୍ଭେ ଆକଳନ ଫଳାଫଳ ସତ ହୋଇଛି। ୩୩୮ ସଦସ୍ୟ ବିଶିଷ୍ଟ ହାଉସ୍ ଅଫ୍ କମନ୍ସରେ ବହୁମତ ପାଇଁ ଲିବେରାଲ ପାର୍ଟିକୁ ବହୁମତ ପାଇଁ ୧୭୦ ଆସନ ଆବଶ୍ୟକ ଥିବାବେଳେ ୧୪ଟି ସିଟ୍ କମ୍ ପାଇଛି। ଟ୍ରୁଡୋଙ୍କ ସରକାରରେ ୧୭ ଭାରତୀୟ-କାନାଡୀୟ ଏମ୍‌ପି ଭାବେ ନିର୍ବାଚିତ ହୋଇଛନ୍ତି। ତେବେ ନିର୍ବାଚନରେ ତାଙ୍କ ଦଳକୁ ସ୍ପଷ୍ଟ ମତ ମିଳିଥିବା ସେ ଦାବି କରିଛନ୍ତି। ଏଥିପାଇଁ ସେ ଦେଶବାସୀଙ୍କୁ ଧନ୍ୟବାଦ ଦେଇଛନ୍ତି।


କାନାଡାର ମୁଖ୍ୟ ବିରୋଧୀ କଞ୍ଜରଭେଟିଭ୍ ପାର୍ଟିକୁ ୧୨୨ ସିଟ୍ ମିଳିଛି। ଜଗମିତ୍ ସିଂଙ୍କ ନେତୃତ୍ୱାଧୀନ ନ୍ୟୁ ଡେମୋକ୍ରାଟିକ୍ ପାର୍ଟି(ଏନ୍‌ଡିପି)ର ଆସନ ଗତଥରଠାରୁ ୨୪ରୁ ୨୭କୁ ବୃଦ୍ଧି ପାଇଛି। ୧୯ ଭାରତୀୟ-କାନାଡା ଏମ୍‌ପିଙ୍କ ମଧ୍ୟରେ ଜଗମିତ୍‌ଙ୍କ ସମେତ ପୂର୍ବତନ ମନ୍ତ୍ରୀ ଟିମ୍ ଉପ୍ପଲ ଏବଂ ବର୍ତ୍ତମାନର ୩ କ୍ୟାବିନେଟ ମନ୍ତ୍ରୀ ହରଜିତ୍ ସିଂ ସାଜ୍ଜନ, ବର୍ଦିଶ ଛାଗର, ଅନିତା ଆନନ୍ଦ ପ୍ରମୁଖ ରହିଛନ୍ତି। କୋଭିଡ୍ ମହାମାରୀ ମଧ୍ୟରେ ନିର୍ବାଚନ ଅନୁଷ୍ଠିତ ହେବାକୁ ନେଇ ବିରୋଧୀ ଦଳ ନେତା ଏରିନ୍ ଓ ଟୋଲି ବିରୋଧ କରିଥିଲେ। କାର୍ଯ୍ୟକାଳ ଶେଷ ହେବା ପୂର୍ବରୁ ଟ୍ରୁଡୋ ସରକାର ଭାଙ୍ଗି ଆଗୁଆ ନିର୍ବାଚନ କରିବାକୁ ନିଷ୍ପତ୍ତି ନେଇ ଲୋକଙ୍କ ଜୀବନକୁ ବିପଦରେ ପକାଇଥିବା ସେ ଅଭିଯୋଗ କରିଥିଲେ। ୨୦୧୫ରୁ କ୍ଷମତାରେ ଥିବା ୪୯ ବର୍ଷୀୟ ଟ୍ରୁଡୋ ୨୦୧୯ରେ ହାଉସ୍ ଅଫ୍ କମନ୍ସରେ ସଂଖ୍ୟା ଗରିଷ୍ଠତା ନ ଥାଇ ସରକାର ଗଢ଼ିଥିଲେ। ଏକକ ସଂଖ୍ୟାଗରିଷ୍ଠତା ପାଇ ଶାସନକୁ ଫେରିବା ଆଶାରେ ସେ ଆଗୁଆ ନିର୍ବାଚନ କରାଇଥିଲେ ହେଁ ସେ ବହୁମତ ହାସଲ କରିପାରିନାହାନ୍ତି। ଇଲେକ୍ସନ ଫଳାଫଳ ଜଣାପଡ଼ିବା ପରେ ସେ ଏକ ହୋଟେଲରେ କାର୍ଯ୍ୟକ୍ରମ ଆୟୋଜନ କରି ଦେଶବାସୀଙ୍କୁ ଧନ୍ୟବାଦ ଜଣାଇଛନ୍ତି।


ଟିଏମ୍‌ସି ନେତ୍ରୀ ମମତା ବାନାର୍ଜୀଙ୍କ ସମର୍ଥନରେ ଦଳର ନେତା ମଦନ ମିତ୍ର ନିର୍ବାଚନ ପ୍ରଚାରବେଳେ ଡ୍ରମ୍ ବଜାଉଛନ୍ତି।

# ୨୪ରେ ମୋଦି-ବାଇଡେନ ଆଲୋଚନା

**ୱାଶିଂଟନ/ନୂଆଦିଲ୍ଲୀ, ୨୧।୯**





**ଭାରତ-ଆମେରିକା ସମ୍ପର୍କ ମଜଭୁତ ହେବ: ହ୍ୱାଇଟ୍ ହାଉସ**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବୁଧବାରଠାରୁ ଆମେରିକା ଗସ୍ତରେ ଯାଉଥିବାବେଳେ ଶୁକ୍ରବାର (ସେପ୍ଟେମ୍ବର ୨୪ରେ) ସେ ୱାଶିଂଟନରେ ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କ ସହ ବୈଠକରେ ଯୋଗଦେବେ। ଉଭୟ ନେତାଙ୍କ ମଧ୍ୟରେ ଆଲୋଚନା ବାଣିଜ୍ୟ, ପୁଞ୍ଜିନିବେଶ, ପ୍ରତିରକ୍ଷା ଏବଂ ସୁରକ୍ଷା କ୍ଷେତ୍ରରେ ଦ୍ୱିପାକ୍ଷିକ ସମ୍ପର୍କ ବଢ଼ାଇବ ବୋଲି ଆଶା କରାଯାଉଥିବା ବହିର୍ବ୍ୟାପାର ସଚିବ ହର୍ଷବର୍ଦ୍ଧନ ଶ୍ରିଂଗଲା କହିଛନ୍ତି। ଆଲୋଚନାରେ ମୌଳବାଦ, ଆତଙ୍କବାଦୀ ଏବଂ ବିଭିନ୍ନ ଆଞ୍ଚଳିକ ପ୍ରସଙ୍ଗ ସ୍ଥାନ ପାଇବ। ଏହା ବ୍ୟତୀତ ଆଫଗାନିସ୍ତାନ ସ୍ଥିତି ସମ୍ପର୍କରେ ମଧ୍ୟ ଦୁଇ ନେତା ଆଲୋଚନା କରିପାରନ୍ତି। ବାଇଡେନ୍‌ଙ୍କ ବ୍ୟତୀତ ଉପରାଷ୍ଟ୍ରପତି କମଲା ହାରିସ୍‌ଙ୍କ ସହ ମଧ୍ୟ ପ୍ରଧାନମନ୍ତ୍ରୀ ଆଲୋଚନା କରିବେ। ଏଥିସହିତ ମୋଦି ୱାଶିଂଟନଠାରେ ୨୪ରେ ଅନୁଷ୍ଠିତ ହେବାକୁ ଥିବା କ୍ୱାଡ୍ ସମ୍ମିଳନୀରେ ଯୋଗଦେବେ। ଉକ୍ତ ବୈଠକରେ ମୁଖ୍ୟତଃ ସମସାମୟିକ ଅନ୍ତର୍ଜାତୀୟ ଏବଂ ଆଞ୍ଚଳିକ ସମସ୍ୟା ଉପରେ ଗୁରୁତ୍ୱାରୋପ କରାଯିବା ଆଶା କରାଯାଉଛି। ଏହି ବୈଠକରେ ବାଇଡେନ୍, ମୋଦିଙ୍କ ସହ ଜାପାନ ପ୍ରଧାନମନ୍ତ୍ରୀ ୟୋଶିହିଡେ ସୁଗା ଏବଂ ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ ସ୍କଟ୍ ମୋରିସନ ଯୋଗଦେବେ। ପ୍ରଧାନମନ୍ତ୍ରୀଙ୍କ ସହ ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର, ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲ ଏବଂ ବହିର୍ବ୍ୟାପାର ସଚିବ ଶ୍ରିଂଗଲାଙ୍କ ସମେତ ଅନ୍ୟ ଅଧିକାରୀମାନେ ଆମେରିକା ଯିବେ। ସେଠାରେ ମୋଦି ବିଭିନ୍ନ ଆମେରିକୀୟ କମ୍ପାନୀର ଶୀର୍ଷ କାର୍ଯ୍ୟନିର୍ବାହୀଙ୍କୁ ଭେଟିବା କାର୍ଯ୍ୟକ୍ରମ ରହିଛି।

ମୋଦି-ବାଇଡେନ ଆଲୋଚନା ଦ୍ୱିପାକ୍ଷିକ ସମ୍ପର୍କକୁ ଆହୁରି ମଜଭୁତ କରିବ ବୋଲି ହ୍ୱାଇଟ୍ ହାଉସ୍ ପକ୍ଷରୁ କୁହାଯାଇଛି। ବୈଠକରେ ଆଫଗାନିସ୍ତାନ ପ୍ରସଙ୍ଗ ସ୍ଥାନ ପାଇବା ସହ ଆତଙ୍କବାଦ ବିରୋଧରେ ମିଳିତ ଲଢ଼େଇରେ ଉଭୟ ଦେଶ କିପରି କାର୍ଯ୍ୟ କରିବେ ତାହା ଉପରେ ଆଲୋଚନା ହେବ ବୋଲି ହ୍ୱାଇଟ୍ ହାଉସ୍‌ର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ଗତ ଜାନୁୟାରୀରେ ବାଇଡେନ୍ ଆମେରିକା ରାଷ୍ଟ୍ରପତି ନିର୍ବାଚିତ ହେବା ପରେ ମୋଦି ତାଙ୍କ ସହ ଭର୍ଚୁଆଲି ଏକାଧିକ ଥର ଆଲୋଚନା କରିଛନ୍ତି। ଗତ ଏପ୍ରିଲ୍ ୨୬ରେ ମୋଦି-ବାଇଡେନ୍ ଟେଲିଫୋନ୍ ଆଲୋଚନା ହୋଇଥିଲା। ଆସନ୍ତା ୨୪ରେ ପ୍ରଥମ ଥର ପାଇଁ ଉଭୟ ନେତା ଏକାଠି ବସି ଆଲୋଚନା କରିବେ।

# କୋଭିଶିଲ୍ଡକୁ ଆମେରିକାର ମଞ୍ଜୁରୀ

**ନୂଆଦିଲ୍ଲୀ, ୨୧।୯**



କୋଭିଡ୍-୧୯ ଟିକାର ଡବଲ ଡୋଜ୍ ନେଇଥିବା ଭାରତ ସମେତ ୩୩ଟି ଦେଶର ଲୋକେ ଆସନ୍ତା ନଭେମ୍ବର ମାସରୁ ଆମେରିକା ବିମାନ ଯାତ୍ରା କରିପାରିବେ। ଏଥିପାଇଁ ମଞ୍ଜୁରୀପ୍ରାପ୍ତ ଟିକା ତାଲିକାରେ ଭାରତ ପ୍ରସ୍ତୁତ କୋଭିଶିଲ୍ଡ ରହିଛି। ଅର୍ଥାତ୍ କେବଳ କୋଭିଶିଲ୍ଡ ଟିକା ନେଇଥିବା ଭାରତୀୟ ଆମେରିକା ଯାଇପାରିବେ। ଅନ୍ୟ ଦେଶ ମଧ୍ୟରେ ଫ୍ରାନ୍ସ, ଜର୍ମାନୀ, ଇଟାଲୀ, ସ୍ପେନ୍, ସୁଇଜରଲାଣ୍ଡ, ଗ୍ରୀସ୍, ବ୍ରିଟେନ, ଆୟରଲାଣ୍ଡ, ଚାଇନା, ଦକ୍ଷିଣ ଆଫ୍ରିକା, ଇରାନ ଓ ବ୍ରାଜିଲର ଲୋକଙ୍କୁ ଆମେରିକା ଯିବା ପାଇଁ ଅନୁମତି ମିଳିଛି। ବିମାନ ଯାତ୍ରା କରିବା ପୂର୍ବରୁ ସେମାନଙ୍କୁ ଟିକା ନେଇଥିବାର ପ୍ରମାଣପତ୍ର ଦେଖାଇବାକୁ ହେବ। ସେମାନେ ଆମେରିକାରେ ପହଞ୍ଚିବା ପରେ ଆଉ କ୍ୱାରାଣ୍ଟାଇନରେ ରହିବାକୁ ପଡ଼ିବ ନାହିଁ। ବର୍ତ୍ତମାନ ସୁଦ୍ଧା ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ) ୭ କୋଭିଡ୍ ଟିକାକୁ ମଞ୍ଜୁରୀ ଦେଇଛି। ସେଗୁଡ଼ିକ ହେଲେ ମଡର୍ନା, ଫାଇଜର-ବାୟୋଏନ୍‌ଟେକ୍, ଜନ୍‌ସନ ଆଣ୍ଡ ଜନ୍‌ସନ, ଅକ୍ସଫୋର୍ଡ-ଅଷ୍ଟ୍ରାଜେନିକା, ଭାରତର କୋଭିଶିଲ୍ଡ, ଚାଇନାର ସିନୋଫାର୍ମ ଏବଂ ସିନୋଭାକ୍। ଭାରତ ପ୍ରସ୍ତୁତ କୋଭାକ୍ସିନ୍‌କୁ ଡବ୍ଲ୍ୟୁଏଚ୍‌ଓ ଏବଂ ଆମେରିକାର ଏଫଡିଏ ଅନୁମୋଦନ କରି ନ ଥିବାରୁ ଏହି ଟିକା ନେଇଥିବା ଲୋକେ ଆମେରିକା ଯାଇପାରିବେ ନାହିଁ।

ଅନ୍ୟପକ୍ଷରେ କୋଭିଶିଲ୍ଡ ଟିକା ନେଇଥିବା ଭାରତୀୟ ପାଇଁ ବ୍ରିଟେନ ଯିବା ଲାଗି ଅନୁମତି ମିଳୁ ନ ଥିବାରୁ କେନ୍ଦ୍ର ସରକାର ଜବାବୀ ପଦକ୍ଷେପ ଗ୍ରହଣ କରିବେ ବୋଲି ଚେତାବନୀ ଦେଇଛନ୍ତି।

# କ୍ୟାବିନେଟ ସମ୍ପ୍ରସାରଣ କଲା ତାଲିବାନ୍

**ସ୍କୁଲକୁ ଫେରିବେ ଛାତ୍ରୀ**

**କାବୁଲ, ୨୧।୯**

ଆଫଗାନିସ୍ତାନରେ ଅନ୍ତରୀଣ ସରକାର ଗଢ଼ିଥିବା ତାଲିବାନ୍ ମଙ୍ଗଳବାର ଏହାର କ୍ୟାବିନେଟ ସମ୍ପ୍ରସାରଣ କରିଛି। ବିଭିନ୍ନ ବିଭାଗରେ ନୂଆ ଉପମନ୍ତ୍ରୀଙ୍କୁ ସାମିଲ ହୋଇଥିବାବେଳେ ଏଥର ମଧ୍ୟ କୌଣସି ମହିଳାଙ୍କୁ ତାଲିବାନ୍ ସରକାରରେ ଭାଗିଦାରି କରିନାହିଁ। ତାଲିବାନ୍ ମୁଖପାତ୍ର ଜାବିହୁଲ୍ଲା ମୁଜାହିଦ୍ ଏକ ଖବରଦାତା ସମ୍ମିଳନୀ କରି ଏ ନେଇ ସୂଚନା ଦେଇଛନ୍ତି। ଏଥିରେ ଧର୍ମୀୟ ସଂଖ୍ୟାଲଘୁ ଯଥା ହାଜାରାଙ୍କୁ ମନ୍ତ୍ରିମଣ୍ଡଳରେ ସାମିଲ କରାଯାଇଛି। ପରେ ମହିଳାମାନଙ୍କୁ ସରକାରରେ ସ୍ଥାନ ଦିଆଯାଇପାରେ ବୋଲି ସେ କହିଛନ୍ତି। ତାଲିବାନ୍ ସରକାରକୁ ଏ ପର୍ଯ୍ୟନ୍ତ ଅନ୍ତର୍ଜାତୀୟ ସ୍ତରରେ ମାନ୍ୟତା ପ୍ରଦାନ କରା ନ ଯିବାକୁ ନେଇ ଜାବିହୁଲ୍ଲା ଅସନ୍ତୋଷ ବ୍ୟକ୍ତ କରିଥିଲେ। ୟୁରୋପୀୟ, ଏସୀୟ ଏବଂ ଇସ୍‌ଲାମ ଦେଶ ସମେତ ଅନ୍ୟ ଦେଶଗୁଡ଼ିକ ତାଲିବାନ୍‌କୁ ସ୍ୱୀକୃତି ଦେବା ଜାତିସଂଘର ଦାୟିତ୍ୱ ବୋଲି ସେ କହିଛନ୍ତି। ସରକାରକୁ ମହିଳା ଶୂନ୍ୟ କରିଥିଲେ ହେଁ ଛାତ୍ରୀମାନଙ୍କୁ ସ୍କୁଲକୁ ଫେରିବାକୁ ଅନୁମତି ମିଳିବ ବୋଲି ତାଲିବାନ୍ ମୁଖପାତ୍ର ଜାବିହୁଲ୍ଲା କହିଛନ୍ତି। ଛାତ୍ରୀମାନେ ସମ୍ପୂର୍ଣ୍ଣ ଭାବେ ଶିକ୍ଷାକ୍ଷେତ୍ରକୁ ଫେରିବା ପାଇଁ ସୁରକ୍ଷିତ ବାତାବରଣର ଆବଶ୍ୟକତା ରହିଛି। ତେଣୁ ମାଧ୍ୟମିକ ବିଦ୍ୟାଳୟକୁ ଯିବାପାଇଁ ସେମାନଙ୍କୁ ଦୀର୍ଘ ସମୟ ଅପେକ୍ଷା କରିବାକୁ ପଡ଼ିବ। ସବୁ କିଛି ସ୍ୱାଭାବିକ ହେବା ପରେ ଯଥାଶୀଘ୍ର ସମ୍ଭବ ଛାତ୍ରୀମାନେ ଶ୍ରେଣୀଗୃହକୁ ଯାଇପାରିବେ ବୋଲି କାବୁଲରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସେ ପ୍ରକାଶ କରିଛନ୍ତି।


ଜାବିହୁଲ୍ଲା ମୁଜାହିଦ୍

# ଭାରତରୁ ଫେରିଥିବା ଆମେରିକା ଅଧିକାରୀଙ୍କୁ ହାଭାନା ସିଣ୍ଡ୍ରୋମ

**ନୂଆଦିଲ୍ଲୀ, ୨୧।୯**

ଭାରତ ଗସ୍ତରେ ଆସି ଫେରିଥିବା ଆମେରିକା ଗୋଇନ୍ଦା ସଂସ୍ଥା ସିଆଇଏର ଜଣେ ଅଧିକାରୀ ରହସ୍ୟମୟ ରୋଗ ହାଭାନା ସିଣ୍ଡ୍ରୋମରେ ପୀଡ଼ିତ ହୋଇଛନ୍ତି। ଚଳିତ ମାସରେ ସେ ସିଆଇଏ ନିର୍ଦ୍ଦେଶକ ୱିଲିୟମ ବର୍ନ୍‌ସଙ୍କ ସହ ଦିଲ୍ଲୀ ଗସ୍ତରେ ଆସିଥିଲେ। ଆମେରିକାରେ ପହଞ୍ଚିବା ପରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡିବାରୁ ସେ ଚିକିତ୍ସିତ ହୋଇଥିଲେ। ଗତ ମାସରେ ମଧ୍ୟ ଏହି ରୋଗ ବେଶ୍ ଚର୍ଚ୍ଚାରେ ଥିଲା। ଗତ ଅଗଷ୍ଟରେ ଆମେରିକା ଉପରାଷ୍ଟ୍ରପତି କମଲା ହାରିସଙ୍କ ଭିଏତନାମ ଗସ୍ତ ସମୟରେ ଏହି ଖବର ସାମ୍ନାକୁ ଆସିଥିଲା। ଅଗଷ୍ଟ ୨୪ ହାରିସ୍‌ଙ୍କ ଭିଏତନାମ ଗସ୍ତ କାର୍ଯ୍ୟକ୍ରମ ଥିଲା। କିନ୍ତୁ ହାନୋଇରେ ଥିବା ଆମେରିକାର ଦୂତାବାସରେ ହାଭାନା ସିଣ୍ଡ୍ରୋମର ଆଶଙ୍କା ଦେଖାଯିବାରୁ ତାଙ୍କ ଗସ୍ତ ବାତିଲ ହୋଇଥିଲା।

ଏହି ରହସ୍ୟମୟ ସ୍ନାୟୁଜନିତ ରୋଗ ପ୍ରଥମେ ୨୦୧୬ରେ କ୍ୟୁବାରେ ଦେଖିବାକୁ ମିଳିଥିଲା। ରୁଷିଆ, ଚାଇନା, ଅଷ୍ଟ୍ରିଆ ସମେତ ଅନେକ ଦେଶରେ ଆମେରିକାର ରାଷ୍ଟ୍ରଦୂତ, କୁଟନୀତିଜ୍ଞମାନେ ଏଥିରେ ପୀଡ଼ିତ ହୋଇଥିବା ନେଇ ଜଣାଇଥିଲେ। ଏଥିରେ ପୀଡ଼ିତଙ୍କ ବାନ୍ତି ହେବା, ମୁଣ୍ଡବିନ୍ଧା, ଥକ୍କାପଣ, ମୁଣ୍ଡ ବୁଲାଇବା, ଶୋଇବାରେ ସମସ୍ୟା ସହ ଶ୍ରବଣ ଶକ୍ତି ହ୍ରାସ ଆଦି ଲକ୍ଷଣ ଦେଖିବାକୁ ମିଳିଥାଏ। ଏ ପର୍ଯ୍ୟନ୍ତ ପ୍ରାୟ ୨ ଶହ ଆମେରିକୀୟ ଅଧିକାରୀ ଏବଂ ସେମାନଙ୍କ ପରିବାର ଏଥିରେ ଆକ୍ରାନ୍ତ ହୋଇଛନ୍ତି। ଆଜିଯାଏ ରୋଗର କାରଣ ସମ୍ପର୍କରେ ଡାକ୍ତର ବିଶେଷଜ୍ଞମାନେ ଜାଣିପାରିନାହାନ୍ତି।

# ସୋସିଆଲ ମିଡିଆରେ ବିଚ୍ଛିନ୍ନତାବାଦର ପ୍ରସାର କରିପାରିବେନି କର୍ମଚାରୀ

**ନୂଆଦିଲ୍ଲୀ, ୨୧।୯**

**ନିୟମ କଡ଼ାକଡ଼ି କଲେ ଜମ୍ମୁ-କଶ୍ମୀର ଉପରାଜ୍ୟପାଳ**

ଜମ୍ମୁ-କଶ୍ମୀରର ୫ ଲକ୍ଷରୁ ଉର୍ଦ୍ଧ୍ୱ ସରକାରୀ କର୍ମଚାରୀ ସୋସିଆଲ୍ ମିଡିଆ ବ୍ୟବହାରରେ ନିରଙ୍କୁଶ ସ୍ୱାଧୀନତା ହରାଇବେ। ସେମାନେ ସୋସିଆଲ ମିଡିଆ ମାଧ୍ୟମରେ ରାଜନୀତି କରିପାରିବେ ନାହିଁ, ଆତଙ୍କବାଦୀ ସଂଗଠନର ଡାକରାରେ ବନ୍ଦ ପାଳନ କରିପାରିବେ ନାହିଁ ଏବଂ ଭାରତଠାରୁ ଅଲଗା ହେବାକୁ ଦାବି କରିପାରିବେ ନାହିଁ। ଏହାର ଉଲ୍ଲଂଘନ କଲେ କର୍ମଚାରୀଙ୍କୁ ରାଜ୍ୟ ରାଜକୋଷରୁ ବେତନ ମିଳିବାରେ ସମସ୍ୟା ଦେଖାଦେବ। ଜମ୍ମୁ-କଶ୍ମୀର ଉପରାଜ୍ୟପାଳ ମନୋଜ ସିହ୍ନା ଗତ ୧୩ ମାସ ମଧ୍ୟରେ ଏଭଳି ଅନେକ ନିୟମାବଳୀ ଓ ନିର୍ଦ୍ଦେଶନାମା କାର୍ଯ୍ୟକାରୀ କଲେଣି। ଉକ୍ତ କେନ୍ଦ୍ରଶାସିତ ଅଞ୍ଚଳରେ ୯୦ ଭାଗରୁ ଉର୍ଦ୍ଧ୍ୱ ସୋସିଆଲ ମିଡିଆ ପ୍ରଚାର ଆଜାଦୀ କଶ୍ମୀର ଏବଂ ଭାରତ ବିରୋଧୀ ଲେଖା ଉପରେ କରାଯାଉଥିବାରୁ କଟକଣା ଲଗାଇବାକୁ ପଡ଼ିଛି। ଫଳରେ ଗତ ୩ ମାସ ମଧ୍ୟରେ ଏଭଳି ପ୍ରଚାର ଯଥେଷ୍ଟ ହ୍ରାସ ପାଇଥିବା ଏକ ଉଚ୍ଚ ପ୍ରଶାସନିକ ସୂତ୍ରରୁ ଜଣାପଡ଼ିଛି। ୯୦ ଦଶକର ବିଚ୍ଛିନ୍ନତାବାଦର ପ୍ରଚାରକ ଏବଂ ବର୍ତ୍ତମାନ ମଧ୍ୟରେ ଯଥେଷ୍ଟ ପରିବର୍ତ୍ତନ ଘଟିଛି। ଏବେ ସୋସିଆଲ ମିଡିଆ ପ୍ରଚାର ପ୍ରସାରର ସବୁଠୁ ବଡ଼ ମାଧ୍ୟମ ହୋଇଛି। ସରକାରଙ୍କଠାରୁ ବେତନ ପାଉଥିବା ଅଧିକାଂଶ କର୍ମଚାରୀ ଏହି କାର୍ଯ୍ୟରେ ଲିପ୍ତ ରହିଥିଲେ। କଟକଣା ଲାଗିବା ଯୋଗୁ ସେମାନଙ୍କ ସଂଖ୍ୟା ହ୍ରାସ ପାଇଛି। ଆଜାଦୀର ପ୍ରଚାର କରୁଥିବା ସରକାରୀ କର୍ମଚାରୀମାନେ ସେମାନଙ୍କ ଫେସ୍‌ବୁକ୍, ଟୁଇଟର ଓ ଅନ୍ୟାନ୍ୟ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ଆକାଉଣ୍ଟକୁ ବନ୍ଦ କରିଦେଇଛନ୍ତି କିମ୍ବା ବିବାଦୀୟ ପୋଷ୍ଟକୁ ଲିଭାଇ ଦେଇଛନ୍ତି। ତେବେ ଆହୁରି କେତେଜଣ କର୍ମଚାରୀ ଏଭଳି ପ୍ରଚାର ଜାରି ରଖିଛନ୍ତି। ଏହାକୁ ରୋକିବା ଲାଗି ପ୍ରଶାସନ ପକ୍ଷରୁ କଠୋର କଟକଣା ଜାରି ହୋଇଛି। ନୂଆ ନିୟମରେ ଏଭଳି ସରକାରୀ କର୍ମଚାରୀଙ୍କୁ ଚାକିରିରୁ ବାହାର କରିବା ପ୍ରକ୍ରିୟାକୁ ସହଜ କରାଯିବା ସହ ସେମାନଙ୍କୁ ପାସ୍‌ପୋର୍ଟ ଇସ୍ୟୁ କରାଯିବନାହିଁ। କେହି ଦୁର୍ନୀତିରେ ଲିପ୍ତ ଥିଲେ କିମ୍ବା ଆୟ ବହିର୍ଭୂତ ସମ୍ପତ୍ତି ରଖିଥିଲେ, ପାସ୍‌ପୋର୍ଟ ଇସ୍ୟୁ ପାଇଁ ମଞ୍ଜୁରୀ ନ ଦେବାକୁ ପୋଲିସକୁ କୁହାଯାଇଛି।

# ସୁଦାନରେ ସେନା ବିଦ୍ରୋହ ଉଦ୍ୟମ

**ଖାରତୁମ୍, ୨୧।୯**

**କ୍ଷମତା ହାସଲ ପାଇଁ ଯୋଜନା ହୋଇଥିଲା**

**ବିଦ୍ରୋହୀ ସୈନ୍ୟ ଗିରଫ**


ଅବଦ୍ଲା ହାମ୍‌ଦକ୍

ଉତ୍ତର-ପୂର୍ବ ଆଫ୍ରିକୀୟ ଦେଶ ସୁଦାନରେ ସରକାରକୁ କ୍ଷମତାଚ୍ୟୁତ କରି ଶାସନ ନିଜ ହାତକୁ ନେବାକୁ ସେନାର ଏକ ଗୋଷ୍ଠୀ ମଙ୍ଗଳବାର ଉଦ୍ୟମ କରିଛନ୍ତି। ସେମାନଙ୍କ ଏହି ଯୋଜନା ବିଫଳ ହୋଇଛି ବୋଲି ସୁଦାନର ପ୍ରାଧିକରଣ କର୍ତ୍ତୃପକ୍ଷଙ୍କ ପକ୍ଷରୁ କୁହାଯାଇଛି। ଷଡ଼ଯନ୍ତ୍ରକାରୀ ସରକାରୀ ଗଣମାଧ୍ୟମ ଭବନ ଏବଂ ସେନା ମୁଖ୍ୟାଳୟକୁ କବ୍‌ଜା କରିବାକୁ ଚେଷ୍ଟା କରିଥିଲେ। ଦେଶର ରୁଲିଂ କାଉନସିଲ ଏବଂ ମିଲିଟାରି ସରକାରଙ୍କ ନିୟନ୍ତ୍ରଣରେ ରହିଥିବା ଜଣାଯାଇଛି।

୩ ଦଶନ୍ଧିର ଶାସନ ପରେ ୨୦୧୯ ଏପ୍ରିଲରେ ପୂର୍ବତନ ରାଷ୍ଟ୍ରପତି ଓମାର ଅଲ୍-ବଶିରଙ୍କୁ ବିଦ୍ରୋହ ବଳରେ ଶାସନରୁ ହଟାଯାଇଥିଲା। ଏହାର ୩ ବର୍ଷ ପରେ ଦେଶରେ ଏହାର ପୁନରାବୃତ୍ତି ଉଦ୍ୟମ ଘଟଣା ସୁଦାନର ଦୁର୍ବଳ ଗଣତନ୍ତ୍ର ବ୍ୟବସ୍ଥା ପୁଣି ସାମ୍ନାକୁ ଆସିଛି। ବଶିରଙ୍କ ସମର୍ଥକ, ସେନା ଏବଂ ବାହାର ଲୋକ ଏହି ବିଦ୍ରୋହ ଉଦ୍ୟମ କରିଥିବା ସୁଦାନର ପ୍ରଧାନମନ୍ତ୍ରୀ ଅବଦ୍ଲା ହାମ୍‌ଦକ୍ କହିଛନ୍ତି। ସେନାର ଏହି ଗୋଷ୍ଠୀର ବିଦ୍ରୋହ ରୋକିବାକୁ ସରକାରୀ ମିଡିଆ ଜନସାଧାରଣଙ୍କୁ ଆହ୍ୱାନ ଦେଇଛି। ତେବେ ସବୁକିଛି ନିୟନ୍ତ୍ରଣରେ ଅଛି ବୋଲି ସାମରିକ-ନାଗରିକ ପରିଷଦର ସଦସ୍ୟ ମହମ୍ମଦ ଅଲ-ଫିକି ସୁଲେମାନ ଫେସ୍‌ବୁକରେ ଏକ ପୋଷ୍ଟ କରିଛନ୍ତି। ଏଥିରେ ସାମିଲ ଥିବା ଉଚ୍ଚ ର୍‍ୟାଙ୍କ୍‌ର ଅଫିସରଙ୍କ ସମେତ ସମସ୍ତ ସୈନ୍ୟଙ୍କୁ ଗିରଫ କରାଯାଇଛି। ସବୁଠୁ ଲମ୍ବା ସମୟ ଧରି ସରକାରରେ ଥିବା ରାଷ୍ଟ୍ରପତି ଅଲ୍-ବଶିରଙ୍କୁ କ୍ଷମତାଚ୍ୟୁତ କରାଯିବା ପରେ କ୍ଷମତା ବାଣ୍ଟିବା ପାଇଁ ଏକ ଚୁକ୍ତି ହୋଇଥିଲା। ସାମରିକ, ସାଧାରଣ ନାଗରିକ ପ୍ରତିନିଧି ଏବଂ ବିରୋଧ କରୁଥିବା ଗୋଷ୍ଠୀକୁ ନେଇ ଏକ ସରକାର ଗଠନ ପାଇଁ ସହମତି ହୋଇଥିଲା। ଏବେ ଦେଶରେ ନାଗରିକ ଏବଂ ସେନାର ମିଳିତ ସରକାର ରହିଛି।


ଦିଲ୍ଲୀ ଚିଡ଼ିଆଖାନାର ଏକ ପୁଷ୍କରିଣୀ ଉପରେ ଦୁଇଟି ପେଲିକାନ୍ ଉଡୁଛନ୍ତି।

DHARITRI
ବୁଧବାର, ସେପ୍ଟେମ୍ବର ୨୨/୨୦୨୧ | Wednesday, September 22/2021 | ପୃଷ୍ଠା-୧



## ଶିବା ଥାପାଙ୍କୁ ସ୍ୱର୍ଣ୍ଣ ପଦକ

ଶିବା ଥାପା ଜାତୀୟ ପୁରୁଷ ବକ୍ସିଂରେ ସ୍ୱର୍ଣ୍ଣ ପଦକ ସହ ବିଶ୍ୱ ଚାମ୍ପିୟନଶିପ୍ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି।

୧୪

୧୨

## ୪୧୩ କୋଟିର ମାଲିକାଣୀ ବେବୋ

ବଲିଉଡ୍ ବେବୋ କରୀନା କପୁର ଖାନ୍ ୪୧୩ କୋଟି ଟଙ୍କା ସମ୍ପତ୍ତିର ମାଲିକାଣୀ।





ଅନୁଗୋଳ ଜିଲା ହଣ୍ଡପା ରେଞ୍ଜ ଅନ୍ତର୍ଗତ ବଡ଼ହୁଲା-ଧୁଣ୍ଡି ଗ୍ରାମ ରାସ୍ତାକୁ ମଙ୍ଗଳବାର ହାତୀପଲ ପାର ହେଉଛନ୍ତି।

# ଦୁବାଇ ଆକାଉଣ୍ଟରୁ ଟଙ୍କା ଆସିଛି

*ବାଲେଶ୍ୱର ଚାନ୍ଦିପୁରସ୍ଥିତ ପ୍ରତିରକ୍ଷା ଗବେଷଣା ଏବଂ ବିକାଶ ସଙ୍ଗଠନ(ଡିଆରଡିଓ)ର ଗୁପ୍ତ ତଥ୍ୟ ଲିକ୍ ମାମଲାରେ ଦିନକୁ ଦିନ ନୂଆ ତଥ୍ୟ ମିଳିବାରେ ଲାଗିଛି। ଏହି ଘଟଣାରେ ଗିରଫ ୫ ଅଭିଯୁକ୍ତଙ୍କ ମଧ୍ୟରୁ ଜଣଙ୍କ ଆକାଉଣ୍ଟକୁ ୨ଟି ପର୍ଯ୍ୟାୟରେ ଦୁବାଇରୁ ୩୮ ହଜାର ଟଙ୍କା ଆସିବା ସହ ଟଙ୍କା ବିନିମୟ ଦ୍ୱାରା ତଥ୍ୟ ଲିକ୍ କରାଯାଇଥିବା ନେଇ ସୂଚନା ମିଳିଛି। ବିଶେଷକରି ଜଣେ ମହିଳା ଏହି କାରବାରରେ ସମ୍ପୃକ୍ତ ଥିବା ନେଇ ତଥ୍ୟ ମିଳିଥିବା କ୍ରାଇମବ୍ରାଞ୍ଚ ଏଡିଜି ସଞ୍ଜୀବ ପଣ୍ଡା କହିଛନ୍ତି।*

**ଡିଆରଡିଓ ଗୁପ୍ତ ତଥ୍ୟ ଲିକ୍ ଘଟଣା**

- ଟାର୍ଗେଟରେ ମହିଳା ଅପରେଟିଭ
- ବ୍ୟବହାର କରୁଥିଲେ ୟୁକେ ନମ୍ବର
- ବିଭିନ୍ନ ନାମରେ ପରିଚୟ ଦେଇ ଚାଟିଂ କରୁଥିଲେ





କଟକ ଅଫିସ,୨୧।୯

ଚାନ୍ଦିପୁର ଡିଆରଡିଓର ଗୁପ୍ତ ତଥ୍ୟ ଲିକ୍ ମାମଲାରେ ଗିରଫ ୫ ଅଭିଯୁକ୍ତଙ୍କୁ କ୍ରାଇମବ୍ରାଞ୍ଚ ଟିମ୍ ଶନିବାରଠାରୁ ରିମାଣ୍ଡରେ ଆଣି ଜେରା ଜାରି ରଖିଛି। ଇତିମଧ୍ୟରେ ଅଭିଯୁକ୍ତଙ୍କଠାରୁ ସମସ୍ତ ମୋବାଇଲ ଫୋନ୍ ଜବତ କରାଯାଇଛି। ବ୍ୟାଙ୍କ ଆକାଉଣ୍ଟର ସବିଶେଷ ବିବରଣୀ ଯାଞ୍ଚ କରାଯାଉଛି। ଏପରି କି ସେମାନଙ୍କ ଫେସ୍‌ବୁକ, ଇନ୍‌ଷ୍ଟାଗ୍ରାମ ଆଦି ସୋସିଆଲ ମିଡିଆ ଆକାଉଣ୍ଟକୁ ତର୍ଜମା କରାଯାଉଛି। ଗିରଫ ଅଭିଯୁକ୍ତଙ୍କ ମଧ୍ୟରୁ ଜଣଙ୍କ ଆକାଉଣ୍ଟକୁ ଦୁବାଇର ଏକ ଆକାଉଣ୍ଟରୁ ଟଙ୍କା ଆସିଛି। ୨ଟି କିସ୍ତିରେ ମୋଟ୍ ୩୮ ହଜାର ଟଙ୍କା ଟ୍ରାନ୍ସଫର ହୋଇଥିବା ବର୍ତ୍ତମାନ ସୁଦ୍ଧା ତଦନ୍ତରୁ ଜଣାପଡ଼ିଛି ବୋଲି କ୍ରାଇମବ୍ରାଞ୍ଚ ଏଡିଜି ସଞ୍ଜୀବ ପଣ୍ଡା ମଙ୍ଗଳବାର ସୂଚନା ଦେଇଛନ୍ତି। ଅନ୍ୟ ଅଭିଯୁକ୍ତଙ୍କ ଆକାଉଣ୍ଟକୁ ଟଙ୍କା ଆସିଛି କି ନାହିଁ ସେନେଇ ଅଧିକ ଜେରା ଚାଲିଛି। ଅଭିଯୁକ୍ତଙ୍କ ସହ ଜଣେ ମହିଳା ବିଭିନ୍ନ ନାମରେ ପରିଚୟ ଦେଇ ଫେସ୍‌ବୁକ ମାଧ୍ୟମରେ ସମ୍ପର୍କ ସ୍ଥାପନ କରିଥିଲେ। ଫେସ୍‌ବୁକ ମେସେଞ୍ଜର, ହ୍ୱାଟ୍‌ସଆପ ମାଧ୍ୟମରେ ସୋସିଆଲ୍ ମିଡିଆରେ ଚାଟିଂ କରି ଖବର ଆଦାନ ପ୍ରଦାନ କରୁଥିଲେ। ସମ୍ପୃକ୍ତ ମହିଳା ଜଣକ ୟୁକେର ଏକ ମୋବାଇଲ ନମ୍ବର ବ୍ୟବହାର କରୁଥିଲେ। ଏହି ମହିଳାଙ୍କ ଉପରେ ଅଧିକ ତଦନ୍ତ କରାଯିବ। ତେବେ କେଉଁ କେଉଁ ତଥ୍ୟ ଲିକ୍ ହୋଇଛି ଏବଂ ତାର ଗୁରୁତ୍ୱ କ'ଣ, ସେସବୁର ତର୍ଜମା ପାଇଁ ଏୟାରଫୋର୍ସର ଏକ ଟିମ୍ ୨ଦିନ ଧରି ଅଭିଯୁକ୍ତଙ୍କୁ ଜେରା କରୁଛନ୍ତି ବୋଲି ପଣ୍ଡା କହିଛନ୍ତି। ଜବତ ମୋବାଇଲ ଫୋନକୁ ଫରେନ୍‌ସିକ ଆନାଲିସିସ ପାଇଁ ଲାବୋରେଟୋରିକୁ ପଠାଯିବ। ଅଭିଯୁକ୍ତମାନେ ଅନ୍ୟ କେଉଁ ଉପାୟରେ ☞ପୃଷ୍ଠା-୨

## ଚତୁର୍ଥ ସ୍ଥାନରେ ଓଡ଼ିଶା

ନୂଆଦିଲ୍ଲୀ, ୨୧।୯

ଭାରତର ଖାଦ୍ୟ ସୁରକ୍ଷା ମାନକ କର୍ତ୍ତୃପକ୍ଷ (ଏଫ୍ଏସ୍ଏସ୍ଏଆଇ) ପକ୍ଷରୁ ୨୦୨୦-୨୧ ବର୍ଷ ଲାଗି ଖାଦ୍ୟ ସୁରକ୍ଷା ସୂଚକାଙ୍କ ପ୍ରକାଶ ପାଇଛି। କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ମନସୁଖଲାଲ୍ ମାଣ୍ଡବ୍ୟ ଉନ୍ମୋଚନ କରିଥିବା ଏହି ରିପୋର୍ଟ ଅନୁଯାୟୀ ଖାଦ୍ୟ ସୁରକ୍ଷାରେ ଗୁଜରାଟ ପ୍ରଥମ ସ୍ଥାନରେ ରହିଥିବାବେଳେ କେରଳ ଦ୍ୱିତୀୟ ଏବଂ ତାମିଲନାଡୁ ତାଲିକାର ତୃତୀୟ ସ୍ଥାନରେ ରହିଛି। ଏଥିରେ ଓଡ଼ିଶା ଚତୁର୍ଥ ସ୍ଥାନକୁ ଉନ୍ନୀତ ହୋଇ ବଡ଼ ସଫଳତା ହାସଲ କରିଛି। ୨୦୧୯-୨୦ ବର୍ଷରେ ରାଜ୍ୟ ୧୩ତମ ସ୍ଥାନରେ ରହିଥିଲା। ଏଥର ମହାରାଷ୍ଟ୍ର ଭଳି ବୃହତ୍ ରାଜ୍ୟକୁ ଓଡ଼ିଶା ପଛରେ ପକାଇଦେଇଛି। ରିପୋର୍ଟ ଅନୁଯାୟୀ ଖାଦ୍ୟ ନିରାପତ୍ତାରେ ଓଡ଼ିଶା ଓ ହିମାଚଳପ୍ରଦେଶ ବଡ଼ ଉନ୍ନତି ଆଣିପାରିଛନ୍ତି। ୨୦୨୦-୨୧ ବର୍ଷରେ ରାଜ୍ୟରେ ପର୍ଯ୍ୟାପ୍ତ ଖାଦ୍ୟଶସ୍ୟ ଉତ୍ପନ୍ନ ହୋଇଥିଲେ ମଧ୍ୟ ଖାଦ୍ୟ ସୁରକ୍ଷାର ଶୀର୍ଷସ୍ଥାନକୁ ଯିବାକୁ ହେଲେ ଆହୁରି ଅନେକ କିଛି କରିବାକୁ ପଡ଼ିବ ବୋଲି ରିପୋର୍ଟରେ କୁହାଯାଇଛି।

**ଖାଦ୍ୟ ସୁରକ୍ଷା ସୂଚକାଙ୍କ**

ମାନବ ସମ୍ବଳ, ଔଦ୍ୟୋଗିକ ତଥ୍ୟ, ଖାଦ୍ୟ ସୁରକ୍ଷା ଆଇନର ଅନୁପାଳନ, ପରୀକ୍ଷା ଭିତ୍ତିଭୂମି ଏବଂ ତଦାରଖ, ତାଲିମ, ସାମର୍ଥ୍ୟ ନିର୍ମାଣ ଏବଂ ଖାଉଟି ସଶକ୍ତୀକରଣ ଆଦି ବିଭିନ୍ନ ଦିଗକୁ ବିଚାରକୁ ନେଇ ☞ପୃଷ୍ଠା-୨

## ମୁଖ୍ୟ ଅଭିଯୁକ୍ତ ଆନନ୍ଦ ଗିରି ଗିରଫ

**ନରେନ୍ଦ୍ର ଗିରି ମୃତ୍ୟୁ ମାମଲା**



ନରେନ୍ଦ୍ର ଗିରି



ଆନନ୍ଦ ଗିରି

ପ୍ରୟାଗରାଜ, ୨୧।୯

ଅଖିଳ ଭାରତ ଆଖଡ଼ା ପରିଷଦ ଅଧ୍ୟକ୍ଷ ମହନ୍ତ ନରେନ୍ଦ୍ର ଗିରି ମୃତ୍ୟୁ ମାମଲାରେ ମୁଖ୍ୟ ଅଭିଯୁକ୍ତ ଆନନ୍ଦ ଗିରିଙ୍କୁ ଗିରଫ କରାଯାଇଛି। ମହନ୍ତ ମୃତ୍ୟୁ ଘଟଣାର ତଦନ୍ତ ପାଇଁ ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ (ଏସ୍ଆଇଟି) ଗଠନ ହୋଇଥିବା ଉତ୍ତରପ୍ରଦେଶ ଅତିରିକ୍ତ ପୋଲିସ ମହାନିର୍ଦ୍ଦେଶକ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ସୋମବାର ପ୍ରୟାଗରାଜସ୍ଥିତ ବାଘାମ୍ବରି ମଠରୁ ମହନ୍ତଙ୍କ ମୃତଦେହ ମିଳିଥିଲା। ସେଠାରୁ ମିଳିଥିବା ଏକ ସୁଇସାଇଡ୍ ନୋଟ୍‌ରେ ଶିଷ୍ୟ ଆନନ୍ଦ ଗିରିଙ୍କ ସମେତ କେତେଜଣଙ୍କ ନାଁ ରହିଥିଲା, ଯେଉଁମାନେ ତାଙ୍କୁ ହଇରାଣ କରୁଥିବା ଅଭିଯୋଗ ହୋଇଛି। ତେବେ ଆନନ୍ଦ ଏହାକୁ ତାଙ୍କ ବିରୋଧରେ ଏକ ଷଡ଼ଯନ୍ତ୍ର ବୋଲି କହିବା ସହ ଟଙ୍କା ପାଇଁ ମହନ୍ତଙ୍କୁ ନିର୍ଯାତନା ଦିଆଯାଇ ହତ୍ୟା କରିଥିବା କହିଛନ୍ତି। ଆନନ୍ଦଙ୍କ ବିରୋଧରେ ☞ପୃଷ୍ଠା-୨

## ୩ ବିଚାରପତିଙ୍କୁ ଓଡ଼ିଶା ହାଇକୋର୍ଟକୁ ବଦଳି ସୁପାରିସ

ନୂଆଦିଲ୍ଲୀ, ୨୧।୯

ସୁପ୍ରିମକୋର୍ଟ କଲେଜିୟମ ୧୭ଜଣ ହାଇକୋର୍ଟ ବିଚାରପତିଙ୍କ ବଦଳି ପାଇଁ ସୁପାରିସ କରିଛନ୍ତି। ଗତ ୧୬ତାରିଖରେ ପ୍ରଧାନ ବିଚାରପତି ଏନ୍.ଭି. ରମନାଙ୍କ ଅଧ୍ୟକ୍ଷତାରେ ବସିଥିବା କଲେଜିୟମ ବୈଠକରେ ଏହି ସୁପାରିସ ହୋଇଥିବା ମଙ୍ଗଳବାର ସୁପ୍ରିମକୋର୍ଟର ଅଫିସିଆଲ ୱେବ୍‌ସାଇଟରେ ଉଲ୍ଲେଖ କରାଯାଇଛି। ଏଥିରେ ଓଡ଼ିଶା ହାଇକୋର୍ଟକୁ ୩ଜଣ ବିଚାରପତିଙ୍କୁ ବଦଳି ପାଇଁ ସୁପାରିସ କରାଯାଇଛି। କୋଲ୍‌କାତା ହାଇକୋର୍ଟର ଅରିନ୍ଦମ୍ ସିହ୍ନା ଓ ସୌମେନ ସେନ୍ ଏବଂ ପଞ୍ଜାବ ହରିୟାଣା ହାଇକୋର୍ଟର ବିଚାରପତି ଯଶୱନ୍ତ ସିଂହଙ୍କୁ ଓଡ଼ିଶା ହାଇକୋର୍ଟକୁ ବଦଳି ପାଇଁ ପ୍ରସ୍ତାବ ଦିଆଯାଇଛି। ସେହିପରି ଓଡ଼ିଶା ହାଇକୋର୍ଟର ବିଚାରପତି ସଞ୍ଜୟ କୁମାର ମିଶ୍ରଙ୍କୁ ଉତ୍ତରାଖଣ୍ଡ ହାଇକୋର୍ଟକୁ ବଦଳି ପାଇଁ ସୁପାରିସ କରାଯାଇଛି।

ଅନ୍ୟମାନଙ୍କ ମଧ୍ୟରେ ରାଜସ୍ଥାନ ହାଇକୋର୍ଟର ବିଚାରପତି ସାବିନାଙ୍କୁ ହିମାଚଳ ପ୍ରଦେଶ, କେରଳ ହାଇକୋର୍ଟ ବିଚାରପତି ଏ.ଏମ୍. ବଦର୍‌ଙ୍କୁ ପାଟ୍ନା, ଆଲ୍ଲାହାବାଦ ହାଇକୋର୍ଟ ବିଚାରପତି ବିବେକ ଅଗ୍ରୱାଲ, ରବିନାଥ ତିହାରୀ, ଚନ୍ଦ୍ରଧାରୀ ସିଂ ଏବଂ ଯଶୱନ୍ତ ବର୍ମାଙ୍କୁ ଯଥାକ୍ରମେ ମଧ୍ୟପ୍ରଦେଶ, ଆନ୍ଧ୍ରପ୍ରଦେଶ, ଦିଲ୍ଲୀ ହାଇକୋର୍ଟକୁ ବଦଳି ପାଇଁ ପ୍ରସ୍ତାବ ଦିଆଯାଇଛି। ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

**ଆଜି ବାଲ୍ୟ ବିବାହ, କାଲି ସତୀ**




## ଭି.ଆର୍. ଚୌଧରୀ ପରବର୍ତ୍ତୀ ବାୟୁସେନା ମୁଖ୍ୟ



ନୂଆଦିଲ୍ଲୀ, ୨୧।୯: ବାୟୁସେନାର ଉପମୁଖ୍ୟ ଥିବା ଏୟାର ମାର୍ଶାଲ ଭି.ଆର୍. ଚୌଧରୀଙ୍କୁ କେନ୍ଦ୍ର ସରକାର ମଙ୍ଗଳବାର ପରବର୍ତ୍ତୀ ବାୟୁସେନା ମୁଖ୍ୟ ନିଯୁକ୍ତ କରିଛନ୍ତି। ବର୍ତ୍ତମାନର ବାୟୁସେନା ମୁଖ୍ୟ ଏୟାର ଚିଫ୍ ମାର୍ଶାଲ ଆର୍.କେ.ଏସ୍. ଭଦୌରିଆ ସେପ୍ଟେମ୍ବର ୩୦ରେ ଅବସର ନେବାକୁ ଥିବାବେଳେ ଭି.ଆର୍. ଚୌଧୁରୀଙ୍କୁ ☞ପୃଷ୍ଠା-୨

## ବାଧାପ୍ରାପ୍ତ ହୋଇପାରେ ଜଳବିଦ୍ୟୁତ୍ ଉତ୍ପାଦନ

**ଜୁଲାଇ ଏବଂ ଅଗଷ୍ଟରେ ଦକ୍ଷିଣ ପଶ୍ଚିମ ମୌସୁମୀ ଧୋକା ଦେଲା। ସେପ୍ଟେମ୍ବରରେ ସ୍ୱାଭାବିକଠାରୁ ଅଧିକ ବର୍ଷା ହୋଇଛି। ତଥାପି ଅଧିକାଂଶ ଜଳଭଣ୍ଡାର ପୂରିପାରିନି। ଆଉ ଦିନ କେଇଟା ପରେ ମୌସୁମୀ ରାଜ୍ୟରୁ ବିଦାୟ ନେବ। ଏପରିସ୍ଥଳେ ରାଜ୍ୟକୁ ଆଉ ଅଧିକ ବର୍ଷାଜଳ ମିଳି ନ ପାରେ। ଜଳଭଣ୍ଡାରଗୁଡ଼ିକରେ ପର୍ଯ୍ୟାପ୍ତ ପାଣି ନ ରହିଲେ ଆଗାମୀ ଦିନରେ ବିଦ୍ୟୁତ୍ ଉତ୍ପାଦନ ଗୁରୁତର ବାଧାପ୍ରାପ୍ତ ହେବା ଆଶଙ୍କା ଦେଖାଦେଇଛି।**

**ଏତେ ବର୍ଷା ପରେ ବି ଜଳଭଣ୍ଡାର ପୂରୁନି**

**ଆଶଙ୍କାରେ ନୂଆ ପ୍ରକଳ୍ପ**

ଭୁବନେଶ୍ୱର,୨୧।୯(ବ୍ୟୁରୋ)

କେବଳ ହୀରାକୁଦ ଜଳଭଣ୍ଡାରକୁ ଛାଡ଼ିଦେଲେ ଅନ୍ୟ ଜଳ ଭଣ୍ଡାରଗୁଡ଼ିକରେ ବିଦ୍ୟୁତ୍ ଉତ୍ପାଦନ ପାଇଁ ପର୍ଯ୍ୟାପ୍ତ ପାଣି ନାହିଁ। ହୀରାକୁଦରେ ଜଳଭଣ୍ଡାରର ଜଳଧାରଣ କ୍ଷମତା ୬୩୦ ଫୁଟ ଥିବାବେଳେ ସେପ୍ଟେମ୍ବର ୨୧ ସୁଦ୍ଧା ୬୨୯.୨୮ ଫୁଟ ରହିଛି। ରାଜ୍ୟର ବିଦ୍ୟୁତ୍ ଉତ୍ପାଦନ ହେଉଥିବା ଅନ୍ୟତମ ଜଳଭଣ୍ଡାର ବାଲିମେଳାର ଜଳଧାରଣ କ୍ଷମତା ୧୫୧୮ ଫୁଟ ଥିବା ବେଳେ ଏବେ ସେଠାରେ ରହିଛି ୧୪୭୬ ଫୁଟ। ସେହିପରି ରେଙ୍ଗାଲି ଜଳଭଣ୍ଡାରରେ ୧୨୪ ମିଟର ଜଳଧାରଣ କ୍ଷମତା ଥିବା ବେଳେ ରହିଛି ୧୨୨ ମିଟର, ଅପରକୋଲାବରେ ୮୫୮ ଜାଗାରେ ୮୫୦ ମିଟର, ଅପର ଇନ୍ଦ୍ରାବତୀରେ ୬୪୩ ବଦଳରେ ୬୩୨ ଏବଂ ମାଛକୁଣ୍ଡରେ ୨,୭୫୦ ଫୁଟ ଜଳ ରହିବା ଜାଗାରେ ରହିଛି ୨,୭୨୬ ଫୁଟ ପାଣି। ସ୍ୱାଭାବିକ ଜଳଧାରଣ କ୍ଷମତାରୁ ଜଳ ☞ପୃଷ୍ଠା-୨

# ୨୦୦ ଏକରରେ ବାନ୍ଧିଲେ ସୋଲାର ବାଡ଼

**ଝାଳବୁହା ପରିଶ୍ରମରେ କରିଥିବା ଫସଲକୁ ହାତୀପଲଠାରୁ ସୁରକ୍ଷା ପାଇଁ ହାତରୁ ଲକ୍ଷେରୁ ଅଧିକ ଟଙ୍କା ଖର୍ଚ୍ଚ କରି ୨୦୦ ଏକର ଜମିରେ ବୁଲାଇଲେ ସୋଲାର ତାରବାଡ଼। ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକର ଜହ୍ନାପଡ଼ା ଗ୍ରାମର ଚାଷୀଙ୍କ ଏଭଳି ଅଭିନବ ପ୍ରୟାସକୁ ସବୁମହଲରେ ପ୍ରଶଂସା କରାଯାଉଛି।**

**ଏଇ ହାତରେ ସମ୍ଭବ**

ନିଗମାନନ୍ଦ ଦଳବେହେରା
ପରଜଙ୍ଗ, ୨୧।୯




ସୋଲାର ତାରବାଡ଼ ନିର୍ମାଣରେ ବ୍ୟସ୍ତ ଗ୍ରାମବାସୀ।

**ଫସଲ ସୁରକ୍ଷା ଚିନ୍ତା**

- ହାତୀ ଘଉଡ଼ାଇବାରେ ବନ ବିଭାଗ ଫେଲ୍
- ବାରମ୍ବାର ଦାବି ସତ୍ତ୍ୱେ ଶୁଣିଲେନି ଅଧିକାରୀ

ହାଡ଼ଭଙ୍ଗା ପରିଶ୍ରମରେ କରାଯାଇଥିବା ଫସଲକୁ ରାତି ଅଧରେ ଖାଇଯାଉଥିଲେ ହାତୀ। ଯେତିକି ଖାଉଥିଲେ, ତା'ଠାରୁ ବହୁ ଗୁଣା ଦଳିଚକଟି ନଷ୍ଟ କରିପକାଉଥିଲେ। ଚାଷଜମିକୁ ସୁରକ୍ଷା ଦେବାକୁ ଯାଉଥିବା ଚାଷୀ ହାତୀ ମୁହଁରେ ପଡ଼ି ଅନେକ ସମୟରେ ହରାଉଥିଲେ ଜୀବନ। ଆତ୍ମୀୟଙ୍କୁ ହରାଇ ଦୁଃଖରେ ଭାଙ୍ଗିପଡ଼ିଥିବା ପରିବାର ପାଇଁ ବୋଝ ଉପରେ ନଳିତାବିଡ଼ା ସଦୃଶ ହୋଇଯାଉଥିଲା ଫସଲ ଉଜୁଡ଼ିବା କ୍ଷତି। ବାରମ୍ବାର ଦାବି, ନିବେଦନ, ଆନ୍ଦୋଳନ ସତ୍ତ୍ୱେ ହାତୀଙ୍କୁ ଘଉଡ଼ାଇବା ଲାଗି ନିଆଗଲା କୌଣସି ପଦକ୍ଷେପ ନା ବିଭାଗୀୟ ଅଧିକାରୀ ଶୁଣିଲେ ଚାଷୀଙ୍କ ଦୁଃଖ। ସବୁଆଡୁ ନିରାଶ ହେବା ପରେ ଶେଷରେ ନିଜ ପାଇଁ ନିଜେ ନ୍ୟାୟରେ ଅଣ୍ଟାଭିଡ଼ିଲେ ଜହ୍ନାପଡ଼ା ଗ୍ରାମବାସୀ। ସୋଲାର ବାଡ଼ କରି ନିଜ ଫସଲକୁ ସୁରକ୍ଷା ଦେଇଥିବାବେଳେ ବନ ବିଭାଗର ପାରିବାପଣିଆ ଉପରେ ଉଠିଛି ପ୍ରଶ୍ନ।

ଢେଙ୍କାନାଳ ଜିଲା ମହାବିରୋଡ୍ ରେଞ୍ଜ୍ ଡିହଡୋଳ ଫରେଷ୍ଟ ସେକ୍ସନରେ ହାତୀ ଉପଦ୍ରବ ସୀମା ଟପିଛି। କେବଳ ହାତୀପଲ ନୁହନ୍ତି, ବାଘ୍ରା ସମେତ ଅନ୍ୟ ବନ୍ୟପ୍ରାଣୀ ଚାଷୀଙ୍କ ନିଦ ହଜାଇ ଦେଇଛନ୍ତି। ହାତୀ-ମଣିଷ ସଂଘର୍ଷରେ ବ୍ୟାପକ ଧନଜୀବନ ହାନି ହେଉଥିବାବେଳେ ହାତୀ ଘଉଡ଼ାଇବା ଲାଗି ବନ ବିଭାଗ ପକ୍ଷରୁ ଯଥେଷ୍ଟ ପଦକ୍ଷେପ ନିଆଯାଉ ନ ଥିବା ଅଭିଯୋଗ ହେଉଛି। ବାରମ୍ବାର ଦାବି ସତ୍ତ୍ୱେ ବନ ବିଭାଗ ଗୁରୁତ୍ୱ ନ ଦେବାରୁ ଚାଷଜମିକୁ ହାତୀ ଦାଉରୁ ସୁରକ୍ଷା ଦେବାକୁ ଅଣ୍ଟା ଭିଡ଼ିଛନ୍ତି ଜହ୍ନାପଡ଼ା ☞ପୃଷ୍ଠା-୨



## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................



ଆଞ୍ଜେଲିନା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ନଅ ତିଅଣ ଛ ଭଜା
ପଖାଳ ସାଙ୍ଗକୁ କର ମଜା।**

ଭୋଜନର ମଜା। ବିଭିନ୍ନ ପ୍ରକାର ସ୍ୱାଦିଷ୍ଟ ବ୍ୟଞ୍ଜନ ପରଷା ଯାଇଥିଲେ ପଖାଳ ଖାଇବାର ମଜା ଦ୍ୱିଗୁଣିତ ହୋଇଯାଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ନଈରେ ବାଲିଆ ଚହଟିଲା
କଜଳ ସିନ୍ଦୂର ନାଆଲୋ ରାଣ୍ଡ
ପୁଣି ଚାଖିଆ ଲେଉଟିଲା।**

ରଘୁନାଥ ହଜୁରୀ ବା ଚନ୍ଦନ ହଜୁରୀ ଚାଖି ଖୁଣ୍ଟିଆ ଭାବେ ଖ୍ୟାତ ଥିଲେ। ସେ ବହୁ ବର୍ଷ ପୁରୀରେ ଅନୁପସ୍ଥିତ ରହିବାରୁ ମୃତ ବୋଲି ସମସ୍ତେ ଧରିନେଇଥିଲେ। ଫଳରେ ତାଙ୍କ ସ୍ତ୍ରୀ ବିଧବା ହୋଇଥିଲେ। ପରନ୍ତୁ କିଛି ବର୍ଷର ବ୍ୟବଧାନ ପରେ ସେ ପୁନଶ୍ଚ ପୁରୀ ଫେରିଆସିବା ଫଳରେ ତାଙ୍କ ସ୍ତ୍ରୀ ପୁଣି ଶଙ୍ଖା ସିନ୍ଦୂର ପିନ୍ଧି ସଧବା ବେଶ ଧାରଣ କରିଥିଲେ। ବହୁ ଦିନ ଧରି ଘରୁ ବହାରିଯାଇଥିବା ବା ନିଖୋଜ ହୋଇଯାଇଥିବା ବ୍ୟକ୍ତି ପୁଣି ଫେରି ଆସିବା ପରିପ୍ରେକ୍ଷୀରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୁଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:

**ପ୍ରଥମ ପୃଷ୍ଠାରୁ...**

## ଚତୁର୍ଥ ସ୍ଥାନରେ...

ଏଫ୍‌ଏସ୍‌ଏସ୍‌ଏଆଇ ଖାଦ୍ୟ ନିରାପତ୍ତା ସୂଚକାଙ୍କ ପ୍ରସ୍ତୁତ କରିଥାଏ। ୨୦୧୯ ପର୍ଯ୍ୟନ୍ତ ଓଡ଼ିଶା ଖାଦ୍ୟ ନିରାପତ୍ତାରେ ଦୁର୍ବଳ ରାଜ୍ୟଗୁଡ଼ିକ ମଧ୍ୟରେ ସ୍ଥାନ ପାଇଥିଲା। ଗତ ୫ ବର୍ଷ ହେଲା ୨୦ ବୃହତ୍ ରାଜ୍ୟ ମଧ୍ୟରେ ଓଡ଼ିଶା ୧୩ ନମ୍ବର ସ୍ଥାନରେ ରହିଥିଲା। ପଡୋଶୀ ବିହାର, ଛତିଶଗଡ଼, ଆନ୍ଧ୍ରପ୍ରଦେଶ ଏବଂ ପଶ୍ଚିମବଙ୍ଗ ଏହି ର୍‍ୟାଙ୍କରେ ଆଗରେ ରହିଥିଲେ। ୨୦୨୦-୨୧ରେ କ୍ଷୁଦ୍ର ରାଜ୍ୟଗୁଡ଼ିକ ମଧ୍ୟରେ ଗୋଆ ଖାଦ୍ୟ ସୁରକ୍ଷା ସୂଚକାଙ୍କରେ ପ୍ରଥମ ସ୍ଥାନ ହାସଲ କରିଥିବାବେଳେ ଏହା ପଛକୁ ମେଘାଳୟ ଓ ମଣିପୁର ରହିଛନ୍ତି। ସେହିପରି କେନ୍ଦ୍ରଶାସିତ ଅଞ୍ଚଳ ମଧ୍ୟରେ ଜମ୍ମୁ-କଶ୍ମୀର, ଆଣ୍ଡାମାନ ନିକୋବର ଦ୍ୱୀପପୁଞ୍ଜ ଏବଂ ଦିଲ୍ଲୀ ପ୍ରଥମ ୩ଟି ସ୍ଥାନ ହାସଲ କରିଛନ୍ତି। ଏଫଏସ୍‌ଏସ୍‌ଏଆଇ ଗଠନର ୧୫ ବର୍ଷ ପୂରଣ ଅବସରରେ କେନ୍ଦ୍ରମନ୍ତ୍ରୀ ମାଣ୍ଡବ୍ୟ ଉକ୍ତ ରିପୋର୍ଟ ଉନ୍ମୋଚନ କରିଛନ୍ତି। ଦେଶବାସୀଙ୍କ ପାଖରେ ଯେପରି ଅସ୍ୱାସ୍ଥ୍ୟକର ଖାଦ୍ୟ ନ ପହଞ୍ଚେ ସେଥିପାଇଁ ଆମକୁ ଉଦ୍ୟମ କରିବାକୁ ହେବ। ନିମ୍ନମାନର ଖାଦ୍ୟ ବିକ୍ରି କରୁଥିବା ବ୍ୟବସାୟୀଙ୍କ ବିରୋଧରେ କେବଳ କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେ ସମସ୍ୟାର ସମାଧାନ ହୋଇଯିବ ନାହିଁ। ଏଥିପାଇଁ ଅନେକ କିଛି କରିବାକୁ ବାକି ରହିଥିବା ମାଣ୍ଡବ୍ୟ କହିଛନ୍ତି।

## ବାଧାପ୍ରାପ୍ତ ହୋଇପାରେ...

ଭଣ୍ଡାରଗୁଡ଼ିକରେ ପ୍ରାୟ ୧୦ରୁ ୨୫% ପର୍ଯ୍ୟନ୍ତ ଖାଲି ରହିଛି। ରାଜ୍ୟ ପାଇଁ ୪,୫୦୦ ମେଗାୱାଟ ବିଦ୍ୟୁତ ଆବଶ୍ୟକତା ପଡୁଛି। ସେଥିରୁ ପ୍ରାୟ ଅଧା ଅର୍ଥାତ ୨,୦୬୩ ମେଗାୱାଟ୍ ବିଦ୍ୟୁତ ଶକ୍ତି ରାଜ୍ୟରେ ଥିବା ଜଳଭଣ୍ଡାରଗୁଡ଼ିକରୁ ଉତ୍ପାଦନ କରାଯାଉଛି। ହୀରାକୁଦ ପ୍ରକଳ୍ପରୁ ୨୭୫ ମେଗାୱାଟ ବିଦ୍ୟୁତ୍ ଉତ୍ପାଦନ କରାଯାଉଛି। ସେହିପରି ଇନ୍ଦ୍ରାବତୀରୁ ୬୦୦ ମେଗାୱାଟ, ବାଲିମେଳାରୁ ୫୧୦, ରେଙ୍ଗାଲିରୁ ୩୦୦, ଅପରକୋଲାବରୁ ୩୨୦ ଏବଂ ମାଛକୁଣ୍ଡରୁ ୩୬ ମେଗାୱାଟ୍ ବିଦ୍ୟୁତ୍ ଉତ୍ପାଦନ କରାଯାଉଛି। ଜଳ ଭଣ୍ଡାରଗୁଡ଼ିକର ସ୍ଥିତିକୁ ଦେଖିଲେ ଆଗାମୀ ଦିନରେ ବିଦ୍ୟୁତ ଉତ୍ପାଦନ ବାଧାପ୍ରାପ୍ତ ହେବା ନେଇ ଜଳ ଜଳ ଦିଶୁଛି। କାରଣ ବର୍ଷା ଦିନେ ଘନ ଘନ ବିଦ୍ୟୁତ୍ କାଟ୍ ହେଉଥିବା ବେଳେ ଗ୍ରୀଷ୍ମ ଦିନରେ ବିଦ୍ୟୁତ୍ ଚାହିଦା ଆହୁରି ବଢ଼ିବ। ଜଳଭଣ୍ଡାରଗୁଡ଼ିକ ଉପରେ ଚାପ ବଢ଼ିଯିବ।

ରାଜ୍ୟରେ ଥିବା ଜଳ ବିଦ୍ୟୁତ୍ ପ୍ରକଳ୍ପକୁ ପର୍ଯ୍ୟାପ୍ତ ଜଳ ମିଳୁ ନ ଥିବାରୁ ରାଜ୍ୟ ସରକାର ଆଗାମୀ ଦିନରେ ଆହୁରି ୬ଟି ଜଳ ବିଦ୍ୟୁତ୍ ପ୍ରକଳ୍ପ କରି ଉତ୍ପାଦନ ବଢାଇବାକୁ ଯୋଜନା ରଖିଛନ୍ତି। ଆଗାମୀ ଦିନରେ ହେବାକୁ ଥିବା ୬ଟି ପ୍ରକଳ୍ପରୁ ପ୍ରାୟ ୭୦୦ ମେଗାୱାଟ ଜଳ ବିଦ୍ୟୁତ ଉତ୍ପାଦନ କରିବାକୁ ଲକ୍ଷ୍ୟ ରଖାଯାଇଛି। ସେଥିମଧ୍ୟରୁ ମିଡିଲ କୋଲାବ ଜଳ ବିଦ୍ୟୁତ୍ ପ୍ରକଳ୍ପରୁ ୨୦୦, ତେଲ ଇଣ୍ଟିଗ୍ରେଟେଡ୍ ପ୍ରକଳ୍ପରୁ ୫୦, ଲୋୟର ବଂଶଧାରା ପ୍ରକଳ୍ପରୁ ୧୮, ଭୀମକୁଣ୍ଡରୁ ୧୬୦, ସାଲକିରୁ ୧୬୫ ଏବଂ ଖାଡଗୋ ପ୍ରକଳ୍ପରୁ ୧୦୦ ମେଗାୱାଟ ବିଦ୍ୟୁତ୍ ଉତ୍ପାଦନ କରିବାକୁ ଯୋଜନା ପ୍ରସ୍ତୁତ ହୋଇଛି।

ଜଳବାୟୁ ପରିବର୍ତ୍ତନ ଯୋଗୁ ରାଜ୍ୟରେ ବର୍ଷା ପରିମାଣ କମି କମି ଯାଉଛି। ଚଳିତ ଜୁନ ପହିଲାରୁ ଅଗଷ୍ଟ ସୁଦ୍ଧା ରାଜ୍ୟରେ ସ୍ୱାଭାବିକଠାରୁ ୩୦ ପ୍ରତିଶତରୁ କମ୍ ବର୍ଷା ହୋଇଛି। କେତେକ ସ୍ଥାନରେ ପ୍ରବଳ ବର୍ଷା ହେଉଥିବା ବେଳେ ଅନ୍ୟ କେତେକ ସ୍ଥାନରେ ଶୁଷ୍କ ପରିବେଶ ସୃଷ୍ଟି ହୋଇ ଜଳ ବିଦ୍ୟୁତ୍ ଉତ୍ପାଦନ ପାଇଁ ବାଧକ ସାଜିଛି। ଏ ସବୁକୁ ଦେଖିଲେ ରାଜ୍ୟ ସରକାର ଯେଉଁ ଜଳ ବିଦ୍ୟୁତ ପ୍ରକଳ୍ପ ସ୍ଥାପନ କରିବା ଲାଗି ଯୋଜନା କରିଛନ୍ତି ସେଗୁଡ଼ିକର ଭବିଷ୍ୟତ ମଧ୍ୟ ଆଶଙ୍କା ଭିତରକୁ ଠେଲି ହୋଇଯାଉଛି ବୋଲି ନିଖିଳ ଓଡ଼ିଶା ବିଦ୍ୟୁତ୍ ଶ୍ରମିକ ମହାସଂଘର ସାଧାରଣ ସମ୍ପାଦକ ଅକ୍ଷୟ କୁମାର ତ୍ରିପାଠୀ କହିଛନ୍ତି। ଏବେଠୁ ଜରୁରୀକାଳୀନ ଭିତ୍ତିରେ ଜଳଭଣ୍ଡାରଗୁଡ଼ିକର ପୁନରୁଦ୍ଧାର ନ ହେଲେ ଆଗାମୀ ଦିନରେ ଭୟଙ୍କର ବିଦ୍ୟୁତ୍ ସଙ୍କଟ ଦେଖାଦେବ ବୋଲି ତ୍ରିପାଠୀ କହିଛନ୍ତି।

ନିଜ ନାମ ଗୋପନ ରଖିବା ସର୍ତ୍ତରେ ବିଦ୍ୟୁତ୍ ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ, ଗତ ୧୦ ବର୍ଷକୁ ଦେଖିଲେ ରାଜ୍ୟରେ ବର୍ଷା ପରିମାଣ କମିଛି। ଜଳଭଣ୍ଡାରଗୁଡ଼ିକ ମୁଖ୍ୟତଃ ବର୍ଷା ଉପରେ ନିର୍ଭର କରୁଥିବାରୁ ଆଗାମୀ ଦିନ ପାଇଁ ସମସ୍ୟା ସୃଷ୍ଟି କରିପାରେ। ସେଥିପାଇଁ ରାଜ୍ୟ ସରକାର ଜଳଭଣ୍ଡାରଗୁଡ଼ିକୁ ଜୀବନ୍ତ ରଖିବା ସକାଶେ କେତେକ ଦୀର୍ଘମିଆଦି ଯୋଜନା ହାତକୁ ନେଇଛନ୍ତି। ଯେପରି କି, ବ୍ୟବହୃତ ଜଳକୁ ପୁନଃ ଜଳଭଣ୍ଡାରରେ ଭରିବା କାର୍ଯ୍ୟ ସରକାର ଖୁବ୍‌ଶୀଘ୍ର କରିବାକୁ ଯାଉଛନ୍ତି।

## ୨୦୦ ଏକରରେ...

ଗ୍ରାମବାସୀ। ଚଳିତବର୍ଷ ବର୍ଷାଭାବରୁ ବହୁକଷ୍ଟରେ ପାଣି ମଡ଼ାଇ ଚାଷୀ ଧାନ ଫସଲ ବଞ୍ଚାଇ ରଖିଥିବାବେଳେ ହାତୀ ଉପଦ୍ରବ ସେମାନଙ୍କ ଦୁଃଖକୁ ଆହୁରି ବଢ଼ାଇଦେଇଥିଲା। ଏହାର ସ୍ଥାୟୀ ପ୍ରତିକାର କରିବା ଲାଗି ଗ୍ରାମର ପ୍ରାୟ ୨୦୦ ଚାଷୀ ପରିବାର ଏକାଠି ହୋଇଥିଲେ। ଗୁଣ୍ଠ ପ୍ରତି ୩୦ ଟଙ୍କା ହିସାବରେ ଆଦାୟ କରାଯାଇଥିବା ଅର୍ଥରେ ବଜାରରୁ ସେମାନେ କିଣି ଆଣିଲେ ସୋଲାର ମେସିନ, ସୋଲାର ପ୍ଲେଟ୍, ବ୍ୟାଟେରି ଏବଂ ତାର। ଗାତ ଖୋଳିବା ଏବଂ ତାର ବେଢ଼ାଇବା ଲାଗି ପ୍ରତି ଚାଷୀ ପରିବାରରୁ ଜଣେ ଲେଖାଏ ଶ୍ରମଦାନ ମଧ୍ୟ କଲେ। ପାଖାପାଖି ୧୫ ଦିନ ମଧ୍ୟରେ ଗ୍ରାମର ମଙ୍ଗଳା ମନ୍ଦିରଠାରୁ କାଳିଆ ସାହୁ ବନ୍ଧ ଦେଇ ଘୋଡ଼ାଡିଆଁ ନାଳ କୂଳେ କୂଳେ ଶିବ ମନ୍ଦିର ଯାଏ ପ୍ରାୟ ୨୦୦ ଏକର ଜମି ଚାରିପଟେ ଘେରାଯାଇଛି ସୋଲାର ତାର ବାଡ଼, ଯେଉଁଥିରେ ଖର୍ଚ୍ଚ ହୋଇଛି ୧ ଲକ୍ଷରୁ ଅଧିକ ଟଙ୍କା। ବିଦ୍ୟୁତ୍ ଝଟ୍‌କା ଦେବାକୁ ଦୁଇ ସେଟ୍ ମେସିନ ଗ୍ରାମର ସୁରେଶ ସାହୁଙ୍କ ଟେଷ୍ଟ ହାଉସ୍ ଘରେ ରଖାଯାଇଛି। ସନ୍ଧ୍ୟା ହେଲେ ମେସିନ ଚାର୍ଜ କରାଯାଉଛି ଏବଂ ସକାଳେ ପୁଣି ବନ୍ଦ କରିଦିଆଯାଉଛି। ମେସିନ ପାଖରେ ପାଳି କରି ୨ଜଣ ଜଗୁଛନ୍ତି। ସୋଲାର ବାଡ଼ ଅତିକ୍ରମ କରିବାକୁ ଉଦ୍ୟମ କରୁଥିବା ବନ୍ୟଜନ୍ତୁ ଧୀମା ବିଦ୍ୟୁତ୍ ଝଟ୍‌କା ଖାଇ ଜଙ୍ଗଲକୁ ଫେରିଯାଉଛନ୍ତି। ଫଳରେ ଫସଲ କ୍ଷତି ବହୁ ପରିମାଣରେ କମିଯାଇଛି। ଏହାସତ୍ତ୍ୱେ ଯଦି ହାତୀ ବାଡ଼ ଭାଙ୍ଗି ଜମିରେ ପଶେ ତେବେ ବନ କାର୍ଯ୍ୟାଳୟ ଘେରାଉ ସହ ଆନ୍ଦୋଳନ ତୀବ୍ରତର କରାଯିବ ବୋଲି ଚାଷୀମାନେ ଚେତାବନୀ ଦେଇଛନ୍ତି।

ସମସ୍ୟା ବିଷୟରେ ମହାବିରୋଡ୍ ରେଞ୍ଜର ହରମୋହନ ନାୟକ କୁହନ୍ତି, ହାତୀ ଉପଦ୍ରୁତ ଉକ୍ତ ଅଞ୍ଚଳରେ ସୋଲାର ବାଡ଼ ନିର୍ମାଣ କରିବାକୁ ପ୍ରସ୍ତାବ ଯାଇଛି। ଖୁବଶୀଘ୍ର ଜହ୍ନାପଡ଼ା ଗ୍ରାମରେ ଏ ସକ୍ରାନ୍ତରେ ବୈଠକ ହେବ। ଗ୍ରାମବାସୀ କରିଥିବା ସୋଲାର ବାଡ଼ ପାଖରେ ଅଧିକ ଅର୍ଥବ୍ୟୟରେ ଭଲ ସୋଲାର ବାଡ଼ ନିର୍ମାଣ କରାଯିବାକୁ ଯୋଜନା ରହିଥିବା ସେ ସୂଚନା ଦେଇଛନ୍ତି।

## ମୁଖ୍ୟ ଅଭିଯୁକ୍ତ...

ଆଇପିସିର ଧାରା ୩୦୬ (ଆତ୍ମହତ୍ୟା ପାଇଁ ବାଧ କରିବା)ରେ ଯୁପିର ଜର୍ଜ ଟାଉନ୍ ଥାନାରେ ମାମଲା ରୁଜୁ ହୋଇଛି। ମହନ୍ତଙ୍କ ସନ୍ଦେହଜନକ ମୃତ୍ୟୁର ସିବିଆଇ ତଦନ୍ତ କରାଯିବାକୁ ବିଭିନ୍ନ ଆଖଡ଼ାର ସାଧୁମାନେ ଦାବି କରିଛନ୍ତି। ମହନ୍ତ ଗିରି ଜଣେ ପ୍ରସିଦ୍ଧ ସନ୍ଥ ତଥା ଅଯୋଧ୍ୟା ରାମ ଜନ୍ମଭୂମି ଆନ୍ଦୋଳନରେ ଆଗଧାଡ଼ିର ନେତା ଥିଲେ। ତାଙ୍କୁ ହତ୍ୟା କରାଯାଇଥିବା କେତେଜଣ ଶିଷ୍ୟ ସନ୍ଦେହ କରୁଥିବାରୁ ଏହାର ସିବିଆଇ ତଦନ୍ତ ହେବା ଆବଶ୍ୟକ ବୋଲି ଶିବସେନା ନେତା ସଞ୍ଜୟ ରାଉତ୍ କହିଛନ୍ତି। ଉତ୍ତରପ୍ରଦେଶରେ ହିନ୍ଦୁତ୍ୱକୁ ମାରି ଦିଆଯାଉଥିବା ସେ ଅଭିଯୋଗ କରିଛନ୍ତି।

## ୩ ବିଚାରପତିଙ୍କୁ ଓଡ଼ିଶା...

ସେହିପରି ହିମାଚଳ ପ୍ରଦେଶ ହାଇକୋର୍ଟ ବିଚାରପତି ଅନୁପ ଚିଟ୍‌କାରାଙ୍କୁ ପଞ୍ଜାବ ଓ ହରିୟାଣା ହାଇକୋର୍ଟ, ମାଡ୍ରାସ ହାଇକୋର୍ଟ ବିଚାରପତି ଟି.ଏସ୍. ସିବାନାନମ୍‌ଙ୍କୁ କୋଲ୍‌କାତା, ପାଟନା ହାଇକୋର୍ଟ ବିଚାରପତି ଆହସୁଦ୍ଦିନ ଅମାନୁଲ୍ଲାଙ୍କୁ ଆନ୍ଧ୍ରପ୍ରଦେଶ, ଛତିଶଗଡ଼ ହାଇକୋର୍ଟ ବଚିରାପତି ମନୀନ୍ଦ୍ର ମୋହନ ଶ୍ରୀବାସ୍ତବଙ୍କୁ ରାଜସ୍ଥାନ ହାଇକୋର୍ଟ, ବମ୍ବେ ହାଇକୋର୍ଟ ବିଚାରପତି ଉଜ୍ଜ୍ୱଳ ଭୂୟାଁଙ୍କୁ ତେଲଙ୍ଗାନା, ଗୁଜରାଟ ହାଇକୋର୍ଟ ବିଚାରପତି ପରେଶ ଆର୍.ଉପାଧ୍ୟାୟଙ୍କୁ ମାଡ୍ରାସ ଏବଂ ତେଲଙ୍ଗାନା ହାଇକୋର୍ଟ ବିଚାରପତି ଏମ୍‌ଏସ୍‌ଏସ୍ ରାମଚନ୍ଦ୍ର ରାଓଙ୍କୁ ପଞ୍ଜାବ, ହରିୟାଣା ହାଇକୋର୍ଟକୁ ବଦଳି ପାଇଁ କଲେଜିୟମ୍ ସୁପାରିସ କରିଥିବା ଜଣାପଡ଼ିଛି।

## ଭି.ଆର୍. ଚୌଧରୀ...

ପରବର୍ତ୍ତୀ ମୁଖ୍ୟ ନିଯୁକ୍ତ କରାଯାଇଥିବା ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଘୋଷଣା କରାଯାଇଛି। ବିବେକ ରାମ ଚୌଧରୀ ୧୯୮୨ ଡିସେମ୍ବର ୨୯ରେ ଭାରତୀୟ ବାୟୁସେନାରେ ଯୋଗଦେଇଥିଲେ। ସେ ବିଭିନ୍ନ ପଦପଦବୀରେ ଦକ୍ଷତାର ସହ କାର୍ଯ୍ୟ ନିର୍ବାହ କରିବା ସହ ବର୍ତ୍ତମାନ ଭାଇସ୍ ଚିଫ୍ ଅଫ୍ ଏୟାରଷ୍ଟାଫ୍ ଭାବେ କାର୍ଯ୍ୟ କରୁଛନ୍ତି। ନ୍ୟାଶନାଲ ଡିଫେନ୍ସ ଏକାଡେମୀ ଏବଂ ଡିଫେନ୍ସ ସର୍ଭିସେସ୍ ଷ୍ଟାଫ୍ କଲେଜରେ ସ୍ନାତକ ଡିଗ୍ରୀ ହାସଲ କରିଥିବା ଚୌଧରୀ ୨୦୦୪ରେ ବାୟୁସେନା ମେଡାଲ, ୨୦୧୫ରେ ଅତିବିଶିଷ୍ଟ ସେବା ମେଡାଲ ଏବଂ ୨୦୨୧ରେ ପରମ ବିଶିଷ୍ଟ ସେବା ମେଡାଲ ପାଇଛନ୍ତି।

## ଦୁବାଇ ଆକାଉଣ୍ଟରୁ...

ବା ବ୍ୟାଙ୍କରୁ ଟଙ୍କା ନେଇଛନ୍ତି, ତାହାର ତଦନ୍ତ କରିବୁ ବୋଲି ପଣ୍ଡା କହିଛନ୍ତି। ଅପରପକ୍ଷରେ ଏହି ଘଟଣା ଦେଶର ପ୍ରତିରକ୍ଷା ସମ୍ପର୍କିତ ଏବଂ ଏଥିରେ ବାହାର ଦେଶର ଲିଙ୍କ୍ ରହିଥିବାରୁ ଏହାର ତଦନ୍ତ ଜାତୀୟ ତଦନ୍ତକାରୀ ସଂସ୍ଥା ଦ୍ୱାରା କରାଯିବାକୁ ବିଭିନ୍ନ ମହଲରେ ଦାବି ହେଉଛି। ମିଳିଥିବା ସୂଚନା ଅନୁସାରେ ଏୟାରଫୋର୍ସର ଏକ ୩ ଜଣିଆ ଟିମ୍ ସୋମବାର କଟକ କ୍ରାଇମବ୍ରାଞ୍ଚ ମୁଖ୍ୟାଳୟରେ ପହଞ୍ଚିଛି। ସେମାନେ ଅଭିଯୁକ୍ତମାନଙ୍କୁ ଦୁଇ ଦିନ ଧରି ମାରାଥନ ଜେରା ଚଳାଇଛନ୍ତି। କେଉଁ କେଉଁ ତଥ୍ୟ ଏମାନେ ପାକିସ୍ତାନର ଗୋଇନ୍ଦା ସଂସ୍ଥା ଆଇଏସ୍‌ଆଇକୁ ପ୍ରଦାନ କରିଛନ୍ତି,ଏନେଇ ଏୟାର ଫୋର୍ସ ଅଧିକାରୀମାନେ ଅଭିଯୁକ୍ତଙ୍କୁ ପ୍ରଶ୍ନ କରିଥିଲେ। ଅନ୍ୟପଟେ ଉତ୍ତରପ୍ରଦେଶରେ ରହିଥିବା ପାକିସ୍ତାନୀ ହ୍ୟାଣ୍ଡଲର ସେମାନଙ୍କୁ ନିୟନ୍ତ୍ରଣ କରୁଥିବା ସମ୍ପର୍କରେ ତଥ୍ୟ ମିଳିଛି। ବର୍ତ୍ତମାନ ସେ ହ୍ୟାଣ୍ଡଲରଙ୍କୁ ଠାବ କରିବା ସହ ଅନ୍ୟ କେଉଁମାନେ ଏଥିରେ ସମ୍ପୃକ୍ତ ଅଛନ୍ତି, ସେନେଇ କ୍ରାଇମବ୍ରାଞ୍ଚ ଜେରା ଆଗକୁ ବଢାଇଛି। ହ୍ୟାଣ୍ଡଲରଙ୍କୁ ଠାବ କରାଯିବା ପରେ ଅଧିକ ତଦନ୍ତ ପାଇଁ ଏନ୍‌ଆଇଏର ସହଯୋଗ ନିଆଯାଇପାରେ ବୋଲି ସୂଚନା ମିଳିଛି। ସୂଚନାଯୋଗ୍ୟ, ତଥ୍ୟ ଲିକ୍ ମାମଲାରେ ବାଲେଶ୍ୱର ପୋଲିସ ସେପ୍ଟେମ୍ବର ୧୪ରେ ଆଇଟିଆରର ୪ ଠିକା କର୍ମଚାରୀଙ୍କୁ ଗିରଫ କରିଥିଲା। ସେମାନେ ହେଲେ ଠିକା କର୍ମଚାରୀ ଚାନ୍ଦିପୁର ଥାନା ଖାଣ୍ଟୁରା ଗ୍ରାମର ବସନ୍ତ ବେହେରା (୫୨) ଓ ଶ୍ରୀକୋଣା ଗ୍ରାମର ଏସ୍.କେ. ମୁସାଫିର (୩୨), ଡିଜି ଅପରେଟର ଭାବେ କାମ କରୁଥିବା ସଦର ଥାନା ଅନ୍ତର୍ଗତ ବୁଆଁଳ ଗ୍ରାମର ହେମନ୍ତ କୁମାର ମିସ୍ତ୍ରି (୫୨), ମେନ ଗେଟ୍‌ରେ କାର୍ଯ୍ୟ କରୁଥିବା ସଦର ଥାନା ଅଧୀନ ପାଳସିଆ ଗ୍ରାମର ତାପସ ରଞ୍ଜନ ନାୟକ (୪୧)। ପରେ ୧୬ତାରିଖରେ ଏହି ଘଟଣାରେ ଡିଆର୍‌ଡିଓର ସ୍ଥାୟୀ କର୍ମଚାରୀ ଡ୍ରାଇଭର ଉତ୍ତରପ୍ରଦେଶର ସଚିନ କୁମାର ଛତ୍ତାଙ୍କୁ ଗିରଫ କରାଯାଇଥିଲା। ସମସ୍ତ ୫ ଅଭିଯୁକ୍ତଙ୍କୁ କ୍ରାଇମ୍‌ବ୍ରାଞ୍ଚ ୧୮ତାରିଖରେ ୭ଦିନିଆ ରିମାଣ୍ଡରେ ଆଣି ପଚରାଉଚରା ଜାରି ରଖିଛି।

## ଅସ୍ୱୀକାର କଲେ ପରିବାର ଲୋକେ

**ବାଲେଶ୍ୱର ଅଫିସ, ୨୧।୯**

ଡିଆରଡିଓ ଗୁପ୍ତ ତଥ୍ୟ ଲିକ୍ ଘଟଣାରେ ସମ୍ପୃକ୍ତ ଜଣେ ଅଭିଯୁକ୍ତଙ୍କ ଆକାଉଣ୍ଟକୁ ଦୁବାଇରୁ ୨ଥର ଟଙ୍କା ଆସିଥିବା ନେଇ କ୍ରାଇମବ୍ରାଞ୍ଚ ଏଡିଜି ସଞ୍ଜୀବ ପଣ୍ଡାଙ୍କ ସୂଚନାକୁ ଅଭିଯୁକ୍ତଙ୍କ ପରିବାର ଲୋକ ଖଣ୍ଡନ କରିଛନ୍ତି। ଏ ସମ୍ପର୍କରେ ବସନ୍ତ ବେହେରାଙ୍କ ସ୍ତ୍ରୀ ଲକ୍ଷ୍ମୀପ୍ରିୟା କହିଛନ୍ତି, ତାଙ୍କ ସ୍ୱାମୀ ଦୀର୍ଘ ୧୫ବର୍ଷ ଧରି ଆଇଟିଆର୍‌ରେ କାମ କରି ଆସୁଥିଲେ। କେବେ ବି କୌଣସି ଭୁଲ୍ କାମ କରି ନାହାନ୍ତି। ତାଙ୍କୁ ଫସାଇ ଦିଆଯାଇଛି। ଦୁବାଇରୁ ଟଙ୍କା ଆସୁଥିଲେ ଆମେ କ'ଣ ଏପରି ଭଙ୍ଗା ଘରେ ରହୁଥାନ୍ତୁ ବୋଲି ଓଲଟା ପ୍ରଶ୍ନ କରିଛନ୍ତି। ଡ୍ୟୁଟିକୁ ଗଲା ବେଳେ ମୋବାଇଲ ଘରେ ରଖିଯାଆନ୍ତି, ଫଟୋ ଉଠାଇଲେ କେମିତି। ସବୁ ଅଭିଯୋଗ ମିଛ ବୋଲି ସେ କହିଛନ୍ତି। ସେହିପରି ଏସ୍‌କେ ମୁସାଫିରଙ୍କ ସ୍ତ୍ରୀ ସୁରଜା ମଧ୍ୟ ଅନୁରୂପ ଅଭିଯୋଗ କରିଛନ୍ତି। ତାଙ୍କ ଶ୍ୱଶୁର ଏବଂ ସ୍ୱାମୀ ଦୀର୍ଘ ସମୟ ଧରି ଆଇଟିଆରରେ କାମ କରି ଆସୁଛନ୍ତି। ସେ କୌଣସି ଭୁଲ କାମ କରି ନାହାନ୍ତି। କୌଣସି ପରିସ୍ଥିତିରେ ସେ ଦେଶଦ୍ରୋହ କାମ କରି ନାହାନ୍ତି। ବିଦେଶୀ ଟଙ୍କା ତାଙ୍କ ପାଖକୁ ଆସି ନ ଥିବା ସୁରଜା ପ୍ରକାଶ କରିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଦ୍ୱିଜା ନକ୍ଷତ୍ରର ପାରିବାରିକ ଓ କର୍ମ କ୍ଷେତ୍ରର ପାରିପାର୍ଶ୍ୱିକ ପରିସ୍ଥିତି ବିଶେଷ ଭଲ ରହିବ। ଅବୁଝା ବନ୍ଧୁମାନଙ୍କୁ ମନ ବୁଝିଲା ଭଳି କଥା କହି ପରିସ୍ଥିତିକୁ ସୁଧାରି ନେବେ। ଯାତ୍ରା, ବାଣିଜ୍ୟ, କ୍ରୟ ବିକ୍ରୟ, ଆନୁଷ୍ଠାନିକ କାର୍ଯ୍ୟରେ ବ୍ୟସ୍ତତା ବୃଦ୍ଧି ପାଇବ। ଶୁଭଖବର ପାଇବା ସହ ସାହିତ୍ୟ, କଳା, ସଙ୍ଗୀତ, ଚଳଚ୍ଚିତ୍ର ଓ ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବ।

**ବୃଷ** ବନ୍ଧୁଙ୍କଠାରୁ ଉତ୍ସାହ ଓ ପ୍ରେରଣା ପାଇ ଦୁଃସାଧ୍ୟ କାର୍ଯ୍ୟ ସାଧନ କରିପାରନ୍ତି। ଆଲୋଚନା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡ଼ିପାରେ। କେତେକ ସାଧାରଣ କଥାକୁ କେନ୍ଦ୍ରକରି କିମ୍ବା ଘରୋଇ କଳହକୁ ନେଇ ଅଶାନ୍ତି ଲାଗିରହିବ। କର୍ମକ୍ଷେତ୍ରରେ ପଦୋନ୍ନତି ଘଟିବା ସଙ୍ଗକୁ ଆନୁଷ୍ଠାନିକ କାମରେ ପ୍ରଶଂସିତ ହେବେ।

**ମିଥୁନ** କର୍ମକ୍ଷେତ୍ରରେ ସମସ୍ତ ପ୍ରକାରର ସୁବିଧାଥିଲେ ମଧ୍ୟ ଖର୍ଚ୍ଚାନ୍ତ ହୋଇ କାମ ହାସଲ କରିବେ। ଆରଦ୍ରା ନକ୍ଷତ୍ର ଯେତେ ଭଲ କାମ କଲେ ମଧ୍ୟ ପରିବାର ଭିତରୁ ସମାଲୋଚିତ ହେବାକୁ ପଡ଼ିବ। ଆଜି ସମ୍ପର୍କୀୟଙ୍କ ଦ୍ୱାରା ଭୋଗ ବିଳାସର ପ୍ରାଚୁର୍ଯ୍ୟ ପାଇବେ। ଆପଣ କୂଟନୀତି ବଳରେ କାର୍ଯ୍ୟ ସାଧନ କରିବାରେ ସମର୍ଥ ହେବେ।

**କର୍କଟ** ଆଜି ଅଶ୍ଳେଷା ନକ୍ଷତ୍ର ପାଇଁ ଦିନଟି ପ୍ରତ୍ୟେକ ଦିଗରୁ ଅନୁକୂଳ ରହିବ। ବାତାବରଣ ସୃଷ୍ଟି ହେବ। ଦୂରରେ ରହୁଥିବା ବନ୍ଧୁଙ୍କ ନିକଟରୁ ଆଶା କରୁଥିବା ଶୁଭ ଖବର ଶୁଣି ଖୁସି ହେବେ। କର୍ମକ୍ଷେତ୍ରରେ ଉଚ୍ଚବର୍ଗଙ୍କ ସାହାଯ୍ୟ ଓ ବନ୍ଧୁ ମିଳନରୁ ଉତ୍ସାହିତ ହେବେ। ସମ୍ପର୍କୀୟଙ୍କ ସହ ସୁସମ୍ପର୍କରେ ସାମାନ୍ୟ ବ୍ୟତିକ୍ରମର ଆଶଙ୍କା ରହିଛି।

**ସିଂହ** କର୍ମକ୍ଷେତ୍ରରେ ଉଚ୍ଚବର୍ଗର ବ୍ୟକ୍ତି ବିଶେଷଙ୍କ ଦ୍ୱାରା ସହଯୋଗ ପାଇବେ। ପୂର୍ବାଫାଲଗୁନୀ ନକ୍ଷତ୍ର ବହୁତ ଦିନରୁ ଖୋଜୁଥିବା ଜିନିଷ ଆଜି ହଠାତ୍ ପାଇଯିବେ। ସଭାସମିତିରେ ଆଲୋଚନା ସରଗରମ ହେବାର ସମ୍ଭାବନା ରହିଛି। ଅସମ୍ପୂର୍ଣ୍ଣ କାମକୁ ସମ୍ପୂର୍ଣ୍ଣ କରିବା ଦିଗରେ ଆଜି ଦିନଟିର ଅଧିକାଂଶ ସମୟ ବିତିବ।

**କନ୍ୟା** ଦୀର୍ଘଦିନର ଅପୂରଣୀୟ ଆଶା ମନରେ ବିଭିନ୍ନ ଆଶଙ୍କା ସୃଷ୍ଟି କରିପାରେ। ଅବଶ୍ୟ ହସ୍ତାନକ୍ଷତ୍ର ବ୍ୟକ୍ତିମାନେ ବନ୍ଧୁଙ୍କ ସହଯୋଗରୁ ଉତ୍ସାହିତ ହେବେ। କର୍ମ କ୍ଷେତ୍ରରେ ଅସ୍ଥିରତା ସୃଷ୍ଟି ସମ୍ଭାବନା ରହିଛି। ଘର ଲୋକଙ୍କୁ ଉପେକ୍ଷା କରି ପରକଥାରେ ପଡ଼ି ଭୁଲ୍ ମାର୍ଗର ଅନୁସରଣ କରି ଅନୁତାପ କରିବାକୁ ପଡ଼ିପାରେ।

**ତୁଳା** ସାମାଜିକ କ୍ଷେତ୍ରରେ ବନ୍ଧୁଙ୍କୁ ମନ କଥା କହିବାରେ ସଙ୍କୋଚ ମଣିବେ। ବିଶାଖା ନକ୍ଷତ୍ର ପୂର୍ବରୁ କଳହ ଲାଗିଥିବା ବନ୍ଧୁଟି ପ୍ରତି ସତର୍କ ରହନ୍ତୁ। ପାରିବାରିକ ଅଶାନ୍ତି ହେତୁକ ମାନସିକ ଅବସାଦ ଯୋଗୁ କୌଣସି କାମ ଉତ୍ସାହପ୍ରଦ ହେବ ନାହିଁ। ମାଲିମକଦ୍ଦମାରେ ଆପୋସ ଆଲୋଚନା ଦ୍ୱାରା ସମସ୍ୟାର ସରଳ ସମାଧାନ ହୋଇଯିବ।

**ବିଛା** କର୍ମକ୍ଷେତ୍ରର ବିଭିନ୍ନ ପ୍ରକାରର ସମସ୍ୟା ଚିନ୍ତାକରି ମନ ଭାରାକ୍ରାନ୍ତ ରହିବ। ଅନୁରାଧା ନକ୍ଷତ୍ର ନୀଚ ସଂସର୍ଗରୁ ଦୂରେଇ ରହିବା ଭଲ, ଅନ୍ୟଥା କଳହର ସମ୍ଭାବନା ରହିଛି। କଳା, ସଙ୍ଗୀତ, ଚଳଚ୍ଚିତ୍ର କ୍ରୀଡ଼ା, ପ୍ରତିଯୋଗିତା କ୍ଷେତ୍ରରେ ସଫଳତା ମିଳିପାରେ। ସାହିତ୍ୟ ଓ ସାମ୍ବାଦିକତାରେ ଉନ୍ନତି ସଙ୍ଗକୁ ବିଭିନ୍ନ ସ୍ତରରୁ ପ୍ରଶଂସିତ ହେବେ।


**ଧନୁ** ପାରିବାରିକ କ୍ଷେତ୍ରରେ ଅସ୍ଥିରତା କର୍ମକ୍ଷେତ୍ରକୁ ପ୍ରଭାବିତ କରିପାରେ। ଉତ୍ତରାଷାଢ଼ା ନକ୍ଷତ୍ର ପ୍ରକାଶନ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ। କଠୋର କଥା କହିବା କାରଣରୁ ସାଙ୍ଗସାଥୀଙ୍କ ମଧ୍ୟରେ ଅଶାନ୍ତି ସୃଷ୍ଟି ହୋଇପାରେ। ଅଫିସ୍ କାମରେ ସବୁକଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡ଼ିବେ।

**ମକର** ଆଜି ଶ୍ରବଣା ନକ୍ଷତ୍ର ଯେଉଁ କାମ ଆରମ୍ଭ କରିବାକୁ ଯିବେ ତାହା ଅବଶ୍ୟ ସଫଳ ହେବ। ଘରର କେତେକ ଅତ୍ୟାବଶ୍ୟକ ଜିନିଷଗୁଡ଼ିକୁ ଆଣିବାକୁ ବାଧ୍ୟ ହୋଇପାରନ୍ତି। କର୍ମକ୍ଷେତ୍ରରେ ସମସ୍ୟା ହଠାତ୍ ଦେଖା ଦେଇଥିବା କାରଣରୁ ମନ ବିଚଳିତ ଅବଶ୍ୟ ରହିବ। ରାଜନୈତିକ କ୍ଷେତ୍ରରେ ତୀବ୍ର ପ୍ରତିଦ୍ୱନ୍ଦ୍ୱିତାର ସମ୍ମୁଖୀନ ହେବାକୁ ପଡ଼ିପାରେ।

**କୁମ୍ଭ** ଅସଜଡ଼ା ପରିସ୍ଥିତିକୁ ସଜାଡ଼ି ନେବାର ପ୍ରୟାସ କରି ନିଶ୍ଚିତ ସଫଳତା ପାଇବେ। ଶତଭିଷା ନକ୍ଷତ୍ରର ଆର୍ଥିକ ସ୍ଥିତି ଦୁର୍ବଳ ରହିବା କାରଣରୁ ସାମୟିକ ଚିନ୍ତା କରିବାକୁ ପଡ଼ିବ। ଆନୁଷ୍ଠାନିକ କ୍ଷେତ୍ରରେ ସହଜ ଓ ସୁବିଧାରେ ହାତକୁ ନେଇଥିବା କାମଗୁଡ଼ିକ ସମ୍ପନ୍ନ ହୋଇଯିବ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନ ପାଇଁ ବିଶେଷ ଅସୁବିଧା ହେବ ନାହିଁ।

**ମୀନ** ପାରସ୍ପରିକ ଭୁଲ୍ ବୁଝାମଣା କାରଣରୁ ଅର୍ଥ ସମ୍ପର୍କକୁ ନେଇ ବିବାଦଗ୍ରସ୍ତ ହେବେ। ନିଜ ପରିସରରେ ନିଜର ଲୋକମାନଙ୍କ କଦର୍ଯ୍ୟ ବ୍ୟବହାରରେ ଅସନ୍ତୁଷ୍ଟ ହୋଇପାରନ୍ତି। ରେବତୀ ନକ୍ଷତ୍ର ଶିଳ୍ପ, ବାଣିଜ୍ୟ, ବ୍ୟବସାୟରେ ସଫଳତା ହାସଲ କରିବେ। କେତେକ କ୍ଷେତ୍ରରେ ଜିଦ୍‌ଖୋର ପ୍ରବୃତ୍ତି ଯୋଗୁ ହଇରାଣ ହୋଇପାରନ୍ତି।


# classifieds Everyday
0674-2580101, 2549302




**BRIDE WANTED**

Muslim boy (Divorcee issueless), 1965, established Businessman. Caste/ religion no bar. 9040868217, 8917236183. D-71006

60 ବର୍ଷିୟ ବିପତ୍ନୀକ ସରକାରୀ ଚାକିରିଆ ମାସିକ ୮୫,୦୦୦/- ଦରମା ପାଉଥିବା ବ୍ରାହ୍ମଣ ପାତ୍ର ପାଇଁ ସନ୍ତାନ ସନ୍ତତି ବିହୀନ ସବର୍ଣ୍ଣ ଜାତିର ପାତ୍ରୀ ଆବଶ୍ୟକ। 9937512659, 8249969649. D-71708

**Bride required for 40 Brahmin grooms, boy Ph.D. working with a Government college boys net worth 3 crore, bride below 40 widow divorcee unmarried may contact WhatsApp 7894852118 or mobile 6371184551, caste no bar.** D-21678

**GROOM WANTED**

Searching Kaibarta Groom for very Fair Bride & very Fair Bride (Caste No Bar) for Kaibarta Groom (IAS Faculty). Mob.: 9990161440. D-21676

କଟକ ବାସିନ୍ଦା ରେଲୱେ ଚାକିରିଆ ୪୮୦୦୦/- ଦରମା, ୪୬ ବୟସ୍କା ଖଣ୍ଡାୟତ ବିଧବାଙ୍କୁ ବର ଆବଶ୍ୟକ। ଯୋଗାଯୋଗ- 7606947424. D-21682

Fresh, Divorcee, Widow Bride wanted for Groom Company Manager 37, Caste no bar-7008468672. D-21683




**SALE**

**Residential cum commercial road side plot, Niali Road @ 750 Sft., residential plots with boundary wall, Electricity system, homely temple, Nakhara 7 Km., BBSR-12 Km., 8249851363, 7809525452.** D-70485

Farm House ଉପଯୋଗୀ ସ୍ଥିତିବାନ ପ୍ଲଟ ଦେଢ଼ଏକର ମିନିଚିନ୍‌ପାଟଣା ମୌଜାର ବିକ୍ରି କରାଯିବ। Contact No.: 9861814701, Dist.- Khordha. D-21646

ଭୁବନେଶ୍ୱର, ଭରତପୁର ଆଦର୍ଶ ବିଦ୍ୟାଳୟକୁ ଲାଗି ବାସୋପଯୋଗୀ ପ୍ଲଟ୍ 14,40,000/-ରେ ମିଳୁଛି। 9437033320. D-71705

ଭୁବନେଶ୍ୱର Khordha NH side ପିତାପଲ୍ଲୀ ଏବଂ Sum Hospital 4 k.m. Ri Training Centre ପାଖରେ ସ୍ଥିତିବାନ୍ ପ୍ଲଟ୍ ମିଳୁଛି। Owner: 9090963952. D-71703

ଭୁବନେଶ୍ୱର ଜଟଣୀ ଗେଟ୍‌ରୁ ଅଳ୍ପ ଦୂରତାରେ 1200 sqft. 2,80,000/-, ନଖରା ତ୍ରିନାଥବଜାର sqft.-150/- (Outright). 9348232008. D-21590

**Gated community township planning gharabari plot sale in Gudiapokhari near KEC College with 30'road, Electricity, boundarywall. 8763887357, 9238902929.** D-71702

**Half Acre Land for Sale at Balikhand Market Main Road to 0.5 Km, Ranitel to 7 Km Bhadrak to 13Km. Interested Person can contact: 9397357013.** D-21690

**PURCHASE**

Required Flats independent houses GA plots from direct owner's, Bhubaneswar. 6371090682. D-68283




**RCC Godown 4500Sqft. average available near Rasulgarh, Bhubaneswar. Contact - 9692790387.** D-21699

**ACCOMMODATION**

3000-4000 Sqft. Pucca Godown space required in Bhubaneswar. Contact: 9937493225. D-21703




Newly open full body massage ladies and gents. 8327740003. D-70486

Newly open SPA offer @799/-, positively health benefits, Jaydevbihar. 7846814019. D-71419

Newly open SPA centre with therapist full body massage. 8455987557. D-71418

Newly Open Saikrupa Panchakarma Spa positively health benefits with Expert. 8984068077. D-21568

Swarna SPA newly open positively health benefits with expert therapist. 9556978408. D-71162

**Refreshing your mind, your body with tha best therapy at Lotus Spa. 8018891951.** D-70484

Take wellness relax massage trained ladies/ gents therapist 800/-, 7008773793. D-71417

**LOST**

It is notified for information that my original Degree certificate of B.Tech for Academic year 2017-18 issued by BPUT, Odisha with registration number: 1401209026 and Serial number: D09170141289 has been actually lost/ mutilated. Name: Raksha Kedia. Full Address/Tel. – Plot No.- 205, Medico Medical, Haldipokhar, East Singhbhum, Jharkhand – 831002, Ph. - 9431522589. D-21698

**AFFIDAVIT**



By virtue of affidavit sworn before Notary, Rairakhol, my actual name is Anjali Bhoi which is incorrectly entered in my voter card as Anjali Pradhan. Hence it is necessary to correct my voter card in future. D-21705

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




# ନିଲାମ ହେବ ଟାଗୋରଙ୍କ ଲଣ୍ଡନ ଘର

## ଏହି ବାସଭବନରେ ଗୀତାଞ୍ଜଳିର ଇଂଲିଶ୍ ଅନୁବାଦ କରିଥିଲେ ରବୀନ୍ଦ୍ରନାଥ

ଲଣ୍ଡନ,୨୧।୯

ବିଶ୍ୱକବି ରବୀନ୍ଦ୍ରନାଥ ଟଗୋରଙ୍କ ଲଣ୍ଡନସ୍ଥିତ ବାସଭବନ ବିକ୍ରି ହେବ। ନୋବେଲ ବିଜେତା ଟାଗୋର ଯେଉଁ ଘରେ ବସି ବିଶ୍ୱପ୍ରସିଦ୍ଧ 'ଗୀତାଞ୍ଜଳି' କାବ୍ୟର ଇଂଲିଶ୍ ଅନୁବାଦ କରିଥିଲେ ସେହି ଘର ଏବେ ନିଲାମ ହେବାକୁ ଯାଉଛି। ଟାଗୋରଙ୍କ ଉତ୍ତର ଲଣ୍ଡନସ୍ଥିତ ବାସଭବନରେ ୩ଟି ଶୟନକକ୍ଷ ରହିଛି। ଏହାକୁ ୨,୬୯୯,୫୦୦ ପାଉଣ୍ଡ (ପ୍ରାୟ ୨୭ କୋଟି ୧୫ ଲକ୍ଷ ୩୮ ହଜାର ଟଙ୍କା)ରେ ବିକ୍ରି କରିବା ପାଇଁ ସ୍ଥିର କରାଯାଇଛି। ୧୮୬୩ରେ ଭିକ୍ଟୋରିଆନ୍ ଭିଲା ଏହି କୋଠା ନିର୍ମାଣ କରିଥିଲା। ଟାଗୋର ୧୯୧୦ରେ ବଙ୍ଗଳା ଭାଷାରେ ମହାକାବ୍ୟ ଗୀତାଞ୍ଜଳି ରଚନା କରିଥିଲେ। ସେ ଲଣ୍ଡନ ଗସ୍ତ ବେଳେ ହାମ୍ପଷ୍ଟିଡ୍ ହେଲ୍‌ଥରେ ଥିବା ହେଲ୍‌ଥ ଭିଲାର ଏହି ଘରେ ସ୍ୱରଚିତ ଗୀତାଞ୍ଜଳିର ଇଂଲିଶ୍ ଅନୁବାଦ କରିଥିଲେ। ଦାତବ୍ୟ ଅନୁଷ୍ଠାନ ଇଂଲିଶ୍ ହେରିଟେଜ୍ 'ଦି ବ୍ଲୁ ପେକ୍' ନାମରେ ଏକ ସ୍କିମ୍ ଚଳାଇଛି। ଏଥିରେ ଲଣ୍ଡନର କୋଠାଗୁଡ଼ିକ ସହ ଜଡ଼ିତ ବିଶିଷ୍ଟ ବ୍ୟକ୍ତିମାନଙ୍କ ଓ ସଙ୍ଗଠନଗୁଡ଼ିକୁ ସମ୍ମାନିତ କରାଯାଉଛି। ଟାଗୋର ଉକ୍ତ ଘରେ ୧୯୧୨ରେ ରହୁଥିଲେ ବୋଲି ଉଲ୍ଲେଖ କରାଯାଇଛି। ଉକ୍ତ ଘରର ବିକ୍ରି ଦାୟିତ୍ୱ ନେଇଥିବା ଇଷ୍ଟେଟ୍ ଏଜେଣ୍ଟ ଗୋଲ୍ଡସ୍କିମ୍‌ଟ୍ ଆଣ୍ଡ ହାଓଲାଣ୍ଡ ନିର୍ଦ୍ଦେଶକ ଫିଲିପ୍ ଗ୍ରୀନ୍ କହିଛନ୍ତି, ଆମ ଦୃଷ୍ଟିକୋଣରୁ ଆମେ ବିକ୍ରି ବ୍ୟବସାୟ କରୁଛୁ। ଆମ କ୍ଲାଏଣ୍ଟ ଚାହୁଁଥିବା ମୂଲ୍ୟରେ ଏହା ଉପଲବ୍ଧ। ଏହା ବ୍ରିଟିଶ ଆଇନ ଅନୁସାରେ ବୈଧ। ଏହାର ବିକ୍ରି ଦାୟିତ୍ୱ ପାଇଥିବାରୁ ଆମେ ଗର୍ବିତ। ଏହାର ଐତିହାସିକ ମହତ୍ତ୍ୱକୁ ବ୍ଲୁ ପ୍ଲେକ୍ ସ୍ୱୀକୃତି ଦେଇଛି। ଏହାବ୍ୟତୀତ ଉକ୍ତ ପ୍ରାଚୀନ ଘରର ଅବସ୍ଥିତି ଓ ସୌନ୍ଦର୍ଯ୍ୟ ବହୁ ଗ୍ରାହକଙ୍କୁ ଆକର୍ଷିତ କରିଛି ବୋଲି ଫିଲିପ୍ କହିଛନ୍ତି।

ଉଲ୍ଲେଖଥାଉ କି, ପୂର୍ବରୁ ପଶ୍ଚିମବଙ୍ଗ ସରକାର ଏହି ଘରକୁ ଅକ୍ତିଆର କରି ଏକ ସଂଗ୍ରହାଳୟ ଓ ସ୍ମାରକୀରେ ପରିବର୍ତ୍ତିତ କରିବାକୁ ନିଷ୍ପତ୍ତି ନେଇଥିଲେ। ସେଥିଲାଗି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ୨୦୧୫ ଓ ୨୦୧୭ରେ ବ୍ରିଟେନ ରାଜଧାନୀ ଲଣ୍ଡନରେ ଅବସ୍ଥାପିତ ଭାରତୀୟ ଉଚ୍ଚାୟୁକ୍ତଙ୍କୁ ଉପାୟ ଖୋଜିବା ପାଇଁ ଅନୁରୋଧ କରିଥିଲେ। ଅନ୍ୟପକ୍ଷରେ ପଶ୍ଚିମବଙ୍ଗ ସରକାର ଏହି ଘରକୁ ନେଇ ନିକଟରେ ସେମିତି ଆଗ୍ରହ ଦେଖାଇଥିବା ବିଷୟରେ ଅବଗତ ନ ଥିବା ଭାରତୀୟ ହାଇକମିଶନ କହିଛନ୍ତି।



# ଓମ୍ୟାଡ୍‌ସି ପାଣ୍ଠିରୁ ୬୪୦.୬୫ କୋଟି ଟଙ୍କାର ପ୍ରକଳ୍ପ ମଞ୍ଜୁର

ଭୁବନେଶ୍ୱର,୨୧।୯(ବ୍ୟୁରୋ)

- ଛାତ୍ରୀଛାତ୍ରଙ୍କୁ ବିଶ୍ୱସ୍ତରୀୟ ଶିକ୍ଷା ଅନୁଭୂତି ଦେବାକୁ ନିର୍ଦ୍ଦେଶ
- ୧୧ ସହରାଞ୍ଚଳରେ ସ୍ଥାପନ ହେବ ଇନ୍‌ଡୋର ଷ୍ଟାଡିୟମ

ଓଡ଼ିଶା ଖଣିଜ ଅଞ୍ଚଳ ଉନ୍ନୟନ ନିଗମ (ଓମ୍ୟାଡ୍‌ସି) ପାଣ୍ଠିରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ବିକାଶ, ସହରାଞ୍ଚଳରେ ଇନ୍‌ଡୋର ଷ୍ଟାଡିୟମ ନିର୍ମାଣ ଏବଂ ପରିବେଶ ସୁରକ୍ଷା ପରିଚାଳନା ଆଦି କ୍ଷେତ୍ର ପାଇଁ ୬୪୦.୬୫ କୋଟି ଟଙ୍କାର ପ୍ରକଳ୍ପକୁ ସବୁଜ ସଙ୍କେତ ଦିଆଯାଇଛି। ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ନିଗମ ନିର୍ଦ୍ଦେଶକ ପରିଷଦ ବୈଠକରେ ଏହି ପ୍ରକଳ୍ପଗୁଡ଼ିକୁ ମଞ୍ଜୁରୀ ମିଳିଛି। ନୂଆ ପ୍ରକଳ୍ପରେ ସ୍ମାର୍ଟ ଶ୍ରେଣୀଗୃହ, ଇ-ଲାଇବ୍ରେରି, ଆଇସିଟି ପରୀକ୍ଷାଗାର ଆଦି ବିକଶିତ କରାଯିବ। ଛାତ୍ରୀଛାତ୍ରଙ୍କୁ ବିଶ୍ୱସ୍ତରୀୟ ଶିକ୍ଷା ଅନୁଭୂତି ପ୍ରଦାନ କରିବା ଲାଗି ଯତ୍ନବାନ ହେବାକୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟ ଲୋକସେବା ଭବନରୁ ଡିଜିଟାଲ ମୋଡ୍‌ରେ ମଙ୍ଗଳବାର ଅନୁଷ୍ଠିତ ଏହି ବୈଠକରେ ନିଗମର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଉମା ନନ୍ଦୁରୀ ଆଲୋଚନାରେ ଅଂଶଗ୍ରହଣ କରି କହିଲେ, ଅନୁଗୋଳ, ଢେଙ୍କାନାଳ, ଯାଜପୁର, ଝାରସୁଗୁଡ଼ା, ମୟୂରଭଞ୍ଜ ଏବଂ ସୁନ୍ଦରଗଡ଼ ଆଦି ଜିଲାର ୮୪୯ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟକୁ ରୂପାନ୍ତରିତ କରାଯିବ। ଏଥିରେ ମୋଟ ୫୩୩.୪୦କୋଟି ଟଙ୍କାର ଖର୍ଚ୍ଚ ଅଟକଳକୁ ମଞ୍ଜୁର କରାଯାଇଛି। ଖଣି ପ୍ରଭାବିତ ୧୧ ସହରାଞ୍ଚଳରେ ବହୁମୁଖୀ ଇନ୍‌ଡୋର ଷ୍ଟାଡିୟମ ନିର୍ମାଣ ହେବ। ଏଥିଲାଗି ୧୦୪.୧୫ କୋଟି ଟଙ୍କାର ବିନିଯୋଗ କରାଯିବାକୁ ଯୋଜନା କରାଯାଇଛି। ବେଲପାହାଡ଼, ବ୍ରଜରାଜନଗର, ଆନନ୍ଦପୁର, ବଡ଼ବିଲ, ଯୋଡ଼ା, ବୀରମିତ୍ରପୁର, ରାଜଗାଙ୍ଗପୁର, ରାଉରକେଲା, ବ୍ୟାସନଗର ପୌର ନିଗମ ଏବଂ ଉଦଳା, ଚମ୍ପୁଆ ଏନ୍‌ଏସିକୁ ଉକ୍ତ ପ୍ରକଳ୍ପରେ ସାମିଲ କରାଯାଇଛି। ଖଣି ପ୍ରଭାବିତ ଜିଲାରେ ଯୁବତୀଯୁବକଙ୍କ ମଧ୍ୟରେ କ୍ରୀଡ଼ା କୌଶଳର ବିକାଶ କରାଯିବା ଲାଗି ଆବଶ୍ୟକ ପଦକ୍ଷେପ ନେବାକୁ ମୁଖ୍ୟ ଶାସନ ସଚିବ କ୍ରୀଡ଼ା ଓ ଯୁବବ୍ୟାପାର ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଖଣି ଅଞ୍ଚଳରେ ପରିବେଶ ପରିଚାଳନା ବ୍ୟବସ୍ଥାରେ ସୂଚନା, ପ୍ରଯୁକ୍ତି ବିଜ୍ଞାନ ଓ ତଥ୍ୟ ଅନୁଶୀଳନର ପ୍ରୟୋଗ ନିମନ୍ତେ ୩.୧୦ କୋଟି ଟଙ୍କାର ପ୍ରକଳ୍ପକୁ ମଞ୍ଜୁର କରାଯାଇଛି। ଉନ୍ନୟନ କମିଶନର ପ୍ରଦୀପ କୁମାର ଜେନା, ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ଶିଶିର କୁମାର ରଥୋ, ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ବିଶାଳ କୁମାର ଦେବ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସଚିବ ସତ୍ୟବ୍ରତ ସାହୁ, କ୍ରୀଡ଼ା ଓ ଯୁବବ୍ୟାପାର ଶାସନ ସଚିବ ଭିନିଲ୍ କ୍ରିଷ୍ଣା, ରାଜ୍ୟ ପ୍ରଦୂଷଣ ବୋର୍ଡ ସଦସ୍ୟ ସଚିବ କେ. ମୁରୁଗେସନଙ୍କ ସମେତ ସମ୍ପୃକ୍ତ ବିଭାଗର ବରିଷ୍ଠ ଅଧିକାରୀମାନେ ବୈଠକରେ ଅଂଶଗ୍ରହଣ କରିଥିଲେ।









# ଆଜି ବାଲ୍ୟ ବିବାହ, କାଲି ସତୀ

ରାଜସ୍ଥାନ ସରକାର ୧୭ ସେପ୍ଟେମ୍ବରରେ ରାଜସ୍ଥାନ ବାଧ୍ୟତାମୂଳକ ବିବାହ ପଞ୍ଜୀକରଣ (ସଂଶୋଧନ) ବିଲ୍, ୨୦୨୧ ବାଚନିକ ଭୋଟ୍‌ରେ ଗୃହୀତ କରାଇଛନ୍ତି। ଏଥିରେ ସ୍ପଷ୍ଟ କୁହାଯାଇଛି ଯେ, ୨୧ ବର୍ଷ ବୟସରୁ କମ୍ ଜଣେ ବର ଓ ୧୮ ବର୍ଷରୁ କମ୍ କନ୍ୟାଙ୍କ ବିବାହର ୩୦ ଦିନ ମଧ୍ୟରେ ମାତାପିତା କିମ୍ବା ଅଭିଭାବକ ବିବାହ ପଞ୍ଜୀକରଣ କରାଇପାରିବେ। ଏହାଦ୍ୱାରା ରାଜସ୍ଥାନ ସରକାର ଖୋଲାଖୋଲି ବାଲ୍ୟ ବିବାହକୁ ମୋହର ଦେଇଛନ୍ତି। ଭାରତରେ ଜଣେ ଯୁବକ ୨୧ ବର୍ଷ ଓ ଯୁବତୀ ୧୮ ବର୍ଷ ବୟସରେ ଉପନୀତ ହେଲେ ବିବାହଯୋଗ୍ୟ ବୋଲି ଆଇନ ରହିଛି। ସେହି ଦୃଷ୍ଟିରୁ ଦେଖିଲେ ରାଜସ୍ଥାନ ସରକାରଙ୍କ ଦ୍ୱାରା ଅଣାଯାଇଥିବା ବିବାହ ପଞ୍ଜୀକରଣ ସଂଶୋଧନ ବିଲ୍ କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରଣୀତ ଆଇନର ବିରୁଦ୍ଧାଚରଣ କରୁଛି। ବିରୋଧୀ ଭାଜପା ସଦସ୍ୟଙ୍କ ପ୍ରତିବାଦ ସତ୍ତ୍ୱେ ରାଜସ୍ଥାନର କଂଗ୍ରେସ ସରକାର ଏଭଳି ବିଲ୍‌କୁ ଗୃହୀତ କରାଇବା ଏକ ଅଡୁଆ ସ୍ଥିତି ସୃଷ୍ଟି କରିଛି।

୧୯୨୯ ମସିହାରୁ ଭାରତରେ ବାଲ୍ୟ ବିବାହକୁ ଅସିଦ୍ଧ ଘୋଷଣା କରାଯାଇଛି। କମ୍ ବୟସର ପୁଅ କିମ୍ବା ଝିଅଙ୍କର ଶାରୀରିକ ଓ ମାନସିକ ବୃଦ୍ଧି ଘଟି ନ ଥିବାରୁ ସେମାନଙ୍କ ବିବାହକୁ ବାରଣ କରାଯାଇଥାଏ। କେବଳ ଗରିବ ଶ୍ରେଣୀ କିମ୍ବା ଧର୍ମରେ ବାଲ୍ୟ ବିବାହ ସୀମିତ ରହୁନାହିଁ। ତେଣୁ ଏହାକୁ ରୋକିବା ଲାଗି ସରକାର ଗଣମାଧ୍ୟମ ଜରିଆରେ ସଚେତନତା ସୃଷ୍ଟିକାରୀ ବାର୍ତ୍ତା ବାଣ୍ଟୁଛନ୍ତି। ବାଲ୍ୟବିବାହ ନିଷିଦ୍ଧ ଆଇନ ୨୦୦୬ ଅନୁଯାୟୀ ଏହି ବିବାହ ଦଣ୍ଡନୀୟ ଅପରାଧ। ସମଗ୍ର ଦେଶରେ ଏହି ଆଇନ ଉଲ୍ଲଂଘନକାରୀଙ୍କ ପାଇଁ ଦୁଇ ବର୍ଷ ଯାଏ ଜେଲଦଣ୍ଡ ଓ ୨ ଲକ୍ଷ ପର୍ଯ୍ୟନ୍ତ ଜରିମାନା ବ୍ୟବସ୍ଥା ରହିଛି। ଜାତୀୟ ଅପରାଧ ରେକର୍ଡ ବ୍ୟୁରୋ (ଏନ୍‌ସିଆର୍‌ବି) ତଥ୍ୟ ଅନୁଯାୟୀ କୋଭିଡ୍-୧୯ ଯୋଗୁ ୨୦୨୦ରେ ବାଲ୍ୟ ବିବାହ ସଂଖ୍ୟା ବଢ଼ିଛି। କର୍ଣ୍ଣାଟକରେ ୧୮୪ ମାମଲା ସହ ସମଗ୍ର ଦେଶରେ ଏ ସଂକ୍ରାନ୍ତ ୭୮୫ ମାମଲା ରୁଜୁ ହୋଇଛି। ୨୦୧୯ରେ ଏହି ସଂଖ୍ୟା ଥିଲା ୫୨୩।

ଏଭଳି ପରିପ୍ରେକ୍ଷୀରେ ରାଜସ୍ଥାନ ସରକାର ବିବାହ ପଞ୍ଜୀକରଣ ସଂଶୋଧନ ବିଲ୍‌କୁ ଗୃହୀତ କରାଇବା ଦ୍ୱାରା ବାଲ୍ୟ ବିବାହ ଆଇନସିଦ୍ଧ ହେବା ସହ ଏହାର ସଂଖ୍ୟା ବଢ଼ାଇବାରେ ସହାୟକ ହେବ। ରାଜସ୍ଥାନ ସରକାରଙ୍କ ପକ୍ଷରୁ କୁହାଯାଇଛି, ଏହି ବିଲ୍‌ରେ ବାଲ୍ୟ ବିବାହକୁ ବୈଧତା ନେଇ କିଛି ନାହିଁ। ଏ ସଂକ୍ରାନ୍ତ ସାମାଜିକ ସମସ୍ୟା ଉପୁଜିଲେ ଉଲ୍ଲଂଘନକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାର କ୍ଷମତା ଜିଲାପାଳଙ୍କୁ ଦିଆଯାଇଛି। ତେବେ ଝିଅଟିଏ ବିଧବା ହୋଇଗଲେ ସେହି କ୍ଷେତ୍ରରେ ନାବାଳିକାଙ୍କ ସ୍ୱାର୍ଥକୁ ସୁରକ୍ଷା ଦେବା ଲାଗି ବିଲ୍‌ରେ ବ୍ୟବସ୍ଥା କରାଯାଇଛି ବୋଲି ସରକାର ଯେଉଁ ସଫେଇ ଦେଇଛନ୍ତି, ତାହା ଅତ୍ୟନ୍ତ ଭ୍ରମାତ୍ମକ। କାରଣ ଅପ୍ରାପ୍ତ ବୟସ୍କା ଯୁବତୀ ବିଧବା ହେବ କିପରି। ସମସ୍ତେ ଜାଣନ୍ତି ୧୮ରୁ କମ୍ ବର୍ଷୀୟା ଝିଅର ବିବାହ ଅବୈଧ। ଏଭଳି କଥାକୁ ତର୍ଜମା କଲେ ଜଣାପଡୁଛି ଯେ, ବାଲ୍ୟ ବିବାହକୁ ସରକାରଙ୍କ ପ୍ରତ୍ୟକ୍ଷ ସମର୍ଥନ ରହିଛି। ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ଭେ ତଥ୍ୟ ଅନୁଯାୟୀ ରାଜସ୍ଥାନରେ କିଛିବର୍ଷ ହେବ ଅଳ୍ପ ବୟସର ବିବାହ ଯଥେଷ୍ଟ ପରିମାଣରେ କମିଯାଇଥିଲା। ରାଜ୍ୟ ସରକାର ଏବେ ଯେଉଁଭଳି ବିଲ୍ ଆଣିଛନ୍ତି ତାହାଦ୍ୱାରା ଭବିଷ୍ୟତରେ ଏହି ସଂଖ୍ୟା ବଢ଼ିଯିବା ସ୍ୱାଭାବିକ।

ବର୍ତ୍ତମାନ ରାଜସ୍ଥାନ ବିଷୟକୁ ଦେଖିଲେ ଏ ସଂକ୍ରାନ୍ତ ମାମଲାକୁ କୋର୍ଟ ପରିଚାଳନା କରିବା ବେଳେ ନିଶ୍ଚିତ ଭାବେ ଅସ୍ୱାଭାବିକ ସ୍ଥିତିର ସାମ୍ନା କରିବେ। ସମଗ୍ର ଦେଶ ପାଇଁ ବାଲ୍ୟ ବିବାହକୁ ଭାରତୀୟ ପିଙ୍ଗଳ କୋଡ୍ (ଆଇପିସି) ଓ ଅନ୍ୟାନ୍ୟ ବିବାହଜନିତ ଆଇନରେ ଦଣ୍ଡନୀୟ ଅପରାଧ କରାଯାଇଥିବା ବେଳେ ରାଜସ୍ଥାନ ସଂଶୋଧିତ ବିଲ୍ ଅନେକ ପ୍ରଶ୍ନ ଛିଡ଼ା କରୁଛି। ଏଭଳି କ୍ଷେତ୍ରରେ ସମଗ୍ର ଦେଶରେ ଏକକ ଆଇନ ଅଣାଯିବା ନେଇ ଯେଉଁ ଯୁକ୍ତିସବୁ ରହିଛି ତାହାକୁ ଅନୁସରଣ କରାଯିବା ଦରକାର। ଦଳମତ ନିର୍ବିଶେଷରେ ଯାହା ସମସ୍ତଙ୍କ ମଙ୍ଗଳରେ ଆସିବ, ତାହାକୁ ଗୁରୁତ୍ୱ ଦିଆଯିବା ଜରୁରୀ। ଆଜି ଯଦି ବାଲ୍ୟ ବିବାହକୁ ଦେଶ ସ୍ୱୀକାର କରିଯାଏ, ତେବେ ଆସନ୍ତାକାଲି ଭାରତୀୟ ସମାଜରେ ସତୀଦାହ ପ୍ରଥାକୁ ଆଇନଗତ ସ୍ୱୀକୃତି ମିଳିଯାଇପାରେ।

# ରାକ୍ଷୀ ସାୱନ୍ତଙ୍କ ପୋଷାକ



ଦୁଇଦିନ ପୂର୍ବେ ଉତ୍ତରପ୍ରଦେଶର ଉନ୍ନାଓଠାରେ ଭାଜପାର 'ପ୍ରବୁଦ୍ଧ ସମ୍ମିଳନୀ' ଆୟୋଜିତ ହୋଇଥିଲା। ସେଠାରେ ମହାତ୍ମା ଗାନ୍ଧୀ ଓ ରାକ୍ଷୀ ସାୱନ୍ତଙ୍କ ପୋଷାକକୁ ନେଇ ଉତ୍ତରପ୍ରଦେଶ ବିଧାନସଭା ବାଚସ୍ପତି ହୃଦୟ ନାରାୟଣ ଦୀକ୍ଷିତ ବିବାଦୀୟ ମନ୍ତବ୍ୟ ଦେଇଥିଲେ। ଦୀକ୍ଷିତ କହିଥିଲେ ଯେ, ଗାନ୍ଧିଜୀ ଛୋଟ ପୋଷାକ ପିନ୍ଧୁଥିଲେ, ଧୋତି ପରିଧାନ କରୁଥିଲେ। ସେଥିପାଇଁ ଗାନ୍ଧିଜୀଙ୍କୁ ବାପୁ କୁହାଗଲା। ଯଦି କେହି ଛୋଟ ପୋଷାକ ପିନ୍ଧି ମହାନ୍ ହୋଇଯାଉଥାଆନ୍ତେ, ତେବେ ରାକ୍ଷୀ ସାୱନ୍ତ ଗାନ୍ଧିଜୀଙ୍କଠାରୁ ବଡ଼ ହୋଇଯାଇଥାଆନ୍ତେ। ଦୀକ୍ଷିତଙ୍କ ଏଭଳି ମନ୍ତବ୍ୟ ସୋସିଆଲ ମିଡ଼ିଆରେ ଭାଇରାଲ ହୋଇଛି। ବିବାଦୀୟ ମନ୍ତବ୍ୟ ଉପରେ ଦୀକ୍ଷିତ ମଧ୍ୟ ସ୍ପଷ୍ଟୀକରଣ ଦେବାକୁ ବାଧ୍ୟ ହୋଇଛନ୍ତି। ଏଥିରୁ ଦୁଇଟି କଥା ବୁଝାପଡୁଛି। ଉତ୍ତରପ୍ରଦେଶ ବିଧାନସଭା ବାଚସ୍ପତି ହୁଏତ ରାଜନୈତିକ ଗୁରୁତ୍ୱ ହାସଲ କରି ପାରି ନ ଥିବା ହେତୁ ଏବେ ପଛରେ ପଡ଼ିଗଲା ଭଳି ମନେକରୁଛନ୍ତି। ସେଥିପାଇଁ ଗଣମାଧ୍ୟମରେ ଆସିବାର ଏଭଳି ମନ୍ତବ୍ୟ ଏକ ସହଜ ଉପାୟ। ଅନ୍ୟ ଏକ ସମ୍ଭାବନା ହେଉଛି ଗାନ୍ଧୀଙ୍କୁ ହୀନ ଚକ୍ଷୁରେ ଦେଖିବାର ଏକ ବାତାବରଣ ସୃଷ୍ଟି କରାଯାଉଛି। ଗାନ୍ଧୀଙ୍କର ଦୋଷତ୍ରୁଟି ଥାଇପାରେ, କିନ୍ତୁ ସେହି ଭାରତୀୟ ସମାଜ ଓ ଭାରତୀୟ ମାନସିକତାକୁ ଗାନ୍ଧୀ ବୁଝିପାରିଥିଲେ। ଲୋକଙ୍କୁ ଏକଜୁଟ କରି ସ୍ୱାଧୀନତା ଆଣିବା ଥିଲା ତାଙ୍କର ମୂଳ ଲକ୍ଷ୍ୟ। ସେହି ଲକ୍ଷ୍ୟରେ ଗାନ୍ଧୀ ସଫଳ ହୋଇଥିଲେ। ଏମିତି ନୁହେଁ ଯେ, ଗାନ୍ଧୀ ବିଦେଶୀ ପୋଷାକ ପିନ୍ଧି ନ ଥିଲେ କିମ୍ବା ଜାଣି ନ ଥିଲେ। ଧନୀ ପରିବାରର ସନ୍ତାନ ଭାବେ ବିଲାତରେ ପାଠ ପଢ଼ି ଏହିସବୁ ବାହ୍ୟ ଦେଖାଣିଆ ବେଶକୁ ଗାନ୍ଧୀ ଭଲଭାବେ ଜାଣିଥିଲେ। ତଥାପି ତାଙ୍କ ପୋଷାକ ଏକ ରାଜନୈତିକ ବାର୍ତ୍ତା ଥିଲା। ଆଜି ମୋଦି କହୁଛନ୍ତି 'ମେକ୍ ଇନ୍ ଇଣ୍ଡିଆ'। ଏକ ଶତାବ୍ଦୀ ପୂର୍ବରୁ ଗାନ୍ଧୀ ସେହି ଚିନ୍ତାଧାରାକୁ କାର୍ଯ୍ୟକାରୀ କରାଇ ସମସ୍ତେ ଖଦି ବସ୍ତ୍ର ପିନ୍ଧନ୍ତୁ ବୋଲି କହିଥିଲେ। ତାହାଦ୍ୱାରା ବିଦେଶୀ ଲୁଗା ବ୍ୟବସାୟକୁ ପ୍ରତିହତ କରିଥିଲେ। ଆଜି ଉତ୍ତରପ୍ରଦେଶ ବାଚସ୍ପତି ଉଚ୍ଚ ଜାତି ବ୍ରାହ୍ମଣ ଦୀକ୍ଷିତ ନିଜେ ଚାଇନା ସାମଗ୍ରୀ ବ୍ୟବହାର କରୁଥିବେ, କିନ୍ତୁ ତାଙ୍କ ଦଳର ନେତା ଦେଉଥିବା ଡାକରାକୁ ଅବମାନନା କରୁଛନ୍ତି।

# ସାତ ପିଢ଼ି ଅପେକ୍ଷା କରିବାକୁ ପଡ଼ିବ



ଡ. ସନ୍ତୋଷ କୁମାର ମହାପାତ୍ର

ସମ୍ପ୍ରତି ସରକାରଙ୍କ ତରଫରୁ ଏପରି ପ୍ରଚାର କରାଯାଉଛି ଯେ ଜଣେ ଭାବିବ ଲୋକ ଘିଅ ମହୁରେ ଭାସୁଛନ୍ତି। ୧୩୦କୋଟି ଲୋକଙ୍କ ମଧ୍ୟରୁ ୧୦୦କୋଟି ଦୁର୍ବିଷହ ଜୀବନଯାପନ କଲାବେଳେ ୩୦ କୋଟି ଲୋକ ଆର୍ଥିକ ଦୃଷ୍ଟିରୁ ଭଲ ସ୍ଥିତିରେ ଅଛନ୍ତି। କିନ୍ତୁ ସରକାର ସର୍ବଦା ୩୦ କୋଟିଙ୍କ କଥା କହିଲା ବେଳେ ଅବଶିଷ୍ଟଙ୍କ କଥା ଭୁଲିଯାଉଛନ୍ତି। ସେହି ୩୦କୋଟିଙ୍କ ଗାଥା କହି ସଫଳତାର ପ୍ରଚାର କରୁଛନ୍ତି। ବର୍ତ୍ତମାନ ବଜେଟର ଆକାର ୩୪ ଲକ୍ଷ କୋଟି ଟଙ୍କାରୁ ଅଧିକ। ଯିଏ ଶାସନ କରୁନା କାହିଁକି, ଯିଏ ପ୍ରଧାନମନ୍ତ୍ରୀ ବା ଅର୍ଥମନ୍ତ୍ରୀ ହୁଅନ୍ତୁନା କାହିଁକି ବ୍ୟୟ କରିବେ, ନୂଆ ଯୋଜନା କରିବେ, ବିଭିନ୍ନ କ୍ଷେତ୍ରରେ ବ୍ୟୟବରାଦ କରିବେ। ସେହି ଶାସକ ପ୍ରଶଂସନୀୟ, ଯିଏ ଜିଡିପି କେବଳ ବୃଦ୍ଧି ନୁହେଁ, ଜିଡିପି ଅନୁସାରେ ଅଧିକ ସମ୍ବଳ ସଂଗ୍ରହ କରିବେ ଏବଂ ବ୍ୟୟବରାଦ ବୃଦ୍ଧି କରିବେ । କିନ୍ତୁ ଆମର ଟିକସ ଅର୍ଥରୁ ଟଙ୍କାଟିଏ ବ୍ୟୟ କଲାବେଳେ ନିଜେ ଘରୁ ଦେଲାଭଳି ପ୍ରଚାର କରାଯାଉଛି। ପୁନଶ୍ଚ ରାଜ୍ୟ ବେଶି ବ୍ୟୟ କରିଲାବେଳେ, ଟିକସ ଆଦାୟ କରିବାର ଉତ୍ସ ସବୁ କେନ୍ଦ୍ର ହାତରେ। ପୁନଶ୍ଚ କେନ୍ଦ୍ର ରାଜ୍ୟର ଅଧିବାସୀଙ୍କଠାରୁ ହିଁ ଟିକସ ଆଦାୟ କରିଥାଏ । ଏଣୁ ରାଜ୍ୟଗୁଡ଼ିକୁ ଦେବା, କେନ୍ଦ୍ରୀୟ ଯୋଜନା କାର୍ଯ୍ୟ କରିବା ଆମ ସଙ୍ଘୀୟ ବ୍ୟବସ୍ଥାର ଏକ ଅଂଶ। କିନ୍ତୁ ଆମ ଟିକସକୁ ବ୍ୟୟକରି କେନ୍ଦ୍ର ଦୟା କରୁଛି ବୋଲି ରାଜ୍ୟଗୁଡ଼ିକୁ କୁହାଯାଉଛି।

ବାସ୍ତବରେ ଯେତେ ପ୍ରଚାର କଲେ ମଧ୍ୟ କ୍ରୂର ବାସ୍ତବତାକୁ ଲୁଚାଯାଇପାରିବ ନାହିଁ। ଭାରତ ବର୍ତ୍ତମାନ ଦୁଇଭାଗ ହୋଇଯାଇଛି। ଗୋଟିଏ ହେଉଛି ଧନୀ, ବିଲିୟନେୟାର, କର୍ପୋରେଟ ଏବଂ ଶକ୍ତିଶାଳୀ ବ୍ୟକ୍ତିଙ୍କୁ ପ୍ରତିନିଧିତ୍ୱ କରୁଥିବା ଉଜ୍ଜ୍ୱଳ ବା ଚମକୁଥିବା ଭାରତ ଏବଂ ଅନ୍ୟଟି ହେଉଛି ଗରିବ, ଅବହେଳିତ ଶ୍ରେଣୀଙ୍କୁ ପ୍ରତିନିଧି କରୁଥିବା ଉଜୁଡ଼ା ଭାରତ । ପ୍ରତ୍ୟେକ ମୁହୂର୍ତ୍ତରେ କୋଟି କୋଟି ଲୋକ ମୁଠାଏ ଭାତ, ଖଣ୍ଡେ ବସ୍ତ୍ର, ଛୋଟିଆ ଘର ପାଇଁ ସଂଗ୍ରାମ କରୁଛନ୍ତି। ଜାନୁୟାରୀ ୨୦୨୦ରେ ପ୍ରକାଶିତ ବିଶ୍ୱ ଅର୍ଥନୈତିକ ଫୋରମର ଗ୍ଲୋବାଲ୍ ସୋସିଆଲ୍ ମୋବିଲିଟି ରିପୋର୍ଟ ଅନୁଯାୟୀ ୮୨ଟି ଦେଶ ମଧ୍ୟରୁ ଭାରତ ୭୨ ସ୍ଥାନରେ ରହିଛି। ଏହାର ଅର୍ଥ ହେଉଛି ୭୧ଟି ଦେଶ ତଳେ। ସଦ୍ୟ ପ୍ରକାଶିତ ଜାତୀୟ ନମୁନା ସର୍ବେକ୍ଷଣ ଅଫିସ୍(ଏନ୍‌ଏସ୍‌ଏସ୍‌ଓ) ରିପୋର୍ଟରୁ ବୈଷମ୍ୟ କେତେ ଭୟଙ୍କର ତାହା ସ୍ପଷ୍ଟ ହୋଇଛି। ଅନ୍ୟ ରିପୋର୍ଟରେ ଆର୍ଥିକ ବୈଷମ୍ୟ-ସମ୍ପଦ ଓ ଆୟବୈଷମ୍ୟ- ଜଣାପଡିଲା ବେଳେ ଏନ୍‌ଏସ୍‌ଏସ୍‌ଓ ରିପୋର୍ଟରେ ସମ୍ପତ୍ତି ବା ଆସେଟ ବୈଷମ୍ୟ ଜଣାପଡିଛି। ସମ୍ପଦ ବା ଧନ ବା ନେଟଓର୍ଥ କହିଲେ, ସମ୍ପତ୍ତି ଓ ଦେୟର ତଫାତ୍‌କୁ ବୁଝାଇଥାଏ। ସମ୍ପତ୍ତି ବା ଆସେଟ୍ କହିଲେ ଯାହାର କିଛି ମୂଲ୍ୟ ଅଛି ବା ରିଟର୍ନ ଅଛି । ଜମି, ପ୍ରାଣୀଧନ, କୋଠା, ସୁନା, ଗହଣା, ଗାଡ଼ି, ବ୍ୟାଙ୍କ, ଡାକଘରେ ଥିବା ଜମା ରାଶି ଓ କମ୍ପାନୀଗୁଡ଼ିକରେ ଥିବା ଶେୟାର ଆଦିକୁ ସମ୍ପତ୍ତି ଭାବେ ବିଚାର କରାଯାଉଛି। ଏନ୍‌ଏସ୍‌ଏସ୍‌ଓ ତରଫରୁ ୨୦୧୯ରେ (ଜାନୁୟାରୀ -ଡିସେମ୍ବର ୨୦୧୯) 'ସର୍ବଭାରତୀୟ ଋଣ ଓ ନିବେଶ ସର୍ବେକ୍ଷଣ' କରାଯାଇଥିଲା। ଏହି ରିପୋର୍ଟ ଅନୁସାରେ ଦଶ ପ୍ରତିଶତ ଧନୀ ଲୋକଙ୍କ ପାଖରେ ଦେଶର ଅଧା ସମ୍ପତ୍ତି ରହିଛି। ନିମ୍ନରେ ଥିବା ୫୦% ଲୋକଙ୍କ ପାଖରେ ଦେଶର ୧୦% ସମ୍ପତ୍ତି ମଧ୍ୟ ନାହିଁ। ପୁନଶ୍ଚ ୧୦% ଧନୀ ଭାରତୀୟଙ୍କ ପାଖରେ ସହରାଞ୍ଚଳର ୫୫.୭% ଓ ଗ୍ରାମାଞ୍ଚଳର ୫୦.୮% ସମ୍ପତ୍ତି ରହିଛି।

ଏନ୍‌ଏସ୍‌ଏସ୍‌ଓ ରିପୋର୍ଟ ଅନୁଯାୟୀ ସହରାଞ୍ଚଳରେ ବାସ କରୁଥିବା ଲୋକମାନଙ୍କ ପାଖରେ ୨୭୪.୬ ଲକ୍ଷ କୋଟି ଟଙ୍କାର ସମ୍ପତ୍ତି ରହିଛି। ସେଥିରୁ ୧୩୯.୬ ଲକ୍ଷ କୋଟି ଟଙ୍କାର ସମ୍ପତ୍ତି ୧୦% ଧନୀ ଲୋକଙ୍କ ପାଖରେ ଅଛି। ତଳ ଆଡ଼େ ଥିବା ୫୦% ଲୋକଙ୍କ ପାଖରେ ସହରାଞ୍ଚଳର ମାତ୍ର ୬.୨% ସମ୍ପତ୍ତି ଥିଲାବେଳେ, ଗ୍ରାମାଞ୍ଚଳର ୧୦.୨% ସମ୍ପତ୍ତି ରହିଛି। ସମ୍ପତ୍ତି ମାଲିକାନା କ୍ଷେତ୍ରରେ ଧନୀ ଓ ଗରିବଙ୍କ ମଧ୍ୟରେ ଅନ୍ତର ଦିଲ୍ଲୀରେ ସର୍ବାଧିକ ରହିଛି। ଦିଲ୍ଲୀର ୧୦% ଧନୀଙ୍କ ପାଖରେ ୮୦.୮% ସମ୍ପତ୍ତି ଥିବା ବେଳେ ନିମ୍ନରେ ଥିବା ୫୦% ଲୋକଙ୍କ ପାଖରେ ମାତ୍ର ୨.୧% ସମ୍ପତ୍ତି ରହିଛି। ଏହି ତାଲିକାରେ ଦିଲ୍ଲୀ ପଛକୁ ରହିଛି ପଞ୍ଜାବ, ଯେଉଁଠାରେ ୧୦% ଧନୀଙ୍କ ପାଖରେ ୬୫% ସମ୍ପତ୍ତି ଥିବା ବେଳେ ନିମ୍ନରେ ଥିବା ୫୦% ଲୋକଙ୍କ ପାଖରେ ମାତ୍ର ୫% ସମ୍ପତ୍ତି ରହିଛି। ହରିୟାଣା, ମଧ୍ୟପ୍ରଦେଶ ଏବଂ ଉତ୍ତରପ୍ରଦେଶ ମଧ୍ୟ ବୈଷମ୍ୟ ଦୃଷ୍ଟିରୁ ପଛରେ ନାହାନ୍ତି। ତେବେ ଜମ୍ମୁ-କଶ୍ମୀରରେ ସର୍ବନିମ୍ନ ସମ୍ପତ୍ତିଜନିତ ବୈଷମ୍ୟ ରହିଛି। ଶୀର୍ଷ ଧନୀ ୧୦% ସମୁଦାୟ ସମ୍ପତ୍ତିର ୩୨% ମାଲିକ ହୋଇଥିବାବେଳେ ନିମ୍ନ ୫୦% ମାତ୍ର ୧୮% ସମ୍ପତ୍ତିର ମାଲିକ।

ଯେତେବେଳେ ସମ୍ପତ୍ତି ଅସମାନତା ବୃଦ୍ଧି ପାଇଛି , ସେତେବେଳେ ଘରୋଇ ବା ପାରିବାରିକ ଋଣ ମଧ୍ୟ ବୃଦ୍ଧି ଘଟିଛି । ୨୦୧୮ ବର୍ଷ ପାଇଁ ନିକଟରେ ଭାରତୀୟ ଋଣ ଏବଂ ନିବେଶ ସର୍ଭେ (AIDIS) ରିପୋର୍ଟ ପ୍ରକାଶ ପାଇଛି। ଏହା ଗ୍ରାମାଞ୍ଚଳ ତଥା ସହରାଞ୍ଚଳ ପରିବାର ମଧ୍ୟରେ ହାରାହାରି ଋଣ ବୃଦ୍ଧିକୁ ପ୍ରକାଶ କରିଛି। ୨୦୧୮ରେ ଶେଷ ହୋଇଥିବା ଗତ ୬ ବର୍ଷ ମଧ୍ୟରେ ଗ୍ରାମାଞ୍ଚଳ ତଥା ସହରାଞ୍ଚଳ ପରିବାର ପାଇଁ ହାରାହାରି ଋଣ ପରିମାଣ ୮୪ % ଏବଂ ୪୨% ବୃଦ୍ଧି ପାଇଛି। କରୋନା ମହାମାରୀ ଯୋଗୁ ଜିଡିପି ଅନୁସାରେ ପାରିବାରିକ ଋଣ ମଧ୍ୟ ବୃଦ୍ଧି ଘଟିଛି। ଏସ୍‌ବିଆଇ ଆକଳନ ଅନୁଯାୟୀ, ଏହା ୨୦୧୯-୨୦ରେ ୩୨.୫% ଥିଲା ଏବଂ ୨୦୨୦-୨୧ରେ ୩୭.୩%କୁ ବୃଦ୍ଧି ପାଇଛି। ଗ୍ରାମାଞ୍ଚଳ ତଥା ସହରାଞ୍ଚଳରେ ଘରୋଇ ଋଣ ୨୦୧୮ରୁ ୨୦୨୧ ମଧ୍ୟରେ ଦ୍ୱିଗୁଣିତ ହୋଇଥାଇପାରେ ବୋଲି ରିପୋର୍ଟରେ ଆଶଙ୍କା ପ୍ରକାଶ ପାଇଛି। ପ୍ରାୟ ୧୮ଟି ରାଜ୍ୟରେ ଗ୍ରାମାଞ୍ଚଳର ହାରାହାରି ପାରିବାରିକ ଋଣ ଦ୍ୱିଗୁଣିତ ହୋଇଥିବା ବେଳେ ୭ଟି ରାଜ୍ୟର ସହରାଞ୍ଚଳର ପାରିବାରିକ ଋଣ ଦ୍ୱିଗୁଣିତ ହୋଇଛି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ମହାରାଷ୍ଟ୍ର, ରାଜସ୍ଥାନ ଏବଂ ଆସାମ ସମେତ ୫ଟି ରାଜ୍ୟରେ ଏହି ସମୟ ମଧ୍ୟରେ ଉଭୟ ସହରାଞ୍ଚଳ ଏବଂ ଗ୍ରାମାଞ୍ଚଳର ହାରାହାରି ଋଣ ଦ୍ୱିଗୁଣିତ ହୋଇଛି। ପୁନଶ୍ଚ ଆମେ ଜାଣିଛୁ ପିୟୁ ସର୍ଭେ ୨୦୨୦ ଅନୁସାରେ କରୋନା ମହାମାରୀ ଯୋଗୁ ପ୍ରାୟ ୩.୨କୋଟି ଲୋକ ମଧ୍ୟ ବିତ୍ତଶ୍ରେଣୀରୁ ତଳକୁ ଖସି ଆସିଛନ୍ତି। ଗରିବ ଲୋକଙ୍କ ସଂଖ୍ୟା (ଦିନକୁ $ ୨ କିମ୍ବା ତା'ଠାରୁ କମ୍ ଆୟ ଅନୁସାରେ) ୭.୫କୋଟି ବୃଦ୍ଧି ପାଇଛି। ସିଏମ୍‌ଆଇଏଇ ଅନୁସାରେ ୯୭% ଭାରତୀୟଙ୍କ ଆୟ ୨୦୨୦ରେ ହ୍ରାସପାଇଛି। ଅଜିମ୍ ପ୍ରେମ୍‌ଜୀ ବିଶ୍ୱବିଦ୍ୟାଳୟର ଗବେଷଣା ଅନୁଯାୟୀ ସର୍ବନିମ୍ନ ମଜୁରି ଆଧାରରେ ପ୍ରାୟ ୨୩ କୋଟ ଲୋକ ଦାରିଦ୍ର୍ୟ ସୀମାରେଖା ଗହ୍ୱରକୁ ଠେଲି ହୋଇଯାଇଛନ୍ତି।

କେବଳ ପାରିବାରିକ ଋଣ ନୁହେଁ, ଭାରତରେ ସରକାରୀ ଋଣ ମଧ୍ୟ ବୃଦ୍ଧି ପାଇଛି। ଏହା ୨୦୧୯-୨୦ରେ ଜିଡିପି ଅନୁସାରେ ୭୨% ଥିଲା। ବର୍ତ୍ତମାନ ବୃଦ୍ଧି ହୋଇ ୨୦୨୦-୨୧ରେ ୯୦% ଅତିକ୍ରମ କରିଛି। ଏହାର ଅର୍ଥ ଜିଡିପି ଅନୁସାରେ ଋଣ ଅଧିକ ବୃଦ୍ଧିପାଉଛି। ଋଣ ଆବଶ୍ୟକ ଜିଡିପି ସମ୍ପଦ ସୃଷ୍ଟି କରିପାରୁନାହିଁ। କିନ୍ତୁ ଯେତିକି ଜିଡିପି ଏବଂ ସମ୍ପଦ ସୃଷ୍ଟି ହେଉଛି ସେହି ବୃଦ୍ଧିର ଲାଭ, କର୍ପୋରେଟ୍, ଧନିକ ଶ୍ରେଣୀଙ୍କୁ ଗଲାବେଳେ, ଋଣର ବୋଝ ସରକାର ଏବଂ ଜନତାଙ୍କ ଉପରେ ପଡୁଛି। ଋଣରଣ ସୁଧ ବାବଦରେ ଅଧିକ ବ୍ୟୟ କରିବାରୁ ସାମାଜିକ କ୍ଷେତ୍ର ତଥା କଲ୍ୟାଣମୂଳକ ଖର୍ଚ୍ଚ ହ୍ରାସ ପାଇଛି। ୧% ଭାରତୀୟ ଆଜି ଦେଶର ୪୦.୫% ସମ୍ପଦର ଅଧିକାରୀ। ଏପରି ଆର୍ଥିକ ବୈଷମ୍ୟ ଓ ଦୁଃସ୍ଥିତିର କାରଣ ହେଲା ରାଷ୍ଟ୍ର ତା'ର ପୂର୍ବ ବଣ୍ଟନ ନ୍ୟାୟ ଏବଂ ବଣ୍ଟନକାରୀ ନ୍ୟାୟ ପ୍ରଦାନ କାର୍ଯ୍ୟ ଠିକ୍ ଭାବରେ କରୁନାହିଁ । ପୂର୍ବ-ବଣ୍ଟନ ନୀତି ଦ୍ୱାରା ସରକାର ନିଶ୍ଚିତ କରନ୍ତି ଯେ ଲୋକମାନେ କିପରି ମୌଳିକ ଜନସେବା ଏବଂ ଉତ୍ତମ କର୍ମସଂସ୍ଥାନ ପାଇପାରିବେ ଏବଂ ସମ୍ବଳର ସୁଷମ ବଣ୍ଟନ ହେଉଥିବ। ଲୋକଙ୍କ ସମସ୍ୟା ସମାଧାନ ହେଉଥିବ। ମୁଦ୍ରାସ୍ଫୀତି, ମୂଲ୍ୟ ବୃଦ୍ଧି ନିୟନ୍ତ୍ରିତ ହେଉଥିବ ଏବଂ ଆୟର ଅସମାନତା ବ୍ୟାପକ ହେଉ ନ ଥିବ। ବଣ୍ଟନକାରୀ ନ୍ୟାୟ ନୀତିରେ, ସରକାର, ଧନୀ, ପୁଞ୍ଜିପତି ବଡ଼ ଶିଳ୍ପପତିଙ୍କ ଅଧିକ ଟିକସ ବା ସମ୍ବଳ ସଂଗ୍ରହ କରି ନିଯୁକ୍ତି ସୃଷ୍ଟି କରିବା ସହିତ ସାମାଜିକ ଭିତ୍ତିଭୂମି, କଲ୍ୟାଣମୂଳକ ଯୋଜନାରେ ଖର୍ଚ୍ଚ କରି ସାଧାରଣ ଜନତାଙ୍କ ନିମ୍ନମୁଖୀ ଜୀବନ ଧାରଣର ମାନରେ ଉନ୍ନତି ଆଣିବା ପାଇଁ ଚେଷ୍ଟା କରିବେ ଓ ଆର୍ଥିକ ବୈଷମ୍ୟ ପ୍ରତିହତ କରିବେ।

ମୁକ୍ତ ବଜାର ଅର୍ଥନୀତି କାର୍ଯ୍ୟକାରୀ ହେବାପରେ ରାଷ୍ଟ୍ର ତା'ର ଏସବୁ ଦାୟିତ୍ୱରୁ ଓହରି ଆସିଛି। କିନ୍ତୁ ଗତ ୭ ବର୍ଷ ହେବ ଏହି ପ୍ରକ୍ରିୟା ଆହୁରି ତ୍ୱରାନ୍ୱିତ ହୋଇଛି । ରାଷ୍ଟ୍ର ସାଧାରଣ ଜନତାଙ୍କ ସ୍ୱାର୍ଥ ପାଇଁ ହସ୍ତକ୍ଷେପ ନ କଲାବେଳେ, ଧନିକ ଶ୍ରେଣୀ, କର୍ପୋରେଟ, ନିବେଶକଙ୍କ ସ୍ୱାର୍ଥ ପାଇଁ ହସ୍ତକ୍ଷେପ କରୁଛି। କର୍ପୋରେଟ ଟିକସ ହ୍ରାସ, ବ୍ୟାଙ୍କର ଅଚଳ ସମ୍ପତ୍ତି ଓ ଜାଲିଆତି କର୍ପୋରେଟମାନଙ୍କ ଯୋଗୁ ବୃଦ୍ଧି ପାଇବା, ଠକାମି କରିଥିବା ଲୋକ ବିଦେଶକୁ ସହଜରେ ପଳାଇବା ତାହାର ଉଦାହରଣ। କର୍ପୋରେଟ, ପୁଞ୍ଜିପତିମାନେ ସରକାରଙ୍କ ବିଭିନ୍ନ ସିଦ୍ଧାନ୍ତରେ ହସ୍ତକ୍ଷେପ କରି ନିଜ ସପକ୍ଷରେ ନୀତି କାର୍ଯ୍ୟକାରୀ କରୁଛନ୍ତି। ଟିକସ ଫାଙ୍କି ରୋକିବାରେ ବିଫଳ ହେବା, କର୍ପୋରେଟ ଟିକସ ହ୍ରାସ କରିବା ଯୋଗୁ ସମ୍ବଳର ଘୋର ଅଭାବ ଘଟିଛି। ଏଣୁ ରାଷ୍ଟ୍ରର ସମ୍ପତ୍ତିକୁ ଲିଜ୍ ଦେଇ ବା ରାଷ୍ଟ୍ରାୟତ୍ତ ସମ୍ପତ୍ତିର ଘରୋଇକରଣ କରି ସରକାର ସମ୍ବଳ ସଂଗ୍ରହ କରୁଛନ୍ତି; ଯାହା ସମ୍ପଦ ବୈଷମ୍ୟକୁ ଆହୁରି ବୃଦ୍ଧି କରିବ। ସାଧାରଣ ଜନତା ସଞ୍ଚୟର ସୁଧ, ପରିପକ୍ୱ ରାଶି, ବୀମା ପ୍ରିମିୟମ ଉପରେ ଟିକସ ଦେଲାବେଳେ ପୁଞ୍ଜିପତିମାନେ, କ୍ଷମତାଶାଳୀ, ସେଲିବ୍ରିଟିମାନେ ତାଙ୍କ କଳାଟଙ୍କା ବିଦେଶରେ ଟିକସ ଭୂସ୍ୱର୍ଗରେ ରଖି ଟିକସ ଫାଙ୍କୁଛନ୍ତି। ଗରିବ ଅଧିକ ଗରିବ ହେଲାବେଳେ ଧନୀ ଅଧିକ ଧନୀ ହେଉଛି।

ମୋ:୯୪୩୭୨୦୮୭୬୨

# ସାମୁଦ୍ରିକ ପ୍ରଳୟ



ବାଦଲ ଭୂୟାଁ

ପୃଥିବୀର ତାପମାତ୍ରା ବୃଦ୍ଧି ଓ ଜଳବାୟୁ ପରିବର୍ତ୍ତନଜନିତ ବିବିଧ ସମସ୍ୟା ମଣିଷ ପାଇଁ ଉଦ୍‌ବେଗର କାରଣ ହେଲାଣି। ବାୟୁମଣ୍ଡଳରେ ଗ୍ରୀନ୍ ହାଉସ ଗ୍ୟାସ ବୃଦ୍ଧି ପାଇ ବାୟୁମଣ୍ଡଳ ପ୍ରଦୂଷିତ ହେଉଛି ଓ ତାପମାତ୍ରା ବୃଦ୍ଧି ପାଉଛି । ଧୂଳିକଣା, ଅଙ୍ଗାରକଣିକା ପରି ବ୍ଲାକ କାର୍ବନ 'ଏରୋସୋଲ୍'ର ପରିମାଣ ବୃଦ୍ଧି ମଧ୍ୟ ତାପମାତ୍ରା ବଢ଼ାଉଛି । ଦକ୍ଷିଣ ଏସିଆର ଉଚ୍ଚ ଆକାଶରେ ଯେଉଁ ଧୂସର ମେଘ ବ୍ରାଉନ୍ କ୍ଲାଉଡ୍ ଦେଖାଦେଇଛି ତା' ଏହି ଏରୋସୋଲ୍ କଣିକା। ହିମାଳୟ ପର୍ବତମାଳାର ବରଫାବୃତ୍ତ ଶୃଙ୍ଗ ଉପରେ ଏହି ବ୍ଲାକ କାର୍ବନ ଜମିବା ଫଳରେ ତାପମାତ୍ରା ବଢ଼ି ବରଫ ତରଳିବାରେ ଲାଗିଛି।

୨୦୦୯ ଡିସେମ୍ବରରେ କୋପେନ୍‌ହାଗେନ୍‌ଠାରେ ଜାତିସଂଘ ତରଫରୁ ବସିଥିବା ଅନ୍ତର୍ଜାତୀୟ ଜଳବାୟୁ ପରିବର୍ତ୍ତନ ସଂକ୍ରାନ୍ତୀୟ ସମ୍ମିଳନୀରେ ନିଷ୍ପତ୍ତି ନିଆଗଲା ଯେ ବିଶ୍ୱର ହାରାହାରି ତାପମାତ୍ରା ପ୍ରାକ୍ ଶିଳ୍ପ ବିକାଶଧାରାର ଉତ୍ତାପଠାରୁ ୨୦ ସେଣ୍ଟିଗ୍ରେଡ୍ ତାପମାତ୍ରା ତଳକୁ ଖସାଇ ରଖିବାକୁ ପଡ଼ିବ । ପୃଥିବୀର ତାପମାତ୍ରା ବଢ଼ି ଭୂ-ପୃଷ୍ଠକୁ ଉତ୍ତପ୍ତ କରିବା ସଙ୍ଗେ ସଙ୍ଗେ ସମୁଦ୍ରକୁ ବି ଉତ୍ତପ୍ତ କରୁଛି । ସମୁଦ୍ର ଜଳଭଣ୍ଡାର ସଂପ୍ରସାରିତ ହୋଇ ଜଳପତନ ବଢୁଛି । ଉତ୍ତରମେରୁ ଆର୍କଟିକ୍ ଓ ଦକ୍ଷିଣମେରୁ ଆଣ୍ଟାର୍କଟିକାରେ ରହିଛି ପରସ୍ତ ପରସ୍ତ ବରଫର ଦିଗନ୍ତବିସ୍ତାରୀ ଶୁଭ୍ର ଆବରଣ । ଆଣ୍ଟାର୍କଟିକ୍ ମହାସାଗର ଦକ୍ଷିଣ ପଶ୍ଚିମକୁ ରହିଛି ବରଫାବୃତ୍ତର ଗ୍ରୀନ୍‌ଲାଣ୍ଡ ଦ୍ୱୀପ। ସମଗ୍ର ପୃଥିବୀର ଶତକଡ଼ା ୯୦ ଭାଗ ବରଫ ରହିଛି ଏହି ମେରୁ ଅଞ୍ଚଳରେ। ଆଉ ଶତକଡ଼ା ୧୦ ଭାଗ ବରଫ ରହିଛି ପୃଥିବୀର ବିଭିନ୍ନ ଦେଶର ଗ୍ଲାସିଅର୍‌ଗୁଡ଼ିକରେ। ଉତ୍ତରମେରୁ ଅଞ୍ଚଳର ତାପମାତ୍ରା ବଢୁଛି। ଉତ୍ତରମେରୁ ଉପରକୁ ଘନୀଭୂତ ଥିବା ପୋଲାର ଆଇସ୍ କ୍ୟାପ୍ ତରଳିବା ଫଳରେ ଅଧିକ ସଂକୁଚିତ ହୋଇଗଲାଣି। ନାସା ଉତ୍ତୋଳିତ ସାଟେଲାଇଟ୍ ଚିତ୍ରରୁ ଜଣାପଡ଼େ ଉତ୍ତରମେରୁର ଚିର ବରଫାବୃତ୍ତ ଅଞ୍ଚଳ ୧୦ ବର୍ଷ ଭିତରେ ପ୍ରାୟ ଶତକଡ଼ା ୯ ଭାଗ ତରଳି ଯାଇଛି। ତାପମାତ୍ରା ବୃଦ୍ଧି ଫଳରେ ଉତ୍ତରମେରୁର ଆଣ୍ଟାର୍କଟିକ୍ ମହାସାଗରରେ ରହିଥିବା ବରଫସ୍ତର ଯେତେ କ୍ଷେତ୍ର ମାଡ଼ି ବସିଥିଲା ତା'ଠାରୁ ବର୍ତ୍ତମାନ କମିଯାଇଛି। ୨୦୦୫ ସେପ୍ଟେମ୍ବରଠାରୁ ୨୦୦୭ ସେପ୍ଟେମ୍ବର ମଧ୍ୟରେ ପ୍ରାୟ ୧୧ ଲକ୍ଷ ବର୍ଗ କିଲୋମିଟରରୁ ଅଧିକ ବରଫ ଆବରଣ କମିଯାଇଛି। ଆଇସ୍‌ବର୍ଗ ସମୁଦ୍ରରେ କିଛି ଦିନ ଭାସି ତାପମାତ୍ରା ବୃଦ୍ଧି ପାଉଥିବା ଯୋଗୁ ସମୁଦ୍ର ଜଳରେ ସମ୍ପୂର୍ଣ୍ଣ ଭାବରେ ତରଳି ଯାଇଥାଏ। ଏହି ପ୍ରକ୍ରିୟା ସମୁଦ୍ର ପତନ ବଢ଼ାଇବାରେ ସାହାଯ୍ୟ କରିଥାଏ। ଆଣ୍ଟାର୍କଟିକା ଠାରୁ ଗ୍ରୀନ୍‌ଲାଣ୍ଡରେ ୨୦୧୨ରେ ଆଶ୍ଚର୍ଯ୍ୟଜନକ ଭାବେ ବରଫ ଅଧିକ ତରଳିଛି। ସମୁଦାୟ ଗ୍ରୀନ୍‌ଲାଣ୍ଡର ଜମାଟ ବାନ୍ଧିଥିବା ବରଫସ୍ତର ଯଦି ତରଳିଯାଏ ତେବେ ସମୁଦ୍ର ପତନ ପ୍ରାୟ ୭ ମିଟର ବଢ଼ିଯିବ। ଏପରି ଅବସ୍ଥା ଯଦି ଆସେ ତେବେ ଲଣ୍ଡନ ଓ ଲସ୍‌ଏଞ୍ଜେଲସ୍ ପରି ବଡ଼ ସହର ସମୁଦ୍ରରେ ବୁଡ଼ିଯିବ।

ବିଶ୍ୱର ସର୍ବବୃହତ୍ ହିମଭଣ୍ଡାରର କ୍ଷେତ୍ର ହେଉଛି ଆଣ୍ଟାର୍କଟିକା। ଏହାରେ ସ୍ଥଳଭାଗ ଲାଣ୍ଡ ଆଇସ୍ ଓ ସମୁଦ୍ରର ସି ଆଇସ୍ ବହୁ କ୍ଷେତ୍ର ଅଧିକାର କରିରହିଛି। ଆଣ୍ଟାର୍କଟିକାର ଉତ୍ତରକୁ ଲାଗିରହିଛି ଦକ୍ଷିଣ ମହାସାଗର। ଜଳବାୟୁ ପରିବର୍ତ୍ତନ ଓ ତାପମାତ୍ରା ବୃଦ୍ଧି ଯୋଗୁ ଦକ୍ଷିଣ ମହାସାଗର ଏବେ ଅଧିକ ଉଷ୍ମ ହେବାରେ ଲାଗିଛି। ଏହି ମହାସାଗରରେ ବାୟୁ ପ୍ରବାହର ବେଗ ଓ ଦିଗରେ ପରିବର୍ତ୍ତନ ଏବଂ ଆଣ୍ଟାର୍କଟିକାର ଉପରିସ୍ଥ ବାୟୁମଣ୍ଡଳ ଷ୍ଟ୍ରାଟୋସ୍ଫିଅରରେ ଗ୍ଲୋବାଲ୍ ୱାର୍ମିଂ ଯୋଗୁ ସୃଷ୍ଟି ହୋଇଥିବା ଓଜୋନ୍ ହୋଲ୍‌ର ଜଟିଳତା ଫଳରେ ଆଣ୍ଟାର୍କଟିକାର ସାମୁଦ୍ରିକ ବରଫସ୍ତରର କ୍ଷେତ୍ର ସାମାନ୍ୟ ବୃଦ୍ଧି ପାଇଛି। ବିଗତ ୧୦୦୦ବର୍ଷ ମଧ୍ୟରେ ବର୍ତ୍ତମାନର ଗ୍ଲୋବାଲ୍ ୱାର୍ମିଂ ଯେ ଆଣ୍ଟାର୍କଟିକାରେ ବେଶି ମାତ୍ରାରେ ବରଫ ତରଳାଉଛି ତା'ର ପ୍ରମାଣ ମିଳିଛି ବ୍ରିଟିଶ ଆଣ୍ଟାର୍କଟିକା ସର୍ଭେ କରିଥିବା ଏକ ୩୬୪ ମିଟର ଡ୍ରିଲିଂ ଖନନରୁ ; ଯେଉଁଥିରୁ ବରଫ ଖଣ୍ଡର ନମୁନା ବାହାରି ଆଣ୍ଟାର୍କଟିକାରେ ତାପମାତ୍ରାରେ ପରିବର୍ତ୍ତନର ତଥ୍ୟ ଯୋଗାଉଛି। ବରଫ ଗଦା ଉପରେ ଏହି ଗଭୀର ଡ୍ରିଲିଂ ଗବେଷଣାରେ ଏକ ମାଇଲଖୁଣ୍ଟ କହିବା ଯଥାର୍ଥ ହେବ। ଆଣ୍ଟାର୍କଟିକାର ଏକ ବୃହତ୍ ଜମାଟ ବାନ୍ଧିଥିବା ବରଫସ୍ତର ହେଉଛି ଉଏଷ୍ଟ ଆଣ୍ଟାର୍କଟିକା ଆଇସ୍‌ସିଟ୍। ଏହି ରୋମାଞ୍ଚକାରୀ ସ୍ତୁପୀକୃତ ବରଫଗଦାରୁ ଯଦି ଖଣ୍ଡେ ବଡ଼ ଅଂଶ ତରଳିଯାଏ ତାହାହେଲେ ସମୁଦ୍ର ପତନ ୩ ମିଟରରୁ ୬ ମିଟର ପର୍ଯ୍ୟନ୍ତ ବଢ଼ିପାରେ। ବର୍ଷକୁ ଆଣ୍ଟାର୍କଟିକାରୁ ହାରାହାରି ୭୦ ଗିଗାଟନ୍ ବରଫ ତରଳିଯାଉଛି। ବର୍ତ୍ତମାନ ଅନ୍ତଃରାଷ୍ଟ୍ରୀୟ ଜଳବାୟୁ ପରିବର୍ତ୍ତନ ବିଶେଷଜ୍ଞ ମଣ୍ଡଳୀଙ୍କ ମତ ଅନୁସାରେ ସମୁଦ୍ର ପତନ ବର୍ଷକୁ ହାରାହାରି ୩.୨ ମିଲିମିଟର ହାରରେ ବଢୁଛି। ଗ୍ରୀନ୍ ହାଉସ ଗ୍ୟାସ ନିର୍ଗମନ ବଢ଼ି ଜଳବାୟୁ ଭବିଷ୍ୟତରେ ଅଧିକ ଉତ୍ତପ୍ତ ହେଲେ ଏକବିଂଶ ଶତାବ୍ଦୀ ଶେଷସୁଦ୍ଧା ସମୁଦ୍ର ପତନ ୧ ମିଟରରୁ କିଛି ଅଧିକ ବଢ଼ିପାରେ। ଆମେରିକାର ଜାତୀୟ ସାମୁଦ୍ରିକ ବାୟୁମଣ୍ଡଳ ପ୍ରଶାସନିକ ପ୍ରତିଷ୍ଠାନ ନୋଆ ମତଦିଏ ଏକବିଂଶ ଶତାବ୍ଦୀ ଶେଷବେଳକୁ ସମୁଦ୍ର ପତନ ୨ ମିଟରରୁ ଅଧିକ ବଢ଼ିବାର ସମ୍ଭାବନା ଅଛି। ଗ୍ଲୋବାଲ ୱାର୍ମିଂ ଯୋଗୁ ସମୁଦ୍ର ପତନ ବଢ଼ିଲେ ଉପକୂଳ ପ୍ରତି ବିପଦ ଆସିବ । ସାମୁଦ୍ରିକ ଘୂର୍ଣ୍ଣିଝଡ଼ର ସଂଖ୍ୟା ଓ ଭୟାବହତା ଅଧିକ ବଢ଼ିଯିବ । ଅଧିକ ଉଚ୍ଚ ସମୁଦ୍ର ଢେଉ ଷ୍ଟର୍ମସର୍ଜ ଉପକୂଳ ଭିତରକୁ ବହୁଦୂର ପର୍ଯ୍ୟନ୍ତ ମାଡ଼ି ଆସିବ। ଏହା ସୃଷ୍ଟି କରିବ ପ୍ରଳୟଙ୍କରୀ ସାମୁଦ୍ରିକ ବନ୍ୟା। ଉପକୂଳର ଧନଜୀବନ ସମୁଦ୍ର ଗର୍ଭକୁ ଟାଣି ହୋଇଯିବ।

ସମୁଦ୍ରର ଭୟ ଉପକୂଳବର୍ତ୍ତୀ ଦେଶଗୁଡ଼ିକରେ ବର୍ତ୍ତମାନ ଆଲୋଡ଼ନ ସୃଷ୍ଟି କଲାଣି। ଆମେରିକାର ପୂର୍ବ ଆଟଲାଣ୍ଟିକ୍ ଉପକୂଳରେ ସାମୁଦ୍ରିକ ବିପର୍ଯ୍ୟୟରେ ଶତାଧିକ ସହର ବୁଡ଼ିଯିବାର ଭୟ ଦେଖାଦେଲାଣି। ଭାରତ ମହାସାଗରରେ ଥିବା ମାଲଦୀପର ଅନେକ ଭାଗ ସମୁଦ୍ରରେ ବୁଡ଼ିଯିବାକୁ ବସିଲାଣି। ଥାଇଲାଣ୍ଡ ଓ ବଙ୍ଗଳା ଦେଶର ଉପକୂଳକୁ ସମୁଦ୍ର କ୍ରମଶଃ ବୁଡ଼ାଇ ଦେଉଛି। ଭାରତର ପୂର୍ବ ଓ ପଶ୍ଚିମ ଉପକୂଳର ସମୁଦ୍ର ପତନ ବୃଦ୍ଧି ଯୋଗୁ କେତେକ ସ୍ଥାନ ଜଳପ୍ଲାବିତ ହେବ। ଉପକୂଳର ସୁରକ୍ଷା ଏକାନ୍ତ ଆବଶ୍ୟକ।

**୭ ଏକ୍ସଟେନସନ ରୋଡ୍, ପୁରୁଣା ସୋନାରୀ, ଜାମସେଦପୁର, ମୋ:୭୪୮୮୯୯୮୫୩୨**

## ଏଇ ଭାରତରେ

ବୟସ୍କ ଓ ଦିବ୍ୟାଙ୍ଗମାନଙ୍କୁ ଯାତାୟାତର ସୁବିଧା ଯୋଗାଇ ଦେଉଛନ୍ତି ସରତାଜ ଲାମ୍ବା। ଲୋକମାନେ ଗାଡ଼ିରେ ଯିବା ସମୟରେ ସେମାନଙ୍କୁ ଆବଶ୍ୟକ ସେବା କରାଯାଉଛି। ଆର୍ମି ୱାଇଭସ୍ ୱେଲଫେୟାର ଆସୋସିଏଶନ୍‌ର ଜଣେ ସକ୍ରିୟ ସଦସ୍ୟ ଭାବେ ସରତାଜ୍ ଅବସରପ୍ରାପ୍ତ କର୍ମଚାରୀମାନଙ୍କ ସହଯୋଗରେ ଏହି ଅଭିଯାନ ଚଳାଇଛନ୍ତି। ସରତାଜ ରହୁଛନ୍ତି ଚଣ୍ଡିଗଡ଼ରେ। ଗାଡ଼ି କମ୍ ଭଡ଼ାରେ ଦିଲ୍ଲୀ, ମୋହାଲି, ଆମ୍ବାଲା, ଚଣ୍ଡିଗଡ଼, ଫରିଦାବାଦ, ଗୁରୁଗ୍ରାମ ଏବଂ ନଏଡାରେ ଉପଲବ୍ଧ ହେଉଛି। ପାଖାପାଖି ୭୦ଟି ଗାଡ଼ି ଚାଲୁଛି। ଏଥି ମଧ୍ୟରୁ ୨୦ଟିରେ ଦିବ୍ୟାଙ୍ଗଙ୍କ ପାଇଁ ଆବଶ୍ୟକ ବ୍ୟବସ୍ଥା କରାଯାଇଛି। ଏଥିରେ ରୋଟେଟିଂ ସିଟ୍, ଅକ୍ସିଜେନ ସିଲିଣ୍ଡର ଏବଂ ଫାଷ୍ଟଏଡ୍ ରଖାଯାଇଛି। କେମୋଥେରାପି ଓ ଡାୟାଲିସିସ୍ ପାଇଁ ହସ୍ପିଟାଲ ଯାଉଥିବା ବୟସ୍କମାନେ ବେଶି ଉପକୃତ ହେଉଛନ୍ତି। ସରତାଜ ଅବସରପ୍ରାପ୍ତ କର୍ମଚାରୀମାନଙ୍କୁ ଡ୍ରାଇଭର ଏବଂ କେୟାର ଟେକର ଭାବେ ନିଯୁକ୍ତି ଦେଇଛନ୍ତି ଓ ଏହି ସେବାକୁ ସାରା ଭାରତରେ ଉପଲବ୍ଧ କରିବାର ଯୋଜନା କରିଛନ୍ତି। ସେ ମହିଳା ଡ୍ରାଇଭର ନିଯୁକ୍ତି ଦେବା ଲାଗି ଲକ୍ଷ୍ୟ ରଖିଛନ୍ତି। ଗତ ଦୁଇ ବର୍ଷରେ ସରତାଜ୍ ୨୦୦୦ରୁ ଊର୍ଦ୍ଧ୍ୱ ବୟସ୍କ ଓ ଦିବ୍ୟାଙ୍ଗଙ୍କୁ ସେବା ଯୋଗାଇ ସାରିଲେଣି।

## ୨୫ ବର୍ଷ ତଳର ଧରିତ୍ରୀ

୨୨ ସେପ୍ଟେମ୍ବର ୧୯୯୬

- ପାକିସ୍ତାନ ପ୍ରଧାନମନ୍ତ୍ରୀ ବେନଜୀର ଭୁଟ୍ଟୋଙ୍କ ଭାଇ ମୁର୍ତ୍ତାଜା ଭୁଟ୍ଟୋ ଏବଂ ତାଙ୍କର ୬ ଜଣ ସମର୍ଥକ ପୋଲିସ ଗୁଳିରେ ନିହତ।
- ପୂର୍ବତନ ପ୍ରଧାନମନ୍ତ୍ରୀ ତଥା କଂଗ୍ରେସ ସଭାପତି ପି.ଭି. ନରସିଂହ ରାଓ ତାଙ୍କ ପଦରୁ ଇସ୍ତଫା ଦେଇଛନ୍ତି।
- ପ୍ରଧାନମନ୍ତ୍ରୀ ଏଚ୍.ଡି. ଦେବେଗୌଡ଼ା କର୍ଣ୍ଣାଟକରୁ ରାଜ୍ୟସଭାକୁ ବିନା ପ୍ରତିଦ୍ୱନ୍ଦ୍ୱିତାରେ ନିର୍ବାଚିତ ଘୋଷିତ ହୋଇଛନ୍ତି।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 5 | | | | | | | | |
| | 3 | 7 | | | | | | |
| 9 | 4 | 2 | | | 3 | 8 | | |
| | 1 | | | | | | | 9 |
| 4 | | | | 8 | | 3 | 5 | |
| | | 3 | 7 | | | 2 | 1 | |
| | | | 4 | | | | | |
| | | | 8 | 9 | 2 | 5 | | 7 |
| | | | | | | | | 3 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ବାମ ପାର୍ଶ୍ୱରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 3 | 9 | 4 | 1 | 2 | 6 | 7 | 5 |
| 6 | 7 | 2 | 9 | 3 | 5 | 4 | 1 | 8 |
| 5 | 4 | 1 | 6 | 7 | 8 | 9 | 2 | 3 |
| 3 | 1 | 8 | 5 | 2 | 6 | 7 | 9 | 4 |
| 7 | 9 | 5 | 1 | 4 | 3 | 2 | 8 | 6 |
| 4 | 2 | 6 | 8 | 9 | 7 | 3 | 5 | 1 |
| 1 | 6 | 7 | 3 | 8 | 9 | 5 | 4 | 2 |
| 9 | 5 | 4 | 2 | 6 | 1 | 8 | 3 | 7 |
| 2 | 8 | 3 | 7 | 5 | 4 | 1 | 6 | 9 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଅହିଂସାର ଶକ୍ତି

ମହାଶୟ,

ଜାତିର ଜନକ ଓ ଭାରତୀୟ ମୁକ୍ତି ସଂଗ୍ରାମର ମହାନାୟକ ମହାତ୍ମା ଗାନ୍ଧୀ ସତ୍ୟ ଓ ଅହିଂସାର ପରମ ପୂଜାରୀ ଥିଲେ। ସତ୍ୟ ଓ ଅହିଂସା ମାର୍ଗକୁ ଅନୁଗ୍ରହଣ କରି ସ୍ୱାଧୀନତା ସଂଗ୍ରାମର ସଫଳ ନେତୃତ୍ୱ ନେଇଥିଲେ। ସମ୍ପ୍ରତି ମହାତ୍ମା ଗାନ୍ଧୀଙ୍କ ନୀତି, ଆଦର୍ଶକୁ ଆମ୍ଭେମାନେ ଭୁଲିଯାଉଥିବା ଚିନ୍ତାର ବିଷୟ। ଏବେ ଚାରିଆଡ଼େ ହିଂସାର ରାଜୁତି ଚାଲିଛି। ଏଣୁ ଗାନ୍ଧୀଙ୍କ ନୀତି ଓ ଆଦର୍ଶରେ ଦେଶବାସୀ ଅନୁପ୍ରାଣିତ ହେବାର ଆବଶ୍ୟକତା ରହିଛି।

**-ସଞ୍ଜୟ କୁମାର ମହାନ୍ତି, ହାଜିପୁର, ବିରିଡ଼ି, ଜଗତ୍‌ସିଂହପୁର**

## ଚିରନ୍ତନୀ

ପରଶିଛି ପଥେ ପଥେ
ହରଷାଇ ଘାସରେ
ପରାଚୀର ପରଥମ ହାସରେ !
ତାରକା ଖଚିତ ନଭେ
ତାହାରି ପରଶ ଦ୍ରବେ
ପଞ୍ଚମୀ ଜୋଛନାର ପ୍ରାସରେ
ପରଶିଛି ହରଷାଇ ଘାସରେ ! -(ଶିଶିର-ହାସ୍ୟ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୨୩,୦୦,୨୨,୮୪୩ | ୪୭,୧୬,୯୮୩ | ୨୦,୬୭,୧୨,୫୧୨ |
| ଭାରତ | ୩,୩୫,୨୪,୧୩୪ | ୪,୪୫,୬୯୯ | ୩,୨୭,୬୮,୭୦୩ |
| ଓଡ଼ିଶା | ୧୦,୨୧,୨୧୬ | ୮୧୪୬(+୫୩) | ୧୦,୦୮,୨୨୨ |

ମଙ୍ଗଳବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# ଅଧିକ ପେନ୍‌କିଲର କିଡ୍‌ନୀ ପାଇଁ ବିପଦ

**ଆଜିକାଲି ଘରେ ଘରେ ଲୋକେ ବିଭିନ୍ନ ପ୍ରକାର ରୋଗରେ ପୀଡ଼ିତ ଥିବା ଦେଖିବାକୁ ମିଳୁଛି। ସେମାନଙ୍କ ମଧ୍ୟରେ କିଡ୍‌ନୀ ରୋଗୀ ବି ଅଧିକ। ତେବେ କିଡ୍‌ନୀ ରୋଗ କାହିଁକି ହୁଏ, ଏହାର ନିରାକରଣ, ଚିକିତ୍ସା କିପରି ହୁଏ ସେ ସମ୍ପର୍କରେ ନେଫ୍ରୋଲୋଜିଷ୍ଟ ଡା. ବିବେକାନନ୍ଦ ପଣ୍ଡାଙ୍କ ସହିତ ଧରିତ୍ରୀର ଅସମାପିକା ସାହୁଙ୍କ ଆଳାପ। ବାଲେଶ୍ୱରରେ ଜନ୍ମଗ୍ରହଣ କରିଥିବା ଡା. ପଣ୍ଡା ବ୍ରହ୍ମପୁର ଏମ୍‌କେସିଜିରୁ ୧୯୯୧ରେ ଏମ୍‌ବିବିଏସ୍ ପାସ୍ କରିବା ପରେ କଟକ ଏସ୍‌ସିବିରେ ମେଡିସିନ୍‌ରେ ପିଜି କରିଥିଲେ। ଏହାପରେ କୋଏମ୍ବାଟୁରରେ ସୁପର ସ୍ପେଶାଲାଇଜେଶନ କରିଥିଲେ। ସ୍ୱାସ୍ଥ୍ୟସେବାରେ ତାଙ୍କର ୨୫ବର୍ଷର ଅଭିଜ୍ଞତା ରହିଛି।**


ଡା. ବିବେକାନନ୍ଦ ପଣ୍ଡା

ଧରିତ୍ରୀ ଆଳାପ

**ପ୍ରଶ୍ନ– କିଡ୍‌ନୀ ରୋଗ କେତେ ପ୍ରକାର?**
ଉତ୍ତର– କିଡ୍‌ନୀ ରୋଗକୁ ଦୁଇ ଭାଗରେ ବିଭକ୍ତ କରାଯାଇପାରିବ। ଗୋଟେ ହେଉଛି ଆକ୍ୟୁଟ୍ କିଡ୍‌ନୀ ଡିଜିଜ୍ ଓ ଅନ୍ୟଟି କ୍ରନିକ୍ କିଡ୍‌ନୀ ଡିଜିଜ୍। ଆକ୍ୟୁଟ୍ କିଡ୍‌ନୀ ଡିଜିଜ୍‌ରେ କିଛି ସମୟ ପାଇଁ କିଡ୍‌ନୀ ଖରାପ ହୋଇଥାଏ। ତାହା ଚିକିତ୍ସା କରାଗଲେ ସମ୍ପୂର୍ଣ୍ଣ ଠିକ୍ ହୋଇପାରେ। ରୋଗୀ ସମ୍ପୂର୍ଣ୍ଣ ସୁସ୍ଥ ହୋଇଯାଆନ୍ତି। କିନ୍ତୁ କ୍ରନିକ୍ କିଡ୍‌ନୀ ଡିଜିଜ୍ ହେଲେ ଭଲ ହୋଇପାରିବ ନାହିଁ। ତାହା ଧୀରେ ଧୀରେ ଆଗକୁ ଖରାପ ହୋଇଯିବ। ଆଉ ତାହା ଡାଏଲିସିସ୍ ଓ କିଡ୍‌ନୀ ପ୍ରତିରୋପଣ ପର୍ଯ୍ୟନ୍ତ ଦରକାର ପଡ଼ିପାରେ।

**ପ୍ରଶ୍ନ– କ୍ରନିକ୍ କିଡ୍‌ନୀ ଡିଜିଜ୍ କ’ଣ?**
ଉତ୍ତର– ଏହାର ୫ଟି ଷ୍ଟେଜ୍ ରହିଛି। ଯଦି ଷ୍ଟେଜ୍ ୨ କିମ୍ବା ୩ରେ ଥିବ, ତାକୁ ଚିକିତ୍ସା କରାଯାଇ ଆଗକୁ ଖରାପ ହେବାରୁ ରୋକାଯାଇପାରିବ। ଏଥିରେ ଚିକିତ୍ସା ଜାରି ରହିବ ଓ ସାରା ଜୀବନ ଔଷଧ ଖାଇବାକୁ ପଡ଼ିବ। କିନ୍ତୁ ୫ମ ଷ୍ଟେଜ୍ ଥିବା ବେଳେ କିଡ୍‌ନୀ ଠିକ୍ ହେବାର ସମ୍ଭାବନା ନ ଥାଏ। ସେତେବେଳେ ଡାଏଲିସିସ୍ କିମ୍ବା କିଡ୍‌ନୀ ପ୍ରତିରୋପଣ ଆବଶ୍ୟକ ପଡ଼େ।

**ପ୍ରଶ୍ନ– ସାଧାରଣ ଲୋକ କିଡ୍‌ନୀ ରୋଗରେ ପୀଡ଼ିତ ବୋଲି ଜାଣିବେ କେମିତି ?**
ଉତ୍ତର– ସାଧାରଣ ଲୋକ କିଡ୍‌ନୀ ରୋଗରେ ପୀଡ଼ିତ ବୋଲି ଜାଣିବା କଷ୍ଟ। କାରଣ କିଡ୍‌ନୀ ରୋଗ ୯୦% ରୋଗୀଙ୍କଠାରେ ସାଇଲେଣ୍ଟ ହୋଇଥାଏ। ଯେ ପର୍ଯ୍ୟନ୍ତ ଗୋଡ଼ ନ ଫୁଲିଛି, ପରିସ୍ରା ଫେଣ ନ ହୋଇଛି ସେ ପର୍ଯ୍ୟନ୍ତ ଜାଣିପାରନ୍ତି ନାହିଁ। ସେହିପରି ବ୍ଲଡ୍ ପ୍ରେସର ବଢ଼ିଯାଇଥିବ, ରକ୍ତହୀନତା, ଶରୀର କୁଣ୍ଢେଇ ହେବା, ଭୋକ କମ୍ ହେବା, ଧଇଁ ସଇଁ ଲାଗିବା, ଦୁର୍ବଳ ଲାଗିବା ମଧ୍ୟ ଏହାର ଲକ୍ଷଣ।

**ପ୍ରଶ୍ନ– ଏ ସବୁ ଲକ୍ଷଣ ଦେଖାଗଲେ ପ୍ରଥମେ କ’ଣ ଟେଷ୍ଟ କରିବା ଉଚିତ?**
ଉତ୍ତର– ପ୍ରଥମେ ୟୁରିନ୍‌ରେ ପ୍ରୋଟିନ୍ ଟେଷ୍ଟ କରିଦେବା ଉଚିତ। ପ୍ରାୟ ୭୦% କିଡ୍‌ନୀ ରୋଗୀଙ୍କ ପରିସ୍ରାରେ ପ୍ରୋଟିନ୍ ଯାଉଥାଏ। ତେଣୁ ପ୍ରୋଟିନ୍ ଟେଷ୍ଟ କରିଦେଲେ ଜଣାପଡ଼ିବ। ତା’ପରେ ୟୁରିଆ କ୍ରିଏଟିନିନ ଟେଷ୍ଟ କରିବା ଉଚିତ। ଅଲଟ୍ରାସାଉଣ୍ଡ ଓ ହିମୋଗ୍ଲୋବିନ ଟେଷ୍ଟ କଲେ ବି ଜଣାପଡ଼ିବ। ତେଣୁ ୟୁରିନ୍, ବ୍ଲଡ୍ ଟେଷ୍ଟ ଓ ଅଲଟ୍ରାସାଉଣ୍ଡ କରି ଅଳ୍ପ ଟଙ୍କା ଖର୍ଚ୍ଚରେ କିଡ୍‌ନୀ ରୋଗ ହୋଇଛି କି ନାହିଁ ଜାଣିପାରିବେ।

**ପ୍ରଶ୍ନ– ଜଣେ ରୋଗୀର ଯଦି ଗୋଟେ କିଡ୍‌ନୀ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିବ, ତେବେ ସେ କେତେ ଦିନ ବଞ୍ଚିପାରିବ?**
ଉତ୍ତର– ଗୋଟେ କିଡ୍‌ନୀ ଥିଲେ ବି ଜଣେ ଲୋକ ଯେତିକି ଦିନ ବଞ୍ଚିବା କଥା ବଞ୍ଚିବେ। ତାଙ୍କର କୌଣସି ଅସୁବିଧା ହେବାର ନାହିଁ। କେବଳ ସେ କିଛି ପେନ୍‌କିଲର ମେଡିସିନଠାରୁ ଦୂରେଇ ରହିବେ।

**ପ୍ରଶ୍ନ– ଅଧିକ ପେନ୍‌କିଲର ଖାଇଲେ କିଡ୍‌ନୀ ଉପରେ ପ୍ରଭାବ ପକାଏ ବୋଲି କୁହାଯାଏ। ଏହା କେତେଦୂର ଠିକ୍?**
ଉତ୍ତର– ଏହା ସମ୍ପୂର୍ଣ୍ଣ ଠିକ୍। ଅଧିକ ପେନ୍‌କିଲର ବେଶି ଦିନ ଖାଇଲେ କିଡ୍‌ନୀ ରୋଗ ହେବା ପ୍ରାୟ ନିଶ୍ଚୟ।

**ପ୍ରଶ୍ନ– କିଡ୍‌ନୀ ରୋଗରେ ଜଣେ ପୀଡ଼ିତ ହେବା ପରେ ଅନ୍ୟ ରୋଗର ସମ୍ଭାବନା ଥାଏ କି ?**
ଉତ୍ତର– ନିଶ୍ଚୟ। କିଡ୍‌ନୀ ରୋଗରେ ଜଣେ ମରିବା ଆଶଙ୍କା କମ୍। କିନ୍ତୁ କିଡ୍‌ନୀ ରୋଗୀ ହୃଦ୍‌ରୋଗରେ ମରିବା ଆଶଙ୍କା ଅଧିକ। କାରଣ କିଡ୍‌ନୀ ରୋଗ ହେଲେ ତାହା ହାର୍ଟକୁ ୫୦ରୁ ୬୦% ରୋଗ ବଢ଼ାଇଦେବ। ଆଉ କିଛି ରୋଗୀ ବ୍ରେନ୍ ଷ୍ଟ୍ରୋକ୍‌ରେ ମରିଥାନ୍ତି। କାରଣ ସେମାନଙ୍କର ବ୍ଲଡ୍ ପ୍ରେସର ଅଧିକ ଥାଏ। କିଡ୍‌ନୀ ରୋଗୀଙ୍କ ଶରୀରରେ ଇମ୍ୟୁନିଟି ପାୱାର କମ୍ ଥାଏ। ତେଣୁ ସେମାନଙ୍କର ବିଭିନ୍ନ ପ୍ରକାରର ସଂକ୍ରମଣ ହେବାର ଆଶଙ୍କା ଅଧିକ ଥାଏ।

**ପ୍ରଶ୍ନ– କିଡ୍‌ନୀ ପ୍ରତିରୋପଣ କେତେବେଳେ ଆବଶ୍ୟକ ପଡ଼େ?**
ଉତ୍ତର– ଯେତେବେଳେ କିଡ୍‌ନୀ ଫଙ୍କ୍‌ଶନ୍ ୧୫%ରୁ କମିଯାଏ ଓ ଷ୍ଟେଜ୍–୫ରେ ଥାଏ, ସେତେବେଳେ କେବଳ ସାହାରା ହେଉଛି ଡାଏଲିସିସ୍ ଓ କିଡ୍‌ନୀ ପ୍ରତିରୋପଣ। ଡାଏଲିସିସ୍ ହେଉଛି ଟେମ୍ପୋରାରି ଟ୍ରିଟ୍‌ମେଣ୍ଟ। ଯଦି ଜଣେ ରୋଗୀ ସପ୍ତାହକୁ ଦୁଇ ଥରରୁ ତିନିଥର ଡାଏଲିସିସ୍ କରନ୍ତି, ବ୍ଲଡ୍ ପ୍ରେସର ନିୟନ୍ତ୍ରଣ କରନ୍ତି, ଖାଦ୍ୟ ଓ ପାଣି ପିଇବାରେ କଣ୍ଟ୍ରୋଲ କରନ୍ତି, ତେବେ ବିନା କିଡ୍‌ନୀ ପ୍ରତିରୋପଣରେ ବି ସେ ସୁସ୍ଥ ରହିପାରିବେ। ସେ ନିଶ୍ଚୟ ୨୦ବର୍ଷ ପର୍ଯ୍ୟନ୍ତ ଭଲରେ ରହିପାରିବେ। କିନ୍ତୁ ଡାଏଲିସିସ୍ ବହୁତ ବ୍ୟୟବହୁଳ। ସେଥିପାଇଁ କିଡ୍‌ନୀ ପ୍ରତିରୋପଣ କରିବା ପାଇଁ ଲୋକେ ଚାହିଁଥାନ୍ତି।

**ପ୍ରଶ୍ନ– କିଡ୍‌ନୀ ରୋଗୀ ସଂଖ୍ୟା ବଢ଼ିବାର କାରଣ କ’ଣ ?**
ଉତ୍ତର– ପ୍ରଥମ କାରଣ ହେଉଛି ମଧୁମେହ ରୋଗୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଦ୍ୱିତୀୟତଃ ଆମର ଖାଦ୍ୟପେୟରେ କୌଣସି କଣ୍ଟ୍ରୋଲ ନାହିଁ।

**ପ୍ରଶ୍ନ– କେଉଁ ଖାଦ୍ୟଠାରୁ ଦୂରେଇ ରହିବା ଉଚିତ?**
ଉତ୍ତର– ଜଙ୍କ୍ ଫୁଡ୍, ଫାଷ୍ଟ ଫୁଡ୍‌ଠାରୁ ଦୂରେଇ ରହିବା ନିହାତି ଆବଶ୍ୟକ। ଯେଉଁଥିରେ ପ୍ରୋଟିନ୍ ଅଧିକ ଅଛି, ସେସବୁ ନିୟନ୍ତ୍ରଣରେ ଖାଇବା ଉଚିତ। ଆଜିକାଲି ଯେଉଁମାନେ ଜିମ୍ ଯାଉଛନ୍ତି, ଅଧିକାଂଶ ପ୍ରୋଟିନ୍ ପାଉଡର ଖାଉଛନ୍ତି। ଏହି ପ୍ରୋଟିନ ପାଉଡର କିଡ୍‌ନୀ ପାଇଁ ଭଲ ନୁହେଁ।

**ପ୍ରଶ୍ନ– ଆପଣ ଦୁଇ ରୋଗୀଙ୍କ କାଡାଭେରିକ୍ ଟ୍ରାନ୍ସପ୍ଲାଣ୍ଟ କରିଛନ୍ତି। କ’ଣ କହିବେ ଏ ସମ୍ପର୍କରେ?**
ଉତ୍ତର– ଦୁଇଜଣ ରୋଗୀ ଏବେ ସୁସ୍ଥ ଅଛନ୍ତି। ସେମାନେ ସୁସ୍ଥ ଜୀବନଯାପନ ବିତାଉଛନ୍ତି। ବାହାର ରାଜ୍ୟରେ କାଡାଭେରିକ୍ ଟ୍ରାନ୍ସପ୍ଲାଣ୍ଟ ବହୁତ କରାଯାଉଛି। ଏଠାରେ ସଚେତନର ଅଭାବ ରହିଛି। ତେଣୁ ଲୋକଙ୍କୁ ମୋର ଅନୁରୋଧ ଯାହାର ଦୁର୍ଘଟଣାରେ ମୃତ୍ୟୁ ହେଉଛି, ସେମାନଙ୍କ ପରିବାର ଅଙ୍ଗଦାନ କରିଲେ ଅନେକ ଲୋକଙ୍କ ଜୀବନ ବଞ୍ଚିପାରନ୍ତା।

**ପ୍ରଶ୍ନ– ସମୟ ମିଳିଲେ କ’ଣ କରନ୍ତି?**
ଉତ୍ତର– ବହି ପଢ଼ିବାକୁ ଭଲପାଏ। ଆଉ କ୍ରିକେଟ୍ ପ୍ରତି ଦୁର୍ବଳତା ରହିଛି, ତେଣୁ କ୍ରିକେଟ୍ ଦେଖେ।

**ପ୍ରଶ୍ନ– କେଉଁ ଲେଖକଙ୍କ ପୁସ୍ତକ ପଢ଼ିବାକୁ ପସନ୍ଦ କରନ୍ତି?**
ଉତ୍ତର– ସ୍ୱାମୀ ବିବେକାନନ୍ଦ, ଅବଦୁଲ କଲାମଙ୍କ ବହି ପଢ଼େ।

**ପ୍ରଶ୍ନ– କ୍ରିକେଟ୍‌ରେ ପ୍ରିୟ ଖେଳାଳି?**
ଉତ୍ତର– ପୂର୍ବରୁ କପିଳ ଦେବ, ସଚିନ ତେନ୍ଦୁଲକର, ରାହୁଲ ଦ୍ରାବିଡ଼ ଥିଲେ। ଏବେ ବିରାଟ କୋହଲି ଭଲ ଲାଗୁଛନ୍ତି।

## ଯୁବକଙ୍କୁ ଗଛରେ ବାନ୍ଧି ମାଡ଼, ଭିଡିଓ ଭାଇରାଲ


**ହିଞ୍ଜିଳିକାଟୁ,୨୧।୯(ଡି.ଏନ୍.ଏ.):** ଗଞ୍ଜାମ ଜିଲା ହିଞ୍ଜିଳି ଥାନା ଅଞ୍ଚଳର ଜଣେ ଯୁବକଙ୍କୁ ସୋମବାର ରାତିରେ ଗଛରେ ବାନ୍ଧି ନିସୁକ ପିଟିଛନ୍ତି ଗ୍ରାମବାସୀ। ମାଡ଼ ମାରିବାର ଏକ ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଛି। ଯୁବକ ଜଣକ ରାତିରେ ଗ୍ରାମର ଜଣେ ବ୍ୟକ୍ତିଙ୍କ ଘରେ ପଶିଥିବାରୁ ତାଙ୍କୁ ଗଛରେ ବାନ୍ଧି ଲୋକେ ମାଡ଼ ମାରିଥିଲେ। ମଙ୍ଗଳବାର ସମ୍ପୃକ୍ତ ଯୁବକଙ୍କୁ ଗ୍ରାମବାସୀ ହିଞ୍ଜିଳି ଥାନା ପୋଲିସ ଜିମା ଦେଇଛନ୍ତି। ଏନେଇ କୌଣସି ମାମଲା ରୁଜୁ ହୋଇନାହିଁ।

## ଟିକା ନେବାର ୩ ଘଣ୍ଟା ପରେ ମହିଳାଙ୍କ ମୃତ୍ୟୁ

**ଉମରକୋଟ,୨୧।୯(ସ୍ୱ.ପ୍ର.):** କରୋନା ଟିକା ନେବାର ୩ ଘଣ୍ଟା ପରେ ଜଣେ ଆଦିବାସୀ ମହିଳାଙ୍କ ମୃତ୍ୟୁ ହୋଇଥିବା ତାଙ୍କ ପରିବାର ଲୋକେ ଅଭିଯୋଗ ଆଣିଛନ୍ତି। ମୃତକ ହେଲେ ନବରଙ୍ଗପୁର ଜିଲା ଉମରକୋଟ ବ୍ଲକ ମାଲବେଡା ଗ୍ରାମର ସୁକୁରି ଭତରା(୫୦)। ସୁକୁରି ପ୍ରଥମ ଡୋଜ୍ କରୋନା ଟିକା ନେବାକୁ ନିକଟସ୍ଥ ରାଜପୁର ଗ୍ରାମକୁ ଯାଇଥିଲେ। ମଙ୍ଗଳବାର ସକାଳେ ଟିକା ନେଇ ସେଠାରେ ଅଧଘଣ୍ଟା ବିଶ୍ରାମ କରି ଫେରିଥିଲେ। ଘରକୁ ଯିବା ବାଟରେ ଟିକା ପ୍ରମାଣପତ୍ର କାଢ଼ିବାକୁ ସିଂସାରୀ ଗାଁରେ ଅଟକି ଥିଲେ। ହଠାତ୍ ସେ ବେହୋସ୍ ହୋଇଯିବାରୁ ସ୍ଥାନୀୟ ଲୋକେ ତାଙ୍କୁ ସିଂସାରୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରୁ ତାଙ୍କୁ ଉମରକୋଟ ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ହୋଇଛି। ମୃତଦେହକୁ ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି। ଟିକା ନେବା କାରଣରୁ ମୃତ୍ୟୁ ହୋଇଛି କି ନାହିଁ ବ୍ୟବଚ୍ଛେଦ ପରେ ସ୍ପଷ୍ଟ ହେବ ବୋଲି ପୂଜାରୀଗୁଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମେଡିକାଲ୍ ଅଫିସର ଡ. ଅଭୟ କୁମାର ଦେ କହିଛନ୍ତି।

**NOTIFICATION**
This is for the information of all concerned that M/s Assotech Sun Growth Abode LLP, At-Rudrapur, Bhubaneswar, Dist.-Khurdha, Odisha has accorded Environmental Clearance from State Environment Impact Assessment Authority (SEIAA), Odisha for construction of Proposed Multistoried Residential Building "Assotech Pride" with built up area 143861.14 Sqm. at Mouza-Rudrapur, Bhubaneswar, Dist.-Khurdha, Odisha.
A copy of the said clearance letter No-7484/SEIAA Dated 06th November 2019 is available with the website of the SEIAA at http://www.orissaseiaa.gov.in/








# ୧୦ ଜିଲାର ଏସ୍‌ଏଚ୍‌ଜିଙ୍କୁ ଦକ୍ଷତା ତାଲିମ

**ଜାତିସଂଘ ମହିଳା ଏବଂ ଓଏସ୍‌ଡିଏ ବୁଝାମଣାପତ୍ର**
- ୩ ଆଇଟିଆଇରେ ଗଠନ ହେବ ମହିଳା ଫୁଟ୍‌ବଲ ଦଳ
- କୋରାପୁଟ, ବଲାଙ୍ଗୀରରେ ଭଲିବଲ କୋର୍ଟ

ଭୁବନେଶ୍ୱର, ୨୧।୯(ବ୍ୟୁରୋ)

ମିଳିତ ଜାତିସଂଘ ମହିଳା (ୟୁଏନ୍ ୱିମେନ୍)ର ଭାରତ ପ୍ରତିନିଧି ସୁଶାନ ଜେନ୍ ଫର୍ଗୁଶନ୍ ପ୍ରଥମ ଓଡ଼ିଶା ଗସ୍ତରେ ଆସିଛନ୍ତି। ତାଙ୍କ ନେତୃତ୍ୱରେ ଆସିଥିବା ପ୍ରତିନିଧି ଦଳ ମଙ୍ଗଳବାର ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ(ଓଏସ୍‌ଡିଏ) ଅଧ୍ୟକ୍ଷ ସୁବ୍ରତୋ ବାଗ୍‌ଚୀଙ୍କୁ ସାକ୍ଷାତ କରିଛନ୍ତି। ଏଥିସହ ଓଡ଼ିଶାରେ ମହିଳାଙ୍କ ଦକ୍ଷତାବୃଦ୍ଧି କ୍ଷେତ୍ରରେ ବିଭିନ୍ନ ପଦକ୍ଷେପ ନେଇ ସହଭାଗିତା ନିମନ୍ତେ ଏକ ବୁଝାମଣାପତ୍ର ସ୍ୱାକ୍ଷର ହୋଇଛି। ବୁଝାମଣାର ଅଂଶ ଭାବରେ ଓଡ଼ିଶାର ୧୦ଟି ଆକାଂକ୍ଷୀ ଜିଲାରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ(ଏସ୍‌ଏଚ୍‌ଜି)ଙ୍କୁ ସେମାନଙ୍କ ଉତ୍ପାଦର ଅନ୍‌ଲାଇନ୍ ବିକ୍ରୟ ପାଇଁ ଡିଜିଟାଲ ମାର୍କେଟିଂ ସହ ଔଦ୍ୟୋଗିକତା ଉପରେ ତାଲିମ ପ୍ରଦାନ କରାଯିବ। ବାଲେଶ୍ୱର, ବ୍ରହ୍ମପୁର ଏବଂ ରାଉରକେଲାର ସରକାରୀ ଆଇଟିଆଇରେ ମହିଳା ଫୁଟବଲ ଦଳ ଏବଂ କୋରାପୁଟ ଗୋପବନ୍ଧୁ ଆଇଟିଆଇ ଓ ବଲାଙ୍ଗୀର ସରକାରୀ ଆଇଟିଆଇଠାରେ ଭଲିବଲ କୋର୍ଟ ନିମନ୍ତେ ଜାତିସଂଘ ମହିଳା ସହଯୋଗ କରିବ। ଭୁବନେଶ୍ୱରସ୍ଥିତ ୱାର୍ଲ୍ଡ ସ୍କିଲ୍ ସେଣ୍ଟରରେ ମହିଳାଙ୍କୁ ମୁଖ୍ୟସ୍ରୋତରେ ସାମିଲ କରିବା ନେଇ ନୀତି, ପାଠ୍ୟକ୍ରମ ଏବଂ ନିଯୁକ୍ତି ନିମନ୍ତେ କାର୍ଯ୍ୟ ଆରମ୍ଭ ହେବ। ମୟୂରଭଞ୍ଜ, ରାୟଗଡ଼ା ଓ ଢେଙ୍କାନାଳ ଜିଲାର ସରକାରୀ ଆଇଟିଆଇ ଏବଂ ପଲିଟେକ୍‌ନିକଗୁଡ଼ିକରେ ସେକେଣ୍ଡ ଚାନ୍ସ ଏଜୁକେଶନ କାର୍ଯ୍ୟକ୍ରମକୁ କାର୍ଯ୍ୟକାରୀ କରାଯାଇଥିବା ବାଗ୍‌ଚୀ କହିଛନ୍ତି। ପରେ ଏହି ପ୍ରତିନିଧି ଦଳ ମଞ୍ଚେଶ୍ୱରସ୍ଥିତ ୱାର୍ଲ୍ଡ ସ୍କିଲ୍ ସେଣ୍ଟର ପରିଦର୍ଶନ କରି ଓଏସ୍‌ଡିଏ ସିଇଓ ତଥା ବୈଷୟିକ ଶିକ୍ଷା ଏବଂ ପ୍ରଶିକ୍ଷଣ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ରେଘୁ ଜି.ଙ୍କ ସହ ସାକ୍ଷାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜାତିସଂଘ ମହିଳା ଏସ୍‌ସିଇର ରାଷ୍ଟ୍ରୀୟ କାର୍ଯ୍ୟକ୍ରମ ପ୍ରବନ୍ଧକ କାନ୍ତା ସିଂ, ବୈଷୟିକ ପରାମର୍ଶଦାତା (ଜେଣ୍ଡର) ସ୍ମିତା ଜଗଦେବ ଏବଂ ଅତିରିକ୍ତ ସଚିବ ପିନାକୀ ପଟ୍ଟନାୟକ ମଧ୍ୟ ଉପସ୍ଥିତ ଥିଲେ।


ୟୁଏନ୍ ମହିଳା ପ୍ରତିନିଧି ଦଳଙ୍କ ସହ ଭୁବନେଶ୍ୱରଠାରେ ଓଏସ୍‌ଡିଏ ଅଧ୍ୟକ୍ଷ ସୁବ୍ରତୋ ବାଗ୍‌ଚୀ ଆଲୋଚନା କରୁଛନ୍ତି।

## ବର୍ଷାରେ ଭୁଶୁଡ଼ିଲା କାନ୍ଥ, ବର୍ତ୍ତିଲେ ଶାଶୁ,ବୋହୂ

କାଳିଆପାଣି,(ଡି.ଏନ.ଏ.): ବର୍ଷା ଯୋଗୁ ସୁକିନ୍ଦା ବ୍ଲକ ଅଞ୍ଚଳର ବହୁ ଗ୍ରାମରେ ଘର ଭୁଶୁଡ଼ି ପଡ଼ିଥିବା ଜଣାପଡ଼ିଛି। ସେହିପରି ରୋଷେଇ କରୁଥିବାବେଳେ କାନ୍ଥ ଭୁଶୁଡ଼ିଥିଲେ ମଧ ଶାଶୁ,ବୋହୂ ବର୍ତ୍ତି ଯାଇଛନ୍ତି। ସୂଚନା ଅନୁଯାୟୀ, ମଙ୍ଗଳବାର ମଧାହ୍ନରେ ୩ ଘଣ୍ଟା ଧରି ବର୍ଷା ହୋଇଥିଲା। ଏହି ସମୟରେ କାଳିଆପାଣି ଗ୍ରାମର ସ୍ୱର୍ଗତ ଯୋଗୀ ପଲେଇଙ୍କ ସ୍ତ୍ରୀ ଓ ତାଙ୍କ ମା' ରୋଷେଇ କରୁଥିଲେ। ତେବେ ହଠାତ୍ ଘର କାନ୍ଥ ଭୁଶୁଡ଼ି ପଡ଼ିଥିଲା। ଶାଶୁ, ବୋହୂ ଜୀବନ ବିକଳରେ ଘର ବାହାରକୁ ପଳାଇ ଆସିବାରୁ ବଡ଼ ଦୁର୍ଘଟଣାରୁ ବର୍ତ୍ତି ଯାଇଥିଲେ। ବର୍ଷା ଯୋଗୁ ରାଁସୋଳ ପଞ୍ଚାୟତର ଅଭିରାମ ମହାନ୍ତ, ଦନାର୍ଦ୍ଦନ ମହାନ୍ତଙ୍କ ସମେତ ଅନ୍ୟ କେତେଜଣଙ୍କ ଘର ଭୁଶୁଡ଼ି ପଡ଼ିଥିବା ଖବର ମିଳିଛି।

**ସଂକ୍ଷେପରେ**

## ରାଜସ୍ୱ ନିରୀକ୍ଷକଙ୍କୁ ହତ୍ୟା ଧମକ ଅଭିଯୋଗ

**ଚଣ୍ଡିଖୋଲ,୨୧।୯(ଡି.ଏନ.ଏ.):** ଯାଜପୁର ଜିଲା ଦର୍ପଣ ତହସିଲ ଅନ୍ତର୍ଗତ ବରଦା ରାଜସ୍ୱ ନିରୀକ୍ଷକ ଲକ୍ଷ୍ମୀପ୍ରିୟା ଦାସଙ୍କୁ କେତେଜଣ ବ୍ୟକ୍ତି ହତ୍ୟା ଧମକ ଦେବା ସହ ଗାଳିଗୁଲଜ କରିଥିବା ନେଇ ବାଲିଚନ୍ଦ୍ରପୁର ଥାନାରେ ଅଭିଯୋଗ ହୋଇଛି। ପୋଲିସ ନଂ.୨୯୧/୨୧ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଅଭିଯୋଗ ଅନୁଯାୟୀ, ୧୭ ତାରିଖରେ ରାଜସ୍ୱ ନିରୀକ୍ଷକ ଦାସ ବରଦାସ୍ଥିତ ନିଜ କାର୍ଯ୍ୟାଳୟରୁ ଫେରୁଥିଲେ। ବାଲିପଡ଼ିଆ ଗ୍ରାମର କେତେଜଣ ଯୁବକ ବରଦାଠାରେ ତାଙ୍କୁ ଅଟକାଇ ଗାଳିଗୁଲଜ କରିବା ସହ ହତ୍ୟା ଧମକ ଦେଇଥିଲେ। ଜଣେ ଦଳିତ ମହିଳା ହୋଇଥିବାରୁ ତାଙ୍କ ଉପରେ ବାରମ୍ବାର ଏଭଳି ଆକ୍ରୋଶ ରଖି ଧମକ ଚମକ ଦିଆଯାଉଥିବା ସେ ଅଭିଯୋଗରେ ଦର୍ଶାଇଛନ୍ତି। ଏତଲାକୁ ଭିତ୍ତିକରି ଯାଜପୁର ଏସ୍‌ଡିପିଓ ଚିନ୍ମୟ କୁମାର ନାୟକ ସୋମବାର ଘଟଣାସ୍ଥଳ ପରିଦର୍ଶନ କରିବା ସହ ତଦନ୍ତ କରି ଫେରିଛନ୍ତି।

## ଚଣ୍ଡିଖୋଲ ଫାଣ୍ଡିରୁ ଅଭିଯୁକ୍ତ ଫେରାର

**ଚଣ୍ଡିଖୋଲ,୨୧।୯(ଡି.ଏନ.ଏ.):** ଚଣ୍ଡିଖୋଲ ଫାଣ୍ଡିରୁ ମଙ୍ଗଳବାର ଜଣେ ଅଭିଯୁକ୍ତ ଫେରାର ହୋଇ ଯାଇଛନ୍ତି। ତାଙ୍କୁ କାବୁ କରିବାକୁ ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଛି। ସେ ହେଲେ ବଡ଼ଚଣା ଥାନା ତଥା ଚଣ୍ଡିଖୋଲ ଫାଣ୍ଡି ଅଧୀନ ନିଶିମଳା ଗ୍ରାମର ଦିବ୍ୟରଞ୍ଜନ ଜେନା ଓରଫ ସିକୁଆ। ତାଙ୍କ ନାମରେ ବିଭିନ୍ନ ଥାନାରେ ମାମଲା ରହିଛି। ଏହା ସହ ପୁରୁଣା ଅଭିଯୋଗ ଥିଲା। ଫାଣ୍ଡି ଅଧିକାରୀ ଚିତ୍ତରଞ୍ଜନ ଜେନା ସୋମବାର ସିକୁଆଙ୍କୁ ଧରି ଫାଣ୍ଡିକୁ ଆଣିଥିଲେ। ମଙ୍ଗଳବାର ସକାଳେ ସେ ଶୌଚ ହେବାକୁ ଯାଇଥିଲେ। ଏହି ସମୟରେ ଦୁଇ ଜଣ କନଷ୍ଟେବଳ ତାଙ୍କୁ ଜଗିଥିଲେ। ମାତ୍ର ସିକୁଆ କନଷ୍ଟେବଳ ଦ୍ୱୟଙ୍କୁ ଆକ୍ରମଣ କରି ଫେରାର ହୋଇଯିବାରେ ସକ୍ଷମ ହୋଇଛନ୍ତି ବୋଲି ଫାଣ୍ଡି ପକ୍ଷରୁ କୁହାଯାଇଛି।

## ବିଦେଶୀ ଦୋକାନରେ ଦେଶୀ ମଦ ବେପାର

**ଚଣ୍ଡିଖୋଲ,୨୧।୯(ଡି.ଏନ.ଏ.):** ଦେଶୀ ଓ ବିଦେଶୀ ମଦ ବ୍ୟାପକ ଚୋରାରେ ବିକ୍ରୟ କରାଯାଉଛି। ତେବେ ବିଦେଶୀ ଦୋକାନରେ ମଧ୍ୟ ଦେଶୀ ମଦ ବ୍ୟବସାୟ ଅବାଧରେ ଚାଲିଛି। ବିଦେଶୀ ମଦ ପାଇଁ ଲାଇସେନ୍ସ ଆଣିଥିବା ବେଳେ ଦେଶୀ ମଦ ବିକ୍ରୟ ହେଉଥିବା ଜାଣିବାକୁ ମିଳିଛି। ମଙ୍ଗଳବାର ବାଲିଚନ୍ଦ୍ରପୁର ଥାନା ପତରାଜପୁର କେନାଲ ବନ୍ଧ ନିକଟରେ ଥିବା ଏକ ବିଦେଶୀ ଠିପି ବନ୍ଦ ମଦ ଦୋକାନ ସମ୍ମୁଖରୁ ବାଲିଚନ୍ଦ୍ରପୁର ପୋଲିସ ୧୦୦ ବୋତଲ ଦେଶୀ ମଦ ଜବତ କରିଛି। ମଦ ଆଣିଥିବା ଅଭିଯୋଗରେ ବଡ଼ଚଣା ଥାନା ବାରବାଟୀ ଗ୍ରାମର ଜ୍ୟୋତି ରଞ୍ଜନ ସାହୁଙ୍କୁ ପୋଲିସ ଗିରଫ କରିଛି। ଏନେଇ ଥାନାରେ ମାମଲା ନଂ.୨୯୬/୨୧ ରୁଜୁ ହୋଇଛି। ସେହିପରି ସୋମବାର ଏକ ବିଦେଶୀ ମଦ ଦୋକାନ ସେଲ୍ସ ମ୍ୟାନ୍ ପ୍ରଦୀପ୍ତ ପଣ୍ଡା ବୈରୀ ଅଞ୍ଚଳରୁ ୫ ପେଟି ଦେଶୀ ମଦ ଧରି ବାଇକରେ ଆସୁଥିବା ବେଳେ ବେଣାପୁର ନିକଟରେ ଧରା ପଡ଼ିଛନ୍ତି। ଚଣ୍ଡିଖୋଲ ଫାଣ୍ଡି ପୋଲିସ ତାଙ୍କୁ ଗିରଫ କରିବା ସହ ମଦ ଓ ବାଇକ୍‌କୁ ଜବତ କରିଛି। ତେବେ ବହୁ ସ୍ଥାନରେ ଚୋରା ବ୍ୟବସାୟ ଚାଲିଥିଲା ବେଳେ ଅବକାରୀ ବିଭାଗ ଓ ପୋଲିସ ନିରବଦ୍ରଷ୍ଟା ସାଜିଥିବା ଅଭିଯୋଗ ହୋଇଛି।

# ଅଧାରେ ଅଟକିଛି ବ୍ରାହ୍ମଣୀ, ବିରୂପା ବ୍ରିଜ୍

**ଯାଜପୁର ଅଫିସ,୨୧।୯**

ଯାଜପୁର ଜିଲାର ଯାଜପୁର ଓ ଜାରକା ଗ୍ରାମ୍ୟ ନିର୍ମାଣ ଡିଭିଜନରେ ଠିକାଦାରଙ୍କ ରାଜ୍ ଚାଲିଛି। ରାଜନୈତିକ ବଳରେ ବଳିୟାନ୍ ଠିକାଦାରମାନେ କୌଣସି ସରକାରୀ ତାଗିଦ୍‌କୁ ଭ୍ରୂକ୍ଷେପ କରୁ ନ ଥିବାରୁ ସରକାରୀ ଅର୍ଥ ଠିକ୍ ସମୟରେ ଖର୍ଚ୍ଚ ହୋଇପାରୁନାହିଁ। ଫଳରେ ପ୍ରକଳ୍ପଗୁଡ଼ିକ ଅଧାପନ୍ତରିଆ ଅବସ୍ଥାରେ ପଡ଼ିରହୁଛି। ଏଣୁ ଏଥିରେ ନିର୍ଭରଶୀଳ ଅଞ୍ଚଳବାସୀ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳିଛି। ଏହି କ୍ରମରେ ନାବାର୍ଡ ଅନୁଦାନରେ ବ୍ରାହ୍ମଣୀ ନଦୀର ଅଣିକଣାଠାରେ ବିଜୁ ସେତୁ ଯୋଜନାରେ ହାଇଲେଭଲ ବ୍ରିଜ ନିର୍ମାଣରେ ଅନିୟମିତତା ନେଇ ବିଭାଗ ପକ୍ଷରୁ ସୁପରକ୍ଲାସ ଠିକାଦାର ବିରଜା କନ୍‌ଷ୍ଟ୍ରକ୍ସନକୁ ଜବାବ ତଲବ ହୋଇଛି। ଏହାବାଦ୍ ୬ ବର୍ଷ ହେଲା ବିରୂପା ନଦୀ ଉପରେ ବାହୁଜଙ୍ଗଠାରେ ହାଇଲେଭଲ ବ୍ରିଜ ନିର୍ମାଣ ଶେଷ ହୋଇ ପାରୁ ନ ଥିବାରୁ ଜାରକା ଡିଭିଜନ କର୍ତ୍ତୃପକ୍ଷ ଗ୍ରାମ୍ୟ ଉନ୍ନୟନ ବିଭାଗ ନିକଟରେ ଜବାବ ତଲବ କରିଛନ୍ତି।

ଯାଜପୁର ଜିଲାରେ ମନ୍ଥର ଗତିରେ ବ୍ରିଜ ପ୍ରକଳ୍ପଗୁଡ଼ିକ ଚାଲିଥିବାରୁ ନାବାର୍ଡର

**ବିରଜା କନ୍‌ଷ୍ଟ୍ରକ୍ସନକୁ ଜବାବ ତଲବ**



ବ୍ରାହ୍ମଣୀ ଆନିକଟ୍‌ଠାରେ ଅଧାପନ୍ତରିଆ ବ୍ରିଜ୍।

ମାନଦଣ୍ଡ ପୂରଣ ହୋଇ ପାରୁନାହିଁ। ଏନେଇ ବିଭିନ୍ନ ସମୟରେ ବିଭାଗୀୟ କର୍ତ୍ତୃପକ୍ଷ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଜିଲାରେ ଗ୍ରାମ୍ୟ ନିର୍ମାଣ ବିଭାଗରେ ଗ୍ରାମାଞ୍ଚଳକୁ ଗମନାଗମନ ସୁଯୋଗ ସୃଷ୍ଟି କରିବା ପରିବର୍ତ୍ତେ ଠିକାଦାରି ରାଜନୀତି ଅଣାୟତ୍ତ ହେଉଥିବା ଏଥିରୁ ମନେହୋଇଛି। ଏଥିଯୋଗୁ ଜିଲାର ଶତାଧିକ ଗ୍ରାମାଞ୍ଚଳକୁ କୋର ନେଟ୍‌ୱର୍କ ହିସାବରେ ରାସ୍ତା ସଂଯୋଗ ବାକି ରହିଥିବା ନଜର ରହିଛି। ଗ୍ରାମ୍ୟ ନିର୍ମାଣ ବିଭାଗରୁ ମିଳିଥିବା ସୂଚନା ମୁତାବକ, ବରୀ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବ୍ରାହ୍ମଣୀ ନଦୀ ଉପରେ ଗୋଲକୁଣ୍ଡ–ଇନ୍ଦୁପୁର ରାସ୍ତାର ଅଣିକଣାଠାରେ ବ୍ରିଜ ନିର୍ମାଣ ପାଇଁ ୯.୫୯ କୋଟି ଟଙ୍କା ଅଟକଳ ହୋଇଥିଲା। ଏହା ୧୦।୭।୨୦୧୮ରେ ଆରମ୍ଭ ହୋଇଥିବାବେଳେ ୯।୭।୨୦୨୦ରେ ଶେଷ ହେବାକୁ ଧାର୍ଯ୍ୟ ହୋଇଥିଲା। ଏଥିରେ ୭.୪୭ କୋଟି ଟଙ୍କା ଖର୍ଚ୍ଚ ହୋଇ ସାରିଛି। ହେଲେ ୭୪.୪୪ ପ୍ରତିଶତ କାର୍ଯ୍ୟ ଶେଷ ହୋଇ ପାରିଛି। ଏନେଇ ଯାଜପୁର ଗ୍ରାମ୍ୟ ନିର୍ମାଣ ଡିଭିଜନର ନିର୍ବାହୀ ଯନ୍ତ୍ରୀ ଉଦ୍‌ବେଗ ପ୍ରକାଶ କରିବା ସହ ଠିକାସଂସ୍ଥାକୁ ତୁରନ୍ତ କାମ ସାରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟଥା ଆଇନ ଅନୁସାରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ ଚେତାବନୀ ଦେଇଛନ୍ତି।

ଜାରକା ଡିଭିଜନ ଅନ୍ତର୍ଗତ ବାହୁଜଙ୍ଗ–ଧଉଳିପଡା ରାସ୍ତାର ବିରୂପା ନଦୀ ଉପରେ ହାଇଲେଭଲ ବ୍ରିଜ ନିର୍ମାଣ କାର୍ଯ୍ୟ ଅଧାପନ୍ତରିଆ ଅବସ୍ଥାରେ ପଡ଼ିରହିଛି। ଏନେଇ ସମ୍ପୃକ୍ତ ଅଞ୍ଚଳର ଧୀରେନ୍ଦ୍ର ବାଗ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିବା ପରେ ଜାରକା ଡିଭିଜନ ପକ୍ଷରୁ ସ୍ପଷ୍ଟୀକରଣ ଦିଆଯାଇଛି। ଉକ୍ତ ସ୍ପଷ୍ଟୀକରଣରେ ଦର୍ଶାଯାଇଛି ଯେ, ୧୭।୧୦।୨୦୧୬ରେ ବ୍ରିଜ କାର୍ଯ୍ୟ ଆରମ୍ଭ ହୋଇ ୧୬।୪।୨୦୧୯ରେ କାମ ସରିବା କଥା। ତେବେ ବ୍ରିଜ କାର୍ଯ୍ୟ ଶେଷ ହୋଇ ସାରିଥିଲେ ହେଁ ସଂଯୋଗୀ ରାସ୍ତା ହୋଇପାରିନାହିଁ। ଏଥିପାଇଁ ଯାଜପୁର ଜିଲାପାଳ ଉଭୟ ପାର୍ଶ୍ୱର ଜମି ଅଧିଗ୍ରହଣ ପାଇଁ ୨୫୦.୨୯ ଲକ୍ଷ ଟଙ୍କା ମଞ୍ଜୁର କରି ସାରିଛନ୍ତି। ଏହି ଟଙ୍କା ଡିଭିଜନ ଦ୍ୱାରା ଗ୍ରହଣ ହୋଇସାରିଛି। ବର୍ତ୍ତମାନ ଜମି ଅଧିଗ୍ରହଣ ପ୍ରକ୍ରିୟା ଚାଲିଛି। ଏପରି କି ରାସ୍ତା ସଂଯୋଗୀକରଣ ପାଇଁ ଟେଣ୍ଡର ମଧ ଆହ୍ୱାନ ହୋଇ ସାରିଛି ବୋଲି ଜାରକା ଡିଭିଜନର ନିର୍ବାହୀ ଯନ୍ତ୍ରୀ ସୂଚନା ଦେଇଛନ୍ତି।

# ପୋଲିସ ଜାଲରେ ନକଲି ବିଇଡି ସଂସ୍ଥା

**ଯାଜପୁର ଅଫିସ/ କଳିଙ୍ଗନଗର(ଡି.ଏନ.ଏ.),୨୧।୯**

- ୧ କୋଟି ୪୭ ଲକ୍ଷ ଟଙ୍କା ଆତ୍ମସାତ୍ ଅଭିଯୋଗ
- ଦଲାଲଙ୍କୁ ଧରି ଛାଡିଲା ପୋଲିସ

ରାଜ୍ୟ ବାହାରେ ବିଇଡି ଉଚ୍ଚ ଶିକ୍ଷାରେ ନାମ ଲେଖାଇ ଦେବାକୁ ପ୍ରଲୋଭିତ କରି ଆଶାୟୀ ଛାତ୍ରୀଛାତ୍ରଙ୍କୁ ଲୁଟ କରୁଥିବା ଏକ ର୍‍ୟାକେଟ ମଙ୍ଗଳବାର ଦାନଗଦି ପୋଲିସ ହାତରେ ଧରା ପଡିଛି । ଯାଜପୁର, ଭଦ୍ରକ ଓ ଖୋର୍ଦ୍ଧା ଜିଲାର ୩୭ ଜଣ ଛାତ୍ରୀଛାତ୍ର ଓ ଅଭିଭାବକଙ୍କୁ ପ୍ରଲୋଭିତ କରି ପ୍ରାୟ ୧ କୋଟି ୪୭ ଲକ୍ଷ ଟଙ୍କା ଆତ୍ମସାତ୍ କରାଯାଇଥିବା ପୋଲିସର ପ୍ରାଥମିକ ତଦନ୍ତରୁ ଜଣାପଡିଛି । ଯାଜପୁରରୋଡ ଥାନାରେ ଅଭିଭାବକମାନଙ୍କ ପକ୍ଷରୁ ଏ ସମ୍ପର୍କରେ ଅଭିଯୋଗ ହେବା ପରେ ଥାନା ଅଧିକାରୀ ଉପେନ୍ଦ୍ର ପ୍ରଧାନଙ୍କ ପରାମର୍ଶ କ୍ରମେ ଦାନଗଦି ଫାଣ୍ଡି ଅଧିକାରୀ ଅଜୟ କୁମାର ସାହୁ ଏହି ର୍‍ୟାକେଟକୁ ଧରିବାରେ ସକ୍ଷମ ହୋଇଛନ୍ତି । ସେହି ଦଲାଲମାନେ ହେଲେ ଜଖପୁରା ଗ୍ରାମର ନିଗମାନନ୍ଦ ମହାନ୍ତି (ଟୁଲିଆ), ଭଦ୍ରକ ଜିଲାର ଅଫତାର ଅଲ୍ଲୀ ଖାନ ଓ ମନୋରଞ୍ଜନ ଦୀକ୍ଷିତ। ଛାତ୍ରୀଛାତ୍ରମାନଙ୍କୁ ନେଇ ଯାଇଥିବା ବସକୁ ମଧ ଅଟକ ରଖାଯାଇଛି । ତେବେ ସନ୍ଧ୍ୟାରେ ଠକ ସଂସ୍ଥା ପକ୍ଷରୁ ପିଲାମାନଙ୍କ ଟଙ୍କା ଓ ସାର୍ଟିଫିକେଟ ଫେରାଇ ଦେବା ପାଇଁ ପ୍ରତିଶ୍ରୁତି ମିଳିବା ପରେ ପୋଲିସ ଅଟକ ଦଲାଲମାନଙ୍କୁ ଛାଡି ଦେଇଛି । ପୋଲିସ ଠକସଂସ୍ଥାର ଦଲାଲମାନଙ୍କୁ କିପରି ଛାଡି ଦେଲା ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଉକ୍ତ ଠକ ସଂସ୍ଥା ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି ।

ସୂଚନା ଅନୁଯାୟୀ, କିଇମ୍ସ ନାମକ ଏକ ଘରୋଇ ସଂସ୍ଥା ଖୋର୍ଦ୍ଧା, ଭଦ୍ରକ ଓ ଯାଜପୁର ଜିଲାରେ ଦୁଇଟି କାର୍ଯ୍ୟାଳୟ ଖୋଲି ଛାତ୍ରୀଛାତ୍ର ଯୋଗାଡ କରୁଥିଲେ । ଏହି ୩ ଜିଲାର ୩୭ ଜଣ ଛାତ୍ରୀଛାତ୍ରଙ୍କୁ ବିଇଡି କୋର୍ସ କରାଇଦେବାକୁ କହି ପ୍ରତ୍ୟେକଙ୍କଠାରୁ ଲକ୍ଷାଧିକ ଟଙ୍କା ଠକି ନେଇଥିବା ଅଭିଯୋଗ ହୋଇଛି । ଏପରିକି ଉକ୍ତ ସଂସ୍ଥାର ଦଲାଲ ଛାତ୍ରୀଛାତ୍ରଙ୍କୁ ନକଲି ଆଡ୍‌ମିଟ୍ କାର୍ଡ ବାଣ୍ଟି ପରୀକ୍ଷା ଦେବାକୁ କହି ଏକ ଘରୋଇ ବସ୍ ରିଜର୍ଭ କରି ଆନ୍ଧ୍ରପ୍ରଦେଶ ନେଇଥିଲେ । ସେଠାରେ ପରୀକ୍ଷା କେନ୍ଦ୍ରରେ ପହଁଞ୍ଚିବା ପରେ ଠକ ସଂସ୍ଥାର ଅଭିନବ ଠକେଇ ଧରାପଡିଥିଲା । ପରୀକ୍ଷାର୍ଥୀଙ୍କୁ ମିଳିଥିବା ଆଡ୍‌ମିଟ୍ କାର୍ଡ ସେଠାରେ ନକଲି ଘୋଷଣା କରାଯିବା ସହ ସେମାନଙ୍କୁ ପରୀକ୍ଷାରୁ ବଞ୍ଚିତ କରାଯାଇଥିଲା । ଏହି ଘଟଣାରେ ସମ୍ପୂର୍ଣ୍ଣ ଭାଙ୍ଗି ପଡ଼ିଥିବା ଛାତ୍ରୀଛାତ୍ର ଓଡ଼ିଶା ଫେରୁଥିବାବେଳେ ଠକ ସଂସ୍ଥାର କେତେଜଣ ବ୍ୟକ୍ତି ଏକ ବୋଲେରୋ ଗାଡ଼ିରେ ସେମାନଙ୍କୁ ପିଛା କରିଥିଲେ। ସେମାନଙ୍କ ଅନୁସରଣ ପଛରେ ମନ୍ଦ ଉଦ୍ଦେଶ୍ୟ ରହିଥିବା ଅନୁମାନ କରି ଛାତ୍ରୀଛାତ୍ରମାନେ ପୋଲିସ କଣ୍ଟ୍ରୋଲ ରୁମକୁ ଜଣାଇଥିଲେ। ଆନ୍ଧ୍ର ପ୍ରଦେଶ ପୋଲିସ ଏ ସମ୍ପର୍କରେ ବାଟରେ ଥିବା ସମସ୍ତ ପୋଲିସ ଥାନାକୁ ଅବଗତ କରିବା ସହିତ ଘଟଣା ସମ୍ପର୍କରେ ଯାଜପୁରରୋଡ ଥାନା ସହିତ ମଧ ଯୋଗାଯୋଗ କରିଥିଲେ। ଛାତ୍ରୀଛାତ୍ରମାନେ ଯାଜପୁରରୋଡରେ ପହଁଞ୍ଚିବା ପରେ ପୂର୍ବରୁ ପ୍ରସ୍ତୁତ ଥିବା ଦାନଗଦି ପୋଲିସ ଉକ୍ତ ସଂସ୍ଥାର ଦଲାଲମାନଙ୍କୁ ଧରିବାକୁ ସକ୍ଷମ ହୋଇଥିଲା।

# ଜିଲାପାଳଙ୍କୁ ଅଭିଯୋଗ କଲେ ମହିଳା



ଜିଲାପାଳଙ୍କୁ ଦାବିପତ୍ର ଦେବାକୁ ଆସିଥିବା ମହିଳା।

**ଯାଜପୁର ଟାଉନ,୨୧।୯(ଡି.ଏନ.ଏ.)**

**ମୁଷ୍ଟିମେୟ ବ୍ୟକ୍ତିଙ୍କ କବ୍‌ଜାରେ ଉତ୍କଳ କଲ୍ୟାଣ ମଣ୍ଡପ**

ଯାଜପୁର ବ୍ଲକ ସିମିଳିଆ ପଞ୍ଚାୟତ ଅଧୀନ ଚିତାହଟା ଗ୍ରାମର ଉତ୍କଳ କଲ୍ୟାଣ ମଣ୍ଡପ କେତେଜଣ ମୁଷ୍ଟିମେୟ ବ୍ୟକ୍ତିଙ୍କ କବ୍‌ଜାରେ ରହିଛି। ତେଣୁ ଉକ୍ତ କଲ୍ୟାଣ ମଣ୍ଡପକୁ ସେମାନଙ୍କ କବ୍‌ଜାରୁ ତୁରନ୍ତ ମୁକ୍ତ କରିବା ପାଇଁ ମଙ୍ଗଳବାର ଗ୍ରାମର ମହିଳାମାନେ ଜିଲାପାଳଙ୍କୁ ଏକ ଲିଖିତ ଅଭିଯୋଗ ପତ୍ର ପ୍ରଦାନ କରିଛନ୍ତି। ଅଭିଯୋଗ ଅନୁଯାୟୀ, ସିମିଳିଆ ପଞ୍ଚାୟତ ଏକ ବନ୍ୟା ପ୍ଲାବିତ ଅଞ୍ଚଳ ହୋଇଥିବାରୁ ଉକ୍ତ ମଣ୍ଡପରେ ବିବାହ, ବ୍ରତ ଇତ୍ୟାଦି ସହ ବନ୍ୟା ଏବଂ ବାତ୍ୟା ସମୟରେ ଲୋକେ ଆଶ୍ରୟ ନେବା ଉଦ୍ଦେଶ୍ୟରେ ଉକ୍ତ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ କରାଯାଇଛି। ମାତ୍ର ଦୁଃଖ ଓ ପରିତାପର ବିଷୟ ଏହି ମଣ୍ଡପରେ ବିବାହ, ବ୍ରତ ଇତ୍ୟାଦି ହେଉନାହିଁ। ସେହିପରି ବନ୍ୟା ଓ ବାତ୍ୟା ସମୟରେ ଗ୍ରାମବାସୀଙ୍କୁ ଏଠାରେ ରହିବା ପାଇଁ ସୁଯୋଗ ଦିଆଯାଉନାହିଁ। ଫଳରେ ଗ୍ରାମବାସୀ ସେମାନଙ୍କ ଅଧିକାରରୁ ବଞ୍ଚିତ ହେଉଛନ୍ତି। ସରକାରଙ୍କ ମଧ ରାଜସ୍ୱ ହାନି ଘଟୁଛି। ତେଣୁ ମୁଷ୍ଟିମେୟ ଓ ଅସାଧୁ ବ୍ୟକ୍ତିଙ୍କ କବ୍‌ଜାରୁ ଏହାକୁ ତୁରନ୍ତ ମୁକୁଳାଇ ଗ୍ରାମବାସୀଙ୍କ କାର୍ଯ୍ୟରେ ଲଗାଇବା ପାଇଁ ମହିଳାମାନେ ଦାବି କରିଛନ୍ତି।

## ପାରିବାରିକ କଳହକୁ ନେଇ ଥାନାରେ ଅଭିଯୋଗ

**ଧର୍ମଶାଳା,୨୧।୯(ଡି.ଏନ.ଏ.)**

ଜେନାପୁର ଥାନା ଅନ୍ତର୍ଗତ କମାଗଡ଼ ଗ୍ରାମରେ ପାରିବାରିକ କଳହକୁ କେନ୍ଦ୍ରକରି ୨ ପରିବାର ମଧ୍ୟରେ ଗଣ୍ଡଗୋଳ ଘଟିଛି। ଏନେଇ ଗୋଟିଏ ପକ୍ଷ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ମୁତାବକ, ଗ୍ରାମର ପଦ୍ମଲୋଚନ ସ୍ୱାଇଁ ଓ ବିଜୟ କୁମାର ସ୍ୱାଇଁଙ୍କ ପରିବାର ମଧ୍ୟରେ କୌଣସି କାରଣକୁ ନେଇ ଦୀର୍ଘଦିନ ଦିନ ହେବ ଗଣ୍ଡଗୋଳ ଲାଗୁଥିଲା। ତେବେ ମଙ୍ଗଳବାର ଉଭୟ ପରିବାର ମଧ୍ୟରେ ପୁଣି ପାଟିତୁଣ୍ଡ ହେବାରୁ ପଦ୍ମଲୋଚନ ଯାଇ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ନଂ.୨୭୫/୨୧ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## ଯୁବକଙ୍କ ମୃତଦେହ ଜବତ, ହତ୍ୟା ସନ୍ଦେହ

**କଳିଙ୍ଗନଗର,୨୧।୯(ଡି.ଏନ.ଏ.)**

ଯାଜପୁର ଜିଲା ଟମକା ଥାନା ଗୌଡ଼ବାହାଳି ଗ୍ରାମ ନିକଟସ୍ଥ ରାସ୍ତାକଡ଼ରୁ ମଙ୍ଗଳବାର ସକାଳେ ଜଣେ ଯୁବକଙ୍କ ମୃତଦେହ ଜବତ କରାଯାଇଛି। ତାଙ୍କ ପରିଚୟ ମିଳି ପାରିନାହିଁ। ମୃତଦେହ ପଡ଼ିଥିବା ସ୍ଥାନୀୟ ଲୋକେ ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଦାନଗଦୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛି। ମୃତଯୁବକ ପଡ଼ିଥିବା ସ୍ଥାନ ନିକଟରୁ ୪ ହଳ ଚପଲ ମିଳିଥିବାରୁ ସ୍ଥାନୀୟ ଲୋକେ ଏହାକୁ ଏକ ହତ୍ୟାକାଣ୍ଡ ବୋଲି ଅନୁମାନ କରୁଛନ୍ତି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ନଂ.୫/୨୧ ରୁଜୁ ହୋଇଛି।

# ବିଦ୍ୟୁତ୍ କର୍ମଚାରୀଙ୍କୁ ତାଲିମ




ତାଲିମ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥି ଓ ଅନ୍ୟମାନେ।

**ଯାଜପୁର ଟାଉନ,୨୧।୯(ଡି.ଏନ.ଏ.)**

ଯାଜପୁର ସହର ନିକଟ ବିରଜା କଲ୍ୟାଣ ମଣ୍ଡପଠାରେ ଟାଟା ଉତ୍ତର ଓଡ଼ିଶା ପାୱାର ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍ ଓ ବିରଜା ଇଲେକ୍ଟ୍ରିକାଲ ମିଳିତ ଉଦ୍ୟମରେ ଏକ ସୁରକ୍ଷା ତାଲିମ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥିଭାବେ ଯାଜପୁର ପୌର ପରିଷଦ ପୂର୍ବତନ ଅଧକ୍ଷ ଭବପ୍ରସାଦ ଦାସ ଯୋଗେଦଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଯାଜପୁର ବିଡିଓ ସୌରଭ ଚକ୍ରବର୍ତ୍ତୀ, ଅଧୀକ୍ଷଣ ଯନ୍ତ୍ରୀ ବିଭୁ ରଞ୍ଜନ ସାହୁ, ନିର୍ବାହୀ ଯନ୍ତ୍ରୀ ଦେବବ୍ରତ ପଣ୍ଡା ଓ ବିରଜା ଇଲେକ୍ଟ୍ରିକାଲ୍ସ ପରିଚାଳକ ଧରଣୀଧର ସାହୁଙ୍କ ସମେତ ସମସ୍ତ ଏସ୍‌ଡିଓ, ଜେଇ ଏବଂ କର୍ମଚାରୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ କର୍ମଚାରୀମାନେ ସୁରକ୍ଷାର ଶପଥ ନେଇଥିଲେ। ଏହାପରେ ସୁରକ୍ଷା ଉପରେ ସମ୍ୟକ୍ ଆଲୋଚନା କରାଯାଇଥିଲା। ଉପସ୍ଥିତ ସମସ୍ତ ବିଦ୍ୟୁତ୍ କର୍ମଚାରୀଙ୍କୁ ସୁରକ୍ଷା ସମ୍ବନ୍ଧୀୟ ତାଲିମ୍ ପ୍ରଦାନ କରାଯାଇଥିଲା। ମୁଖ୍ୟତଃ ଦୈବ୍ୟ ଦୁର୍ବିପାକ ବେଳେ କିପରି ଧନ, ଜୀବନକୁ ସୁରକ୍ଷିତ ରଖି ବିଦ୍ୟୁତ୍ କାର୍ଯ୍ୟକୁ ତ୍ୱରାନିତ କରିବେ ସେଥିପ୍ରତି କର୍ମଚାରୀଙ୍କୁ ତାଲିମ୍ ଦିଆଯାଇଥିଲା। ବିଦ୍ୟୁତ୍ କର୍ମଚାରୀ ଜନସାଧାରଣଙ୍କ ଧନ ଜୀବନ ପ୍ରତି ଧ୍ୟାନ ଦେଇ ତ୍ୱରିତ ସେବା ଯୋଗାଉଥିବାରୁ ଉପସ୍ଥିତ ଅତିଥିମାନେ ସେମାନଙ୍କ କାର୍ଯ୍ୟଦକ୍ଷତାକୁ ପ୍ରଶଂସା କରିଥିଲେ।

# ଏବିସିଡି କ୍ଲବ୍ ଚାମ୍ପିୟନ

**ଯାଜପୁର ରୋଡ,୨୧।୯(ଡି.ଏନ.ଏ.)**

**ଯାଜପୁର ରୋଡ୍ ଫୁଟବଲ୍ ଲିଗ୍ ଉଦ୍‌ଯାପିତ**

ଯାଜପୁର ରୋଡ଼ ଆଥଲେଟିକ୍ ଆସୋସିଏଶନ୍ ଆନୁକୂଲ୍ୟରେ ଏନ.ସି. ହାଇସ୍କୁଲ ଖେଳ ପଡ଼ିଆରେ ଚାଲିଥିବା ଫୁଟବଲ୍ ଲିଗ୍ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ବୈତରଣୀ ରୋଡ଼ ଆଥଲେଟିକ୍ ଆସୋସିଏଶନକୁ ୨–୦ ଗୋଲରେ ପରାସ୍ତ କରି ଏବିସିଡ଼ି ଦାନଗଦୀ କ୍ଲବ ଚାମ୍ପିୟନ ଟ୍ରଫି ହାସଲ କରିଛି। ବ୍ୟାସନଗର ପୌର ପରିଷଦର ପୂର୍ବତନ ପୌରାଧକ୍ଷ ରସାନନ୍ଦ ମହାନ୍ତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ଡ. ହେମନ୍ତ କିଶୋର ସାହୁ ମୁଖ୍ୟଅତିଥି, ବସନ୍ତ କୁମାର ପାତ୍ର, ଆଶିଷ କୁମାର ରାୟ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଓ ରନର୍ସଅପ୍ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ଏହି ଅବସରରେ ଫୁଟବଲ ଉପରେ ଉଲ୍ଲେଖନୀୟ ଅବଦାନ ଦେଇଥିବା ବ୍ୟକ୍ତି ବିଶେଷଙ୍କୁ ସମ୍ମାନୀତ କରାଯାଇଥିଲା। ଖେଳକୁ ଆନ୍ଦ୍ରିୟସ କାଣ୍ଡୁଲିନା, ଲକ୍ଷ୍ମଣ ଗାଗରାଇ, ବୁଦ୍ଧିରାମ ତିରିଆ ଓ ବିଶ୍ୱଜିତ୍ ମହାନ୍ତି ପ୍ରମୁଖ ପରିଚାଳନା କରିଥିଲେ।

# ମୌନାନନ୍ଦଙ୍କ ବ୍ରହ୍ମଲୀନର ଷଷ୍ଠ ବାର୍ଷିକ ମହୋତ୍ସବ

**ଜେନାପୁର/ଚଢ଼େଇଧରା, ୨୧।୯(ଡି.ଏନ.ଏ.)**

ଧର୍ମଶାଳା ବ୍ଲକ ଅଧୀନ ବେଢ଼ା ମଧୁପୁରରେ ପ୍ରତିଷ୍ଠିତ ଆଧାତ୍ମିକ ପୀଠ ଶ୍ରୀଗୁରୁ ଆଶ୍ରମ ଓ ମହାପ୍ରଭୁ ସିଦ୍ଧେଶ୍ୱରଙ୍କ ବିଜେସ୍ଥଳୀର ପ୍ରାଣ ପ୍ରତିଷ୍ଠାତା ସନ୍ଥ ଶିରୋମଣି ସ୍ୱାମୀ ମୌନାନନ୍ଦ ସରସ୍ୱତୀ ମହାରାଜଙ୍କ ବ୍ରହ୍ମଲୀନର ଷଷ୍ଠ ବାର୍ଷିକ ମହୋତ୍ସବ ଆଶ୍ରମ ପରିସରରେ ପାଳିତ ହୋଇଯାଇଛି। ଏଥିରେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ବହୁ ସାଧୁସନ୍ଥ ଯୋଗଦେଇ ସନାତନ ଧର୍ମର ଉତ୍‌ଥାନ ଓ ସାଧୁ ସନ୍ଥଙ୍କ ସୁରକ୍ଷା ନେଇ ମୌନାନନ୍ଦ ସରସ୍ୱତୀଙ୍କ ଦ୍ୱାରା ପୂର୍ବରୁ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ଆଲୋଚନା କରିଥିଲେ। ଏଥିସହିତ ସ୍ୱାମୀଜୀଙ୍କ ପ୍ରତି ଭକ୍ତି ଅର୍ଘ୍ୟ ଅର୍ପଣ କରିଥିଲେ। ଆଶ୍ରମ ତତ୍ତ୍ୱାବଧାରକ ସ୍ୱାମୀ ଜ୍ଞାନାନନ୍ଦ ସରସ୍ୱତୀଙ୍କ ଅଧକ୍ଷତାରେ ଆୟୋଜିତ ସନ୍ଥ ସମ୍ମିଳନୀକୁ ଉତ୍କଳୀୟ ସନାତନଧର୍ମ ପରିଷଦ ଅଧକ୍ଷ ବ୍ରହ୍ମଚାରୀ ସନ୍ତୋଷ ଚୈତନ୍ୟ ପରିଚାଳନା କରିଥିଲେ। ବଡ଼ଚଣା ବିଧାୟକ ଅମରପ୍ରସାଦ ଶତପଥୀ ଯୋଗଦେଇ କଳିଯୁଗରେ ଧର୍ମ ସଙ୍କୁଚିତ ହେଲେ ହେଁ ତାହା ବଞ୍ଚିରହିବ ଓ ଏହା ସନ୍ଥସମାଜ ଦ୍ୱାରା ବୁଦ୍ଧିମନ୍ତ ହୋଇ ସମଗ୍ର ବିଶ୍ୱକୁ ଉଚିତ ମାର୍ଗରେ ନେଇପାରିବ ବୋଲି ଆଶାପୋଷଣ କରିଥିଲେ। ବାବା ପର୍ଶୁରାମ ଦାସ, ସ୍ୱାମୀ ଅରୂପାନନ୍ଦ, ସ୍ୱାମୀ ଉଦୟାନନ୍ଦ ପର୍ବତ, ବାବାଜୀ କୁଞ୍ଜବିହାରୀ ଦାସ, ବାବା କୃଷ୍ଣ ଦାସ, ମହନ୍ତ ସଚ୍ଚିଦାନନ୍ଦ ଦାସ, କଥା ସେବକ କବିନ୍ଦ୍ର କୁମାର, ସ୍ୱାମୀ କୈବଲ୍ୟା ନନ୍ଦ, ଅଗଣି ମିଶ୍ର, ବାବା ନୀଳମଣି ଦାସ ପ୍ରମୁଖ ବ୍ରହ୍ମଲୀନ ସ୍ୱାମୀଜୀଙ୍କ ଜୀବନାଦର୍ଶ ସମ୍ପର୍କରେ ଆଲୋକପାତ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ଅବସରରେ ଆଶ୍ରମରେ ସପ୍ତାହଧରି ଭାଗବତ ପାରାୟଣ, ଗୀତା ମହାଯଜ୍ଞ, ଗୋପୂଜା, ସୂର୍ଯ୍ୟ ପୂଜା, ସାଧୁପୂଜନ ଓ ଅନ୍ନଦାନ ସହ ମହାପ୍ରଭୁ ଶିଦ୍ଧେଶ୍ୱରଙ୍କ ମହାଭିଷେକ ଓ ବାବାଙ୍କ ସମାଧିରେ ଷୋଡଶ ଉପଚାର ପୂଜା ସମ୍ପନ୍ନ ହୋଇଥିଲା। ଆଶ୍ରମ ପକ୍ଷରୁ ସେବକ ବେଣୁଧର ପଣ୍ଡା ସମସ୍ତ ସନ୍ଥ ମଣ୍ଡଳୀ ଓ ଅତିଥିଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ। କାର୍ଯ୍ୟକ୍ରମରେ ମଧୁସୂଦନ ଧଳ, ସରୋଜ ରାଉତ, ଚଣ୍ଡିଖୋଲ ଟ୍ରକ ମାଲିକ ସଂଘ ସଭାପତି ବିଭୂତିଭୂଷଣ ଜେନା, ପୂର୍ଣ୍ଣ ଚନ୍ଦ୍ର ରାଉତ, ପୀତବାସ ସାହୁ, ଅଜୟ ବେହେରା, ଗଣେଶ୍ୱର ପଣ୍ଡାଙ୍କ ସମେତ ଆଶ୍ରମର ଭକ୍ତ ଓ ଶ୍ରଦ୍ଧାଳୁ ଉପସ୍ଥିତ ଥିଲେ।



କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ସାଧୁ, ସନ୍ଥ ଓ ଅନ୍ୟମାନେ।

# ବର୍ଷେ ବିତିଲା, ପୂରଣ ହେଲାନି ମନ୍ତ୍ରୀଙ୍କ ପ୍ରତିଶ୍ରୁତି

**ବରୀ,୨୧।୯(ଡି.ଏନ.ଏ.)**

- ବନ୍ୟାରେ ଉଜୁଡ଼ିଲା ଶତାଧିକ ହେକ୍ଟର ଧାନ ଫସଲ
- ସରକାରୀ ସହାୟତାକୁ ଚାଷୀଙ୍କ ଅପେକ୍ଷା

୨୦୨୦ ଅଗଷ୍ଟ ୨୭ରେ ବ୍ରାହ୍ମଣୀ ଓ ଖରସ୍ରୋତା ନଦୀରେ ବନ୍ୟା ଆସିଥିଲା। ତେବେ ବରୀ ବ୍ଲକ ଅଞ୍ଚଳରେ ଦୁର୍ବଳ ନଦୀବନ୍ଧ ଥିବାରୁ ୧୦ରୁ ଊର୍ଦ୍ଧ୍ୱ ଘାଇ ସୃଷ୍ଟି ହୋଇଥିଲା। ଫଳରେ ବରୀ ଅଞ୍ଚଳରେ ପ୍ରାୟ ୧ଲକ୍ଷ ଲୋକ ପ୍ରଭାବିତ ହୋଇଥିଲେ। ଅନେକ ଲୋକ ବାସଗୃହ ହରାଇଥିଲେ। ଚାଷଜମିରୁ ଜଳ ନିଷ୍କାସନ ହୋଇ ନ ପାରିବା ଯୋଗୁ ବ୍ୟାପକ ଫସଲ ହାନି ହୋଇଥିଲା। ଏହା ଚାଷୀଙ୍କ ଆର୍ଥିକ ମେରୁଦଣ୍ଡ ଉପରେ ଶକ୍ତ ଆଘାତ ଦେଇଥିଲା। ପରବର୍ତ୍ତୀ ସମୟରେ ବରୀ ବିଧାୟିକା ସୁନନ୍ଦା ଦାସଙ୍କ ଅନୁରୋଧକ୍ରମେ ୧୧।୧୧। ୨୦୨୦ରେ ଜଳସମ୍ପଦ ମନ୍ତ୍ରୀ ରଘୁନନ୍ଦନ ଦାସ ବରୀ ଅଞ୍ଚଳ ଗସ୍ତ କରିଥିଲେ। ସେ ବନ୍ୟା ପ୍ରଭାବିତ ଅଞ୍ଚଳ ବୁଲି ଦେଖିବାବେଳେ ଚାଷୀମାନେ ତାଙ୍କୁ ଅନେକ ସମସ୍ୟା ସମ୍ପର୍କରେ ଅବଗତ କରାଇଥିଲେ। ଜଳ ନିଷ୍କାସନ ପାଇଁ ମହାକାଳପଡ଼ା ପଞ୍ଚାୟତର ବିରୂପା ନଦୀରେ ଥିବା ସ୍ଲୁଇସ୍ ଗେଟ୍‌କୁ ସ୍ୱୟଂଚାଳିତ କରାଯିବ ବୋଲି ମନ୍ତ୍ରୀ କହିଥିଲେ। ସେହିପରି ଦୁଆବ ଘେରିବନ୍ଧରେ ଚାଷୀଙ୍କ ଯାତାୟାତ ନିମନ୍ତେ ପାଦଚଲା ରାସ୍ତା ନିର୍ମାଣ, ବ୍ରହ୍ମବରଦା ନିକଟରୁ ବ୍ରାହ୍ମଣୀରୁ ବାହାରିଥିବା ଆଖୁଆ ନାଳ ଓ ସପନା ପାଟ ନାଳର ପୁନରୁଦ୍ଧାର ପାଇଁ ରତ୍ନଗିରିସ୍ଥିତ ତୋଷାଳି ଗେଷ୍ଟ ହାଉସରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ଆଲୋଚନା ହୋଇଥିଲା। ତେବେ ବନ୍ୟାକୁ ୧ବର୍ଷ ପୂରଣ ହୋଇସାରିଥିଲେ ବି ମନ୍ତ୍ରୀ ଦେଇଥିବା ପ୍ରତିଶ୍ରୁତିଗୁଡ଼ିକ ମଧ୍ୟରୁ କୌଣସି ଗୋଟିଏ ବି ପୂରଣ ହୋଇନାହିଁ। ବିଭାଗୀୟ ଅଧିକାରୀଙ୍କୁ ଦିଆଯାଇଥିବା ନିର୍ଦ୍ଦେଶ ଅଦ୍ୟାବଧି କାର୍ଯ୍ୟକାରୀ ହୋଇନାହିଁ। ଫଳରେ ବ୍ଲକ ଅଧୀନ ଧାରପୁର, ସାହୁପଡ଼ା, ସେରପୁର, ଗମ୍ଭୁ, ମନ୍ଦାରୀ, ମହାକାଳପଡ଼ା ଓ ରତ୍ନଗିରି ଆଦି ୯ ପଞ୍ଚାୟତର ଶହଶହ ହେକ୍ଟର ଚାଷଜମି ଚଳିତ ବନ୍ୟାରେ ପ୍ରଭାବିତ ହୋଇଛି। ବନ୍ୟା ଛାଡ଼ିଥିଲେ ମଧ ଜଳ ନିଷ୍କାସନ ହୋଇ ନ ପାରିବାରୁ ବ୍ୟାପକ ଫସଲ ହାନି ହୋଇଛି। ଫଳରେ ଚାଷୀ ସର୍ବସ୍ୱ ହରାଇଛନ୍ତି। ଏବେ କେବଳ ସରକାରୀ ସହାୟତା ହିଁ ଏକମାତ୍ର ଭରସା ବୋଲି ସେମାନେ କହିଛନ୍ତି। ଗମ୍ଭୁ ପ୍ରାକ୍ତନ ସରପଞ୍ଚ ସନ୍ତୋଷ କୁମାର ନାୟକ କହିଛନ୍ତି, ରାଜନୈତିକ ଇଚ୍ଛାଶକ୍ତି ଅଭାବରୁ ଚାଷୀଙ୍କ ସମସ୍ୟା ସମାଧାନ ହୋଇପାରୁନାହିଁ। ଏହା ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ। ଅନ୍ୟପକ୍ଷରେ କୃଷକ ବନ୍ୟା ଦ୍ୱାରା କ୍ଷତିଗ୍ରସ୍ତ ହେବା ପରେ ବି ସେମାନଙ୍କ ପ୍ରତି ସରକାରଙ୍କ ନଜର ପଡୁନି ବୋଲି ଗମ୍ଭୁ ସମିତିସଭ୍ୟ ଅଙ୍କୁର ମଲ୍ଲିକ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ବରୀ ଜଳସମ୍ପଦ ବିଭାଗ ସହକାରୀ ଯନ୍ତ୍ରୀ ତରୁଣକାନ୍ତ ଦାସ କହିଛନ୍ତି, ବିରୂପା ନଦୀ ଜଳସ୍ତର ଅଧିକ ଥିବାରୁ ଗମ୍ଭୁ ସ୍ଲୁଇସ୍ ଗେଟ୍ ଖୋଲିବା ସମ୍ଭବ ହେଉନାହିଁ। ତେବେ ଖୁବ୍‌ଶୀଘ୍ର ଜଳ ନିଷ୍କାସନର ସ୍ଥାୟୀ ପ୍ରତିକାର ପାଇଁ ବ୍ୟବସ୍ଥା କରାଯିବ।



ଗମ୍ଭୁ ସ୍ଲୁଇସ୍ ଗେଟ୍।

**ମୃତଦେହ ଚିହ୍ନଟ ପାଇଁ ୭୨ ଘଣ୍ଟା ମର୍ଗରେ ରଖାଗଲା**

କେନ୍ଦ୍ରାପଡ଼ା ଅଫିସ: କେନ୍ଦ୍ରାପଡ଼ା ଜିଲା ପାଟକୁରା ସିଏଚ୍‌ସିରୁ ଦୁଇ ଦିନ ତଳେ ସ୍ଥାନାନ୍ତର ହୋଇଥିବା ଅଚିହ୍ନା ବ୍ୟକ୍ତିଙ୍କ ଜିଲା ମୁଖ୍ୟ ଚିକିତ୍ସାଳୟରେ ମଙ୍ଗଳବାର ମୃତ୍ୟୁ ହୋଇଛି। ଓଡ଼ିଶା ମୋ ପରିବାର କେନ୍ଦ୍ରାପଡ଼ା ଜିଲା ୟୁନିଟ ପକ୍ଷରୁ ଏହି ମୃତଦେହର ଚିହ୍ନଟ ପାଇଁ ୭୨ ଘଣ୍ଟା ମୁଖ୍ୟ ଚିକିତ୍ସାଳୟର ମର୍ଗରେ ରଖାଯାଇଛି। ଏ ସମ୍ପର୍କରେ ଓଡ଼ିଶା ମୋ ପରିବାରର ଜିଲା ସହ ସଂଯୋଜକ ହିରଣ୍ୟ କୁମାର ପଣ୍ଡା କହିଛନ୍ତି, ମୃତବ୍ୟକ୍ତିଙ୍କ ବୟସ ଆନୁମାନିକ ୪୫ରୁ ୫୦ ମଧ୍ୟରେ ହେବ। ଆନୁମାନିକ ୫ ଫୁଟ ୬ ଇଞ୍ଚର ଏହି ବ୍ୟକ୍ତିଙ୍କ ଚେହେରା ପତଳା। ସେ ଏକ ବର୍ମୁଡା ପ୍ୟାଣ୍ଟ ଓ ଗଞ୍ଜି ପିନ୍ଧିଛନ୍ତି। ଟାଉନ ଥାନା ପୋଲିସ ସହାୟତାରେ ଏହି ମୃତଦେହକୁ ଚିହ୍ନଟ ପାଇଁ ରଖାଯାଇଛି।

# ଗାଁମୁହାଁ ସାପ, କୁମ୍ଭୀର

- ଅକାଳରେ ଚାଲିଯାଉଛି ଜୀବନ
- ତଳ ଅଞ୍ଚଳରେ ଘେରିରହିଛି ବର୍ଷାପାଣି ଓ ବନ୍ୟାଜଳ
- ଗ୍ରାମାଞ୍ଚଳ ସ୍ୱାସ୍ଥ୍ୟକେନ୍ଦ୍ରରେ ସର୍ପାଘାତ ଚିକିତ୍ସା ଦାବି

କେନ୍ଦ୍ରାପଡ଼ା ଅଫିସ, ୨୧।୯

ଲଗାଣ ବର୍ଷାପାଣି ଓ ବନ୍ୟା ଜଳ କେନ୍ଦ୍ରାପଡ଼ା ଜିଲାର ତଳି ଅଞ୍ଚଳରେ ଏବେ ବି ଜମି ରହିଛି। ଜିଲାର ୫୦ରୁ ଊର୍ଦ୍ଧ୍ୱ ଗ୍ରାମ ଜଳବନ୍ଦୀରେ ଅଛି। ଏହି ସମୟରେ ଗ୍ରାମକୁ ସରୀସୃପ ପଶିଆସିବା ଯୋଗୁ ଆତଙ୍କ ସୃଷ୍ଟି ହୋଇଛି। ସୋମବାର ରାଜନଗର ବ୍ଲକ କଣ୍ଡିରା ପଞ୍ଚାୟତ ଭେଣ୍ଟାକୋଲା ଗାଁର ଏକ ପୋଖରୀରୁ ୮ ଫୁଟ ଲମ୍ବର କୁମ୍ଭୀର ଉଦ୍ଧାର ହୋଇଛି। ସେହିପରି ୨ ମାସ ମଧ୍ୟରେ ୭ଟି ସ୍ଥାନରେ ଗୋବରୀ, ପାଇକା, ବ୍ରାହ୍ମଣୀ, କଣ୍ଡିଆ ନାଳ ଓ ନଦୀରେ କୁମ୍ଭୀର ଭାସୁଥିବା ସ୍ଥାନୀୟ ଅଞ୍ଚଳବାସୀ ଦେଖିଛନ୍ତି। ଅପରପକ୍ଷରେ ଜଳ ବନ୍ଦୀ ଘେରରେ ଥିବା ଗ୍ରାମରେ ବିଭିନ୍ନ ବିଷଧର ସାପ ଦେଖିବାକୁ ମିଳୁଛି। ବର୍ଷା ଓ ବନ୍ୟା ଜଳରେ ନଷ୍ଟ ହୋଇଥିବା କଚ୍ଚା ଘରେ ଏହି ସାପଙ୍କୁ ଦେଖିବାକୁ ମିଳୁଛି। ସର୍ପାଘାତ ରୋଗୀଙ୍କ ସଂଖ୍ୟା ବଢୁଛି। ରାଜକନିକା ବ୍ଲକ ଗୋପୀନାଥପୁର ଗାଁର ୭୦ ବର୍ଷୀୟ ବୃଦ୍ଧା ଭଗବତୀ ନାୟକଙ୍କୁ ରବିବାର ରାତିରେ ସର୍ପାଘାତ ହୋଇଛି। ଏହି ଗାଁର ମିଳନ ଦାସ (୧୫)ଙ୍କୁ ଶନିବାର ରାତିରେ ସର୍ପାଘାତ ହୋଇଥିଲା। ମିଳନଙ୍କୁ ସ୍ଥାନୀୟ କଣ୍ଡିଆହାଟ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲେ ମଧ୍ୟ ତାଙ୍କର ମୃତ୍ୟୁ ହୋଇଛି। ଏହି ଦୁଇ ଘଟଣା ମାତ୍ର ଉଦାହରଣ ହୋଇଥିବା ବେଳେ ଜିଲାର ଉପାନ୍ତ ଅଞ୍ଚଳରେ ସର୍ପାଘାତ ରୋଗୀଙ୍କ ସଂଖ୍ୟା ବଢ଼ିଚାଲିଛି। ଗ୍ରାମାଞ୍ଚଳର ପ୍ରତ୍ୟେକ ସ୍ୱାସ୍ଥ୍ୟକେନ୍ଦ୍ରରେ ସାପ କାମୁଡ଼ା ଇଞ୍ଜେକଶନ ରଖିବାକୁ ଦାବି ହୋଇଛି।

ଏ ସମ୍ପର୍କରେ ମହାକାଳପଡ଼ାର ହରେକୃଷ୍ଣ ପାତ୍ର କହିଛନ୍ତି, ଲଗାଣ ବର୍ଷା ଓ ବନ୍ୟାଜନିତ ପାଣି ଉପାନ୍ତ ଅଞ୍ଚଳବାସୀଙ୍କ ସ୍ୱାଭାବିକ ଜୀବନଯାତ୍ରାକୁ ବ୍ୟାହତ କରିଛି। ପାନୀୟ ଜଳ, ଚାଷ, ସ୍ୱାସ୍ଥ୍ୟ ଆଦି କ୍ଷେତ୍ରରେ ସମସ୍ୟା ସୃଷ୍ଟି ହୋଇଥିବା ବେଳେ ସରୀସୃପ ଆତଙ୍କ ଖେଳିଯାଇଛି। ଦୀର୍ଘଦିନ ଧରି ପାଣି ଜମି ରହିବା ଫଳରେ ନିକଟସ୍ଥ ଭିତରକନିକା ଅଞ୍ଚଳରୁ ସରୀସୃପ ଗ୍ରାମ ମଧ୍ୟକୁ ପଶି ଆସୁଛନ୍ତି। ନଦୀ, ନାଳ ପୋଖରୀ ଏପରି କି ଚାଷ ଜମିରେ ଏବେ କୁମ୍ଭୀର ଦେଖାଯାଉଛନ୍ତି। କିଛିଦିନ ପୂର୍ବେ ପେଣ୍ଠ ଜଉଦିଆଠାରେ ୧୨ ଫୁଟ ଲମ୍ବର ଅଜଗର ଉଦ୍ଧାର ହୋଇଛି। ଅପରପକ୍ଷରେ ବର୍ଷା ଓ ବନ୍ୟା ପାଇଁ ବିଷଧର ସାପ ଗ୍ରାମ ମଧ୍ୟରେ ଦେଖାଯାଉଛନ୍ତି। ଆଳି, ରାଜନଗର, ରାଜକନିକା, ପଟ୍ଟାମୁଣ୍ଡାଇ, ମହାକାଳପଡ଼ା, ମାର୍ଶାଘାଇ, ଗରଦପୁର ବ୍ଲକ ଅଞ୍ଚଳରେ ସାପ ଦେଖାଯିବାରୁ ସମସ୍ୟା ଗୁରୁତର ହୋଇଛି। ସର୍ପାଘାତରେ କେତେଜଣଙ୍କର ଜୀବନ ମଧ୍ୟ ଯାଇଥିବା ସେ ସୂଚନା ଦେଇଛନ୍ତି। ପଟ୍ଟାମୁଣ୍ଡାଇ ବ୍ଲକ ସିଂହଗାଁର ରମେଶ ମଲ୍ଲିକ କହିଛନ୍ତି, ବିଭିନ୍ନ ନଦୀରେ ବନ୍ୟା ପାଇଁ କୁମ୍ଭୀର ଓ ସାପ ଆତଙ୍କ ଧୋୟାଞ୍ଚଳରେ ଖେଳିଯାଇଛି। ଗତ ଅଗଷ୍ଟରେ ଅମୃତମଣୋହୀ ପଞ୍ଚାୟତ ଜଗନ୍ନାଥପୁର ଗାଁର ଜଣେ ବୃଦ୍ଧାଙ୍କୁ କୁମ୍ଭୀର ଟାଣି ନେଇଥିଲା। ସିଂହଗାଁ ସମେତ ବଡ ରାଉଳିଆ, ସାନ ରାଉଳିଆ ଆଦି ଗାଁର କଚ୍ଚା ଘରେ ବିଷଧର ସର୍ପ ଦେଖାଯାଉଛନ୍ତି। ବିଶେଷ କରି ସନ୍ତସନ୍ତିଆ ଘରଗୁଡ଼ିକରେ ଏଗୁଡ଼ିକ ଦେଖା ଦେଉଥିବାରୁ ପରିବାର ସଦସ୍ୟ ରାତି ଅନିଦ୍ରା ହେଉଛନ୍ତି। ଏ ସମ୍ପର୍କରେ ଏଡିଏମ୍‌ଓ ଡା. ସଚ୍ଚିଦାନନ୍ଦ ମିଶ୍ର କହିଛନ୍ତି, ପ୍ରତ୍ୟେକ ସିଏଚ୍‌ସିକୁ ସାପ କାମୁଡ଼ା ଇଞ୍ଜେକ୍‌ଶନ ଯୋଗାଯାଇଛି। ତେବେ ସର୍ପ ଆଘାତ କ୍ଷେତ୍ରରେ କେତେକ ସତର୍କତା ଅବଲମ୍ବନ କରିବାକୁ ପଡ଼ିବ। ସାପ କାମୁଡ଼ି ଥିବା ବ୍ୟକ୍ତିକୁ ଆଶ୍ୱାସନା ଦେବା ସହ କାମୁଡ଼ି ଥିବା ସ୍ଥାନରେ ପିନ୍ଧିଥିବା ମୁଦି, ଘଣ୍ଟା, ବ୍ରତ, ପାଉଁଜି ଆଦି ଖୋଲି ଦିଅନ୍ତୁ। ତୁରନ୍ତ ଡାକ୍ତରଖାନା ନିଅନ୍ତୁ। ଏହି ସମୟରେ ଆଦୌ ବିଚଳିତ ହୁଅନ୍ତୁ ନାହିଁ। ରୋଗୀକୁ ଚଲାବୁଲା ନ କରି ଟେକି କି ନିଅନ୍ତୁ। ସାପ ବିଷ ଶରୀରରେ ଚଢ଼ିଯିବା ଭୟରେ କ୍ଷତ ସ୍ଥାନ ଉପରକୁ ଦଉଡ଼ି, କଟା ରବର ଟ୍ୟୁବ, ବିଦ୍ୟୁତ୍ ତାରରେ ବାନ୍ଧି ଦିଆଯାଉଛି। ଏହାର ଆବଶ୍ୟକତା ନାହିଁ। ବ୍ଲେଡ ଓ ଛୁରିରେ କ୍ଷତ ସ୍ଥାନକୁ କାଟନ୍ତୁ ନାହିଁ। ଏହି ସମୟରେ ଖାଦ୍ୟ ପଦାର୍ଥ କିମ୍ବା ନିଶାଦ୍ରବ୍ୟ ବ୍ୟବହାର ରୋଗୀଙ୍କୁ କ୍ଷତି ପହଞ୍ଚାଇ ପାରେ। ସବୁ ସାମୁଦ୍ରିକ ସାପ ବିଷଧର ବୋଲି ଏଡିଏମ୍‌ଓ ଡା. ମିଶ୍ର ସଚେତନ କରାଇଛନ୍ତି।

# ୬୮ ହଜାର ଲୋକ ଜଳବନ୍ଦୀ: ବ୍ରାହ୍ମଣୀ, କାଣୀ ନଦୀରେ ୨ୟ ବନ୍ୟା



ବନ୍ୟା ପାଣି ଗାଁରେ ଜମି ରହିଛି।

ପଟ୍ଟାମୁଣ୍ଡାଇ,୨୧।୯(ସ୍ୱ.ପ୍ର.)

ପ୍ରଥମ ବନ୍ୟା ହ୍ରାସ ପାଉଥିବା ବେଳେ ରେଙ୍ଗାଲୀରୁ ୩ଟି ଗେଟ ଖୋଲାହେବା ପରେ ପୁଣି ବ୍ରାହ୍ମଣୀ ଓ କାଣୀ ନଦୀରେ ବନ୍ୟା ଜଳସ୍ତର ବୃଦ୍ଧି ପାଇଛି। ଅଳଭାଠାରେ ବ୍ରାହ୍ମଣୀ ନଦୀର ଜଳସ୍ତର ବିପଦସଙ୍କେତ ୧୬ ଫୁଟ ଥିଲା ବେଳେ ୧୭.୮ ଫୁଟରେ ପ୍ରବାହିତ ହେଉଛି। ଫଳରେ ପଟ୍ଟାମୁଣ୍ଡାଇ ବ୍ଲକ ଓ ପୌରାଞ୍ଚଳର ୬୮ ହଜାରରୁ ଅଧିକ ଲୋକ ପ୍ରଭାବିତ ହୋଇ ଜଳବନ୍ଦୀ ଜୀବନ ବିତାଉଛନ୍ତି। ଅଧିକାଂଶ ସ୍ଥାନରେ ଘାଇ ହୋଇ ଲୋକେ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇପଡିଛନ୍ତି। ପଟ୍ଟାମୁଣ୍ଡାଇ ବ୍ଲକ ଅଧୀନ ୧୪ ପଞ୍ଚାୟତ, ପୌରାଞ୍ଚଳର ୧୧ ୱାର୍ଡ ବନ୍ୟା ଘେରରେ ରହିଛି। ମାତ୍ର ବ୍ଲକ ପ୍ରଶାସନ ପକ୍ଷରୁ ବିପନ୍ନ ଲୋକଙ୍କୁ କିଛି ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଛି। ମାତ୍ର ଏହା ବନ୍ୟାବିପନ୍ନ ଲୋକଙ୍କ ପାଇଁ ସମୁଦ୍ରକୁ ଶଙ୍ଖେ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ପଟ୍ଟାମୁଣ୍ଡାଇ ବ୍ଲକ ଧୋୟାଞ୍ଚଳରେ ଥିବା ସିଂହଗାଁ ପଞ୍ଚାୟତ ବନ୍ୟା ଘେରରେ ଟାପୁ ସଦୃଶ ହୋଇଯାଇଛି। ସେହିପରି ଅଳପୁଆ, ତରଡ଼ିପାଳ, ପେଣ୍ଠପାଳ, ଅଣ୍ଡରା, ବଲୁରିଆ, ଅମୃତମଣୋହି ପଞ୍ଚାୟତ ପ୍ରଭାବିତ ହୋଇଛି। ବାଲିପାଟଣା, ନୀଳକଣ୍ଠପୁର, ବାଛରା, ଶ୍ରୀରାମପୁର, ଡାମରପୁର, ଶାଶନର ଆଂଶିକ, ବଳଭଦ୍ରପୁର ପ୍ରଭୃତି ପଞ୍ଚାୟତଗୁଡ଼ିକ ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇପଡ଼ିଛି। ରେଙ୍ଗାଲୀରୁ ପାଣି ଛଡ଼ାହେବା ଦ୍ୱାରା ଦ୍ୱିତୀୟ ବନ୍ୟାରେ ପୌରାଞ୍ଚଳରେ ୧୧ଟି ୱାର୍ଡ ମଧ୍ୟ ବ୍ରାହ୍ମଣୀ ବନ୍ୟାରେ ପ୍ରଭାବିତ ହୋଇଛି। କେତେକ ପଞ୍ଚାୟତକୁ ଡଙ୍ଗା ଓ ଶୁଖିଲା ଖାଦ୍ୟ ଯୋଗାଇ ଦିଆଯାଇଛି ବୋଲି ବିଡିଓ ଭରତ ଚନ୍ଦ୍ର ପରିଡ଼ା କହିଛନ୍ତି। ତେବେ ଏହା ଲୋକମାନଙ୍କ ସମସ୍ୟା ଦୁଃଖ ଓ ଦୁର୍ଦ୍ଦଶା ପ୍ରତି ଯଥେଷ୍ଟ ନୁହେଁ ବୋଲି ଲୋକେ ଅଭିଯୋଗ କରିଛନ୍ତି।

# ପାଣି ଘେରରେ ରାଜନଗରର ୪ ପଞ୍ଚାୟତ

ରାଜନଗର, ୨୧।୯(ଡି.ଏନ୍.ଏ.)

ବ୍ରାହ୍ମଣୀରେ ଜଳସ୍ତର କମୁ ନ ଥିବାରୁ ରାଜନଗରର ୪ ପଞ୍ଚାୟତ ଅଧୀନ ବେଲପାଳ, ଦାଣ୍ଡି, ଚକିବାଙ୍କ, ଗୋବିନ୍ଦପୁର, ସନ୍ଥପଡା, ଟାଙ୍ଗଣଟୈଲା, ଓସ୍ତିଆ, ନଗଡ, କଟକଣା, ନଳଦିଆ, ବନ୍ଧପାଟଣା, ରାଜପୁର, ବାଲିଚନ୍ଦ୍ରପୁର ପ୍ରଭୃତି ଗ୍ରାମବାସୀ ୭ ଦିନ ଧରି ପାଣି ଘେରରେ ରହିଛନ୍ତି। ବନ୍ୟା ଏବଂ ତୁହାକୁ ତୁହା ବର୍ଷା ବିପନ୍ନଙ୍କ ଦୁର୍ଦ୍ଦଶାକୁ ଦ୍ୱିଗୁଣିତ କରିଦେଇଛି। ଭିତରକନିକା ଜାତୀୟ ଉଦ୍ୟାନକୁ ସଂଲଗ୍ନ ବ୍ରାହ୍ମଣୀ ନଦୀକୁ କୁମ୍ଭୀର ଉଠିଆସି ବଢ଼ିପାଣିରେ ଭାସିବା ସହ ଗାଁ ଭିତରେ ପ୍ରବେଶ କରିଛନ୍ତି। ଫଳରେ ବିପନ୍ନ ଅଧିବାସୀ ଆତଙ୍କିତ ହୋଇପଡିଛନ୍ତି।

ରାଜନଗର ବ୍ଲକର ବନ୍ୟାଞ୍ଚଳରେ ପାଣି ବଢ଼ିବାରେ ଲାଗିଛି। ବ୍ରାହ୍ମଣୀ ଅବବାହିକାରେ ବନ୍ୟା ଆସିବା ପରେ ପାଣିର ପରିମାଣ ୨ଦିନ ହେଲା ବୃଦ୍ଧି ପାଉଛି। ରାଜନଗର ବ୍ଲକ ଅନ୍ତର୍ଗତ ୪ଟି ପଞ୍ଚାୟତର ବନ୍ୟା ବିପନ୍ନଙ୍କ ଦୁର୍ଦ୍ଦଶା ବଢ଼ିବାରେ ଲାଗିଛି। ବ୍ରାହ୍ମଣୀ ନଦୀରୁ ଏକ କୁମ୍ଭୀର ଆସି ବେଲପାଳ କାଳିପଡିଆରେ ମଙ୍ଗଳବାର ଭାସୁଥିବା ବିପନ୍ନମାନେ ଦେଖିଛନ୍ତି। ବିପନ୍ନ ଲୋକେ ଘରକୁ ପିଇବା ପାଣି, ପରିବା ପାଇଁ ପାଣିରେ ପଶି ବନ୍ଧ ଉପରକୁ ଆସୁଛନ୍ତି। ମାତ୍ର ବନ୍ୟାପାଣିରେ କୁମ୍ଭୀର ଦେଖାଯିବା ପରେ ବିପନ୍ନଙ୍କ ମଧ୍ୟରେ ଭୟ ସୃଷ୍ଟି ହୋଇଛି। ବ୍ଲକର ବନ୍ଧପଡ଼ା, ଓସ୍ତିଆ, ବେଲପାଳ ଓ ରାଜପୁର ପଞ୍ଚାୟତର ୪୦ ହଜାରରୁ ଊର୍ଦ୍ଧ୍ୱ ଲୋକ ଜଳବନ୍ଦୀ ହୋଇ ରହିଛନ୍ତି। ୧୫ ତାରିଖ ରାତିରୁ ବନ୍ୟାଜଳ ରାଜନଗର ବ୍ଲକରେ ବଢ଼ିଥିଲା। ୧୭ ତାରିଖରୁ ୧୯ ତାରିଖ ଯାଏ ଧାନବିଲରେ ବନ୍ୟାଜଳ ଫସଲକୁ ବୁଡ଼ାଇ ରଖିଥିଲେ ମଧ୍ୟ ଗାଁ ରାସ୍ତାରୁ ପାଣି ଛାଡିଥିଲା। ମାତ୍ର ୧୯ ତାରିଖଠାରୁ ବନ୍ୟାଜଳ ବଢ଼ିବାରେ ଲାଗିଛି।



ରାଜନଗର ବେଲପାଳ ଛକରେ ଥିବା ଦୋକାନରେ ପାଣି ପଶିଯାଇଛି।

**ବନ୍ୟା ଦୁର୍ଦ୍ଦଶା ସାଙ୍ଗକୁ କୁମ୍ଭୀର ଆତଙ୍କ**

ସୋମବାର ଅପେକ୍ଷା ମଙ୍ଗଳବାର ପାଣିର ପରିମାଣ ବଢିଛି। ବନ୍ୟାଞ୍ଚଳରେ ବିପନ୍ନଙ୍କୁ ବ୍ଲକ ପ୍ରଶାସନ ପକ୍ଷରୁ ଶୁଖିଲା ଖାଦ୍ୟ ଯୋଗାଇ ଦିଆଯାଇଛି। ୪ ପଞ୍ଚାୟତ ଅଧୀନ ଧୋୟାଞ୍ଚଳର ସମସ୍ତ ଯୋଗାଯୋଗ ରାସ୍ତା ବନ୍ୟା ପାଣିରେ ବୁଡ଼ିରହିଛି। ମଦନପୁର-ବଳଭଦ୍ରପୁର ରାସ୍ତାରେ ୩ ଫୁଟରୁ ଅଧିକ ଉଚ୍ଚର ପାଣି ଚାଲିଛି। ପନିପରିବା ପାଇଁ ମଦନପୁର ଛକକୁ ଆସିଥିବା ବନ୍ୟା ବିପନ୍ନମାନେ ପାଣି ଭିତରେ ଏକ ଟ୍ରାକ୍ଟର ଯୋଗେ ଘରକୁ ଫେରୁଥିବା ଦେଖିବାକୁ ମିଳିଛି। ଓସ୍ତିଆ-ବନ୍ଧପାଟଣା ହାଇସ୍କୁଲ, ବେଲପାଳ ପଞ୍ଚାୟତ ଅଫିସ ଭିତରେ ପାଣି ପଶିଯାଇଛି। ବେଲପାଳ ଛକରେ ଥିବା ଦୋକାନ ମଧ୍ୟରେ ପାଣି ପଶିଛି।

# କଜଳାରେ ଅଧା ପୋତା ମୃତଦେହକୁ ବିରୋଧ

କେନ୍ଦ୍ରାପଡ଼ା ଅଫିସ, ୨୧।୯

କେନ୍ଦ୍ରାପଡ଼ା ସହରର କଜଳା ଶ୍ମଶାନରେ ମଙ୍ଗଳବାର ଏକ ଅଧା ପୋତା ମୃତଦେହ ଦେଖିବାକୁ ମିଳିଛି। ମୃତଦେହକୁ ଏପରି ଭାବେ ସଂସ୍କାର ନ କରି ଛାଡିଯିବାକୁ କଜଳା ଗ୍ରାମବାସୀ ବିରୋଧ କରିଛନ୍ତି। ଏ ସମ୍ପର୍କରେ ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଦେବପ୍ରସାଦ ବଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। କଜଳା ଗାଁର ମହେଶ ପାଢ଼ୀ କହିଛନ୍ତି, ଗତ ଦେଢ଼ବର୍ଷ ହେବ ଏହି ଶ୍ମଶାନରେ କୋଭିଡ୍-୧୯ ମୃତକଙ୍କ ସହ ଅଚିହ୍ନା ମୃତଦେହ ସଂସ୍କାର କରାଯାଉଛି। ଶ୍ମଶାନରେ ପୂର୍ବରୁ ମୃତଦେହଗୁଡ଼ିକ ପୋତା ଯାଉଥିଲା। ଏବେ କେତେକ ଆମ୍ବୁଲାନ୍ସ କର୍ମଚାରୀ ମୃତଦେହକୁ ଆଣି ସଂସ୍କାର ନ କରି ଅଧାପୋତା ଅବସ୍ଥାରେ ଛାଡି ଦେଉଛନ୍ତି। ଗ୍ରାମ ନିକଟରେ ଶ୍ମଶାନ ଥିବାରୁ ଏହାର କୁପରିଣାମ ଗ୍ରାମବାସୀ ଭୋଗୁଛନ୍ତି। ତୁରନ୍ତ ଏ ନେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଗ୍ରାମବାସୀ ଦାବି କରିଥିବା ମହେଶ ପ୍ରକାଶ କରିଛନ୍ତି।

# ବର୍ଷାପାଣିରେ ଉଜୁଡ଼ିଲା ଚାଷ, ଚିନ୍ତାରେ ଚାଷୀ

ଡେରାବିଶ,୨୧।୯ (ସ୍ୱ.ପ୍ର.)

ଲଗାଣ ବର୍ଷାରେ ଡେରାବିଶ ବ୍ଲକ ଅଞ୍ଚଳର ବ୍ୟାପକ କ୍ଷୟକ୍ଷତି ହୋଇଛି। ହଜାର ହଜାର ହେକ୍ଟର ଚାଷଜମି ବର୍ଷାପାଣିରେ ବୁଡି ରହିଛି। ଏ ନେଇ ବ୍ଲକ ଅଞ୍ଚଳର ଚାଷୀମାନେ ଚିନ୍ତାରେ ପଡ଼ିଯାଇଛନ୍ତି। ଚଳିତବର୍ଷ ସେପ୍ଟେମ୍ବର ପ୍ରଥମ ସପ୍ତାହ ସୁଦ୍ଧା ଜମିରେ ଚାଷୀମାନେ ଧାନ ଫସଲ ପାଇଁ ରୁଆପୋତା କରି ସାରିଥିଲେ। ମାତ୍ର ଗତ ସପ୍ତାହରେ ଲଗାଣ ବର୍ଷା ଚାଷୀଙ୍କ ମେରୁଦଣ୍ଡ ଭାଙ୍ଗି ଦେଇଛି। ବର୍ଷା ଛାଡିଯାଇଛି ସତ, ଏବେବି ବିଲରେ ବର୍ଷାପାଣି ୫ରୁ ୬ଫୁଟ ଉଚ୍ଚରେ ଜମି ରହିଛି। ଚଳିତବର୍ଷ ଧାନଗଛଗୁଡ଼ିକ ପଚିଯିବାର ଆଶଙ୍କା ଦେଖାଦେଇଛି। ବର୍ଷାପାଣିରେ ଗୋବରୀ ନଦୀ ଫୁଲିଯିବାରୁ ଏହି ଜଳ ନିଷ୍କାସିତ ହୋଇ ଏଭଳି ସମସ୍ୟା ଦେଖାଦେଇଥିବା ବ୍ଲକ ଅଧୀନ ରଘୁଦେଇପୁର ପଞ୍ଚାୟତ କଂସାରୀପାଟଣା ଗାଁର ଅଗ୍ରଣୀ ଚାଷୀ ଦିଗମ୍ବର ମିଶ୍ର କହିଛନ୍ତି। ଦିଗମ୍ବରଙ୍କ ସୂଚନା ଅନୁଯାୟୀ, ତାଙ୍କର ୮ ଏକର ଜମିରେ ରୁଆପୋତା ସହ ସାର ପକାଇବା କାର୍ଯ୍ୟ ଶେଷ ହୋଇଥିଲା। ମାତ୍ର ବର୍ଷା ପାଣି ବିଲରେ ଛିଡା ହୋଇ ରହିଛି। ଧାନ ଅମଳ କରିବା ଆଉ ସମ୍ଭବ ହେବ ନାହିଁ। ସେହିପରି କେନ୍ଦ୍ରାପଡ଼ା ଜିଲା ଚାଷୀ ଶ୍ରମିକ ସଂଘ ସମ୍ପାଦକ କୃତ୍ତିବାସ ଦାସ ଓ ଚାଟରାଚକଡା ପଞ୍ଚାୟତ ଅଧୀନ ହଳଦୀବସନ୍ତ ଗାଁର ଚାଷୀ ଭାଗବତ ମଲ୍ଲିକଙ୍କ ସୂଚନା ଅନୁଯାୟୀ, ହରିଦାସପୁର-ପାରାଦୀପ ରେଳପଥରେ ପାଣି ନିଷ୍କାସିତ ହେବା ପାଇଁ ରେଳ ବିଭାଗ ଗୁରୁତ୍ୱ ଦେଉନାହିଁ। ଫଳରେ ବର୍ଷାପାଣି ନିଷ୍କାସିତ ହୋଇ ନ ପାରି ଜମି ରହୁଛି।

ଅପରପକ୍ଷରେ ବ୍ଲକ ଅଞ୍ଚଳରେ ଥିବା ସମସ୍ତ ଡ୍ରେନେଜ କର୍ଟରେ ଜଳ ଗୋବରୀ ନଦୀରେ ନିଷ୍କାସିତ ହେଉଛି। ମାତ୍ର ଡ୍ରେନେଜ କର୍ଟ ବିଭାଗର ଦାୟିତ୍ୱହୀନତା ପାଇଁ ଦଳ ଭର୍ତ୍ତି ହୋଇଥିବାରୁ ବର୍ଷାପାଣି ନିଷ୍କାସନରେ ସମସ୍ୟା ଦେଖାଦେଇଛି। ବର୍ଷାଜଳ ପାଇଁ ବ୍ଲକ ଅଧୀନ ନୂଆହାଟ ପାଟ, ନୋଳ ପାଟ, କାଉପଡା ପାଟ, କୁରୁଜଙ୍ଗା ପାଟ, ଅଠରପଡା ପାଟ, ଚାଟରାଚକଡା ପାଟ, ବାଲିଆ ପାଟ, ନରସିଂହପୁର ପାଟ, ରଘୁଦେଇପୁର ପାଟରେ ଥିବା ଚାଷଜମି ଜଳମଗ୍ନ ହୋଇଛି। ବ୍ଲକ କୃଷି ବିଭାଗ ସୂଚନା ଅନୁଯାୟୀ, ଚଳିତବର୍ଷ ୧୧ ହଜାର ହେକ୍ଟର ଜମିରେ ଧାନ ଫସଲ ହୋଇଛି। ହେଲେ ଏହି ବର୍ଷାଜଳ ପାଇଁ ପ୍ରାୟ ୩ ହଜାରରୁ ଊର୍ଦ୍ଧ୍ୱ ହେକ୍ଟର ପାଣିରେ ବୁଡ଼ି ରହିଛି। ବିଲରୁ ପାଣି କମିଯିବା ପରେ କ୍ଷୟକ୍ଷତିର ଆକଳନ କରାଯିବ। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଓ ଜିଲାପାଳଙ୍କ ନିକଟରେ ଆଗାମୀ ଦିନରେ ରିପୋର୍ଟ ଦିଆଯିବ ବୋଲି ବ୍ଲକ ସହକାରୀ କୃଷି ଅଧିକାରୀ ଅନୁରାଧା ପଣ୍ଡା କହିଛନ୍ତି। ଡ୍ରେନେଜ କର୍ଟ ବିଭାଗର ସହକାରୀ ଯନ୍ତ୍ରୀ ଦୀପକ କୁମାର ମହାନ୍ତଙ୍କ ସୂଚନା ଅନୁଯାୟୀ ନିଷ୍କାସିତ ହେବାକୁ ଥିବା ଚେକ୍ ଡ୍ୟାମ ନିକଟରେ ଜମି ରହିଥିବା ଦଳ ସୋମବାର ଅଳ୍ପ ସଫା କରାଯାଇଛି। ଆଗାମୀ ୨ରୁ ୩ ଦିନ ମଧ୍ୟରେ ଏହି ବର୍ଷାପାଣି ନିଷ୍କାସିତ ପାଇଁ ପଦକ୍ଷେପ ନିଆଯାଉଥିବା ସେ ସୂଚନା ଦେଇଛନ୍ତି।



ବିଲରେ ପାଣି ଜମି ରହିଛି। ଧାନ ଗଛ ବୁଡି ରହିଛି।

# ବଳରାମ ଯୋଜନାରେ ୬୫୦ ଜଣଙ୍କୁ ସହାୟତା ପ୍ରଦାନ

ପାଟକୁରା,୨୧।୯ (ଡି.ଏନ୍.ଏ.)

ଗରଦପୁର ବ୍ଲକ ଅଞ୍ଚଳରେ ଦୁଇ ଦିନରେ ବଳରାମ ଯୋଜନାରେ ୬୫୦ ଜଣଙ୍କୁ ୧୫ ହଜାର ଟଙ୍କା ଲେଖାଏଁ ସହାୟତା ରାଶି ପ୍ରଦାନ କରାଯାଇଛି। ବ୍ଲକର ତିକନପୁର ରାମମନ୍ଦିର ପ୍ରାଙ୍ଗଣରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ବିଧାୟିକା ସାବିତ୍ରୀ ଅଗ୍ରୱାଲ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଗରିବ, ଅସହାୟ ଓ ଭାଗଚାଷୀଙ୍କୁ ସହାୟତା ଋଣ ରାଶି ବଣ୍ଟନ କରିଛନ୍ତି। ୬୨ ଗୋଷ୍ଠୀର ୩୧୦ ଜଣଙ୍କୁ ଋଣ ରାଶି ବାବଦକୁ ଚେକ୍ ପ୍ରଦାନ କରାଯାଇଛି। ବିଧାୟିକା କହିଥିଲେ, ଋଣ ଟଙ୍କାର ଠିକ୍ ବିନିଯୋଗ ହେବା ଦରକାର ଓ ଋଣ କାରବାର ନିୟମିତ ହେବା ଉଚିତ। ସମ୍ମାନିତ ଅତିଥି ଭାବେ ରାଜ୍ୟ ବିଜେଡି କାର୍ଯ୍ୟକାରିଣୀ ସଦସ୍ୟ ସଞ୍ଜୟ ଅଗ୍ରୱାଲ ଯୋଗ ଦେଇଥିଲେ। 'ଆତ୍ମା' ଅଧ୍ୟକ୍ଷ ଦୀପକ କୁମାର ରାଉତଙ୍କ ଅଧ୍ୟକ୍ଷତାରେ ଆୟୋଜିତ ମେଳାରେ ଗରଦପୁର ତହସିଲଦାର ଅଶୋକ କୁମାର ବେହେରା, କେନ୍ଦ୍ର ସମବାୟ ବ୍ୟାଙ୍କର ଶାଖା ପରିଚାଳକ ସୋଶଭନ ନାୟକ, କୃଷି ଅଧିକାରୀ ଅମରେନ୍ଦ୍ର ସିଂ, ସରପଞ୍ଚ ଆରତି ମଲ୍ଲିକ ଓ ବ୍ଲକ ବିଜେଡି ସଭାପତି ଶଶାଙ୍କ ପରିଡା ପ୍ରମୁଖ ମଞ୍ଚାସୀନ ଥିଲେ। ସୂଚନାଯୋଗ୍ୟ, ସୋମବାର ପାଖଡ଼ ଗ୍ରାମ ପଞ୍ଚାୟତରେ ବଳରାମ ଯୋଜନାରେ ବିଧାୟିକା ଅଗ୍ରୱାଲ ୬୮ ଗୋଷ୍ଠୀର ୩୪୦ ଜଣଙ୍କୁ ଋଣ ରାଶି ବଣ୍ଟନ କରିଥିଲେ।



ବିଧାୟିକା ବଳରାମ ଯୋଜନାର ଚେକ୍ ପ୍ରଦାନ କରୁଛନ୍ତି।


**TPWODL**
**TP WESTERN ODISHA DISTRIBUTION LIMITED**
(A Tata Power & Odisha Govt. Joint Venture)
Corporate Office, Burla, Dist.- Sambalpur (Odisha) - 768017

**NOTICE INVITING TENDER**
Tender Notice No. TPWODL/PM/O/SU/043

TP Western Odisha Distribution Limited, invites quotations (in 2 part) from eligible vendors/suppliers for the following packages:

**Rate contract for Supply of 500 Nos. Laptop**

Interested bidders to submit Tender Participation Fee and Authorization letter by e-mail on or before **30th Sept. 2021, 15.00 hrs.** in order to become eligible to participate in the bidding process.
All correspondence regarding the tender details bid submission, date extension etc. shall only take place with the eligible bidders through E-Tender system.
For detailed tender documents you may visit Tender section of TPWODL website: **www.tpwesternodisha.com**.
**Sd./- Chief Contracts and Stores**

NATION TAX MARKET
**COMMISSIONERATE OF CT & GST**
(Under Finance Department)
(GOVERNMENT OF ODISHA)
No. S-19

**ଜିଏସ୍‌ଟି ଟିକସଦାତା, ଦୟାକରି ଧ୍ୟାନ ଦିଅନ୍ତୁ ।**
**ରଦ୍ଦୀକରଣ ପ୍ରତ୍ୟାହାର ନିମିତ୍ତ ଦରଖାସ୍ତ ଦାଖଲ କରିବାର ଶେଷ ତାରିଖ ୩୦ ସେପ୍ଟେମ୍ବର ୨୦୨୧ ପର୍ଯ୍ୟନ୍ତ ବୃଦ୍ଧି**

ଯେଉଁ ଟିକସଦାତାଙ୍କ ଜିଏସ୍‌ଟି ପଞ୍ଜୀକରଣ ''ରିଟର୍ଣ୍ଣ ଦାଖଲ ନ କରିବା'' ଯୋଗୁ ରଦ୍ଦ କରାଯାଇଅଛି ଏବଂ ଯେଉଁଠି ପଞ୍ଜୀକରଣ ରଦ୍ଦୀକରଣ ପ୍ରତ୍ୟାହାର ନିମିତ୍ତ ଦରଖାସ୍ତ ଦାଖଲ କରିବାର ସମୟ ସୀମା ୨୦୨୦ ମସିହା ମାର୍ଚ୍ଚ ତାରିଖରୁ ୨୦୨୧ ମସିହା ଅଗଷ୍ଟ ୩୧ ତାରିଖ ମଧ୍ୟରେ ରହିଥିଲା (ବିଜ୍ଞପ୍ତି ସଂଖ୍ୟା ୩୪/୨୦୨୧ ତାରିଖ ୨୯ ଅଗଷ୍ଟ ୨୦୨୧ ଓ ସର୍କୁଲାର ସଂଖ୍ୟା ୧୫୮/୪/୨୦୨୧- ଜିଏସ୍‌ଟି ତାରିଖ ୬ ସେପ୍ଟେମ୍ବର ୨୦୨୧ ଅନୁଯାୟୀ), ସେମାନଙ୍କ ପାଇଁ ଜିଏସ୍‌ଟି ପଞ୍ଜୀକରଣ ରଦ୍ଦୀକରଣ ପ୍ରତ୍ୟାହାର ନିମିତ୍ତ ଦରଖାସ୍ତ ଦାଖଲ କରିବାର ସମୟ ସୀମାକୁ ୩୦ ସେପ୍ଟେମ୍ବର ୨୦୨୧ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି।

**ନିମ୍ନୋକ୍ତ କ୍ଷେତ୍ରରେ ଏହି ସୁବିଧା ପ୍ରଯୁଜ୍ୟ ହେବ:**
(୧) ଟିକସଦାତାଙ୍କ ଦ୍ୱାରା ରଦ୍ଦୀକରଣ ପ୍ରତ୍ୟାହର ପାଇଁ ଦରଖାସ୍ତ ଦାଖଲ ହୋଇ ନ ଥିବ।
(୨) ରଦ୍ଦୀକରଣ ଆଦେଶ ବିରୋଧରେ ଅପିଲ ହୋଇଥିବ ଓ ଏହି ଅପିଲକୁ ପ୍ରତ୍ୟାଖ୍ୟାନ କରାଯାଇଥିବ।
(୩) ରଦ୍ଦୀକରଣ ପ୍ରତ୍ୟାହାର ନିମିତ୍ତ ଦରଖାସ୍ତକୁ ପ୍ରପର ଅଫିସରଙ୍କ ଦ୍ୱାରା ଅଗ୍ରାହ୍ୟ କରାଯାଇଥିବ।
(୪) ରଦ୍ଦୀକରଣ ଆଦେଶ ବିରୋଧରେ ଟିକସଦାତାଙ୍କ ଦ୍ୱାରା ଅପିଲ ହୋଇଥିବ ଏବଂ ଏହାର ନିଷ୍ପତ୍ତି ଟିକସଦାତାଙ୍କ ବିରୋଧରେ ସ୍ଥିରୀକୃତ ହୋଇଥିବ।

ଉପରୋକ୍ତ ସମସ୍ତ ମାମଲାରେ ରଦ୍ଦୀକରଣ ପ୍ରତ୍ୟାହାର ନିମିତ୍ତ ସାନି ଅନ୍‌ଲାଇନ ଦରଖାସ୍ତ ୩୦ ସେପ୍ଟେମ୍ବର ୨୦୨୧ ସୁଦ୍ଧା ଦାଖଲ କରିବା ପାଇଁ ଟିକସଦାତାଙ୍କୁ ଏହି ସୁବିଧା ବର୍ତ୍ତମାନ ଉପଲବ୍ଧ କରାଯାଇଛି।

**ବାଣିଜ୍ୟକର ଓ ଜିଏସ୍‌ଟି ଆୟୁକ୍ତ**
**ଓଡ଼ିଶା ସରକାର, କଟକ**

**Help Desk: 1800-345-6753 (Toll Free)**
**email: ctdho@odishatax.gov.in**
OIPR-05006/11/0006/2122

**CAREER APPOINTMENT**
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

**WANTED**
**ସିଙ୍ଗାପୁର (SINGAPORE)**
ରକ୍ଷଣା ବେକ୍ଷଣ କମ୍ପାନୀ ସମସ୍ତ ପ୍ରକାରର ନିର୍ମାଣ କାମ ଯେପରିକି ଶ୍ରମିକ, ରୋଷେଇ, ସିକ୍ୟୁରିଟି ଗାର୍ଡ, ଅଫିସ୍ ଆସିଷ୍ଟାଣ୍ଟ, ପିଅନ, ଡ୍ରାଇଭର, ହେଲପର ଇତ୍ୟାଦି (ଭଲ ବେତନ, ଭଲ ସୁବିଧା। ଭାରତୀୟ ପରିଚାଳନା କମ୍ପାନୀ, ଗ୍ୟାରେଣ୍ଟି ସହିତ ପଠେଇବା)
କମଲ ପ୍ଲେସ୍‌ମେଣ୍ଟ ସୁରଟ, ଗୁଜୁରାଟ
9157312448, 9104103242, 9157012447

A leading Health Organization required staff for all over Odisha
**DISTRICT MANAGER** - (All Districts (M/F), Graduation.
**BLOCK COORDINATOR** (For all Blocks) +2 above(M/F).
**RSP SOLUTIONS**
Plot No. -18, Krisna Garden, Phase-2, Jagamara, Bhubaneswar
Contact No. - 8455966556/ 7656007439

**WANTED**
Reputed Real Estate Company, Bhubaneswar requires experienced **SALES OFFICER**- 20 Nos. (M/F). Attractive salary + incentives.
Contact: 9437323319

**REQUIRED**
ONE DIPLOMA CIVIL ENGINEER FOR OTELP PLUS PROJECT.
**Salary: Rs.20,000/-**
Contact: 9040268680

**JOBS IN AIRPORT**
(PERMANENT JOB) ରେ ଡାଇରେକ୍ଟ ଭର୍ତ୍ତି
Ground Staffs, Store Keeper, Supervisors, Checkers, Loaders, Drivers, Guards and Helpers.
Qualification: ୮ମ ପଢିଥିବା + Graduate
Salary: Rs 25000 - 75000 + Bonus + Cab ( ରହିବା + ଖାଇବା Free )
9724880119, 7202099236

ଗୋଆରେ ଅକ୍ଟୋବରଠାରୁ ପେସାଦାର କିଚେନ୍ ଅଭିଜ୍ଞତାଧାରୀ ଓଡ଼ିଆ ସେଫ୍ (Chef) ଆବଶ୍ୟକ।
ଖାଇବା ଓ ରହିବା ସୁବିଧା ଦିଆଯିବ।
ଯୋଗାଯୋଗ: 9920027635

**APPOINTMENT**
Excellent Career & Earning opportunity 150 yrs. Legacy Company hiring Male/ Female in Bhubaneswar. Work full / part time. Any one can apply.
Mobile: 8686933457 9866320431
Email ID: pratyush.rout2@gmail.com

**WANTED**
**MARKETING EXECUTIVE** for Plywood. Graduate / under Graduate, Age- 31 +, vehicle must. Salary- 10,000/- + free accommodation for BBSR.
Contact: 9338023979 9692133979

**GHANASHYAM HEMALATA VIDYAMANDIR, PURI**
(A CBSE Affiliated Fully Residential School)
R.J Vihar, Bhuan, Chhaitana, Puri-2
Ph. No: - 7735629062 / 7873480470
E-mail: - puri.ghvm@gmail.com

**REQUIREMENT OF TEACHERS**

| POST | SUBJECTS |
|---|---|
| PGT | MATH, BIOLOGY, PHYSICS, CHEMISTRY, COMPUTER SCIENCE |
| TGT | ENGLISH, HINDI, MATH, SCIENCE |
| PRT | ENGLISH, HINDI, MATH, SCIENCE, SST, COMPUTER |
| PET | MALE AND FEMALE |
| NTT | FEMALE |

- **Qualification** :- As Per CBSE norms
- Competent & Experienced teachers with fluency in English
- **Salary** :- Negotiable Salary
- Free Accommodation, Fooding & Laundry for all the above posts.
- Interested candidate can apply by mailing their resume (with photograph) at **puri.ghvm@gmail.com** and send the hard copy to the address given above.

PRINCIPAL

**BIJU PATTANAIK FILM & TELEVISION INSTITUTE OF ORISSA**
BOSE Campus, Cuttack-753 007
Tel No. 0671-2413968 /2415480
e-mail : bpftio123@gmail.com

**EXTENSION DATE OF ADMISSION NOTICE-2021**

The Last date of process of online application for the Entrance Examination for 4 years Bachelor Programme in Cinematic Art and Technology in i) Cinematography ii) Sound Recording & Sound Design iii) Film Editing is hereby extended **upto 24.09.2021. Fees can be paid till 25-09-2021 (05:00PM).**

The detailed schedule regarding dates of the Examination and downloading of Admit Cards etc. will be notified in due course of time.

Candidates are advised to visit the official websites of OJEE (**www.ojee.nic.in**) and of BPFTIO (**www.bpftio.org**) regularly for updated information.

**For any Queries Contact :**
**8249889162, 9437069564, 9439978071**

Sd/-
Director

## ସଂକ୍ଷେପରେ

### ମହିଳାଙ୍କ ମୁହଁରେ ଚୂନକଳା ବୋଳି ଲଣ୍ଡା କଲେ

■ ଟଙ୍କା ନେଣଦେଣକୁ ନେଇ ନିର୍ଯାତନା

ପଟ୍ଟାମୁଣ୍ଡାଇ, ୨୧।୯(ସ୍ୱ.ପ୍ର.): ଟଙ୍କା ନେଣଦେଣ ଘଟଣାରେ ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ୨୦ ନଂ. ୱାର୍ଡର ଜଣେ ମହିଳାଙ୍କୁ ଡାକି ମୁହଁରେ ଚୂନକାଳି ବୋଳିଦେବା ସହ ମୁଣ୍ଡକୁ ଲଣ୍ଡା କରାଯାଇଛି। ଭାଇରାଲ ହୋଇଥିବା ଭିଡିଓରେ ଶୁଣାଯାଉଥିବା କଥା ଅନୁସାରେ, ନିର୍ଯାତିତା ମହିଳା ଜଣକ ଲୋକଙ୍କୁ ଠକି ବହୁ ଟଙ୍କା ଲୁଟି ନେଇଥିଲେ। ସ୍ଥାନୀୟ ଲୋକମାନେ କୌଶଳକ୍ରମେ ଉକ୍ତ ମହିଳାଙ୍କୁ ଡକାଇ ଆଣି ତାଙ୍କ ଉପରେ ଅତ୍ୟାଚାର କରିଛନ୍ତି। ତାଙ୍କ ଗାଲରେ ଚୂନ ଓ କଳା ମାରି ସାରିବା ପରେ କଇଁଚିରେ ଚୁଟିକୁ ମହିଳାମାନେ କାଟି ପକାଉଛନ୍ତି। ଏହି ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବା ପରେ ଲୋକଲୋଚନକୁ ଆସିଛି। ଏ ନେଇ ପଟ୍ଟାମୁଣ୍ଡାଇ ଥାନା ପକ୍ଷରୁ ନଂ.୫୬୫/୨୧ରେ ମାମଲା ରୁଜୁ ହୋଇଛି। ମହିଳାଙ୍କୁ ନିର୍ଯାତନା ଦେବା ଅଭିଯୋଗରେ ପୋଲିସ ୧୦ଜଣ ମହିଳାଙ୍କୁ ଥାନାରେ ଅଟକ ରଖି ଘଟଣାର ଅଧିକ ତଦନ୍ତ ଚଳାଇଛି।

### ତୁଳସୀ ପାହାଡ଼ରେ ପୋଲିସ-ମାଓବାଦୀ ଗୁଳି ବିନିମୟ

■ ଖସିଗଲେ ମାଓବାଦୀ ନେତା ସୁରେଶ

ମାଲକାନଗିରି, ୨୧।୯(ଡି.ଏନ୍.ଏ.)- କିଛିଦିନର ନୀରବତା ପରେ ପୁଣି ମାଲକାନଗିରି ଜିଲାରେ ପୋଲିସ-ମାଓବାଦଙ୍କ ମଧ୍ୟରେ ଗୁଳି ବିନିମୟ ଘଟିଛି। ମାଥିଲି ବ୍ଲକ ତୁଳସୀ ପାହାଡ଼ କିରିମିଟି ଜଙ୍ଗଲରେ ମାଓବାଦୀ ନେତା ସୁରେଶଙ୍କ ନେତୃତ୍ୱରେ ଏକ ଶିବିର ଚାଲିଥିବା ଖବର ପାଇ ଏସ୍ଓଜି ଓ ଡିବିଏଫ୍ ପକ୍ଷରୁ ଚଢ଼ାଉ କରାଯାଇଥିଲା। ପୋଲିସକୁ ଦେଖି ମାଓବାଦୀମାନେ ଗୁଳିଚାଳନା କରିବାରୁ ପୋଲିସ ମଧ୍ୟ ଏହାର ଜବାବ ଦେଇଥିଲା। ଦୀର୍ଘ ସମୟ ଧରି ଉଭୟ ପକ୍ଷଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଥିଲା। ପୋଲିସ ଗୁଳିର ସାମ୍ନା କରି ନ ପାରି ମାଓବାଦୀମାନେ ଛତ୍ରଭଙ୍ଗ ଦେଇଥିଲେ। ପରେ ତଲାସୀ ବେଳେ ପୋଲିସ ମାଓବାଦୀଙ୍କ ବ୍ୟବହୃତ କିଟ୍ ବ୍ୟାଗ୍ ସହ ବିସ୍ଫୋରକ ସାମଗ୍ରୀ ଜବତ କରିଛି। ଏ ସମ୍ପର୍କରେ ମାଲକାନଗିରି ଏସ୍ପି ପ୍ରହ୍ଲାଦ ସାଇ ମୀନାଙ୍କୁ ପଚାରିବାରୁ ସେ କହିଲେ , ସମ୍ପୃକ୍ତ ଅଞ୍ଚଳରେ ସର୍ଚ୍ଚ ଅପରେଶନ ଚାଲିଛି। ଯବାନମାନେ ଜଙ୍ଗଲରୁ ଫେରିବା ପରେ ସମସ୍ତ ତଥ୍ୟ ମିଳିପାରିବ। ସୂଚନାଯୋଗ୍ୟ, ଆନ୍ଧ୍ର-ଓଡ଼ିଶା ବର୍ଡର ଜୋନାଲ କମିଟିର ମାଓବାଦୀମାନେ ମାଥିଲି ଓ ବୈପାରିଗୁଡ଼ା ଜଙ୍ଗଲ ମଧ୍ୟରେ ଗତ କିଛିଦିନ ଧରି ଚଳପ୍ରଚଳ କରୁଛନ୍ତି। ଗତ ୧୪ତାରିଖରେ ପୋଲିସ ପକ୍ଷରୁ ମାଓବାଦୀଙ୍କ ଉପରେ ଆକ୍ରମଣ କରାଯାଇଥିଲା। କିରିମିଟି ଜଙ୍ଗଲରେ ସେମାନେ ନୂଆ ଶିବିର ସ୍ଥାପନ କରିଥିବା ଖବର ପାଇ ପୋଲିସ ଚଢ଼ାଉ କରିଥିଲା।

# ୫୫ନଂ.ଏନ୍ଏଚ୍ ସମ୍ପ୍ରସାରଣ ସରୁନାହିଁ



■ ଦୁର୍ବଳ ଆର୍ଥିକ ପରିଚାଳନା ଦାୟୀ
■ ଠିକାସଂସ୍ଥା ସହ ସ୍ୱତନ୍ତ୍ର ବୈଠକ ନିର୍ଦ୍ଦେଶ
■ ଜମି ଅଧିଗ୍ରହଣ ପାଇଁ ପଡ଼ିରହିଛି ୪୪.୯ କୋଟି
■ ଓପିଟିସିଏଲ ଟାୱାର ସ୍ଥାନାନ୍ତରଣ ପାଇଁ ୪.୧୫ କୋଟି ଦାବି

ଯାଜପୁର ଅଫିସ,୨୧।୯

କଟକ-ଅନୁଗୋଳ ଓ ସମ୍ବଲପୁର-ଅନୁଗୋଳ ସେକ୍ସନ ୫୫ ନଂ. ଜାତୀୟ ରାଜପଥ(ଏନ୍ଏଚ୍) ୪ ଲେନ୍ ସମ୍ପ୍ରସାରଣ କାମର ଅଗ୍ରଗତି ବାଧାପ୍ରାପ୍ତ ହେଉଛି। ଠିକାସଂସ୍ଥା ଗାୟତ୍ରୀର ଦୁର୍ବଳ ଆର୍ଥିକ ପରିଚାଳନା ଯୋଗୁ ଏପରି ପରିସ୍ଥିତି ସୃଷ୍ଟି ହୋଇଛି । ଏହାବାଦ୍ ଜବରଦଖଲ, ଜମି ଅଧିଗ୍ରହଣ, ହାତୀ ଚଲାପଥ, ଓପିଟିସିଏଲ୍ ଟାୱାର ସ୍ଥାନାନ୍ତରଣ ଆଦି ପ୍ରତିବନ୍ଧକ ଯୋଗୁ ଏହି ଜାତୀୟ ରାଜପଥ କାମ ସରିବାକୁ ବିଳମ୍ବ ଘଟିଛି । ଓଡ଼ିଶା ନିର୍ମାଣ ବିଭାଗ ପକ୍ଷରୁ ଅନୁଷ୍ଠିତ ସମୀକ୍ଷା ବୈଠକରେ ଏପରି ମତପ୍ରକାଶ ପାଇଛି। ଯାଜପୁର-ଭୁବନେଶ୍ୱର ୧୬ନଂ. ଏନ୍ଏଚ୍‌କୁ ସଂଯୋଗ କରୁଥିବା ଏହି ରାଜପଥ ଉପରେ ନିର୍ଭରଶୀଳ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ଖୋର୍ଦ୍ଧା, କଟକ, ଅନୁଗୋଳ, ସମ୍ବଲପୁର, ଢେଙ୍କାନାଳ ଆଦି ଜିଲାବାସୀ ଏଥିପାଇଁ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ତେଣୁ ଜମି ଅଧିଗ୍ରହଣ ସମସ୍ୟାକୁ ଅଗ୍ରାଧିକାର ଭିତ୍ତିରେ ସମାଧାନ କରିବାକୁ ଅନୁଗୋଳ ଓ ସମ୍ବଲପୁର ଜିଲାପାଳଙ୍କୁ ଅତିରିକ୍ତ ମୁଖ୍ୟଶାସନ ସଚିବ ଉକ୍ତ ସମୀକ୍ଷା ବୈଠକରେ ନିର୍ଦ୍ଦେଶ ଦେଇଥିଲେ। ରାଜ୍ୟ ନିର୍ମାଣ ବିଭାଗର ଅତିରିକ୍ତ ସଚିବ ହେମନ୍ତ କୁମାର ଦତ୍ତ ୨୦।୯।୨୦୨୧ରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନାର ପ୍ରିନ୍ସିପାଲ ସେକ୍ରେଟାରୀଙ୍କୁ ଦେଇଥିବା ଉକ୍ତ ବୈଠକ ବିବରଣୀରୁ ଉକ୍ତ ସୂଚନା ମିଳିଛି।

ନ୍ୟାଶନାଲ ହାଇୱେ ଅଥରିଟି ଅଫ୍ ଇଣ୍ଡିଆ(ଏନ୍ଏଚ୍ଏଆଇ) ସିଜିଏମ୍ ଆର୍.ପି. ପଣ୍ଡାଙ୍କ ବିବୃତି ଅନୁସାରେ ଅନୁଗୋଳ-ସମ୍ବଲପୁର ଏନ୍ଏଚ୍-୫୫ର ୧୫୩ କି.ମି. ମଧ୍ୟରୁ ୯୫ କି.ମି. ୪ ଲେନ୍ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି। ଏହାବାଦ୍ ଅନୁଗୋଳ କମ୍ପିଟେଣ୍ଟ ଅଥରିଟି ଅଫ୍ ଲ୍ୟାଣ୍ଡ ଆକ୍ୱିଜିଶନ (ସିଏଏଲ୍ଏ) ପାଖରେ ୩୧.୨୭ କୋଟି ଟଙ୍କା ଏବଂ ସମ୍ବଲପୁର ସିଏଏଲ୍ଏ ନିକଟରେ ୧୨.୮୨ କୋଟି ଟଙ୍କା ଜମି ଅଧିଗ୍ରହଣ କ୍ଷତିପୂରଣ ବାବଦ ଅର୍ଥ ପଡ଼ିରହିଛି। ଏହାବାଦ୍ ଅନୁଗୋଳ ଜିଲାର ଦଖଲ ୧.୫ ଏକର ଜମି ହସ୍ତାନ୍ତର ହୋଇପାରିନାହିଁ। ସମ୍ବଲପୁର ଜିଲା ଜୁଜୁମୁରା ନିକଟରେ ଥିବା ଓପିଟିସିଏଲ୍‌ର ୪୦୦ କେଭି କ୍ଷମତା ବିଶିଷ୍ଟ ୮ଟି ଟାୱାର ସ୍ଥାନାନ୍ତର ହୋଇପାରି ନାହିଁ। ଏଥିପାଇଁ ଓପିଟିସିଏଲ୍ ୪.୧୫ କୋଟି ଟଙ୍କା ଦାବି କରିଛି। ତେବେ ଏନ୍ଏଚ୍ଏଆଇ ଏହାର ପୁନଃ ବିଚାର କରିବାକୁ ଓପିଟିସିଏଲ୍‌କୁ ଅନୁରୋଧ କରିଛି। ଜବରଦଖଲ, କୋଭିଡ୍-୧୯ ଓ ଦୁର୍ବଳ ଆର୍ଥିକ କାରବାର ପ୍ରକଳ୍ପର ଅଗ୍ରଗତିରେ ବାଧକ ସାଜିଛି ବୋଲି ପଣ୍ଡା କହିଛନ୍ତି। ଏନ୍ଏଚ୍-୫୫ କଟକ-ଅନୁଗୋଳ ସେକ୍ସନର ୧୧୨ କି.ମି. ରାସ୍ତା ସମ୍ପ୍ରସାରଣରେ ୭ଟି ଏଲିଫ୍ୟାଣ୍ଟ ଅଣ୍ଡର ପାସ୍(ଇୟୁପି) ମଧ୍ୟରୁ ୪ଟି ସ୍ଥାନରେ କାମ ଚାଲିଛି। ତେବେ ଲୋକଙ୍କ ଅସନ୍ତୋଷ କାରଣରୁ ୧୩.୭୯୦ କି.ମି. ଦୂରତାରେ ସ୍ଥାନ ଚିହ୍ନଟର ପୁଣି ଆବଶ୍ୟକତା ରହିଛି, ଯାହାକି ଜଙ୍ଗଲ ବିଭାଗରେ ବିଚାରାଧୀନ ରହିଛି। ଅନ୍ୟତ୍ର ୬୧.୫୭୦ କି.ମି. ସ୍ଥାନରେ ଲୋକଙ୍କ ଆନ୍ଦୋଳନ ଓ ୧୮.୭୮୫ କିମି ସ୍ଥାନରେ ବିଭିନ୍ନ ଶିଳ୍ପ ପ୍ରତିଷ୍ଠାନ ଯୋଗୁ ଇୟୁପି ପ୍ରକଳ୍ପ ବନ୍ଦ କରିବାର ଜରୁରୀ ହୋଇଛି। ଏହାବାଦ୍ ଅନୁଗୋଳ ବାଇପାସ୍ ରାସ୍ତାରେ ଭର୍ଟିକଲ କ୍ଲିୟରାନ୍ସ ହୋଇ ପାରି ନ ଥିବା କାରଣରୁ ଏହି ରାସ୍ତା ଶେଷ ହେବାରେ ବାଧକ ସାଜିଛି ବୋଲି ରିପୋର୍ଟରେ ଦର୍ଶାଯାଇଛି। ତେଣୁ ଗାୟତ୍ରୀ ଠିକାସଂସ୍ଥା କର୍ତ୍ତୃପକ୍ଷଙ୍କ ସହ ସ୍ୱତନ୍ତ୍ର ବୈଠକ ଓ ଜଙ୍ଗଲ ବିଭାଗ ଦ୍ୱାରା ଇୟୁପି ସମସ୍ୟାର ସମାଧାନ କରିବାକୁ ସଚିବ ଗୁରୁତ୍ୱାରୋପ କରିଥିଲେ।

ସୂଚନାଯୋଗ୍ୟ, ଉପରୋକ୍ତ ସମ୍ପ୍ରସାରଣ କାର୍ଯ୍ୟ ପାଇଁ ୨୦୧୮ ଡିସେମ୍ବରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ସେତେବେଳେ ୨୦୨୦ ସେପ୍ଟେମ୍ବର ସୁଦ୍ଧା କାର୍ଯ୍ୟ ସମ୍ପନ୍ନ କରିବାକୁ ଧାର୍ଯ୍ୟ ହୋଇଥିଲା। ଏହିକ୍ରମରେ ଗାୟତ୍ରୀ ଠିକାସଂସ୍ଥାକୁ କାର୍ଯ୍ୟ ଦାୟିତ୍ୱ ଦିଆଯାଇଥିଲା। ଏହାର ସମୟ ଅବଧି କ୍ରମଶଃ ବୃଦ୍ଧି ପାଇ ୩୦।୬।୨୦୨୨ରେ ପହଞ୍ଚିଛି। ସମ୍ପ୍ରସାରଣ କାମ ପ୍ରାୟ ୪୦% ବାକି ରହିଥିବାରୁ ଉପରୋକ୍ତ ସମୟ ସୀମା ପୂର୍ବରୁ ଶେଷ ହେବା ସମ୍ଭବ ନୁହେଁ ବୋଲି ମତପ୍ରକାଶ ପାଇଛି।

## ୩ ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡ

**ନାବାଳିକା ଗଣବଳାତ୍କାର ମାମଲା**

ସୁନ୍ଦରଗଡ଼,୨୧।୯(ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା ରାଏବଗା ଥାନା ଅଞ୍ଚଳରେ ୨୦୧୬ରେ ଘଟିଥିବା ନାବାଳିକା ଗଣବଳାତ୍କାର ମାମଲାର ରାୟ ମଙ୍ଗଳବାର ପ୍ରକାଶ ପାଇଛି। ସୁନ୍ଦରଗଡ଼ର ଅତିରିକ୍ତ ଜିଲା ଜଜ୍ ତଥା ସ୍ୱତନ୍ତ୍ର ପୋକ୍ସୋ ଅଦାଲତର ପ୍ରିଜାଇଡିଂ ଅଫିସର ପାର୍ଥସାରଥି ପଟ୍ଟନାୟକ ମାମଲାର ଶୁଣାଣି କରି ୩ ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡ ସହ ୧୦ହଜାର ଟଙ୍କା ଲେଖାଏ ଜରିମାନାରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦେୟ କ୍ଷେତ୍ରରେ ଅଧିକ ୧ବର୍ଷ ଜେଲଦଣ୍ଡ ପାଇଁ ରାୟରେ ଉଲ୍ଲେଖ କରିଛନ୍ତି। ଅଭିଯୁକ୍ତମାନେ ହେଲେ ରାଏବଗା ଥାନା ଖଇରବାହାଲର ମୁକ୍ତି ବାଡ଼ା (୨୪), ବୀରେନ୍ଦ୍ର ମାଝି(୨୪) ଓ ଅଜୟ କୁଜୁର (୨୫)। ପୀଡ଼ିତା ନାବାଳିକା(୧୭) ତାଙ୍କର ଜଣେ ବାନ୍ଧବୀଙ୍କ ସହ ନିକଟସ୍ଥ ଏକ ଦୋକାନକୁ ଯାଇଥିବାବେଳେ ଅଭିଯୁକ୍ତମାନେ ନାବାଳିକାଙ୍କୁ ନିକଟସ୍ଥ ଜଙ୍ଗଲକୁ ଟେକି ନେଇ ଗଣବଳାତ୍କାର କରିଥିଲେ। ଗ୍ରାମବାସୀ ସେମାନଙ୍କୁ ଖୋଜି ପାଇବା ପରେ ପୋଲିସ ପହଞ୍ଚି ଉଦ୍ଧାର କରିଥିଲା। ଏନେଇ ରାଏବଗା ଥାନାରେ ୨୦୧୬ ଅକ୍ଟୋବର ୧୩ରେ ଏକ ମାମଲା (ନଂ. ୪୧/୨୦୧୬) ରୁଜୁ ହୋଇଥିଲା। ସମସ୍ତ ସାକ୍ଷ୍ୟ ପ୍ରମାଣକୁ ଗ୍ରହଣକରି ଅଦାଲତ ଏହି ଅଭିଯୁକ୍ତମାନଙ୍କୁ ଦଣ୍ଡିତ କରିବା ସହ ପୀଡ଼ିତା ନାବାଳିକାଙ୍କୁ ୧୦ଲକ୍ଷ ଟଙ୍କା ଅନୁକମ୍ପା ରାଶି ପ୍ରଦାନ ନିମନ୍ତେ ଜିଲା ଆଇନସେବା ପ୍ରାଧିକରଣଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

## ଅଲିଭ୍ ରିଡ୍‌ଲେ ସୁରକ୍ଷା ମାମଲା: ରାଜ୍ୟ ସରକାର ଦାଖଲ କଲେ ସତ୍ୟପାଠ

■ ସମୟ ଲୋଡ଼ିଲା କେନ୍ଦ୍ର ସରକାର

କଟକ ଅଫିସ, ୨୧।୯: ଅଲିଭ୍ ରିଡ୍‌ଲେ କଇଁଛଙ୍କ ସୁରକ୍ଷା ସମ୍ପର୍କିତ ମାମଲାର ଶୁଣାଣି ବୁଧବାର ହାଇକୋର୍ଟରେ ହୋଇଥିଲା। ଏଥିରେ ରାଜ୍ୟ ସରକାର ସତ୍ୟପାଠ ଦାଖଲ କରିଛନ୍ତି। ସମୁଦ୍ରରେ ମାଛ ଧରିବା କାର୍ଯ୍ୟରେ ନିୟୋଜିତ ୧୭୪୦ ବୋଟ୍ ଓ ଟ୍ରଲରରେ ଟ୍ରାନ୍ସପୋଣ୍ଡର ମେଶିନ ଲଗାଯିବ। ଏହାଦ୍ୱାରା ବୋଟ୍ ଓ ଟ୍ରଲରର ଗତିବିଧି ଉପରେ ନଜର ରଖାଯାଇପାରିବ। ଏଥିପାଇଁ ଭାରତର ମହାକାଶ ଗବେଷଣା ସଂସ୍ଥା ଇସ୍ରୋ ସହ ଆଲୋଚନା କରାଯାଇ ପ୍ରକ୍ରିୟା ଆରମ୍ଭ ହୋଇଥିବା ସତ୍ୟପାଠରେ ଉଲ୍ଲେଖ ରହିଛି। ଅନ୍ୟପକ୍ଷରେ କେନ୍ଦ୍ର ସରକାର ଏ ସମ୍ପର୍କରେ ଜବାବ ଦାଖଲ ପାଇଁ ହାଇକୋର୍ଟଙ୍କୁ ସମୟ ମାଗିଥିଲେ। ଏଥିପାଇଁ ହାଇକୋର୍ଟ ୪ ସପ୍ତାହ ସମୟ ଦେଇଛନ୍ତି। ଆସନ୍ତା ଶୁଣାଣି ସୁଦ୍ଧା ଜବାବ ଦାଖଲ କରିବା ପାଇଁ ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ଓ ଜଷ୍ଟିସ ବି.ପି. ରାଉତରାୟଙ୍କୁ ନେଇ ଗଠିତ ଖଣ୍ଡପୀଠ ଉକ୍ତ ନିର୍ଦ୍ଦେଶ ଦେଇଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ନଭେମ୍ବର ୧୬ରେ ହେବ। ଆମିକସକ୍ୟୁରି ମୋହିତ ଅଗ୍ରୱାଲ ମାମଲା ପରିଚାଳନା କରୁଛନ୍ତି।

# ପୁଣି ପାଚେରି ନିର୍ମାଣ କଲା ପଶ୍ଚିମବଙ୍ଗ



ଉଦୟପୁର ବେଳାଭୂମିରେ ପଶ୍ଚିମବଙ୍ଗର ବେଆଇନ ପାଚେରି ନିର୍ମାଣ।

**ଉଦୟପୁର ବେଳାଭୂମିକୁ ନେଇ ମୁହାଁମୁହିଁ**

ଭୋଗରାଇ, ୨୧।୯(ଡି.ଏନ.ଏ.)

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଅଧୀନ ଉଦୟପୁର ବେଳାଭୂମିକୁ ନେଇ ଉଭୟ ଓଡ଼ିଶା ଓ ପଶ୍ଚିମବଙ୍ଗ ମଧ୍ୟରେ ବିବାଦ ଘନୀଭୂତ ହେବାରେ ଲାଗିଛି। ବାରମ୍ବାର ବାରଣ ସତ୍ତ୍ୱେ ପଶ୍ଚିମବଙ୍ଗ ପାଚେରି ନିର୍ମାଣ କରୁଥିବାରୁ ମଙ୍ଗଳବାର ବାଲେଶ୍ୱର ଜିଲା ଭୋଗରାଇ ତହସିଲଦାର କମଳାକାନ୍ତ ପଣ୍ଡାଙ୍କ ସହିତ ତାଳସାରୀ ମେରାଇନ ଥାନା ପୋଲିସ ପହଞ୍ଚି ଓଡ଼ିଶା ମଧ୍ୟରେ ଉକ୍ତ କାର୍ଯ୍ୟ ବନ୍ଦ ପାଇଁ ତାଗିଦ୍ କରିଥିଲେ। ଏହାକୁ ନେଇ ପଶ୍ଚିମବଙ୍ଗ ବିଭାଗୀୟ ଅଧିକାରୀଙ୍କ ସହିତ କିଛି ସମୟ କଥା କଟାକଟି ହୋଇଥିଲା। ପ୍ରଶାସନର କଡ଼ା ଆଭିମୁଖ୍ୟରେ ପଶ୍ଚିମବଙ୍ଗ ବିଭାଗୀୟ ଅଧିକାରୀମାନେ ପାଚେରି ନିର୍ମାଣ ବନ୍ଦ କରିଥିଲେ। ଗତ ୭ତାରିଖରେ ଉଦୟପୁର ବେଳାଭୂମିରେ ପଶ୍ଚିମବଙ୍ଗ ସେଚବିଭାଗ ଓ ଦୀଘା-ଶଙ୍କରପୁର ଉନ୍ନୟନ ପରିଷଦ ଓଡ଼ିଶା ସୀମାର ୩୦ଫୁଟ୍ ଭିତରକୁ ପଶି ବେଳାଭୂମି ସୁରକ୍ଷା କଂକ୍ରିଟ୍ ପାଚେରି ନିର୍ମାଣ କରୁଥିବା ବେଳେ ବାଲେଶ୍ୱର ଜିଲା ପ୍ରଶାସନ ଏହି କାର୍ଯ୍ୟ ବେଆଇନ କହି ବନ୍ଦ କରିଥିଲେ। ଉଦୟପୁର ବେଳାଭୂମି ଓଡ଼ିଶାର ବୋଲି ପ୍ରଶାସନ ପଶ୍ଚିମବଙ୍ଗ ବିଭାଗୀୟ ଅଧିକାରୀଙ୍କୁ କହିବା ସହ ସେଠାରେ ୧୪୪ ଧାରା ଜାରି କରି ଲାଲ୍ ପତାକା ପୋତିଥିଲା। ହେଲେ ଏହାକୁ ବେଖାତିର କରି ମଙ୍ଗଳବାର ପୁଣି ପଶ୍ଚିମବଙ୍ଗ ସେଚ ବିଭାଗ ପାଚେରି ନିର୍ମାଣ କରୁଥିବା ନେଇ ସୀମାନ୍ତବାସୀ ଭୋଗରାଇ ତହସିଲଦାରଙ୍କୁ ସୂଚନା ଦେଇଥିଲେ। ତହସିଲଦାର ପଣ୍ଡା ପୋଲିସ ସହ ଘଟଣାସ୍ଥଳରେ ପହଞ୍ଚି କଡ଼ା ତାଗିଦ୍ କରିଥିଲେ। ଶେଷରେ ପଶ୍ଚିମବଙ୍ଗ ବାଧ୍ୟ ହୋଇ ପାଚେରି ନିର୍ମାଣକୁ ବନ୍ଦ କରିଥିଲା। ଏହି ଘଟଣାରେ ଭୋଗରାଇ ତହସିଲଦାର, ପଶ୍ଚିମବଙ୍ଗ ରାଜସ୍ୱ, ସେଚବିଭାଗକୁ ଭୋଗରାଇ ତହସିଲ ପରିସରରେ ଆଲୋଚନା କରିବାକୁ ଡାକିଥିଲେ ମଧ୍ୟ ଖବର ଲେଖା ହେବା ପର୍ଯ୍ୟନ୍ତ କେହି ଆସି ନ ଥିବା ଜଣାପଡ଼ିଛି।

# ଦୁଇ ଦିନରେ ଝିଅପୁଅଙ୍କ ମୃତ୍ୟୁ

■ ମା', ସାନପୁଅ ଡାକ୍ତରଖାନାରେ ଭର୍ତ୍ତି
■ ମୃତ୍ୟୁର କାରଣ ଅସ୍ପଷ୍ଟ

ଲହୁଣୀପଡ଼ା,୨୧।୯(ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ବ୍ଲକ ଅନ୍ତର୍ଗତ ଶସ୍ୟକଳା ପଞ୍ଚାୟତ ଦମାଲୁ ଗ୍ରାମର ଗାଙ୍ଗଟୋଲା ବସ୍ତିରେ ଦୁଇଦିନରେ ଦୁଇ ପୁଅଝିଅଙ୍କର ମୃତ୍ୟୁ ଘଟିଛି। ମା' ସହିତ ସାନପୁଅ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଜ୍ୱରରେ ମୃତ୍ୟୁ ଘଟିଛି ବୋଲି କୁହାଯାଉଥିଲେ ମଧ୍ୟ କାରଣ ସ୍ପଷ୍ଟ ହୋଇନାହିଁ।

ଗାଙ୍ଗଟୋଲାରେ ସ୍ୱର୍ଗତ କିଶୋର ତୁରୀଙ୍କ ପରିବାର ବସବାସ କରନ୍ତି। ପରିବାର କହିଲେ ସ୍ତ୍ରୀ ଇନ୍ଦି (୩୧), ଝିଅ ଆଶ୍ରିତା (୮), ପୁଅ ଅଞ୍ଜୟ(୬) ଓ ଫିରୁ (୨)। ଦୁଇବର୍ଷ ତଳେ ସଡ଼କ ଦୁର୍ଘଟଣାରେ କିଶୋରଙ୍କ ମୃତ୍ୟୁ ପରେ ଅସହାୟ ପାଲଟି ଯାଇଥିଲେ ପରିବାର ସଦସ୍ୟ। ତିନି ପିଲାଙ୍କ ମୁହଁରେ ଦାନାଦେବା ପାଇଁ ଇନ୍ଦି ମୂଲ ଲାଗି ପରିବାର ପ୍ରତିପୋଷଣ କରୁଥିଲେ। କିନ୍ତୁ ତିନିଚାରି ଦିନ ହେବ ଅଜଣା ଜ୍ୱରରେ ସାରା ପରିବାର ଆକ୍ରାନ୍ତ ହୋଇଥିଲେ। ଅଭାବ ଯୋଗୁ ଉପଯୁକ୍ତ ଚିକିତ୍ସା କରି ନ ପାରି ସ୍ଥାନୀୟ ଔଷଧ ବିକାଳିଙ୍କଠାରୁ ଔଷଧ ଖାଇଥିଲେ ମଧ୍ୟ ରୋଗ ଭଲ ନ ହେବାରୁ ଦେଶୀ ଚିକିତ୍ସା ଓ ଗୁଣିଗାରେଡି କରିଥିଲେ ବୋଲି ସ୍ଥାନୀୟ ଲୋକଙ୍କ ଠାରୁ ଜଣାପଡ଼ିଛି। ସୋମବାର ପୂର୍ବାହ୍ନ ପ୍ରାୟ ୧୦ଟା ବେଳେ ପୁଅ ଅଞ୍ଜୟ ଓ ମଙ୍ଗଳବାର ଅପରାହ୍ନରେ ଆଶ୍ରିତାଙ୍କ ମୃତ୍ୟୁ ଘଟିଥିଲା। ଦୁଇଦିନ ବ୍ୟବଧାନରେ ଦୁଇ ଭାଇ ଭଉଣୀଙ୍କ ମୃତ୍ୟୁ ଘଟିବା ଏବଂ ମା' ସାନପୁଅ ଆକ୍ରାନ୍ତ ହେବା ଘଟଣା ଗ୍ରାମରେ ଉଦ୍‌ବେଗ ସୃଷ୍ଟି କରିଥିଲା। ଇନ୍ଦି ଓ ଫିରୁ ଶୋଚନୀୟ ଅବସ୍ଥାରେ ଥିବାରୁ ଅଟୋ ଯୋଗେ ଆଣି ଲହୁଣୀପଡ଼ା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଲହୁଣୀପଡ଼ା ଡାକ୍ତରଖାନାର ଡା.ଚିନ୍ମୟ କୁମାର ସାହୁ କହିଛନ୍ତି ମା' ପୁଅଙ୍କ ଚିକିତ୍ସା ଚାଲିଛି। ରକ୍ତ ପରୀକ୍ଷାର ରିପୋର୍ଟ ଆସିଲା ପରେ ପ୍ରକୃତ ଚିକିତ୍ସା କରାଯିବ ବୋଲି ସୂଚନା ଦେଇଛନ୍ତି।



ଲହୁଣୀପଡ଼ା ଡାକ୍ତରଖାନାରେ ମା'ପୁଅ ଚିକିତ୍ସିତ ହେଉଛନ୍ତି।

# ଆତ୍ମସମର୍ପଣ କଲେ ହାର୍ଡକୋର ମାଓବାଦୀ ଦମ୍ପତି



ଆତ୍ମସମର୍ପଣ କରିଥିବା ମାଓବାଦୀ ଦମ୍ପତି।

ମାଲକାନଗିରି,୨୧।୯(ଡି.ଏନ୍.ଏ.)

ମାଲକାନଗିରି ଜିଲା ସୀମାନ୍ତ ସୁକ୍‌ମା ପୋଲିସ ନିକଟରେ ହାର୍ଡକୋର ମାଓବାଦୀ ଦମ୍ପତି ମଙ୍ଗଳବାର ଆତ୍ମସମର୍ପଣ କରିଛନ୍ତି। ସେମାନେ ହେଲେ ମାଡକମ ଆୟତା ଓ ପଦ୍ମା ପୋଜେ। ମାଡକମ କେରଲାପାଲ ଏରିଆ ଏଲ୍ଓଏସ୍‌ର କମାଣ୍ଡର ଭାବେ କାର୍ଯ୍ୟ କରୁଥିବା ବେଳେ ମାଓବାଦୀ ସଙ୍ଗଠନରେ ସ୍ତ୍ରୀ ପଦ୍ମା ଡେପୁଟି କମାଣ୍ଡର ଭାବେ କାର୍ଯ୍ୟ କରୁଥିଲେ । ଉଭୟେ ବହୁ ହିଂସାକାଣ୍ଡରେ ସାମିଲ ଥିଲେ। ସେମାନଙ୍କ ନାମରେ ବିଭିନ୍ନ ଥାନାରେ ଅନେକ ମାମଲା ରହିଛି। କମାଣ୍ଡର ମାଡକମଙ୍କ ନାମରେ ସରକାର ୮ ଲକ୍ଷ ଟଙ୍କା ପୁରସ୍କାର ରାଶି ଘୋଷଣା କରିଥିଲେ । ଉଭୟେ ସମାଜର ମୁଖ୍ୟ ସ୍ରୋତରେ ସାମିଲ ହେବାକୁ ନିଷ୍ପତ୍ତି ନେଇ ଆତ୍ମସମର୍ପଣ କରିଥିବା ପ୍ରକାଶ କରିଛନ୍ତି। ତେବେ ସରକାରଙ୍କ ଆତ୍ମସମର୍ପଣ ନୀତି ଅନୁଯାୟୀ ଉଭୟଙ୍କୁ ସମସ୍ତ ସହାୟତା ମିଳିବ ବୋଲି ସୁକ୍‌ମା ଏସ୍‌ପି ସୁନୀଲ ଶର୍ମା କହିଛନ୍ତି।

# କର୍କଟରୁ ସୁସ୍ଥ ହୋଇ ପ୍ରେରଣା ଦେଉଛନ୍ତି ସ୍ୱାଗତିକା

*ଆଜି ୱାର୍ଲଡ ରୋଜ୍ ଡେ'। ଏହି ଦିନଟିକୁ କର୍କଟ ରୋଗ ସହ ଲଢ଼େଇ କରୁଥିବା ଲୋକଙ୍କ ମଧ୍ୟରେ ଆଶା ଓ ଖୁସି ଭରିଦେବାକୁ ଉତ୍ସର୍ଗ କରାଯାଇଛି। ଅଧିକାଂଶ କର୍କଟ ଚିକିତ୍ସା ରୋଗୀଙ୍କ ଶରୀର ଓ ମାନସିକତାକୁ ଗଭୀର ଭାବେ ପ୍ରଭାବିତ କରିଥାଏ। କର୍କଟକୁ ନେଇ ମନରେ ରହିଥିବା ଭୟ ଓ ଭୁଲ୍ ଧାରଣା ରୋଗର ସ୍ଥିତିକୁ ଆହୁରି ବଢ଼ାଇ ଦେଇଥାଏ। ତେଣୁ ଏହି ସମୟରେ ରୋଗୀଙ୍କୁ ସବୁବେଳେ ଖୁସି ରଖିବା ଅତ୍ୟନ୍ତ ଜରୁରୀ ବୋଲି ବିଶେଷଜ୍ଞମାନେ କହିଛନ୍ତି। ସେଥିପାଇଁ କେବଳ ସେପ୍ଟେମ୍ବର ୨୨ ନୁହେଁ, ପ୍ରତ୍ୟେକ ଦିନ ସେମାନଙ୍କ ପାଇଁ 'ରୋଜ୍ ଡେ' ହେବା ଉଚିତ। ରୋଗ ଯାହା ବି ହେଉନା କାହିଁକି ଶୀଘ୍ର ଚିହ୍ନଟ ହେଲେ ଆରୋଗ୍ୟ ସମ୍ଭବ ହୋଇଥାଏ। ତେଣୁ ଆରମ୍ଭରୁ ରୋଗ ଚିହ୍ନଟ ଓ ସଚେତନତା ସୃଷ୍ଟି 'ରୋଜ୍ ଡେ'ର ଆଉଏକ ଆହ୍ୱାନ ହୋଇଛି।*

**ଆଜି ୱାର୍ଲଡ ରୋଜ୍ ଡେ'**

ଭୁବନେଶ୍ୱର, ୨୧।୯(ବ୍ୟୁରୋ)

କାନାଡ଼ାର ମେଲିଣ୍ଡା ରୋଜ୍‌ଙ୍କ ସ୍ମୃତିରେ ସାରା ବିଶ୍ୱ ପାଳୁଛି 'ରୋଜ୍ ଡେ'। ମେଲିଣ୍ଡା ୧୨ ବର୍ଷ ବୟସରେ ବିରଳ ରକ୍ତ କର୍କଟ ରୋଗରେ ପୀଡିତ ହୋଇଥିଲେ। ଆଉ ମାତ୍ର କିଛି ସପ୍ତାହ ବଞ୍ଚିବେ ବୋଲି ଡାକ୍ତରମାନେ କହିଥିଲେ। କିନ୍ତୁ ସେ କେବେ ବି ଭାଙ୍ଗି ପଡି ନ ଥିଲେ କି କର୍କଟକୁ ପରାସ୍ତ କରିବାର ଆଶା ବି ଛାଡ଼ି ନ ଥିଲେ। ଆଉ ୬ମାସ ବଞ୍ଚିଥିଲେ। ସେ ଏହି ସମୟ ଭିତରେ ନିଜକୁ କେବେବି ଚିନ୍ତାରେ ବୁଡ଼ାଇ ନ ଥିଲେ। ନିଜ ମନୋବଳ ଦୃଢ଼ କରିବା ସହ ଅନେକ କର୍କଟ ରୋଗୀଙ୍କୁ ଖୁସିର ସହ ବଞ୍ଚିବାକୁ ପ୍ରେରଣା ଦେଇଥିଲେ। କର୍କଟ ରୋଗୀଙ୍କୁ ଚିଠି ଲେଖି, ଇମେଲ୍ ଜରିଆରେ ମେସେଜ୍ ଦେଇ ସେମାନଙ୍କ ମନରେ ନୂଆ ଆଶାର ସଞ୍ଚାର କରିଥିଲେ। ତେବେ ଓଡ଼ିଶାରେ ମଧ୍ୟ ମେଲିଣ୍ଡାଙ୍କ ଭଳି ଅନେକ କର୍କଟ ସଂଗ୍ରାମୀ ରହିଛନ୍ତି, ଯେଉଁମାନେ ଅନ୍ୟ କର୍କଟ ରୋଗୀଙ୍କ ମନରେ ଖୁସିର ଆଶା ଭରି ଦେବାକୁ ଅହରହ ଉଦ୍ୟମ ଚଳାଇଛନ୍ତି। ସେମିତି ଜଣେ ଝିଅ ହେଉଛନ୍ତି କଟକର ସ୍ୱାଗତିକା ଆଚାର୍ଯ୍ୟ। ୧୯ ବର୍ଷ ବୟସରେ ଲ' ପାଠ ପଢ଼ୁଥିବାବେଳେ ସେ ନାଜୋଫାରିଙ୍କ୍‌ସ କ୍ୟାନସରରେ ପୀଡିତ ଥିବା ଜାଣିବାକୁ ପାଇଥିଲେ। ତେବେ ଅନ୍ୟ ରୋଗୀଙ୍କ ପରି ସେ ଭାଙ୍ଗି ନ ପଡ଼ି ଆତ୍ମବିଶ୍ୱାସ ବଢ଼ାଇଥିଲେ। ଏବେ ସେ କର୍କଟ ରୋଗରୁ ସୁସ୍ଥ ହୋଇସାରିଛନ୍ତି। ନିଜେ ଚିକିତ୍ସିତ ହେଉଥିବା ସମୟରେ ସେ ଅନ୍ୟ କର୍କଟ ରୋଗୀଙ୍କ ପାଖକୁ ଯାଉଥିଲେ ଏବଂ ସେମାନଙ୍କ ଆତ୍ମବିଶ୍ୱାସ ବଢ଼ାଉଥିଲେ। କେବଳ ରୋଜ୍ ଡେ' ନୁହେଁ, ଅନ୍ୟ ଦିନମାନଙ୍କରେ ବି ସ୍ୱାଗତିକା କର୍କଟ ସଂଗ୍ରାମୀଙ୍କ ପାଖକୁ ଯାଆନ୍ତି ଏବଂ ସେମାନଙ୍କୁ ପ୍ରେରଣା ଦେଉଛନ୍ତି।



ସ୍ୱାଗତିକା ଆଚାର୍ଯ୍ୟ

ଏ ସମ୍ପର୍କରେ ସ୍ୱାଗତିକା କୁହନ୍ତି, ମୋର ପ୍ରଥମ ବର୍ଷ ଚିକିତ୍ସା ବେଳେ ରୋଜ୍ ଡେ' କ'ଣ ଜାଣି ନ ଥିଲି। ପରବର୍ଷ ମୁଁ ଜାଣିବା ପରେ ଯେଉଁଠି ଚିକିତ୍ସିତ ହେଉଥିଲି, ସେଠି ଅନ୍ୟ କର୍କଟ ରୋଗୀଙ୍କୁ ଗୋଲାପ ଫୁଲ ଦେଇ ମୋଟିଭେଟ୍ କରିଥିଲି। କର୍କଟରୁ ଆରୋଗ୍ୟ ସମ୍ଭବ ଓ ସୁସ୍ଥ ହୋଇଥିବା ବ୍ୟକ୍ତିଙ୍କ ସମ୍ପର୍କରେ ଯଦି ଜଣେ ଆକ୍ରାନ୍ତ ଜାଣିବ ତେବେ ତାଙ୍କ ମନରେ ନିଶ୍ଚିତ ସକାରାତ୍ମକ ଭାବନା ବା ବଞ୍ଚିବାର ଆଶା ବଢ଼ିବ। ତେଣୁ ଏଭଳି ବାର୍ତ୍ତା ନେଇ ପ୍ରତିବର୍ଷ କଟକର ଏକ କ୍ୟାନ୍‌ସର ହସ୍ପିଟାଲରେ ଆମେ 'ରୋଜ୍ ଡେ' ପାଳିଥାଉ। ଅନ୍ୟ ସମୟରେ ବି ବିଭିନ୍ନ କାର୍ଯ୍ୟକ୍ରମ କରି ସେମାନଙ୍କ ମୁହଁରେ ହସ ଫୁଟାଇଥାଉ। ଯେତେବେଳେ ମୁଁ କର୍କଟ ସଂଗ୍ରାମୀଙ୍କ ପାଖକୁ ଯାଏ ଅନେକେ କାନ୍ଦନ୍ତି। କୁହନ୍ତି, ତୁମେ ସିନା ଭଲ ହୋଇଗଲ, ଆମେ ଠିକ୍ ହେଇପାରିବୁ କି ନାହିଁ। ସେତେବେଳେ ସେମାନଙ୍କ ମନୋବଳକୁ ଦୃଢ଼ କରିବା ପାଇଁ ବୁଝାଇଥାଏ। ମୋର ରେଡିଏଶନ ବେଳେ କଳା ହୋଇଥିବା ଓ କେମୋ ବେଳେ ଚୁଟି ନ ଥିବାର ଫଟୋ ସେମାନଙ୍କୁ ଦେଖାଏ। ମୁଁ କେତେ ଖରାପ ସ୍ଥିତିରେ ଥିଲି ତାଙ୍କୁ ବି ଜଣାଏ। ଆଉ ଏବେ କେମିତି ସୁସ୍ଥ ହୋଇ ସବୁ କାମ କରିପାରୁଛି ତାହା ବି ବୁଝାଏ। ସେମାନଙ୍କୁ କୁହେ, ମୁଁ ଯଦି ତୁମ ସମ୍ମୁଖରେ ଛିଡ଼ା ହୋଇପାରିଛି, ତୁମେ ବି ଛିଡ଼ା ହୋଇପାରିବ। ଯଦି ଜଣେ କର୍କଟ ସଂଗ୍ରାମୀ ଆଉଜଣେ ସୁସ୍ଥ ହୋଇଥିବା କର୍କଟ ରୋଗୀଙ୍କୁ ରେଗୁଲାର ଦେଖିଥାଏ, ସେତେବେଳେ ତା'ମନରେ ଏକ ସକାରାତ୍ମକ ମନୋଭାବ ସୃଷ୍ଟି ହୋଇଥାଏ। କର୍କଟ ରୋଗ ବି ଭଲ ହୋଇପାରେ ବୋଲି ସେମାନେ ବିଶ୍ୱାସ କରିଯାଆନ୍ତି। ଆଉ ଶେଷବେଳକୁ ସେମାନଙ୍କ ମୁହଁରେ ଯେଉଁ ହସ ଆସେ, ସେଇଟା ହିଁ ମୋତେ ଖୁସି ଦିଏ।

# କୃଷି ପ୍ରଗତି ପାଇଁ ଏମ୍ଓୟୁ

■ ଓଡ଼ିଶା ସରକାର ଓ ଗେଟ୍ସ ଫାଉଣ୍ଡେଶନ ମଧ୍ୟରେ ଚୁକ୍ତିନାମା

■ ଉପକୃତ ହେବେ ନାମମାତ୍ର, ଭୂମିହୀନ ଚାଷୀ



ରାଜ୍ୟ ସରକାର ଏବଂ ବିଲ୍ ଓ ମିଲିଣ୍ଡା ଗେଟ୍ସ ଫାଉଣ୍ଡେଶନ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ ହେଉଛି।

ଭୁବନେଶ୍ୱର, ୨୧।୯(ବ୍ୟୁରୋ)

ରାଜ୍ୟରେ କୃଷି ପ୍ରଗତି ପାଇଁ ଓଡ଼ିଶା ସରକାର ଏବଂ ବିଲ୍ ଓ ମିଲିଣ୍ଡା ଗେଟ୍ସ ଫାଉଣ୍ଡେଶନ ମଧ୍ୟରେ ମଙ୍ଗଳବାର ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଏହା ମାଧ୍ୟମରେ ଗେଟ୍ସ ଫାଉଣ୍ଡେଶନ ଓ ଏହାର ଭାଗୀଦାରମାନେ କୃଷି ଡାଟା ସିଷ୍ଟମ୍, ପ୍ରଯୁକ୍ତିବିଦ୍ୟା ବିକାଶ ଓ ଘରୋଇ କ୍ଷେତ୍ରରେ ବିଭିନ୍ନ କାର୍ଯ୍ୟକ୍ରମ ଗ୍ରହଣ କରିପାରିବେ। ଏହାଦ୍ୱାରା ରାଜ୍ୟର ନାମମାତ୍ର, କ୍ଷୁଦ୍ର ଓ ଭୂମିହୀନ ଚାଷୀ ଉପକୃତ ହେବେ। ସେମାନଙ୍କ ଜୀବନଜୀବିକାର ସମୃଦ୍ଧି ପାଇଁ ନିରନ୍ତର କୃଷି ପ୍ରୋତ୍ସାହନ ନିମନ୍ତେ ଅଧିକ ସହାୟତା ମିଳିବା ସହ ବୈଷୟିକ ଜ୍ଞାନ, ପ୍ରଯୁକ୍ତି ଓ ସୃଜନଶୀଳ କାର୍ଯ୍ୟକ୍ରମ ଦ୍ୱାରା କୃଷି ଉତ୍ପାଦନ ବୃଦ୍ଧି ପାଇଁ ଆହୁରି ସୁଯୋଗ ସୃଷ୍ଟି କରିପାରିବ। କୃଷିକୁ ଚିରପୋଷଣୀୟ କରିବା, ବଜାର ଦକ୍ଷତା ବୃଦ୍ଧି, ଖାଦ୍ୟର ଗୁଣାତ୍ମକ ମାନ ବୃଦ୍ଧି ସହିତ ମଡ୍ଡୁଳ ଆଣିବା କମାଇବା, କୀଟ ଆକ୍ରମଣ ଓ ଅନ୍ୟ ଜଳବାୟୁଜନିତ ବିପଦକୁ ହ୍ରାସ କରିବା, ମୃତ୍ତିକା ଓ ଜଳସମ୍ପଦ ପରିଚାଳନାକୁ ଦକ୍ଷ କରିବା ଆଦି କ୍ଷେତ୍ରରେ ଆବଶ୍ୟକ ତଥ୍ୟ ବ୍ୟବହାରକୁ ଗେଟ୍ସ ଫାଉଣ୍ଡେଶନ ତ୍ୱରାନ୍ୱିତ କରିବ ବୋଲି କୁହାଯାଇଛି। କୃଷି ଭବନରେ ଆୟୋଜିତ କାର୍ଯ୍ୟକ୍ରମରେ କୃଷି ଓ କୃଷକ ସଶକ୍ତୀକରଣ ମନ୍ତ୍ରୀ ଅରୁଣ କୁମାର ସାହୁ କହିଲେ, ଗେଟ୍ସ ଫାଉଣ୍ଡେଶନ ସହଯୋଗରେ ଆମେ ବିଶ୍ୱର ଶ୍ରେଷ୍ଠ ପଦ୍ଧତି, ସର୍ବଶ୍ରେଷ୍ଠ ପ୍ରଯୁକ୍ତି ଓ ଅଭିନବ କୌଶଳ ଲାଭ କରିପାରିବୁ। ଏହାଦ୍ୱାରା ଗ୍ରାମୀଣ ଲୋକଙ୍କ ପାଇଁ ସୂଚନା, ଦ୍ରବ୍ୟ, ସେବା ଓ ଭାଗୀଦାରୀକୁ ଅଧିକ ପ୍ରୋତ୍ସାହିତ କରାଯାଇପାରିବ। ବିଲ୍ ଓ ମିଲିଣ୍ଡା ଫାଉଣ୍ଡେଶନର ନିର୍ଦ୍ଦେଶକ ଅଲକେଶ ୱାଧୱାନୀ କହିଲେ, ଓଡ଼ିଶାର କ୍ଷୁଦ୍ର ଚାଷୀଙ୍କ ଜୀବିକାର ଉନ୍ନତି ପାଇଁ ଓଡ଼ିଶା ସରକାରଙ୍କୁ ଆମେ ସହଯୋଗ ଯୋଗାଇ ଦେବୁ। ବିଭାଗର ଶାସନ ସଚିବ ସୁରେଶ କୁମାର ବଶିଷ୍ଠ ଏବଂ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗ କମିଶନର ତଥା ଶାସନ ସଚିବ ଆର୍. ରଘୁପ୍ରସାଦ, ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ ପ୍ରମୁଖ ଉପସ୍ଥିତ ଥିଲେ। କୃଷି ନିର୍ଦ୍ଦେଶକ ରୋହିତ ଲେଙ୍କା, ମତ୍ସ୍ୟ ନିର୍ଦ୍ଦେଶକ ସ୍ମୃତିରଞ୍ଜନ ପ୍ରଧାନ ଉପସ୍ଥିତ ଥିଲେ। ଏହି ଅବସରରେ ବିଭାଗ ତରଫରୁ କୃଷି ନିର୍ଦ୍ଦେଶକ ଡ. ଏମ୍. ମୁଥୁକୁମାର ଓ ପ୍ରାଣୀସମ୍ପଦ ବିକାଶ ନିର୍ଦ୍ଦେଶକ ୟେଦୁଲ୍ଲା ବିଜୟ ବିଲ୍ ଏବଂ ମିଲିଣ୍ଡା ଫାଉଣ୍ଡେଶନ ତରଫରୁ ଡ. ଅଲକେଶ ୱାଧୱାନୀ ବୁଝାମଣାପତ୍ରରେ ସ୍ୱାକ୍ଷର କରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଭିଡିଓ ବାର୍ତ୍ତା ପ୍ରଦର୍ଶନ କରାଯାଇଥିଲା।

## ବିରଞ୍ଚି ସାହୁଙ୍କୁ ହାଇକୋର୍ଟରୁ ଜାମିନ ମିଳିଲା

**ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲା**

କଟକ ଅଫିସ, ୨୧।୯: ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଗିରଫ ହୋଇଥିବା ଓଡ଼ିଶା ଷ୍ଟାଫ ସିଲେକ୍ସନ କମିଶନ(ଓଏସ୍ଏସ୍ସି) ସଦସ୍ୟଙ୍କ ବ୍ୟକ୍ତିଗତ ସଚିବ(ପିଏସ୍) ବିରଞ୍ଚି ନାରାୟଣ ସାହୁଙ୍କୁ ବୁଧବାର ହାଇକୋର୍ଟ ସର୍ତ୍ତମୂଳକ ଜାମିନ ପ୍ରଦାନ କରିଛନ୍ତି। ତଦନ୍ତରେ ସମ୍ପୂର୍ଣ୍ଣ ସହଯୋଗ କରିବେ, ପ୍ରମାଣ ନଷ୍ଟ ପାଇଁ ଉଦ୍ୟମ କରିବେ ନାହିଁ ଓ ତଦନ୍ତକାରୀ ଅଧିକାରୀ ଯେତେବେଳେ ଡାକିବେ, ସେ ତାଙ୍କ ନିକଟରେ ହାଜର ହେବେ ବୋଲି ଜାମିନ ପ୍ରଦାନବେଳେ ହାଇକୋର୍ଟ ସର୍ତ୍ତ ରଖିଛନ୍ତି। ସୂଚନାଯୋଗ୍ୟ, ଗତ ଜୁଲାଇ ୩୦ ତାରିଖରେ ବିରଞ୍ଚିଙ୍କର ଭୁବନେଶ୍ୱର ବାସଭବନ, କଟକସ୍ଥିତ ଶ୍ୱଶୁର ଘର ଓ ଓଏସ୍ଏସ୍ସି କାର୍ଯ୍ୟାଳୟଙ୍କ ଘରକୁ ମିଶାଇ ୬ଟି ସ୍ଥାନରେ ଭିଜିଲାନ୍ସ ଟିମ୍ ଚଢାଉ କରି ବିପୁଳ ସମ୍ପତ୍ତି ଠାବ କରିଥିଲା। ଗତ ୩୧ ତାରିଖରେ ଭିଜିଲାନ୍ସ ବିରଞ୍ଚିଙ୍କୁ ଗିରଫ କରି ଭିଜିଲାନ୍ସ ସ୍ପେଶାଲ କୋର୍ଟରେ ହାଜର କରିଥିଲା। ଜାମିନ ଆବେଦନ ଖାରଜ ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିଲା। ପରେ ସେ ହାଇକୋର୍ଟରେ ଜାମିନ ଆବେଦନ କରିଥିଲେ।

## ଆଜି ଡିସ୍‌ଚାର୍ଜ ହେବେ ମଞ୍ଜୁଳା

**ସାପ କାମୁଡ଼ାରେ ଗୁରୁତର ହୋଇ ଏସ୍‌ସିବିରେ ଚିକିତ୍ସିତ ହେଉଥିଲେ**

କଟକ ଅଫିସ, ୨୧।୯

ନାଗସାପ କାମୁଡାରେ ଗୁରୁତର ହୋଇ କଟକ ଏସ୍ସିବି ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ନବରଙ୍ଗପୁର ଜିଲା ରାଇଘର ବ୍ଲକ ବାଲିଷର ଗ୍ରାମର ୯ ବର୍ଷୀୟା ମଞ୍ଜୁଳା ଏବେ ସୁସ୍ଥ ହୋଇଛନ୍ତି। ବୁଧବାର ତାଙ୍କୁ ଡିସ୍‌ଚାର୍ଜ କରାଯିବ ବୋଲି ଏସ୍ସିବି ପ୍ଲାଷ୍ଟିକ ସର୍ଜରି ବିଭାଗ ଜରିଆରେ ମଙ୍ଗଳବାର ଜଣାପଡ଼ିଛି। ଏନେଇ ଖବରଦାତା ସମ୍ମିଳନୀରେ ବିଭାଗୀୟ ମୁଖ୍ୟ ଡା. ବିଭୂତି ଭୂଷଣ ନାୟକ ସୂଚନା ଦେଇଛନ୍ତି। ଗତ ଜୁଲାଇ ୧୪ ତାରିଖରେ ଗୁରୁତର ଅବସ୍ଥାରେ ମଞ୍ଜୁଳାଙ୍କୁ ପ୍ଲାଷ୍ଟିକ ସର୍ଜରି ବିଭାଗରେ ଭର୍ତ୍ତି କରାଯାଇଥିଲା। ସାପ ବିଷ ପ୍ରଭାବରେ ତାଙ୍କ ଡାହାଣ ହାତର ସ୍ନାୟୁ ନଷ୍ଟ ହେବା ସହ ହାତଟି ସମ୍ପୂର୍ଣ୍ଣ ପଚିବା ଅବସ୍ଥାକୁ ଆସିଯାଇଥିଲା। ତେବେ ତାଙ୍କ ଜୀବନ ରକ୍ଷା କରିବା ସହ ହାତକୁ ନ କାଟି ସୁରକ୍ଷିତ ରଖିବା ପାଇଁ ଡାକ୍ତର ପ୍ରୟାସ କରିଥିଲେ। ଜୁଲାଇ ୧୬ ତାରିଖରେ ଡ. ବିଭୂତିଭୂଷଣଙ୍କ ତତ୍ତ୍ୱାବଧାନରେ ତାଙ୍କର ପ୍ରଥମ ପର୍ଯ୍ୟାୟ ଅସ୍ତ୍ରୋପଚାର କରାଯାଇଥିଲା। ଏହାପରେ ଅଗଷ୍ଟ ୬ରେ ଦ୍ୱିତୀୟ ପର୍ଯ୍ୟାୟ ଅସ୍ତ୍ରୋପଚାର କରାଯାଇଥିବାବେଳେ ସେବେଠାରୁ ସେ ଚିକିତ୍ସିତ ହୋଇଆସୁଥିଲେ। ସୂଚନାଯୋଗ୍ୟ, କିଛିମାସ ତଳେ ମଞ୍ଜୁଳା ଏକ ଗଛରେ ବସିଥିବା ପକ୍ଷୀକୁ ଧରିବାକୁ ଚଢ଼ିଥିବାବେଳେ ନାଗସାପ ତାଙ୍କ ଡାହାଣ ହାତକୁ କାମୁଡି ଦେଇଥିଲା। ପରିବାର ଲୋକେ ତାଙ୍କୁ ରାଇଘରସ୍ଥିତ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଆଶୁ ଚିକିତ୍ସା ପରେ ନବରଙ୍ଗପୁର ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସାରେ ଅର୍ଥ ବାଧକ ସାଜିବାରୁ ମଞ୍ଜୁଳାଙ୍କୁ ଘରକୁ ଫେରାଇ ଆଣି ଗୁଣିଗାରେଡି କରିଆରେ ଚିକିତ୍ସା କରାଯାଉଥିଲା। ଏ ସମ୍ପର୍କରେ ଖବର ପ୍ରକାଶ ପାଇବା ପରେ ଜିଲା ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିଲା। ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଏସ୍ସିବି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଅନ୍ୟପକ୍ଷରେ ମଞ୍ଜୁଳାଙ୍କ ପରିବାର ଲୋକେ କାବୁ କରି ରଖିଥିବା ନାଗସାପକୁ ବନ ବିଭାଗକୁ ହସ୍ତାନ୍ତର କରିଥିଲେ।


**omfed** www.omfed.com

**The Odisha State Co-operative Milk Producers' Federation Limited**
D-2, Sahidnagar, Bhubaneswar - 751007
Ph. No. 0674-2546030, 2540273, 2540417
Fax No. 0674-2540974, Email ID: omfed@yahoo.com

**TENDER NOTICE FOR SUITING & SHIRTING**

No. CAD-1244: OMFED, invites sealed technical & commercial offer in separate envelope for purchase of 1300 Mtrs. Black Suiting & 1750 Blue & White Strip Terry Cotton Shirting for our employees of different Units. Tender document can be downloaded from our website.
Any corrigendum, updates etc. relating to this advertisement shall be published only in our website and not in any other media including newspaper. Therefore, interested bidders may regularly visit our website or contact the undersigned. Due date for submission of the tender paper is 27.10.2021 at 11.00 A.M.
The federation reserves the right to reject any or all the tenders without assigning any reason thereof.

OIPR-06063/11/0011/2122 Sd./- Managing Director



**TRIBAL DEVELOPMENT COOPERATIVE CORPORATION OF ODISHA LTD.**
Rupali Square, Bhoi Nagar, Bhubaneswar-751022, Odisha
Tel No.2542475, 2542617, FAX-2544828, Email:admin@tdccodisha.org

**E-Auction Notification No: 1841 Date: 21.09.2021**

No.CAD-1247:- E-Auction for Sale of Sal Seeds, Seeded Tamarind, De-Seeded Tamarind & Seeded Harida 2021 Crop procured under MSP Scheme through forward auction platform of MSTC Ltd (E – RaKAM) & NCDEX e-Market Ltd. The e-Auction will be held on 07.10.2021 & the same will be reflected in www.neml.in & www.mstcecommerce.com. The details terms and conditions can be downloaded from the website www.tdccodisha.org. Any changes/modification in the auction documents will be posted on website.

Sd/- 21.09.2021
OIPR-26005/11/0018/2122 Managing Director



**ODISHA JOINT ENTRANCE EXAMINATION - 2021 (OJEE - 2021)**

No. OJEE/328 Date: 21.09.2021

**NOTICE REGARDING EXTENSION OF LAST DATE OF APPLICATION FOR 4 YEAR BACHELOR PROGRAM IN CINEMATIC ART AND TECHNOLOGY OF BIJU PATTANAIK FILM AND TELEVISION INSTITUTE OF ODISHA (BPFTIO), CUTTACK**

No. h-16: The last date of online application for the 4 yrs. degree program in Cinematic Art and Technology in the disciplines of (i) Cinematography, (ii) Sound Recording & Sound Design and (iii) Film Editing, to be offered by Biju Pattanaik Film and Television Institute of Odisha (BPFTIO), Cuttack from the current Academic Session 2021-22, which was earlier scheduled as 20.09.2021, is hereby extended up to 24.09.2021. Fees can be paid till 25-09-2021 (5.00 PM).

Detailed instructions and guidelines for online application will be like other forms as per the Information Brochure available in OJEE website, i.e. **www.ojee.nic.in**.

Candidates are advised to visit the official websites of OJEE (**www.ojee.nic.in**) and of BPFTIO (**www.bpftio.org**) regularly for updated information.

**Sd./- CHAIRMAN, OJEE, Odisha**
OIPR-14020/11/0011/2122



Government of Odisha
**OFFICE OF THE EXECUTIVE ENGINEER, RURAL WORKS DIVISION, DHENKANAL**
Email ID- eerwdivisiondhenkanal@yahoo.co.in; Contact No.- 06762 286706, Mobile No.- 9437255309

No. 4487//Dtd.20.09.21

**1st Corrigendum to Bid Identification No. Online-Dkl-08/2021-22**

No.O-739:- In the unavoidable circumstances, the tender can not be uploaded in the scheduled date and time. Hence Availability of Tender on-line for bidding and opening of the tender invited vide T.O.TCN No. Dkl-08/2021-22 has been rescheduled as follows by the Procurement Officer, Executive Engineer, R.W. Division, Dhenkanal.

| Procurement Officer | Bid Identification No. | Availability of Tender on-line for bidding | | Last Date & Time of seeking tender clarification | Date & Time of opening of Technical bid |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Executive Engineer, Rural Works Division, Dhenkanal | Online Dkl-08 | 27.09.2021 at 11.00 A.M. | 25.10.2021 upto 5.00 PM | 22.10.2021 upto 4.00 PM | 26.10.2021 at 11.00 A.M. |

All other terms and conditions are available in website www.tendersorissa.gov.in
Corrigendum if any shall only be published in the website
Authority reserves the right of reject any or all tenders without asssigning any reason thereof.

OIPR-25101/11/0005/2122 Sd./- Executive Engineer, R.W. Division, Dhenkanal



GOVERNMENT OF ODISHA No. O-731
**OFFICE OF THE EXECUTIVE ENGINEER RURAL WORKS DIVISION - II, BALASORE**

**e-Procurement Notice for Road & Building Works**
Bid Identification No. Online Tender/08/RWD-II BLS/2021-22

1. Name of the Work : Road & Building Works
2. Total No. of Works : 15 Nos.
3. Estimated Cost : Estimated Cost Rs.46.41 to Rs.0.56 lakhs
4. Class of Contractor : "A", "B", "C" and "D"
5. Time of Completion : As per TCN
6. Other Details

| Procurement Officer | Bid Identification No. | Availability of tender Online for Bidding | | Last date & time of seeking tender clarification | Date & time of Opening of Tender in O/o. E.E. RW Divn.-II, Balasore (Single Cover) |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Executive Engineer, R.W. Division-II, Balasore | 08 of 2021-22 | 27.09.2021 at 5.00 P.M. | 05.10.2021 upto 5.00 P.M. | 04.10.2021 upto 5.00 P.M. | 07.10.2021 at 11.00 A.M. |

Further details can be seen from the website **www.tendersorissa.gov.in.**

OIPR-25052/11/0008/2122 Sd./- Executive Engineer, R.W. Division-II, Balasore



**OFFICE OF THE NOTIFIED AREA COUNCIL, UDALA**
UDALA, MAYURBHANJ, ODISHA, PIN - 757041
TEL. No./FAX: 06795-232268, Email: udalanac@gmail.com

No. C-995 **E-PROCUREMENT NOTICE**

**Tender Reference No. UDLA-02 of 2021-22**
No. 2070/NAC Dt.20.09.2021

1. Name of the Work : Construction of Smart Park at Jagannathi in Ward No. 11 under Udala NAC
2. Estimated Cost : Rs.66,44,511/- (Excluding GST)
3. Period of Completion : 6 Months
4. Date & time of availability of bid documents in the portal : From 10.00 A.M. of Dt.22.09.2021
5. Last date/time of receiving of bids in portal : Upto 5.00 P.M. of Dt.04.10.2021
6. Date & time of submission of hard copy of original bid documents : Upto 12.30 P.M. of Dt.05.10.2021
7. Date & time of opening of Bid : At 03.00 P.M. of Dt.05.10.2021
8. Name & address of the Office Inviting Bid : Executive Officer, NAC, Udala

Further details can be seen from the e-procurement portal **www.tendersorissa.gov.in.**

Sd./- Executive Officer, Udala N.A.C
OIPR-13162/11/0003/2122



**GOVERNMENT OF ODISHA, OFFICE OF THE CHIEF CONSTRUCTION ENGINEER, CENTRAL RURAL WORKS CIRCLE, BHUBANESWAR**

No.O-740:- No. 4370/ Dt.21.09.2021

**"e" Procurement Notice for PMGSY (Balance Work) for the year 2021-22**

| | | |
|---|---|---|
| 1. | Name of the Work | PMGSY (Balance Works) for the year 2021-22 |
| 2. | Total No. of Packages | 02 Nos. of Packages |
| 3. | Estimated Cost of the Package | Varies from Rs.184.62 lakh to Rs.216.22 lakhs |
| 4. | Class of Contractor | |
| | a) Estimated cost more than Rs.40.00 lakhs up to Rs.3.00 Crores | B Class & A Class (of Odisha PWD) or relevant class of other licensing authorities |
| 5. | Period of completion | 05 (Five) calendar months |
| 6. | Offered rates by bidder | The offered rate by the contractor shall be excluding GST |
| 7. | Other details | |

| Procurement Officer | Bid Identification No. | Availability of tender on-line for bidding | | Last Date & Time of seeking Tender clarification | Date & time of submission of original financial instrument along with affidavit regarding correctness of information | Date & time of Opening of Tender | |
|---|---|---|---|---|---|---|---|
| | | From | To | | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 | 8 |
| Chief Construction Engineer, Central Rural Works Circle, Bhubaneswar | Tender-Online-C.C.-21 of 2021 | 23.09.21 at 11.00 A.M. | 07.10.21 up to 5.00 P.M. | 05.10.21 up to 3.00 P.M. | 11.10.2021 to 18.10.2021 upto 5.00 PM (During Office hour) | 08.10.2021 at 11.00 A.M. | To be intimated later on |

Further details can be seen from the website: www.pmgsytenders.gov.in

OIPR-25082/11/0025/2122 Chief Construction Engineer, Central Rural Works Circle, Bhubaneswar



**OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, BALASORE**
**ZILLA SWASTHYA SAMITI, BALASORE**
**ADVERTISEMENT FOR RECRUITMENT OF VARIOUS CONTRACTUAL POSTS UNDER NHM, BALASORE**
**WALK-IN-INTERVIEW**

Advt. No. 16213 Date: 21.09.21

No. E-460: Applications are invited from eligible candidates for filling up the following posts under National Health Mission, Balasore on contractual basis and subject to renewal as per the society norms. Annual increment is admissible as per the norms of the society besides the remuneration (including performance incentive maximum) noted against each post. All the posts are purley contractual & are renewable in every 11 months subjected to approval of project implementation plan.

| Sl. No. | Name of the Post | Vacancy | Qualification | Monthly Consolidated Remuneration (in Rs.) | Age Limit as on 01.09.2021 | Date of Walk-in-Interview |
|---|---|---|---|---|---|---|
| 1 | MO, NCD | 1 | MBBS Degree from an institution recognized by Medical Council of India. Must have valid Registration from the Odisha Council of Medical Registration. Candidates having Post qualification experience of working in hospital will be preferred | Rs.59,119/- + (PI) (Other allowances admissible as per NHM norms) | Upper age limit upto 70 years | 05.10.2021 |
| 2 | MO, SNCU | 4 | MBBS Degree from an Institution recognized by Medical Council of India. Must have valid registration from the Odisha Council of Medical Registration. Candidates having experience of working in Paediatric Ward for 2 years. Though MD (Paediatrics)/DCH are preferable. | Rs.59,119/- + (PI) (Other allowances admissible as per NHM norms) | Upper age limit upto 70 years | 05.10.2021 |
| 3 | MO, Day Care Centre | 1 | MBBS Degree from an Institution recognized by Medical Council of India. Must have valid registration from the Odisha Council of Medical Registration. Candidates having post qualification experience of working in Hospital will be preferred. | Rs.59,119/- + (PI) (Other allowances admissible as per NHM norms) | Upper age limit upto 70 years | 05.10.2021 |
| 4 | Accountant/ Block Accounts Manager | 3 | The Candidates should be a Graduate in Commerce with Minimum 50% marks in aggregate. He/She should have basic knowledge in computing and should have at least 2 years post qualification working experience in accounting. | Rs.17,734/- + (PI) (Other allowances admissible as per NHM norms) | Age limit is from 21-35 years | 05.10.2021 |

Eligible & aspirant candidates are hereby informed to visit/log in to the District official website www.baleswar.nic.in to download the application form, eligible criteria and other details. Candidates for Walk-in-Interview to register their names on exact date of interview between 10.00 A.M. to 12.00 Noon in the DTU-1, DHH, Balasore, if any candidate fails to register his/her name within the stipulated time then further he/she shall not be entertain/considered.
The authority reserves the right to cancellation/rejection of any or all applications and modify/cancel the advertisement without assigning any reason thereof.

Sd./- Chief District Medical & Public Health Officer, Balasore



**OFFICE OF THE MUNICIPAL COUNCIL, BARGARH**

No. 4659 Date: 20.09.2021

**e-Procurement Notice**
**BID IDENTIFICATION NUMBER - 5/BGH-MUN/2021-22**

No. C-999: Bid documents consisting of work, Estimated cost, cost of tender paper, EMD, Time of completion, Class of Contractor and the set of terms and conditions of contract and other necessary documents can be seen in Govt. website i.e. **www.tendersorissa.gov.in.**

| | | |
|---|---|---|
| 1 | Name of the Work | Civil Construction work as mentioned in DTCN |
| 2 | No. of Works | 1 No. |
| 3 | Estimated Cost | Rs.38,92,234.00 |
| 4 | Period of Completion | 6 Calendar Months |
| 5 | Date and time of Online bidding | From 11.00 A.M. of 22.09.2021 to 5.30 P.M. of 04.10.2021 |
| 6 | Online bids shall be Open on | 05.10.2021 at 11.00 A.M. |
| 7 | Name & address of the Officer Inviting Bid | Executive Officer, Bargarh Municipality |
| 8 | Further details can be seen from the website **www.tendersorissa.gov.in** | |
| 9 | Further any addendum/corrigendum/clarification issued in connection with the tenders shall be uploaded in the above website and no newspaper advertisement shall be given. Bidders are advised to visit the website regularly for obtaining all such details. | |

Sd./- (Narayan Dandsena)
Executive Officer, Bargarh Municipality
OIPR-13103/11/0011/2122



**OFFICE OF THE PANCHAYAT SAMITI, TIRING, MAYURBHANJ**
At/P.O.- Tiring, Dist.- Mayurbhanj - 757053 (ODISHA), e-Mail: ori-tiringi@nic.in

**TENDER CALL NOTICE**

No. 2525 Date: 15.09.2021
ANNEXURE - "A"

No. i-169: The Block Development Officer, Tiring on behalf of Government of Odisha invites sealed cover tender on Percentage(%) rate bid in Single Cover System for construction of works as detailed below in the table from Registered & Eligible Civil Contractors of Odisha PWD (R&B)/WR/RWD/NH/MI/CPWD for the following works in conformity with the Detailed Tender Call Notice.

| Sl. No. | Name of the GP | Name of the Work | Amount put to the tender (in Rs.) | EMD to be Deposited (in Rs.) | Cost of Tender Paper (in Rs.) | Class of Contractors | Period of Completion |
|---|---|---|---|---|---|---|---|
| 1 | Sanbhundu | Development of Infrastructure facility in different component of Badbhundu UGHS (Part-B) | 26,16,075/- | 26160/- | 6000/- | "C" & "B" | Six Calendar Months |
| 2 | Naranpur | Development of Infrastructure facility in different component of Naranpur UGHS | 40,15,164/- | 40160/- | 6000/- | "B" & "A" | Six Calendar Months |
| 3 | Tiring | Development of Infrastructure facility in different component of Tiring HS | 32,49,728/- | 32500/- | 6000/- | "C" & "B" | Six Calendar Months |
| 4 | Sanbhundu | Development of Infrastructure facility in different component of Badbhundu UGHS (Part-A) | 30,94,460/- | 30950/- | 6000/- | "C" & "B" | Six Calendar Months |
| 5 | Lupung | Development of Infrastructure facility in different component of Govt. UGHS, Lupung | 15,34,195/- | 15350/- | 6000/- | "D" & "C" | Six Calendar Months |
| 6 | Rengalbeda | Development of Infrastructure facility in different component of Rengalbeda UGHS | 18,47,446/- | 18480/- | 6000/- | "D" & "C" | Six Calendar Months |
| 7 | Baddalima | Development of Infrastructure facility in different component of Baddalima NEW Govt. HS | 27,28,746/- | 27290/- | 6000/- | "C" & "B" | Six Calendar Months |
| 8 | Kulughutu | Development of Infrastructure facility in different component of Govt. UGHS, Jerai | 21,79,309/- | 21800/- | 6000/- | "C" & "B" | Six Calendar Months |
| 9 | Badnarani | Development of Infrastructure facility in different component of Maghua UGHS | 36,23,698/- | 36240/- | 6000/- | "C" & "B" | Six Calendar Months |
| 10 | Naranpur | Upgradation of Infrastrcutre in Elementary School at Sansadam New UPS | 22,19,412/- | 22200/- | 6000/- | "C" & "B" | Six Calendar Months |

For detailed terms and conditions please visit our website www.mayurbhanj.nic.in.

OIPR-19135/11/0002/2122 Sd./- Block Development Officer, Tiring



**OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, BALASORE**
**ZILLA SWASTHYA SAMITI, BALASORE**
**DISTRICT PROGRAMME MANAGEMENT UNIT, NATIONAL HEALTH MISSION, BALASORE**

Advt. No. 16214 Date: 21.09.21

Applications are invited only from the contractual employees currently working under NHM, in the same post of OSH&FW Society in any district, Odisha desiring to be posted in Balasore district against the vacant position as mentioned below.

**IN-HOUSE ADVERTISEMENT**

| Sl. No. | Name of the Post as per NHM PIP | No. of Vacant Position |
|---|---|---|
| 1 | Psychiatic Social Worker, DMHP | 1 |
| 2 | Psychiatic Nurse, DMHP | 1 |
| 3 | Cold Chain Technician DVC | 1 |
| 4 | Social Worker, DEIC | 1 |

Eligible in-house candidates are hereby informed to visit/log-in to the district official website www.baleswar.nic.in to download the detail terms, conditions & application forms. The filled in application form in all respect should reach the O/o. CDM&PHO, Balasore, PIN - 756001 by Dt.08.10.2021 upto (5.30 P.M.) by Regd. Post/Speed Post only. Application received from any other candidate except the contractual employees currently working under NHM will be rejected.
The envelope containing the application must be superscripted on the top of the envelope as "APPLICATION FOR THE POST OF .................... " IN-HOUSE CANDIDATE. Application received after due date will not be entertained. No personal query will be entertained. Numbers of vacancies under this advertisement are provisional and subject to change depending upon the recruitment at the time of selection. The authority reserves the right to cancellation/rejection of any or all applications and modify/cancel the advertisement without assigning any reason thereof.

Sd./- Chief District Medical & Public Health Officer, Balasore
OIPR-10032/11/0007/2122



**ODISHA** India's best kept secret

**Dept. of Tourism**
**Government of Odisha**
Paryatan Bhavan, Lewis Road, Bhubaneswar - 751014
Phone: (0674) 2432177 | Fax: (0674) - 243887
https://dot.odishatourism.gov.in

No. 7703 / TSM Date: 21.09.2021
TCT-TSP-MISC-0031-2021

**TENDER NOTICE**

**Request for Proposal (RFP) for selection of agency(s) for set up, operation and management of Eco Retreats at multiple locations in Odisha for a period of 5 years (2021 - 2026)**

**No. R-06:-** Department of Tourism, Government of Odisha invites proposals from prospective applicants for "**Selection of agency(s) for set up, operation and management of Eco Retreats at multiple locations in Odisha for a period of 5 years (2021-2026)**".
Interested bidders may download the RFP document from tender section of Department of Tourism website-
https://odishatourism.gov.in/content/tourism/en/dot/quickLinks/tender.html
Due date and time for submission of bids: 5.00 PM on 21.10.2021.

Sd./- Additional Secretary to Government
OIPR-37001/11/0011/2122



Your classified advertisement published in Dharitri will be listed free in Dharitri online edition :
**www.dharitri.com**

# ବର୍ଷାଦିନିଆ ହରଡ଼ ଫସଲ

ବର୍ଷାଦିନିଆ ସଅଳ ହରଡ଼ ଫସଲରେ ଫୁଲ ଧରିବାବେଳେ ବାଘୁଆ ପୋକ ଲାଗିଥାଏ। ଏହାର ଦମନ ପାଇଁ ପୋକଗୁଡ଼ିକୁ କିରୋସିନ ବା ଲୁଗାସଫା ପାଉଡର ପାଣିରେ ବୁଡ଼ାଇ ମାରି ଦିଅନ୍ତୁ। ହରଡ଼ ଫସଲରେ ନାଲି ଓ କଳା ସମ୍ବାଲୁଆ ପୋକ ପତ୍ରଖାଇ ଗଛକୁ ପତ୍ରହୀନ କରିଦିଅନ୍ତି, ତେଣୁ ଏକର ପ୍ରତି ୧୦ କିଗ୍ରା କ୍ଲୋରୋପାଇରିଫସ୍ ଗୁଣ୍ଡ ସକାଳ ବେଳା ପ୍ରୟୋଗ କରନ୍ତୁ। ଏହାଦ୍ୱାରା ମଧ୍ୟ ପତ୍ରକଣା କରୁଥିବା ଫ୍ଲି ଭୃଙ୍ଗ ପୋକର ଦମନ ହୋଇଥାଏ। ଡେରିରେ ଲଗାଯାଇଥିବା ମୁଗ, ବିରି, ହରଡ଼ ଆଦି ଡାଲିଜାତୀୟ ଫସଲରେ ସାହେବୀ ରୋଗ ଦେଖାଯାଏ। ଏହାର ଦମନ ପାଇଁ ଏକର ପ୍ରତି ୫୦ ମିଲି ଇମିଡାକ୍ଲୋପ୍ରିଡ୍ ମିଶାଇ ସିଞ୍ଚନ କରନ୍ତୁ। ମୁଗ, ବିରି, ଛୁଇଁ ପାକଳ ହୋଇଯାଇଥିଲେ ଅମଳ କରିଦିଅନ୍ତୁ।



# ଆଖୁ ଭେଳା ବାନ୍ଧୁଥିଲେ...

ଆଖୁ ଚାଷ କରାଯାଇଥିବା ଜମିରେ ଜଳ ନିଷ୍କାସନର ସୁବିଧା କରନ୍ତୁ । ଫସଲ ୩-୪ ମାସର ହୋଇଥିଲେ ଭେଳାବନ୍ଧା କାର୍ଯ୍ୟ ଶେଷ କରନ୍ତୁ । ସଅଳ କାଣ୍ଡବିନ୍ଧା ପୋକର ଦମନ ଲାଗି ଅଗ୍ରାଧିକାରରେ ଜୈବ ନିୟନ୍ତ୍ରଣ ପଦ୍ଧତି (ଏକର ପିଛା ୪୦,୦୦୦ ଟ୍ରାଇକୋଡର୍ମା ଜାପୋକମ୍) ଅବଲମ୍ବନ କରନ୍ତୁ କିମ୍ବା ହେକ୍ଟର ପ୍ରତି ୧ ଲିଟର ଫିପ୍ରୋନିଲ୍ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ଅଗବିନ୍ଧା ପୋକ ଦେଖାଯାଉଥିଲେ ଦମନ ପାଇଁ ହେକ୍ଟର ପ୍ରତି ୧ ଲିଟର ଫିପ୍ରୋନିଲ୍ କିମ୍ବା ପ୍ରୋଫେନୋଫସ୍ କିମ୍ବା ୫୦୦ ଲିଟର ପାଣିରେ ୫୦୦ ଗ୍ରାମ୍ ଏସିଫେଟ୍ ମିଶାଇ ସିଞ୍ଚନ କରନ୍ତୁ। ସୁବିଧା ଥିଲେ, ପତ୍ର କନ୍ଦାରେ ଦାନାଦାର ଔଷଧ ପ୍ରୟୋଗ କରିପାରିବେ।



# ମାଣ୍ଡିଆ ରୋଇବା ପରେ...

ମାଣ୍ଡିଆ ରୁଆ ହେବାର ୨-୩ ସପ୍ତାହରେ କୋଡ଼ାଖୁସା କରି ଘାସ ବାଛି ଦିଅନ୍ତୁ । ବର୍ଷାଧାର ଫସଲରେ ହେକ୍ଟର ପ୍ରତି ୨୫ କି.ଗ୍ରା. ଓ ଜଳସେଚିତ ଫସଲରେ ୩୦ କି.ଗ୍ରା. ଯବକ୍ଷାରଜାନ ପିଲ ସାର ଭାବେ ପ୍ରୟୋଗ କରନ୍ତୁ । ବୁଣା ଯାଇଥିବା ଫସଲ ୩୫-୪୦ ଦିନର ହୋଇଥିଲେ ବାକି ହେକ୍ଟର ପ୍ରତି ୧୨କି.ଗ୍ରା. ୫୦୦ ଗ୍ରାମ୍ ଯବକ୍ଷାରଜାନ ପ୍ରୟୋଗ କରନ୍ତୁ। ମାଣ୍ଡିଆ ଫସଲ ଅଧିକ ଜଳ ସହ୍ୟ କରିପାରେ ନାହିଁ । ଏବେ ଆବଶ୍ୟକ ହେଲେ ଜଳ ନିଷ୍କାସନ ବ୍ୟବସ୍ଥା କରନ୍ତୁ ।



# ଚାଷୀଙ୍କ ପାଇଁ...

ଲଘୁଚାପଜନିତ ଅତ୍ୟଧିକ ବୃଷ୍ଟିପାତ କାରଣରୁ ଧାନ ଜମିଗୁଡ଼ିକ ସମ୍ପୂର୍ଣ୍ଣ କିମ୍ବା ମଧ୍ୟମ ଜଳମଗ୍ନ ହୋଇଛି। ବର୍ତ୍ତମାନର ପାଗ ଯେପରି କି ମେଘୁଆ ଆକାଶ, ଅତ୍ୟଧିକ ଆର୍ଦ୍ରତା, ମଝିରେ ମଝିରେ ବର୍ଷା ସହିତ ଦିନରେ ଉଚ୍ଚ ଏବଂ ରାତିରେ ନିମ୍ନ ତାପମାତ୍ରା ହେବା ଯୋଗୁ ଧାନ ଫସଲରେ ବହୁତ ପ୍ରକାରର ରୋଗ ଓ ପୋକ ଦେଖାଯାଏ। ତେଣୁ ଚାଷୀ ଭାଇମାନେ ସାବଧାନତା ଅବଲମ୍ବନ କରିବା ଦରକାର। ସୁବିଧା ଅନୁଯାୟୀ ଧାନ ଚାଷ ଜମିରୁ ଅତ୍ୟାଧିକ ଜଳ ନିଷ୍କାସନ କରି ନିଅନ୍ତୁ। ବିଳମ୍ବରେ ରୁଆ ଯାଇଥିବା ଧାନରେ ଲେଦ଼ାପୋକ ଦେଖାଗଲେ ହେକ୍ଟର ପିଛା ୨ ଲିଟର କିରୋସିନ ସିଞ୍ଚନ କରନ୍ତୁ ଏବଂ ରଶି ଦ୍ୱାରା ଧାନ ଗଛଗୁଡ଼ିକୁ ଭଲ ଭାବରେ ହଲାଇ ଦିଅନ୍ତୁ। ଏହା ସତ୍ତ୍ୱେ ପୋକର ପ୍ରଭାବ ନ କମିଲେ ଏକର ପ୍ରତି ୫୦୦ମି.ଲି. କ୍ଲୋରୋପାଇରିଫସ୍, ୨୦ଇ.ସି. କିମ୍ବା ୨୦୦ମି.ଲି. ଲାମ୍ବଡ଼ା ସାଇହାଲୋଥ୍ରିନ୍, ୫ପ୍ରତିଶତ ଇ.ସି. କିମ୍ବା ୮୦୦ମି.ଲି. କୁଇନାଲଫସ୍ ୨୫ଇ.ସି. ପ୍ରୟୋଗ କରନ୍ତୁ।

ବର୍ତ୍ତମାନ ପାଣିପାଗରେ ବିଭିନ୍ନ ପ୍ରକାରର ବ୍ୟାକ୍ଟେରିଆଜନିତ ରୋଗ ଲାଗିବାର ସମ୍ଭାବନା ଅଧିକ। ପତ୍ରପୋଡ଼ା ରୋଗ ବା ପତ୍ରରେଖା ରୋଗ ଦେଖାଯାଉଥିବା ଅଞ୍ଚଳରେ ଏହାର ନିୟନ୍ତ୍ରଣ ପାଇଁ ୨୦୦ଲିଟର ପାଣିରେ ୨୦୦ଗ୍ରାମ ପ୍ଲାଣ୍ଟୋମାଇସିନ୍ ସହିତ ୨୦୦ଗ୍ରାମ ଅକ୍ସିକ୍ଲୋରାଇଡ୍ ମିଶାଇ ସିଞ୍ଚନ କରନ୍ତୁ। ମହିଷା ରୋଗ ଦେଖା ଯାଉଥିବା ଅଞ୍ଚଳରେ ଏହାର ଦମନ ପାଇଁ ୨୦୦ଲିଟର ପାଣିରେ ୪୦୦ଗ୍ରାମ କାର୍ବେଣ୍ଡାଜିମ୍ ୫୦ ଡବ୍ଲ୍ୟୁ.ପି. କିମ୍ବା ୧୨୦ ଗ୍ରାମ ଟ୍ରାଇସାଇକ୍ଲାଜୋଲ୍ ୭୫ ଡବ୍ଲ୍ୟୁ.ପି. ଭଲ ଭାବେ ମିଶାଇ ସିଞ୍ଚନ କରନ୍ତୁ। ଯଦି ବଙ୍ଗୀ ପୋକ ଦେଖାଯାଏ ତେବେ ଏକର ପ୍ରତି ୪୦୦ମି.ଲି. କାର୍ବୋସଲଫ୍ୟୁରାନ୍ ୨୫ଇ.ସି. କିମ୍ବା ୧୦କେ.ଜି କାର୍ବୋଫ୍ୟୁରାନ ୩ ଜି. ବ୍ୟବହାର କରନ୍ତୁ।

ଯଦି ବୁଦା ପ୍ରତି ଦୁଇଟି ମୋଡ଼ା ପତ୍ର ଦେଖାଯାଏ ତେବେ ପତ୍ରମୋଡ଼ା ପୋକର ଦମନ ପାଇଁ ଏକର ପ୍ରତି ୬୦ ମି.ଲି. କ୍ଲୋରାନ୍ ଟ୍ରାନିଲିପ୍ରୋଲ ୧୮.୫ ଏସ୍.ସି. କିମ୍ବା ୫୦ ଗ୍ରାମ ଫ୍ଲୁବେନ୍‌ଡିମାଇଡ୍ ୨୦ ଡ଼ବ୍ଲୁ .ଜି. ୨୦୦ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।

ସଅଳ ରୁଆ ହୋଇଥିବା ଧାନ ଗଛରେ ପତ୍ରାଚ୍ଛଦା ପୋଡ଼ା ବା ସାପକାତିଆ ରୋଗ ଗୋଟିଏରୁ ଦୁଇଟି ପିଲରେ ଦେଖାଗଲେ ଏହାର ଦମନ ପାଇଁ ଏକର ପ୍ରତି ୨୦୦ମି.ଲି. ପ୍ରୋପିକୋନାଜୋଲ୍ ୭୫% କିମ୍ବା ୪୦୦ମି.ଲି. ହେକ୍ସାକୋନାଜୋଲ୍ ୫୦% କିମ୍ବା ୪୦୦ ମି.ଲି. ଭାଲିଡ଼ାମାଇସିନ୍ ୩ ଏଲ୍, ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ଏହି ରୋଗ ସାଧାରଣତଃ ଧାନ ପିଲ ଦେବା ଅବସ୍ଥାରେ ଦେଖାଯାଏ। ଏ ସମ୍ପର୍କରେ ଅଧିକ ଜାଣିବା ଲାଗି କଟକ ବିଦ୍ୟାଧରପୁରସ୍ଥିତ ଜାତୀୟ ଧାନ ଗବେଷଣା କେନ୍ଦ୍ର(ଏନ.ଆର.ଆର.ଆଇ.) ସହ ଯୋଗାଯୋଗ କରିପାରିବେ।



# ଧାନ ଗଛ ହଳଦିଆ ପଡ଼ୁଥିଲେ..



ପ୍ରତ୍ୟୁଷ ପଣ୍ଡା



ଧାନ ଆମ ରାଜ୍ୟର ଏକ ମୁଖ୍ୟ ଫସଲ। ଧାନ ଗଛ ବଢ଼ିବା ସମୟରେ ଯେତେ ସବୁଜ ରହିବ, ଆକାଶରୁ ପ୍ରଚୁର ସୂର୍ଯ୍ୟାଲୋକ ଗ୍ରହଣ କରି ଶ୍ୱେତସାର ଜାତୀୟ ଖାଦ୍ୟ ପ୍ରସ୍ତୁତ କରି ସେତେ ଅମଳ ବଢ଼ାଇବ। ଧାନ ଗଛର ପତ୍ରରୁ ସବୁଜ କଣିକା ନଷ୍ଟ ହେଲେ ଗଛ ହଳଦିଆ ରଙ୍ଗ ଦେଖାଯାଏ। ଏହି ସମୟରେ ଚାଷୀ ଯବକ୍ଷାରଜାନ ସାର ପ୍ରୟୋଗ କରେ, କିନ୍ତୁ ଅମଳ ଭଲ ବଢ଼େନାହିଁ।

ଧାନ ଗଛ ହଳଦୀ ରଙ୍ଗ ହେବାର ବିଭିନ୍ନ କାରଣ ରହିଛି। ପ୍ରଥମତଃ ଡିପଜମି ଧାନକୁ ଖୁସାଇ ଘାସ ବାଛିବା, ବୁଣା ଜମିରେ ଖେଳୁଆ, ରୁଆ ଧାନରେ ତଳିଘରାରୁ ଚେର ଛିଡ଼ିବା ଦ୍ୱାରା ଧାନ ଗଛକୁ ବାଧା ହୁଏ। ଚାରା ଗଛର ନୂଆ ତଥା ଶାଖା ଚେର ବାହାରିବା ପର୍ଯ୍ୟନ୍ତ ଧାନଗଛ ହଳଦିଆ ରହେ। ଏପରି ଅବସ୍ଥା ବଦଳିବାକୁ ପ୍ରାୟେ ୭ ଦିନ ଲାଗେ। ଗଛର ନୂଆ ଚେର ଆସିଗଲେ ଧାନଗଛ ମାଟିରେ ପ୍ରୟୋଗ ଖାଦ୍ୟସାର ପାଇ ସବୁଜ ହୁଏ। ଧାନ କ୍ଷେତରେ ଧାନ ହଳଦିଆ ପଡ଼ିବା କାରଣରୁ ଚାଷୀଭାଇ ବ୍ୟସ୍ତ ହେବା ଆବଶ୍ୟକ ନାହିଁ। ଦ୍ୱିତୀୟତଃ ମାଟିର ଯବକ୍ଷାରଜାନ, ପଟାସ, ଗନ୍ଧକ, ଲୁହା ଓ ଦସ୍ତା ଆଦି ଖାଦ୍ୟ ଉପାଦାନର ଅଭାବ ହେଲେ ଧାନଗଛ ହଳଦିଆ ପଡ଼େ। କିନ୍ତୁ ଉପରୋକ୍ତ ସବୁ ଖାଦ୍ୟ ଉପାଦାନର ଅଭାବଜନିତ ହଳଦିଆ ରଙ୍ଗ ଲକ୍ଷଣ ସମାନ ନୁହେଁ। ତେଣୁ ଯଦି ଚାଷୀଭାଇ ବିଭିନ୍ନ ଅଭାବରୁ ଭିନ୍ନ ଭିନ୍ନ ଲକ୍ଷଣ ସହ ପରିଚିତ ହେବେ ସେ ଏହି ହଳଦିଆ ରଙ୍ଗ ପଡ଼ିବା ସମସ୍ୟାର ସମାଧାନ କରିପାରିବେ ଏବଂ ନିଜ ଅମଳ ବଢ଼ାଇପାରିବେ। ଯବକ୍ଷାରଜାନ ଖାଦ୍ୟ ଅଭାବରେ ଧାନଗଛର ତଳପତ୍ର ପ୍ରଥମେ ହଳଦୀ ରଙ୍ଗ ହୁଏ। ଏହି ହଳଦୀ ରଙ୍ଗ ପତ୍ରର ମୂଳରୁ ଆରମ୍ଭ ହୋଇ ଅଗ ପର୍ଯ୍ୟନ୍ତ ଯାଇ ସମୁଦାୟ ପତ୍ର ହଳଦିଆ ହୁଏ। କ୍ରମେ ହଳଦିଆ ରଙ୍ଗ ଉପରକୁ ମାଡ଼ିଯାଏ। ଏହି ସମୟରେ ଯେକୌଣସି ଯବକ୍ଷାରଜାନ ଜାତୀୟ ସାର ପ୍ରୟୋଗ କଲେ ଧାନଗଛ ୨୪ରୁ ୪୮ ଘଣ୍ଟା ମଧ୍ୟରେ ସବୁଜ ହୁଏ। ଏଥିପାଇଁ ଡିପ ଜମି ଧାନରେ ଏକର ପ୍ରତି ୩ କିଗ୍ରା ଯବକ୍ଷାରଜାନକୁ ୧୩ କିଗ୍ରା ୟୁରିଆ ଭାବେ ମାଟିର ପାଗ ଦେଖି ୨ରୁ ୨.୫ ସେ.ମି. ଗଭୀରରେ ପ୍ରୟୋଗ କରାଗଲେ ଯବକ୍ଷାରଜାନର ସମ୍ପୂର୍ଣ୍ଣ ବିନିଯୋଗ ହୋଇ ଗଛକୁ ସବୁଜ କରେ। ମଧ୍ୟମ କିସମ ବୁଣା ବା ରୁଆ ଧାନ ଜମିରେ ଠିଆପାଣି ଥିଲେ ୧୨ କି.ଗ୍ରା. ଯବକ୍ଷାରଜାନକୁ ୨୬ କି.ଗ୍ରା. ୟୁରିଆ ହିସାବରେ ଏହାର ୫ ଗୁଣ ଶୁଖିଲା ବାଲିରେ ମିଶାଇ ୪୮ ଘଣ୍ଟା ଛାଇରେ ରଖି ପ୍ରୟୋଗ କଲେ ଧାନଗଛ ୨୪ ଘଣ୍ଟାରେ ସବୁଜ ହୁଏ। ଖାଲ କିସମ ଧାନ ଜମିରେ ଏକ ଫୁଟ ପର୍ଯ୍ୟନ୍ତ ଠିଆପାଣି ଥିଲେ ଶତକଡ଼ା ୨.୫ ଭାଗ ୟୁରିଆକୁ ୭ ଦିନ ବ୍ୟବଧାନରେ ପତ୍ରଛିଞ୍ଚା କଲେ ଧାନଗଛ ହଳଦିଆ ରଙ୍ଗରୁ ସବୁଜ ରଙ୍ଗ ହେବ।

ଧାନଗଛର ଦ୍ୱିତୀୟ ମୁଖ୍ୟ ଖାଦ୍ୟ ଉପାଦାନ ପଟାସ ଅଭାବରେ ପ୍ରଥମେ ତଳପତ୍ର ହଳଦିଆ ରଙ୍ଗ ହୁଏ। କିନ୍ତୁ ପଟାସ ଅଭାବଜନିତ ହଳଦିଆ ରଙ୍ଗ ଗାଢ଼ ଦଳଦିଆ ନୁହେଁ ଏହା କମଳା ମିଶା ହଳଦିଆ ରଙ୍ଗ। ପଟାସ ଅଭାବରେ ପତ୍ରର ଅଗ୍ରଭାଗ ପୋଡ଼ିଯାଏ। ଏହି ଲକ୍ଷଣ କ୍ରମେ ଉପର ପତ୍ରରେ ହୁଏ, ଏପରି ଲକ୍ଷଣ ଦେଖାଦେଲେ ଏକର ପ୍ରତି ୬ କିଗ୍ରା ପଟାସ ଅର୍ଥାତ୍ ୧୦ କିଲୋ ମ୍ୟୁରେଟ ଅଫ୍ ପଟାସ (ଏମ୍.ଓ.ପି) ପ୍ରୟୋଗ କଲେ ଗଛର ଉପରପତ୍ର ସହ ନୂଆ ପତ୍ର ସବୁଜ ରହେ। ଗନ୍ଧକ ଏକ ଗୌଣ ଉପାଦାନ, ଯାହାର ଅଭାବରେ ଧାନ ଗଛ ହଳଦୀ ରଙ୍ଗ ହୁଏ। ବର୍ତ୍ତମାନ ଚାଷୀଭାଇମାନେ ଗନ୍ଧକ ବିହୀନ ସାର ଯଥା ଡିଏପି, ଗ୍ରୋମୋର, ଇଫ୍‌କୋ (ଏନପିକେ) ଆଦି ଯୌଗିକ ସାର ବହୁ ପରିମାଣରେ ବ୍ୟବହାର କରୁଥିବାରୁ ଧାନ ଫସଲରେ ଗନ୍ଧକର ଅଭାବ ପରିଲକ୍ଷିତ ହେଉଛି। ଗନ୍ଧକ ଅଭାବରେ ଧାନଗଛର ସମୁଦାୟ ପତ୍ର ଅର୍ଥାତ୍ ପତ୍ରର ଶିରା, ପ୍ରଶିରା, ଫଳ ହଳଦିଆ ହୁଏ। ଉକ୍ତ ହଳଦିଆ ରଙ୍ଗ ପତ୍ରର ଅଗ୍ରଭାଗରୁ ମୂଳ ପର୍ଯ୍ୟନ୍ତ ଆସେ। କ୍ଷେତରେ ଥିବା ଧାନଫସଲରେ ଗନ୍ଧକ ଅଭାବର ପ୍ରତିକାର ପାଇଁ ଆମୋନିୟମ୍ ସଲ୍‌ଫେଟ ସାରରୁ ଏକର ପ୍ରତି ୧୨ କିଗ୍ରା ପ୍ରୟୋଗ କଲେ ୪୮ ଘଣ୍ଟା ମଧ୍ୟରେ ଉପର ପତ୍ର ସବୁଜ ହୁଏ, ଆମୋନିୟମ୍ ସଲ୍‌ଫେଟ ସାରରେ ଶତକଡ଼ା ୨୦ ଭାଗ ଯବକ୍ଷାରଜାନ ସହ ୨୪.୫ ଭାଗ ଗନ୍ଧକ ଜଳରେ ଦ୍ରବଣୀୟ ଅବସ୍ଥାରେ ଥିବାରୁ ଗଛ ଉଭୟ ଯବକ୍ଷାରଜାନ ଓ ଗନ୍ଧକ ପାଇ ସବୁଜ ହୋଇ ବଢ଼େ।

ଧାନ ଫସଲର ଚତୁର୍ଥ ଖାଦ୍ୟ ଉପାଦାନ ଅର୍ଥାତ୍ ଲୁହାର ଅଭାବରେ ପତ୍ରର ମୂଳରୁ ହଳଦୀ ରଙ୍ଗ ଆରମ୍ଭ ହୋଇ ଅଗଆଡ଼କୁ ଗତିକରେ, ଯାହା କି ଗନ୍ଧକ ଅଭାବଜନିତ ଲକ୍ଷଣର ବିପରୀତ। ପୁନଶ୍ଚ ଗନ୍ଧକର ଅଭାବ ସମ୍ପୂର୍ଣ୍ଣ ପତ୍ର ହଳଦିଆ ହେଉଥିବା ବେଳେ ଲୌହର ଅଭାବରେ ପତ୍ରର ଶିରା ପ୍ରଶିରା ସବୁଜ ଥାଇ ମଝିଭାଗ ହଳଦିଆ ପଡ଼େ। ଧାନରେ ଲୌହ ଅଭାବଜନିତ ଲକ୍ଷଣ ଦେଖିଲେ ଶତକଡ଼ା ୦.୪ ଭାଗ ଫେରସ୍ ସଲଫେଟ୍‌କୁ ଜଳରେ ଦ୍ରବଣ କରି ୭ ଦିନ ବ୍ୟବଧାନରେ ୨ରୁ ୩ ଥର ପତ୍ରଛିଞ୍ଚା କଲେ ଧାନର ହଳଦୀ ରଙ୍ଗ ଚାଲିଯାଏ।

ପଞ୍ଚମ ଅଣୁ ଖାଦ୍ୟ ଉପାଦାନ ଦସ୍ତା ବା ଜିଙ୍କ୍‌ର ଅଭାବ ଠିଆପାଣି ଥିବା ବୁଣା ବା ରୁଆ ଧାନରେ ହଳଦିଆ ରଙ୍ଗ ସୃଷ୍ଟି କରେ। ଦସ୍ତା ଅଭାବରେ ଧାନ ଗଛର ତଳ କିମ୍ବା ଉପର ପତ୍ର ସାଧାରଣତଃ ମଝିପତ୍ର ହଳଦିଆ ହୁଏ। ଧାନ ଗଛର ଉପରଆଡୁ ତୃତୀୟ ଏବଂ ଚତୁର୍ଥ ପତ୍ରର ଦୁଇଶିରା ମଧ୍ୟରେ ଥିବା ଅଂଶ ପ୍ରଥମେ ହଳଦିଆ ଛିଟ ଦାଗମାନ ଦେଖାଯାଏ। କ୍ରମେ ଉକ୍ତ ଦାଗ ମିଶିଯାଇ ସମୁଦାୟ ପତ୍ରକୁ ହଳଦିଆ କରେ। ପରବର୍ତ୍ତୀ ସମୟରେ ତଳପତ୍ର ଆକ୍ରାନ୍ତ ହୁଏ। ଧାନକ୍ଷେତରେ ଜିଙ୍କ୍‌ର ଅଭାବଜନିତ ଲକ୍ଷଣ ଦେଖାଗଲେ ଶତକଡ଼ା ୦.୫ ଭାଗ ଜିଙ୍କ୍ ସଲ୍‌ଫେଟ୍ କିମ୍ବା ୦.୧ ଭାଗ ଜିଙ୍କ୍ ଇଡିଟିଏକୁ ୭ ଦିନ ମଧ୍ୟରେ ଦୁଇଥର ପତ୍ରଛିଞ୍ଚା କରିବେ।

> "ଧାନ ଗଛ ହଳଦୀ ରଙ୍ଗ ହେବାର ବିଭିନ୍ନ କାରଣ ରହିଛି। ପ୍ରଥମତଃ ଡିପଜମି ଧାନକୁ ଖୁସାଇ ଘାସ ବାଛିବା, ବୁଣା ଜମିରେ ଖେଳୁଆ, ରୁଆ ଧାନରେ ତଳିଘରାରୁ ଚେର ଛିଡ଼ିବା ଦ୍ୱାରା ଧାନ ଗଛକୁ ବାଧା ହୁଏ। ଚାରା ଗଛର ନୂଆ ତଥା ଶାଖା ଚେର ବାହାରିବା ପର୍ଯ୍ୟନ୍ତ ଧାନଗଛ ହଳଦିଆ ରହେ। ଏପରି ଅବସ୍ଥା ବଦଳିବାକୁ ପ୍ରାୟେ ୭ ଦିନ ଲାଗେ।"

ଧାନଗଛର ଖାଦ୍ୟ ଉପାଦାନ ଅଭାବ ବ୍ୟତୀତ ଆଉ ୨ଟି ରୋଗ ହେଲେ ଧାନଗଛ ହଳଦିଆ ରଙ୍ଗ ଦେଖାଯାଏ। ଲଗାତର ବର୍ଷା ଏବଂ ମେଘୁଆ ପାଗ ପାଇଁ ଏହି ଦୁଇଟି କାରଣ ମୁଖ୍ୟ ମଧ୍ୟ ହୋଇପାରେ। ପ୍ରଥମେ ଜାଣିବା ଜୀବାଣୁଜନିତ ପତ୍ରପୋଡ଼ା ରୋଗ। ସାଧାରଣତଃ ବାୟୁରେ ଆର୍ଦ୍ରତା ବଢ଼ିଲେ ଏବଂ ଆକାଶ ମେଘାଚ୍ଛନ୍ନ ହୋଇ ବହୁଦିନ ରହିଲେ ଏହି ରୋଗ ଦେଖାଯାଏ। ଏହି ରୋଗରେ ପତ୍ରର ଧାରଗୁଡ଼ିକ ପ୍ରଥମେ ହଳଦିଆ ପଡ଼ି ପରେ ପୋଡ଼ିଯାଏ। ସମୟେ ସମୟେ ପତ୍ରର ଗୋଟିଏ ଧାର ମଧ୍ୟ ଏପରି ସଂକ୍ରମଣ ହୋଇଥାଏ। ଏ ରୋଗର ନିରାକରଣ ପାଇଁ ଷ୍ଟ୍ରେପ୍ଟୋସାଇକ୍ଲିନ୍ ୦.୧ ଗ୍ରାମ୍ ସହ କପର ଅକ୍ସିକ୍ଲୋରାଇଡ୍ ୩ ଗ୍ରାମ୍ ପ୍ରତି ଲିଟର ପାଣିରେ ମିଶାଇ ସ୍ପ୍ରେ କରିବେ।

ଦ୍ୱିତୀୟ ରୋଗଟି ଧାନଗଛ ବଢ଼ିବା ସମୟରେ ଦେଖାଯାଏ। ଏହି ରୋଗ ଟୁଙ୍ଗୁର ନାମକ ଏକ ଭାଇରସ୍ (ଭୂତାଣୁ) ଦ୍ୱାରା ପତ୍ରରେ ହୁଏ। ଉକ୍ତ ରୋଗରେ ଆକ୍ରାନ୍ତ ଧାନଗଛ ଗୋଛାଳିଆ ହୋଇ ବଢ଼େ ଏବଂ ସବୁପତ୍ର ହଳଦୀ ରଙ୍ଗ ହୁଏ। ଅବଶେଷରେ ଗଛ ରୋଗାକ୍ରାନ୍ତ ହୋଇ ମରିଯାଏ। ଏହାର ପ୍ରତିକାର ପାଇଁ ସେପରି କିଛି ଔଷଧ ନାହିଁ। ଅନ୍ୟ କ୍ଷେତରେ ଟୁଙ୍ଗୁର ରୋଗବାହକ ସବୁଜ ପତ୍ର ଡିଆଁ ପୋକକୁ ନିୟନ୍ତ୍ରଣ କଲେ ଟୁଙ୍ଗୁର ରୋଗ ବ୍ୟାପି ନ ଥାଏ। ଉକ୍ତ ପୋକକୁ ଦମନ ପାଇଁ ହେକ୍ଟର ପ୍ରତି ୧୦୦ଗ୍ରାମ ଥାୟୋସିଥୋକ୍ସମ୍ ୨୫% ଡବ୍ଲୁଜି ପ୍ରୟୋଗ କରିବା ଆବଶ୍ୟକ। ଏହିପରି କିଛି ପଦକ୍ଷେପ ନେଲେ ଧାନ ଫସଲ ସୁସ୍ଥ ରହିବା ସହ ଅଧିକ ଅମଳ ମଧ୍ୟ ମିଳିପାରିବ।

-କୃଷି ଛାତ୍ର, ନୀଳାଦ୍ରି ବିହାର
ଏସ୍-୫/୧୯୮, ଭୁବନେଶ୍ୱର
ମୋ : ୭୮୭୩୮୨୭୮୩୦



# କପାରେ ରୋଗପୋକ



ବର୍ତ୍ତମାନ ସମୟରେ କପା ଚାଷରେ ଚିତ୍ରିତବକରା ପୋକ ଯୋଗୁଁ ଫସଲ ନଷ୍ଟ ହେବାର ଆଶଙ୍କା ରହିଛି। ଗଛ ଉଠିବାର ୩୫ରୁ ୪୦ ଦିନ ମଧ୍ୟରେ ଚିତ୍ରିତବକରା ପୋକ ଲାଗିବା ଆରମ୍ଭ ହୁଏ। ଏହା ଏହି ସମୟରେ ଅଧିକ ମାତ୍ରାରେ କ୍ଷତି କରିଥାଏ। ଶୂକଗୁଡ଼ିକ କଅଁଳ ଡାଳ, କଢ଼-ଫୁଲ ଓ ବକରା ଭିତରେ ପଶି କୋରି ଖାଆନ୍ତି, ଫଳରେ କଅଁଳୁଥିବା ଡାଳ ଶୁଖିଯାଏ। ଶତକଡ଼ା ୫ରୁ ୧୦ ଭାଗ ଡାଳ ଆକ୍ରାନ୍ତ ହୋଇଥିଲେ ନିୟନ୍ତ୍ରଣ ବ୍ୟବସ୍ଥା ଗ୍ରହଣ କରନ୍ତୁ। ଏଥିପାଇଁ ଏକର ପ୍ରତି ୨୦୦ଶୂକ ସମତୁଲ ଏଚ.ଏନ୍.ପି.ଭି. ଗୁଡ଼ ସହ ମିଶାଇ ସିଞ୍ଚନ କରନ୍ତୁ ଏବଂ କିଆରି ମଝିରେ ଓ ଗଛ ଉଚ୍ଚତାଠାରୁ ଏକ ଫୁଟ ଉଚ୍ଚରେ ଫେରୋମୋନ ଯନ୍ତା ବସାନ୍ତୁ। ଅଧିକ ଫଳ ଧରିବା ପାଇଁ କପା ଫସଲର ୪୫ ଦିନରେ ପ୍ରତି ୪-୫ଲିଟର ପାଣିରେ ୧ ମିଲି ପ୍ଲାନୋଫିକ୍ସ ଓ ଆଉ ଥରେ ୧୫ ଦିନ ପରେ ପ୍ରତି ୪-୫ ଲିଟର ପାଣିରେ ୨ମିଲି ମିଶାଇ ସିଞ୍ଚନ କରନ୍ତୁ। ବର୍ତ୍ତମାନର ପାଗରେ ବୀଜାଣୁଜନିତ ପତ୍ରପୋଡ଼ା ରୋଗର ପ୍ରାଦୁର୍ଭାବ ଦେଖାଯିବାର ଆଶଙ୍କା ଅଛି। ଏହାର ଦମନ ପାଇଁ ପ୍ରତି ୧୦ ଲିଟର ପାଣିରେ ୧ଗ୍ରାମ୍ ଷ୍ଟ୍ରେପ୍‌ଟୋସାଇକ୍ଲିନ୍ ମିଶାଇ ପତ୍ର ସିଞ୍ଚନ କରନ୍ତୁ। ଫସଲରେ ଧଳା ମାଛି ଓ ଜଉପୋକର ଦମନ ଲାଗି ୩ମି.ଲି. ଇମିଡ଼ାକ୍ଲୋପ୍ରିଡ୍‌କୁ ୧୦ଲିଟର ପାଣିରେ ମିଶାଇ ସିଞ୍ଚନ୍ କରନ୍ତୁ କିମ୍ବା ୨ମି.ଲି. ଟ୍ରାୟୋଜୋଫସ୍ ୧ଲିଟର ପାଣିରେ ମିଶାଇ ପତ୍ର ସିଞ୍ଚନ କରନ୍ତୁ। କପା ଫସଲରେ ପତ୍ର ପ୍ରତି ୨ଟି ପୂର୍ଣ୍ଣାଙ୍ଗ ପତ୍ରଡ଼ିଆଁ ପୋକ ବା ୫୦ଟି ପତ୍ରରେ ୫୦-୧୦୦ଟି ଅର୍ଭକ ଦେଖାଗଲେ ପ୍ରତି ଲିଟର ପାଣିରେ ୨ମି.ଲି. ମିଥାଇଲ୍ ଡିମେଟନ୍ ମିଶାଇ ସକାଳବେଳା ଶୁଖିଲା ପାଗ ଦେଖି ସିଞ୍ଚନ କରନ୍ତୁ।



## ଜାଣି ରଖନ୍ତୁ

- ଗୁହାଳ ତଳ ଓଦା ରଖନ୍ତୁ ନାହିଁ । ଓଦା ରହିଲେ ବିଭିନ୍ନ ରୋଗର ଆଶଙ୍କା ଥାଏ । ଗୁହାଳ ତଳକୁ ଶୁଖିଲା ରଖିବା ପାଇଁ ପାଉଁଶ ବା ବାଲି ବିଛାନ୍ତୁ । ବର୍ଷାଋତୁରେ ଗୋ-ମହିଷି ଓ ବାଛୁରିଙ୍କୁ ସାହାଣ ଏବଂ ବଜବଜିଆ ରୋଗର ଆଶଙ୍କା ଥାଏ । ଏହି ସଂକ୍ରାମକ ରୋଗ ନ ହେବା ପାଇଁ ପୂର୍ବରୁ ପ୍ରତିଷେଧକ ଟିକା ଦିଅନ୍ତୁ । ରୋଗ ଦେଖାଗଲେ ତୁରନ୍ତ ପ୍ରାଣୀ ଚିକିତ୍ସକଙ୍କ ପରାମର୍ଶ ନିଅନ୍ତୁ ।
- ବର୍ତ୍ତମାନ ଗୋ-ମହିଷିଙ୍କୁ ଅଢ଼େଇ ଦିନିଆ ଜ୍ୱର ହୋଇଥାଏ । ଗୋ-ମହିଷିଙ୍କ ଦେହରେ ଅଧିକ ତାତି ରହେ ଓ ଆକ୍ରାନ୍ତ ପ୍ରାଣୀ ଗୋଟିଏ ଗୋଡ଼ ଟେକି ରଖେ । ଏହି ଜ୍ୱରର ଉପଶମ ପାଇଁ ଡାକ୍ତରଙ୍କ ପରାମର୍ଶରେ ଔଷଧ ଖୁଆନ୍ତୁ ।
- ଗୁହାଳ ସବୁବେଳେ ପରିଷ୍କାର ଓ ଶୁଖିଲା ରଖନ୍ତୁ । ଏହାର ଚାରିପାଖ ଉଚ୍ଚା ଓ ନିଗିଡ଼ା କରନ୍ତୁ, ନଚେତ୍ ପାଣି ଜମି ସନ୍ତସନ୍ତିଆ ହେଲେ ଗୋରୁଙ୍କୁ ବିଭିନ୍ନ ସଂକ୍ରାମକ ରୋଗ ହେବାର ଆଶଙ୍କା ଥାଏ ।
- ଗୁହାଳର ତଳକୁ ଦିନରେ ଅନ୍ତତଃ ଥରେ ବା ଦୁଇଥର ଫିନାଇଲ ପ୍ରଭୃତି ବିଶୋଧକ ପଦାର୍ଥରେ ସଫା କରନ୍ତୁ ।
- ଗୋରୁଙ୍କୁ କଦାପି ଫିମ୍ପି ହୋଇଥିବା ଦାନା ଖୁଆନ୍ତୁ ନାହିଁ ।

## ଆଳି ମଣ୍ଡଳ ଶିକ୍ଷା ଅଧିକାରୀଙ୍କ ବିଦ୍ୟାଳୟ ପରିଦର୍ଶନ

ଆଳି,(ଡି.ଏନ.ଏ.):ଆଳି ମଣ୍ଡଳ ଶିକ୍ଷା ଅଧିକାରୀ ଗୋବିନ୍ଦ ଚନ୍ଦ୍ର ପରିଡା ସୋମବାର ମେଣ୍ଟପୁର ଗ୍ରାମ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରିଛନ୍ତି। ସେ ବିଦ୍ୟାଳୟରେ ଚାଲିଥିବା ମୋ ସ୍କୁଲ ଅଭିଯାନରେ କରାଯାଉଥିବା କାର୍ଯ୍ୟ ଦେଖି ଖୁସି ହୋଇଥିଲେ। ପ୍ରଧାନ ଶିକ୍ଷକ ଓ ସହକାରୀ ଶିକ୍ଷକମାନେ ନିଷ୍ଠାର ସହ କାର୍ଯ୍ୟ କରୁଛନ୍ତି ଜାଣି ପ୍ରଶଂସା କରିଥିଲେ। ତାଙ୍କ ସହିତ ଉତ୍କଳ ମଣି ନୋଡାଲ ଉଚ୍ଚ ବିଦ୍ୟାଳୟ କ୍ଲଷ୍ଟର ସିଆରସିସି ଅକ୍ଷୟ କୁମାର ଜେନା ଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପଦ୍ମଲୋଚନ ମହାଲିକ ଶିକ୍ଷା ଅଧିକାରୀଙ୍କ ସହ ବିଦ୍ୟାଳୟର ଅସୁବିଧା ବିଷୟରେ ଆଲୋଚନା କରିଥିଲେ।

### ସଂକ୍ଷେପରେ

## ବ୍ରାଉନସୁଗାର ଜବତ: ଜଣେ ଗିରଫ

ବିରିଡି,୨୧।୯(ଡି.ଏନ୍.ଏ.): ବିରିଡି ଥାନା ଅନ୍ତର୍ଗତ ୨୨ମୌଜା ନଇଁଲୋ ଗ୍ରାମର ଏକ ଆଖୁ କିଆରି ପାଖରୁ ୬.୮୫ଗ୍ରାମ ବ୍ରାଉନ୍‌ସୁଗାର ଓ ୩୯୭୦ ଟଙ୍କା ଜବତ ହୋଇଛି। ଏହି ଅଭିଯୋଗରେ ଜଣଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଏହି ଗ୍ରାମର ମନୋରଞ୍ଜନ ନାୟକ। ପୋଲିସ ତାଙ୍କୁ ଧରିବା ପାଇଁ ପୂର୍ବରୁ ଯୋଜନା କରିଥିଲା। ମଙ୍ଗଳବାର ସେ ଏହି କାରବାର କରୁଥିବାବେଳେ କନଷ୍ଟେବଲ ସୁଜିତ ଦାସ କ୍ରେତା ଭାବେ ଅଭିଯୁକ୍ତଙ୍କ ପାଖକୁ ଯାଇ କିଛି ବ୍ରାଉନସୁଗାର କିଣି ତାଙ୍କୁ ଧରିଥିଲେ। ମାତ୍ର ମନୋରଞ୍ଜନ ଦୌଡି ପଳାଇବାକୁ ଉଦ୍ୟମ କରିଥିଲେ। କନଷ୍ଟେବଲ ଦାସ ପିଛା କରି ତାଙ୍କୁ କାବୁ କରିଥିଲେ। ଏନେଇ ପୋଲିସ ମାମଲା (ନଂ.୧୭୮/୨୧) ରୁଜୁ କରିଛି। ଧରାଯାଇଥିବା ବ୍ରାଉନ୍‌ସୁଗାରର ମୂଲ୍ୟ ୫ ଲକ୍ଷରୁ ଊର୍ଦ୍ଧ୍ୱ ହେବ ବୋଲି ଆଇଆଇସି ନିରଞ୍ଜନ ମଲ୍ଲିକ କହିଛନ୍ତି।

## ଭୂତମୁଣ୍ଡାଇରେ ଡେଙ୍ଗୁ ଆକ୍ରାନ୍ତ ସଂଖ୍ୟା ବଢୁଛି

କୁଜଙ୍ଗ,୨୧।୯(ଡି.ଏନ୍.ଏ): କୁଜଙ୍ଗ ବ୍ଲକ ଭୂତମୁଣ୍ଡାଇ ପଞ୍ଚାୟତରେ ଡେଙ୍ଗୁ ରୋଗୀଙ୍କ ସଂଖ୍ୟା ବଢୁଛି। ଗତ ୧୭ ତାରିଖରେ ଭୂତମୁଣ୍ଡାଇ ଗ୍ରାମର ଦିଲୀପ ସ୍ୱାଇଁ ଡେଙ୍ଗୁ ଆକ୍ରାନ୍ତ ଚିହ୍ନଟ ହେବା ପରେ କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଗ୍ରାମରେ ଆଉ କେତେଜଣ ମଧ୍ୟ ଡେଙ୍ଗୁରେ ଆକ୍ରାନ୍ତ ହୋଇ କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସାଧୀନ ହେଉଥିବା ଜଣାପଡ଼ିଛି। କୁଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧୀକ୍ଷକ ଡା. ପ୍ରସନ୍ନ ପଣ୍ଡା କହିଛନ୍ତି, ପାରାଦୀପ ବିଜୁ ମେମୋରିଆଲ ହସ୍ପିଟାଲ ଓ ଜିଲା ସଦର ମହକୁମା ଡାକ୍ତରଖାନାରେ ଡେଙ୍ଗୁ ଚିହ୍ନଟ ପାଇଁ ମାଗଣାରେ ଏଲିଶା ଟେଷ୍ଟ ହେଉଛି। ତେବେ ଦିଲୀପ ଡେଙ୍ଗୁରେ ଆକ୍ରାନ୍ତ ହୋଇଥିବା ନେଇ ସେ ସୂଚନା ଦେଇଛନ୍ତି। ସେହିପରି ବିଜୁ ମେମୋରିଆଲ ହସ୍ପିଟାଲ ଅଧୀକ୍ଷକ ଡା. ବସନ୍ତ ରାଉତ କହିଛନ୍ତି, ଭୂତମୁଣ୍ଡାଇ ଗ୍ରାମର କେତେଜଣ ଲୋକ ଘରୋଇ ପରୀକ୍ଷାକେନ୍ଦ୍ରରୁ ରକ୍ତ ନମୁନା ପରୀକ୍ଷା ପରେ ଚିକିତ୍ସା ନିମନ୍ତେ କଟକ ଯାଇଥିବା ଶୁଣିବାକୁ ମିଳିଛି। ତେବେ ଏସମ୍ପର୍କରେ ସବିଶେଷ ତଥ୍ୟ ହସ୍ତଗତ ହୋଇନାହିଁ। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ଘର ଘର ବୁଲି ରୋଗୀ ଚିହ୍ନଟ କରିବାକୁ ସାମାଜିକ କର୍ମୀ ହୃଷୀକେଶ ନାଥ ଦାବି କରିଛନ୍ତି। ଏ ସମ୍ପର୍କରେ କୁଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀକ୍ଷକ ଡାକ୍ତର ପଣ୍ଡା କହିଛନ୍ତି, ଡେଙ୍ଗୁ ବିଷୟରେ ସଚେତନା ସୃଷ୍ଟି କରିବା ପାଇଁ ଭୁତମୁଣ୍ଡାଇରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସରପଞ୍ଚ, ଏଏନଏମ, ଆଶାକର୍ମୀ ଓ ଅଙ୍ଗନୱାଡି କର୍ମୀ ଯୋଗଦେଇଥିଲେ। ଆଗାମୀ ଦିନରେ ଘର ଘର ବୁଲି ଆକ୍ରାନ୍ତଙ୍କ ସମ୍ପର୍କରେ ତଥ୍ୟ ସଂଗ୍ରହ କରାଯିବ ବୋଲି ସେ କହିଛନ୍ତି।

# ବୁଡ଼ି ଅଞ୍ଚଳର କ୍ଷତିଗ୍ରସ୍ତ ଲୋକଙ୍କ ରାସ୍ତାରୋକୋ

- ୯ ଦିନ ହେବ ପାଣି ନିଷ୍କାସନ ହେଉନି
- ପ୍ରଶାସନ ନ ପହଞ୍ଚିବାରୁ ଅସନ୍ତୋଷ ବଢ଼ିଲା
- ବ୍ଲକ କାର୍ଯ୍ୟାଳୟ ଆଗରେ ଅନଶନ ନିଷ୍ପତ୍ତି

ଏରସମା,୨୧।୯(ସ୍ୱ.ପ୍ର.)



ପାଣି ନିଷ୍କାସନ ଦାବିରେ ଏରସମା-କୁଜଙ୍ଗ ରାସ୍ତାକୁ ଜପା ପଞ୍ଚାୟତବାସୀ ଅବରୋଧ କରିଛନ୍ତି।

ଲଗାଣ ବର୍ଷା ପରଠୁ ଏରସମା ବ୍ଲକ ଅନ୍ତର୍ଗତ ଜପା ପଞ୍ଚାୟତର ବହୁ ଜମିବାଡି ଓ ରାସ୍ତାଘାଟ ସବୁ ବୁଡିଯାଇଛି। ୯ ଦିନ ହେଲା ଏଠାରୁ ପାଣି ନିଷ୍କାସନ ହୋଇପାରୁନାହିଁ। ଜଳବନ୍ଦୀ ଥିବା ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ମାତ୍ର ପ୍ରଶାସନର ଉଦାସୀନ ରହିଥିବାରୁ ମଙ୍ଗଳବାର ବହୁ କ୍ଷତିଗ୍ରସ୍ତ ଲୋକେ ଜପା ପଞ୍ଚାୟତ କାର୍ଯ୍ୟାଳୟ ନିକଟ ଏରସମା-କୁଜଙ୍ଗ ରାସ୍ତା ଅବରୋଧ କରିଥିଲେ। ଏହି ଅବସରରେ ଆୟୋଜିତ ପ୍ରତିବାଦ ସଭାରେ ସ୍ଥାନୀୟ ସରପଞ୍ଚ ତପନ ଗଚ୍ଛାୟତ ଯୋଗଦେଇ କହିଛନ୍ତି, ଏହା ତଳିଆ ଅଞ୍ଚଳ ହୋଇଥିବାରୁ ଏଠାରୁ ପାଣି ନିଷ୍କାସିତ ହୋଇପାରୁନାହିଁ। ଗତ ମହାବାତ୍ୟାରେ ମଧ୍ୟ ଏହି ପଞ୍ଚାୟତ ସର୍ବାଧିକ କ୍ଷତିଗ୍ରସ୍ତ ହୋଇଥିଲା । ଏବେ ହଂସୁଆ ସଫେଇରେ ଜଳସ୍ତର ଆଶାତୀତ ବୃଦ୍ଧି ପାଇଛି। ଫଳରେ ବହୁ ଲୋକଙ୍କ ଘରେ ପାଣି ପଶିଯାଇଛି । କାହାର କାନ୍ଥ ପଡ଼ିଯାଇଥିବା ବେଳେ ଆଉ କାହାର ଘର ଭାଙ୍ଗିଯାଇଛି। ମାତ୍ର ବିପନ୍ନ ପରିବାରଗୁଡ଼ିକୁ ଏଯାଏଁ ପଲିଥିନ ଖଣ୍ଡେ ମିଳିପାରିନାହିଁ। ଘରେ ଖାଇବାକୁ କିଛି ନାହିଁ। ଗୋରୁ, ଛେଳି ଓ ମେଣ୍ଢାଙ୍କ ପାଇଁ ଖାଦ୍ୟ ସରିଯାଇଛି । ଏ ସମ୍ପର୍କରେ ବ୍ଲକ ପ୍ରଶାସନର ବାରମ୍ବାର ଦୃଷ୍ଟି ଆକର୍ଷଣ କରାଯାଇଛି। ମାତ୍ର କୌଣସି ସୁଫଳ ମିଳୁନାହିଁ। ଏନେଇ ତୁରନ୍ତ ପଦକ୍ଷେପ ନେବାକୁ ବିକ୍ଷୋଭକାରୀ ଦାବି କରିଥିଲେ। ଏଥିରେ ଭାଜପା ଓବିସି ମୋର୍ଚ୍ଚାର ରାଜ୍ୟ ଉପସଭାପତି ନୃସିଂହ ସାହୁ,ଏରସମାର ପୂର୍ବତନ ସରପଞ୍ଚ ନିବାରଣ ନାୟକ,କୈଳାସ ଜୟସିଂହ, ରାମଚନ୍ଦ୍ର ମହାନ୍ତି,ଅରୁଣ କୁମାର ବେହେରା ପ୍ରମୁଖ ସାମିଲ ହୋଇଥିଲେ। ପୂର୍ବାହ୍ନ ୧୦ଟାରୁ ସାଢେ ୨ଟା ପର୍ଯ୍ୟନ୍ତ ରାସ୍ତାରୋକୋ ସତ୍ତ୍ୱେ କୌଣସି ପ୍ରଶାସନିକ ଅଧିକାରୀ ନ ଆସିବାରୁ ଆସନ୍ତା ସପ୍ତାହରେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଅନଶନ କରାଯିବ ବୋଲି ଆନ୍ଦୋଳନକାରୀମାନେ ଘୋଷଣା କରିବା ପରେ ରାସ୍ତାରୁ ହଟିଥିଲେ।

# ପୀଡ଼ିତାଙ୍କୁ ୫ ଲକ୍ଷ ଟଙ୍କା ପ୍ରଦାନ ପାଇଁ ନିର୍ଦ୍ଦେଶ

### ଭିଡିଓ ଭାଇରାଲ ପରେ ନାବାଳିକାଙ୍କ ଆତ୍ମହତ୍ୟା ଉଦ୍ୟମ ମାମଲା

କେନ୍ଦ୍ରାପଡ଼ା ଅଫିସ, ୨୧।୯

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଥାନା ଅଞ୍ଚଳର ଜଣେ ନାବାଳିକା ବଳାତ୍କାରର ଶିକାର ହୋଇଥିଲେ। ଏହାର ଭିଡିଓ ସାମାଜିକ ଗଣମାଧ୍ୟମରେ ପ୍ରଦର୍ଶିତ ହେବା ପରେ ନାବାଳିକା ଆତ୍ମହତ୍ୟା ଉଦ୍ୟମ କରିଥିଲେ। ପରେ ଏ ନେଇ ଥାନାରେ ପରିବାର ପକ୍ଷରୁ ମାମଲା ପରେ ଅଭିଯୁକ୍ତ ଗିରଫ ହୋଇଥିଲେ। ଏହି ମାମଲାରେ ସମ୍ପୃକ୍ତା ପୀଡ଼ିତାଙ୍କୁ ଆସନ୍ତା ଅକ୍ଟୋବର ୨୯ ମଧ୍ୟରେ ୫ ଲକ୍ଷ ଟଙ୍କା ପ୍ରଦାନ ପାଇଁ ଜାତୀୟ ମାନବାଧିକାର କମିଶନ (ଏନ୍‌ଏଚ୍‌ଆର୍‌ସି) ପକ୍ଷରୁ ଜିଲାପାଳଙ୍କୁ ମଙ୍ଗଳବାର ନିର୍ଦ୍ଦେଶ ଦିଆଯାଇଛି। ପୀଡ଼ିତାଙ୍କୁ କୌଣସି ଆର୍ଥିକ କ୍ଷତିପୂରଣ ଦିଆଯାଇ ନ ଥିବା ଦର୍ଶାଇ କେନ୍ଦ୍ରାପଡ଼ା ବ୍ଲକ ଏଣ୍ଡର ଗାଁର ସାମାଜିକ କର୍ମୀ ସାଗର କୁମାର ଜେନା ୨୦୧୯ ଡିସେମ୍ବର ୧ରେ ଏନ୍‌ଏଚ୍‌ଆର୍‌ସିରେ ଅଭିଯୋଗ ପତ୍ର ଦାଖଲ କରିଥିଲେ। ଏହି ମାମଲା (୧୨୧୨୦/୧୯)କୁ ଶୁଣାଣି କରି ପୀଡ଼ିତା ଜଣେ ଅନୁସୂଚିତ ବର୍ଗ ଓ ନାବାଳିକା ହୋଇଥିବାରୁ ଆର୍ଥିକ କ୍ଷତିପୂରଣ ଦେବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏ ସମ୍ପର୍କରେ ସାମାଜିକ କର୍ମୀ ସାଗର କହିଛନ୍ତି, ସମ୍ପୃକ୍ତ ପୀଡ଼ିତାଙ୍କ ବାପା ବାହାର ରାଜ୍ୟରେ ରହୁଥିବା ବେଳେ ପୀଡ଼ିତା ଏକୁଟିଆ ଘରେ ରହୁଥିଲେ। ଏହାକୁ ଏକ ସୁଯୋଗ ମନେକରି ଜଣେ ସମ୍ପର୍କୀୟ ଲୋକ ଦୀର୍ଘ ୮ ମାସ ଧରି ବଳାତ୍କାର କରିଥିଲେ। ଏଥିସହ ଏହାର ଭିଡିଓକୁ ଭାଇରାଲ କରିଥିଲେ। ଭିଡିଓ ଭାଇରାଲ ହେବା ପରେ ଆତ୍ମଗ୍ଲାନୀରେ ପୀଡ଼ିତା ଘର ଛାତ ଉପରୁ ଡେଇଁ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ଏହି ଘଟଣାରେ ପୀଡ଼ିତାଙ୍କ ମାନବ ଅଧିକାର କ୍ଷୁଣ୍ଣ ହେବା ନେଇ ଏନ୍‌ଏଚ୍‌ଆର୍‌ସିର ଦ୍ୱାରସ୍ଥ ହୋଇଥିଲେ।

# ପାଣି ଜମି ୮୦ ପ୍ରତିଶତ ଧାନ ଫସଲ ନଷ୍ଟ

ରଘୁନାଥପୁର,୨୧।୯(ଡି.ଏନ୍.ଏ.)


ରାଢଙ୍ଗ ଅଞ୍ଚଳର ଚାଷ ଜମିରେ ପାଣି ଜମି ରହିଛି।

ଲଗାଣ ବର୍ଷାରେ ରଘୁନାଥପୁର ବ୍ଲକର ରାଢଙ୍ଗ, କରିମୂଳ, ପୁଜା, କଳିଙ୍ଗା, ଜିରା ଓ ରେଢୁଆ ପଞ୍ଚାୟତର ଇଚ୍ଛାପୁର ଗ୍ରାମର ଚାଷଜମିରେ ଉଦ୍‌ବୃତ୍ତ ବର୍ଷାପାଣି ଜମିରହିଛି। ଅଳକା ନଦୀର ଶାଖା ନଈ ମାଧପୁର ସଫେଇ ଦେଇ ଜଳ ନିଷ୍କାସନରେ ବିଳମ୍ବ ହେଉଥିବାରୁ ଏସବୁ ଗ୍ରାମର ପ୍ରାୟ ୮୦ ପ୍ରତିଶତ ଧାନ ଫସଲ ନଷ୍ଟ ହେବା ଆଶଙ୍କା ସୃଷ୍ଟି ହୋଇଛି। ଅଞ୍ଚଳର ଚାଷୀମାନଙ୍କ ପାଇଁ ଏହା ଏକ ଦୀର୍ଘଦିନର ସମସ୍ୟା ହୋଇଥିବାବେଳେ, ପ୍ରତିବର୍ଷ ଧାନ ଓ ପନିପରିବା ଚାଷରେ ବିପୁଳ କ୍ଷତି ସହିବାକୁ ପଡୁଛି ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି। ଏହାର ସ୍ଥାୟୀ ସମାଧାନ କରିବାକୁ ଅଧିବାସୀ ଜିଲାପାଳଙ୍କ ନିକଟରେ ଦାବି କରିଛନ୍ତି। ସମସ୍ୟା ସମ୍ପର୍କରେ ଡ୍ରେନେଜ ବିଭାଗ ପକ୍ଷରୁ ତଦନ୍ତ ମଧ୍ୟ କରାଯାଇଛି। କିନ୍ତୁ ଅଗ୍ରଗତି ପରିଲକ୍ଷିତ ହେଉନାହିଁ ବୋଲି ରାଜ୍ୟପାଳ ପୁରସ୍କାରପ୍ରାପ୍ତ ପୂର୍ବତନ ଶିକ୍ଷକ ସୁରେଶ ଚନ୍ଦ୍ର ରାଉତ କହିଛନ୍ତି।

ମାଧପୁର ସଫେଇ ଜଗତସିଂହପୁର ଗାନ୍ଧିଛକ ନିକଟ ଅଳକା ନଦୀରୁ ବାହାରି ୧୧ କିଲୋମିଟର ଦୂର ନାଳିବରସ୍ଥିତ ହଂସୁଆ ସଫେଇରେ ପଡ଼ିଛି। ଅଧିକ ବର୍ଷାରେ ୪୦ ଗ୍ରାମର ଚାଷଜମିରୁ ନିବୃତ୍ତ ପାଣି ମାଧପୁର ସଫେଇ ଦେଇ ହଂସୁଆକୁ ନିଷ୍କାସିତ ହୋଇଥାଏ। ରାଢଙ୍ଗରୁ ଗୋବିନ୍ଦା ପୋଖରୀ ରାସ୍ତା ହେବାପରେ ଉପର ମୁଣ୍ଡରୁ ଆସୁଥିବା ବର୍ଷାପାଣି ନିଷ୍କାସିତ ହେବାରେ ପ୍ରତିବନ୍ଧକ ସାଜିଛି। ଫଳରେ ମାଧପୁର ସଫେଇରେ ନିର୍ମିତ ଏକମାତ୍ର ପୋଲ ଦେଇ ପାଣି ଯିବାରେ ବିଳମ୍ବ ହେଉଛି। ଏନେଇ ଚାଷୀଙ୍କୁ ବହୁ କ୍ଷତି ସହିବାକୁ ପଡୁଛି। ଏହାଛଡା ରାଢଙ୍ଗ ପଞ୍ଚାୟତର ବହୁ ଚାଷଜମି ଖାଲୁଆ ଅଞ୍ଚଳରେ ରହିଛି। ହଂସୁଆ ସଫେଇ ଠାରୁ ୩ କି.ମି. ପୂର୍ବ ମାଧପୁର ସଫେଇକୁ ସଫା କରାଯାଉ ନାହିଁ। ଏସବୁ କାରଣ ଯୋଗୁ ଜଳନିଷ୍କାସନ ସମସ୍ୟା ଦ୍ୱିଗୁଣିତ ହୋଇଯାଇଛି ବୋଲି ଗାନ୍ଧିବାଦୀ ନେତା ସୁରେନ ରାଉତ ଅଭିଯୋଗ କରିଛନ୍ତି।

ରାଢଙ୍ଗ ଗୋବିନ୍ଦା ପୋଖରୀ ରାସ୍ତାର ୩ରୁ ୪ ସ୍ଥାନରେ ଚାଷୀମାନଙ୍କ ପରାମର୍ଶ ଅନୁଯାୟୀ ହ୍ୟୁମପାଇପ ପକାଯିବା ସହ ମାଧପୁର ସଫେଇର ଶେଷମୁଣ୍ଡ ୩ କିଲୋମିଟର ପର୍ଯ୍ୟନ୍ତ ଖୋଳାଯାଇ ଚଉଡା କରାଗଲେ ବହୁ ସମସ୍ୟାର ସମାଧାନ ହୋଇପାରନ୍ତା ବୋଲି ବୁଦ୍ଧିଜୀବୀମାନେ ମତବ୍ୟକ୍ତ କରିଛନ୍ତି। ଏଥିପ୍ରତି ଦୃଷ୍ଟିଦେବାକୁ ଅଞ୍ଚଳବାସୀ କୃଷିମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଅନୁରୋଧ କରିଛନ୍ତି।

### ରାଢଙ୍ଗରୁ ଗୋବିନ୍ଦା ପୋଖରୀ ରାସ୍ତା ଯୋଗୁ ସମସ୍ୟା ବଢ଼ିଛି

# ଚିକିତ୍ସାରେ ଅର୍ଥ ବାଧକ: ଯୁବକଙ୍କ ୨ କିଡ୍‌ନୀ ଖରାପ

ରାହାମା,୨୧।୯(ଡି.ଏନ.ଏ.)

ତିର୍ତ୍ତୋଲ ଥାନା ଅନ୍ତର୍ଗତ କୋଲର ପଞ୍ଚାୟତ ତିର୍ତ୍ତୋଲ ଗ୍ରାମ ବସନ୍ତିଆ ସାହିର ସୁରେଶ ବସନ୍ତିଆଙ୍କ ପୁଅ ସନ୍ତୋଷ ବସନ୍ତିଆ (୨୮)କିଡ୍‌ନୀ ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି। ତାଙ୍କର ୨ଟି ଯାକ କିଡ୍‌ନୀ ଖରାପ ହୋଇଯାଇଥିବାବେଳେ ଛଅ ମାସ ହେବ କଟକର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ମାତ୍ର ଏବେ ଚିକିତ୍ସାରେ ଅର୍ଥ ବାଧକ ସାଜିଛି। ସେ ଏକ ଘରୋଇ କମ୍ପାନୀରେ କାମ କରୁଥିବାବେଳେ ସ୍ୱାସ୍ଥ୍ୟ ଗତ ସମସ୍ୟା ଉପୁଜିଥିଲା। ବାପା ଜଣେ ସାଧାରଣ ଚାଷୀ ହୋଇଥିବା ବେଳେ ପୁଅର ଚିକିତ୍ସା ପାଇଁ ସମସ୍ତ ଜମିବାଡ଼ି ବିକ୍ରି କରି ସାରିଲେଣି। ସନ୍ତୋଷ ପୂର୍ବରୁ ଚାକିରି କରି ଘର ଚଳାଉଥିଲେ। ମାତ୍ର ରୋଜଗାରକ୍ଷମ ପୁଅ ରୋଗରେ ପଡ଼ିବା ଦିନଠୁ ପରିବାର ସଦସ୍ୟ ଦିନେ ଖାଇ ଦିନେ ଉପାସ ରହୁଛନ୍ତି। ସନ୍ତୋଷଙ୍କ କିଡ୍‌ନୀ ପ୍ରତିରୋପଣ ବ୍ୟତୀତ ଅନ୍ୟ କୌଣସି ବିକଳ୍ପ ନ ଥିବା ବେଳେ ଏଥିପାଇଁ ୨୦ ଲକ୍ଷରୁ ଊର୍ଦ୍ଧ୍ୱ ଆବଶ୍ୟକ ବୋଲି ଡାକ୍ତର କହିଛନ୍ତି। ଏଥିପାଇଁ ସହାୟତା ଯୋଗାଇ ଦେବା ନିମନ୍ତେ ସରକାର ଓ ଜନସାଧରଣ ନିକଟରେ ବାପା ସୁରେଶ ନିବେଦନ କରିଛନ୍ତି।


ସନ୍ତୋଷ ବସନ୍ତିଆ

## ବେଆଇନ ଗୋଚାଲାଣ

ପାଣିକୋଇଲି,୨୧।୯(ଡି.ଏନ.ଏ.)

ପାଣିକୋଇଲି ଥାନା ଅଧୀନ ସାହାପୁର ହାଟରେ ବେଆଇନ୍ ଗୋଚାଲାଣ ହେଉଥିବା ଖବରପାଇ ମଙ୍ଗଳବାର ପାଣିକୋଇଲି ଥାନାଧିକାରୀ ସଦଳବଳେ ଚଢାଉ କରିଥିଲେ। ଏକ ୧୨ ଚକିଆ ଟ୍ରକରୁ ୨୨ ଗୋରୁଙ୍କୁ ଉଦ୍ଧାର କରିଥିଲେ। ଏନେଇ ଟ୍ରକ ଡ୍ରାଇଭର ଭଦ୍ରକ ଜଲା ପୁରୁଣା ବଜାରର ମଙ୍ଗଲୁ ଖାନ(୪୨) ଓ ବେପାରୀ ଗୋଲେଇପୁର ପଞ୍ଚାୟତ କୁଟେନଗୁଆଁ ଗ୍ରାମର ଭୋଳା ଜେନା(୬୨)ଙ୍କୁ ଗିରଫ କରାଯାଇଛି । ଏଥିସହ ଥାନାରେ ମାମଲା (ନଂ.୨୪୫/୨୧) ରୁଜୁ କରାଯାଇଛି।


GOVERNMENT OF ODISHA
"e" PROCUREMENT NOTICE
No.O-725:- Bid Identification No.08 of 2021-22

| | | | |
|---|---|---|---|
| 1 | Number of works | : | 19 Nos. of works |
| 2 | Estimated cost (Approx.) | : | Rs.1.30 lakhs to Rs.20.50 lakh (Approx.) |
| 3 | Period of completion | : | Mention against NIT Table Col.06 |
| 4 | Date & time of availability of bid documents in the portal: | : | 29.09.2021 at 11.00 hrs. |
| 5 | Last date & time for receipt of bids in the portal | : | 11.10.2021 at 17.00 hrs. |
| 6 | Date of opening of tender | : | 16.10.2021 at 11.00 hrs. |
| 7. | Name and address of the officer inviting bid | : | Executive Engineer, Rural Works Division, Jagatsinghpur |

Further details can be seen from the Government website: www.tendersorissa.gov.in.
Sd./- Executive Engineer, Rural Works Division, Jagatsinghpur
OIPR- 25056/11/0008/2122


# ଲଗାଣ ବର୍ଷାରେ ଘର ଭାଙ୍ଗିଗଲା


ଭାଙ୍ଗି ଯାଇଥିବା ଘର।

### ଆବାସ ଯୋଜନାରେ ସାମିଲ କରିବାକୁ ଦାବି

ନାଉଗାଁ,୨୧।୯(ସ୍ୱ.ପ୍ର.)

ନାଉଗାଁ ବ୍ଲକ ଓଷକଣା ପଞ୍ଚାୟତ ଅନ୍ତର୍ଗତ ଭଟଣା ଗ୍ରାମର ୫ ଭାଇ ସେମାନଙ୍କ ପରିବାରକୁ ନେଇ ବହୁ କଷ୍ଟରେ ଗୋଟିଏ ଘରେ ରହୁଥିଲେ। ଏବେ ଲଗାଣ ବର୍ଷାରେ ସେମାନଙ୍କ ୨ ବଖରା ଆଜବେଷ୍ଟସ ଘର ସମ୍ପୂର୍ଣ୍ଣ ଭାଙ୍ଗିଯାଇଛି। ଏନେଇ ସରକାରଙ୍କ ଆବାସ ଯୋଜନାରେ ସେମାନଙ୍କୁ ସାମିଲ କରି ଗୃହ ଯୋଗାଇ ଦେବାକୁ ୫ ଭାଇ ପ୍ରଶାସନ ନିକଟରେ ଦାବି କରିଛନ୍ତି। ଏହି ଗ୍ରାମର ୧୫ ନଂ ୱାର୍ଡରେ ନକୁଳ ମହାନ୍ତି, ମଙ୍ଗୁଳି ମହାନ୍ତି, ପ୍ରସନ୍ନ ମହାନ୍ତି, କୃତିବାସ ମହାନ୍ତି ଓ ପୂର୍ଣ୍ଣଚନ୍ଦ୍ର ମହାନ୍ତିଙ୍କ ପରିବାର ୪୦ବର୍ଷ ପୂର୍ବେ ନିର୍ମିତ ହୋଇଥିବା ଆଜବେଷ୍ଟସ ଘରେ ରହୁଥିଲେ। ମରାମତି ପାଇଁ ଟଙ୍କା ଅଭାବରୁ ଘରଟି ଜରାଜୀର୍ଣ୍ଣ ହୋଇଯାଇଥିଲା। ବର୍ଷାରେ ଘର ଭାଙ୍ଗିଯିବା ପରେ ସେମାନଙ୍କ ଉପରେ ଚଡ଼କ ପଡିଛି। କିଛି ଉପାୟ ନ ପାଇ ୫ ଭାଇ ସେମାନଙ୍କ ପରିବାରକୁ ଧରି ଉକ୍ତ ଭଙ୍ଗା ଘରେ ରହିବାକୁ ବାଧ ହେଉଛନ୍ତି। ଏହି ପରିବାରର ସମସ୍ତ ସଦସ୍ୟେ ଚାଷବାସ କରି ପରିବାର ପ୍ରତିପୋଷଣ କରନ୍ତି। ଆର୍ଥିକ ଅନଟନ ଯୋଗୁ ନୂତନ ଗୃହ କରିବା ପାଇଁ ସେମାନଙ୍କ ପାଖରେ ସମ୍ବଳ ନାହିଁ। ଆବାସ ଯୋଜନାରେ ଘର ଖଣ୍ଡେ ପାଇଁ ବାରମ୍ବାର ଆବେଦନ କରିଥିଲେ ମଧ୍ୟ ଆଜବେଷ୍ଟସ ଗୃହ ଥିବାରୁ ଏହି ତାଲିକାରୁ ବାଦ୍ ପଡୁଥିଲେ ବୋଲି ନକୁଳ ଓ ମଙ୍ଗୁଳି ମହାନ୍ତି କହିଛନ୍ତି। ଭାଙ୍ଗି ଯାଇଥିବା ଘର ତଦନ୍ତ କରାଯାଇ ସେମାନଙ୍କ ପରିବାରକୁ ଆବାସ ଯୋଜନାରେ ସାମିଲ କରିବାକୁ ଡେରିକି ରାଜସ୍ୱ ନିରୀକ୍ଷକଙ୍କ ନିକଟରେ ଦାବି କରାଯାଇଛି।

ଏସମ୍ପର୍କରେ ଡେରିକି ରାଜସ୍ୱ ନିରୀକ୍ଷକ ବସନ୍ତ ଦାସ କହିଛନ୍ତି ଏବିଷୟରେ ତଦନ୍ତ କରାଯିବା ପରେ ଆଗାମୀ ପଦକ୍ଷେପ ନିଆଯିବ।


ROURKELA MUNICIPAL CORPORATION
UDITNAGAR, ROURKELA, Pin - 769012
Mail ID: rourkelamunicipality@gmail.com Telephone: (0661) 2500388

EOI No. 12482 Date: 18.09.2021

Notice Inviting Expression of Interest for Selection of Agency for Operation and Management of Beggars Rehabilitation Centre in Rourkela, Odisha

No. C-986:- Rourkela Municipal Corporation (RMC), Rourkela invites Proposals from reputed Agencies for the Operation & Management of Beggars Rehabilitation Centres in Rourkela under SAHAYA Scheme as specified in this EOI Document. The detailed EOI document can be downloaded from the website link http://www.rmc.nic.in with effect from 18.09.2021 (3 PM) onwards.

The last date and time for submission of EOI document by speed post/ registered post/ courier/ hand in all working days at the Rourkela Municipal Corporation, Uditnagar, Rourkela-769012 upto 03.00 PM of 01.10.2021. Based on the eligibility criteria as mentioned in the EOI, the applicant agency will be selected. Commissioner, Rourkela Municipal Corporation, Rourkela reserves the right to accept or reject any application without assigning any reason thereof.

For any queries, please contact rourkelamunicipality@gmail.com

Sd./- Commissioner
Rourkela Municipal Corporation
OIPR-13131/11/0034/2122



Government of Odisha "e" Procurement Notice
E-Mail ID - rwd.padampur@yahoo.co.in, Ph.No. 9437255440
Bid Identification No: Online- 04-OF 2021-22
No.O-726:-

| | | | |
|---|---|---|---|
| 1 | Name of the work | : | Providing, fitting & fixing of Sign Boards and Road Furniture of approved quality and specification as per IRC:67-2012 to 177 nos. of roads under R.W.Division, Padampur as per Annexure-'A' |
| 2 | Amount put to Bid Excluding GST | : | As per Annexure-'A' |
| 3 | Class of contractor | : | 'B' & 'A' |
| 4 | Cost of Tender paper | : | As per Annexure-'A' |
| 5 | Date & Time of availability of bid document in the portal | : | From Dt. 21.09.2021 at 10.00 A.M. |
| 6 | Last date & Time for receipt of bids in the portal | : | Dt. 30.09.2021 up to 05:00 P.M. |
| 7 | Last date of seeking clarification | : | Dt. 29.09.2021 up to 5.00 P.M. |
| 8 | Date & Time of technical bid opening | : | Dt. 01.10.2021 at 11.00 A.M. |
| 9 | Date & Time of Financial bid opening | : | Dt. 05.10.2021 at 11.00 A.M. |
| 10 | Name and address of the Officer Inviting Bid | : | Executive Engineer, R.W. Division, Padampur, At/PO- Padampur, Dist.-Bargarh, Pin- 768036 |

(1) Other details can be seen from DTCN available in website www.tendersorissa.gov.in. (2) Corrigendum if any shall only be published in the above website
Executive Engineer, Rural Works Division, Padampur
OIPR-25069/11/0006/2122


See Career Appointment on every Wednesday & Saturday


ତହସିଲ କାର୍ଯ୍ୟାଳୟ, କାଶୀନଗର, ଜିଲ୍ଲା: ଗଜପତି
ଲଘୁ ଖଣିଜ ଦ୍ରବ୍ୟ ସଇରାତ ଉତ୍ସ ଦୀର୍ଘ ମିଆଦୀ ଲିଜ୍ ନିମନ୍ତେ ବିଜ୍ଞାପନ

ସଂଖ୍ୟା: ୪୮୯୮/ସଇରାତ ତା୨୦।୦୮।୨୦୨୧

No. F-141: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, କାଶୀନଗର ତହସିଲ କାର୍ଯ୍ୟାଳୟ ଦ୍ୱାରା ପ୍ରକାଶିତ ନିଲାମ ଇସ୍ତାହାର ସଂଖ୍ୟା ୪୮୯୮/ସଇରାତ, ତା୨୦।୦୮।୨୦୨୧ ଅନୁଯାୟୀ ନୋଟିସ୍‌ରେ ସଂଲଗ୍ନ ଥିବା କାଶୀନଗର ତହସିଲ ଅଧୀନରେ ଥିବା ସଇରାତ ଉତ୍ସ (ଲଘୁ ଖଣିଜ ଦ୍ରବ୍ୟ) ଉତ୍ସ ଗୁଡ଼ିକ ଆଗାମୀ ୫ (ପାଞ୍ଚ) ବର୍ଷ (୨୦୨୧-୨୨ ଆର୍ଥିକ ବର୍ଷଠାରୁ ୨୦୨୫-୨୬) ପାଇଁ ଦୀର୍ଘ ମିଆଦୀ ଲିଜ୍ ସୂତ୍ରେ ଦିଆଯିବା ସକାଶେ ଓଡ଼ିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ନିୟମାବଳୀ ୨୦୧୬ (Rule 27) ଅନୁଯାୟୀ ଦରଖାସ୍ତ ଆହ୍ୱାନ କରାଯାଉଛି। ଦରଖାସ୍ତ ଆହ୍ୱାନ/ଗ୍ରହଣର ତାରିଖ ତା୦୮।୧୦।୨୦୨୧ଠାରୁ ତା୦୩।୧୧।୨୦୨୧ରିଖ ଅପରାହ୍ନ ୦୫.୩୦ ଘଟିକା ଧାର୍ଯ୍ୟ କରାଯାଇଅଛି। ଦରଖାସ୍ତ ତନଖି ତା୦୫।୧୧।୨୦୨୧ରିଖ ପୂର୍ବାହ୍ନ ୧୧.୦୦ ଘଟିକା।

ସଇରାତ ଉତ୍ସଗୁଡ଼ିକର ଲିଜ୍ ସମ୍ବନ୍ଧୀୟ ସମସ୍ତ ତଥ୍ୟ, ସବିଶେଷ ବିବରଣୀ ଏବଂ ଅନ୍ୟାନ୍ୟ ନିୟମାବଳୀ ଜାଣିବା ପାଇଁ ଇଚ୍ଛୁକ ବ୍ୟକ୍ତି ସମ୍ପୃକ୍ତ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ କିମ୍ବା ତହସିଲଦାରଙ୍କ କାର୍ଯ୍ୟାଳୟ ସହ ଯେକୌଣସି କାର୍ଯ୍ୟଦିବସରେ ଯୋଗାଯୋଗ କରିପାରନ୍ତି। ଏହା ଗଜପତି ଜିଲ୍ଲା ୱେବସାଇଟ୍ http://gajapati.nic.in ସଇରାତ/ଟେଣ୍ଡର ଅଧୀନରେ ମଧ୍ୟ ଉପଲବ୍ଧ ହେବ।

ସ୍ୱା./- ତହସିଲଦାର, କାଶୀନଗର
OIPR-24215/11/0001/2122



ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼, ଓଡ଼ିଶା
(ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ)
ପରିବେଶ ଭବନ, ଏ/୧୧୮, ନୀଳକଣ୍ଠ ନଗର, ୟୁନିଟ୍-୮, ଭୁବନେଶ୍ୱର - ୭୫୧୦୧୨
ସଂଖ୍ୟା 14231/IND-IV/PCP(M)93 ତା 18.09.2021

ସର୍ବସାଧାରଣ ବିଜ୍ଞପ୍ତି

No. CAD-1240: ଏତଦ୍ୱାରା ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଇଲେକ୍ଟ୍ରୋନିକ୍ ବର୍ଜ୍ୟବସ୍ତୁରେ ଥିବା ତମ୍ବା, ସୀସା, ପାରଦ, କ୍ୟାଡ଼ମିୟମ୍, କ୍ରୋମିୟମ୍ ଭଳି ଅନେକ ରାସାୟନିକ ଭାରି ଧାତୁ ପରିବେଶ ତଥା ମାନବ ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ କ୍ଷତିକାରକ ଅଟେ। ଯଦି ଉପରୋକ୍ତ ବର୍ଜ୍ୟବସ୍ତୁଗୁଡ଼ିକ ବୈଜ୍ଞାନିକ ପଦ୍ଧତିରେ ପ୍ରକ୍ରିୟାକରଣ ନ କରାଯାଏ, ତାହା ମାନବ ସ୍ୱାସ୍ଥ୍ୟ ଏବଂ ପରିବେଶ ଉପରେ କୁପ୍ରଭାବ ପକାଇବ। ତେଣୁ ଉପରୋକ୍ତ ପ୍ରତିକୂଳ ପ୍ରଭାବକୁ ବିଚାରକୁ ନେଇ ଗୃହ ଏବଂ ନଗର ଉନ୍ନୟନ ବିଭାଗ ସମସ୍ତ ମ୍ୟୁନିସିପାଲିଟି କର୍ପୋରେସନ/ମ୍ୟୁନିସିପାଲିଟି/ବିଜ୍ଞାପିତ ଅଞ୍ଚଳ ପରିଷଦମାନଙ୍କୁ ଇଲେକ୍ଟ୍ରୋନିକ୍ ବର୍ଜ୍ୟବସ୍ତୁ ଯଥା: ସିଏଫ୍‌ଏଲ୍ ବଲ୍‌ବ, ଟ୍ୟୁବଲାଇଟ୍ ଇତ୍ୟାଦିକୁ ପ୍ରତି ଶନିବାର ଦିନ ସଂଗ୍ରହ କରିବାକୁ ନିର୍ଦ୍ଦେଶ ଦେଇଅଛନ୍ତି। ଏତଦ୍‌ବ୍ୟତୀତ ସମସ୍ତ ଗୃହକର୍ତ୍ତା ମାନଙ୍କୁ ଅନୁରୋଧ କରାଯାଉଅଛି ଯେ, ସେମାନେ ଇଲେକ୍ଟ୍ରୋନିକ୍ ବର୍ଜ୍ୟବସ୍ତୁଗୁଡ଼ିକୁ ସହରାଞ୍ଚଳ ପରିମଳ ସଂସ୍ଥାର ଇ-ବର୍ଜ୍ୟବସ୍ତୁ ସ୍ୱଚ୍ଛ ସୁପରଭାଇଜର କିମ୍ବା ସ୍ୱଚ୍ଛ ସାଥୀମାନଙ୍କୁ ହସ୍ତାନ୍ତର କରିବେ। ଏହି ବର୍ଜ୍ୟବସ୍ତୁଗୁଡ଼ିକୁ ଅନ୍ୟାନ୍ୟ ଘରୋଇ ବର୍ଜ୍ୟବସ୍ତୁ ସହିତ ନ ମିଶାଇ ଏକ ସପ୍ତାହ ପର୍ଯ୍ୟନ୍ତ ପୃଥକ୍ ଭାବେ ରଖାଯିବା ଉଚିତ୍। ପରିମଳ ସଂସ୍ଥା ଏହି ଆବର୍ଜନା ଗୁଡ଼ିକୁ ପୃଥକ୍ ପୃଥକ୍ ଭାବେ ପୁନରୁଦ୍ଧାର କେନ୍ଦ୍ର ଗୃହରେ ଇ-ବର୍ଜ୍ୟବସ୍ତୁ ନାମରେ ଚିହ୍ନଟ ସ୍ଥାନରେ ଗଚ୍ଛିତ ରଖିବେ। ମ୍ୟୁନିସିପାଲିଟି କର୍ତ୍ତୃପକ୍ଷ ସଂଗୃହୀତ ଇଲେକ୍ଟ୍ରୋନିକ୍ ବର୍ଜ୍ୟବସ୍ତୁକୁ ପ୍ରାଧିକୃତ ବିସ୍ଥାପନ କିମ୍ବା ପୁନରୁଦ୍ଧାର କେନ୍ଦ୍ରକୁ ହସ୍ତାନ୍ତର କରିବେ। ପଞ୍ଜିକୃତ ବିସ୍ଥାପନ ଏବଂ ପୁନରୁଦ୍ଧାର କେନ୍ଦ୍ରଗୁଡ଼ିକର ତାଲିକା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ର ୱେବସାଇଟ୍ www.oscpboard.orgରେ ଉପଲବ୍ଧ ଅଛି।

ସ୍ୱା./- ସଦସ୍ୟ ସଚିବ
OIPR-08012/11/0095/2122



Directorate of Handicrafts, Odisha
1st Floor, Heads of Department Building, Unit-V, Bhubaneswar - 1

Tender Call Notice

No. 3887/ dt.20.09.2021

No. PP-33:- The Directorate of Handicrafts, Odisha is organizing handicraft exhibitions inside the state during the year 2021-22.

Sealed quotations are invited from registered event management firms / decorators having valid GST registration Certificate for designing, fabrication and erection of stalls with allied activities. The firm must have executed 2 (two) Nos. of assignment for design and erection of stalls / pavillions worth Rs.15 lakhs each (Rupees fifteen lakhs only) or above for PSUs / Central Govt. / State Govt. during the financial year (2018-19, 2019-20 & 2020-21). The firms need to apply in 2 bids for the above events to be organized during the year 2021-22. The 1st bid will be Technical Bid containing documents of experience in executing similar works, copies of GST Registration Certificate & Income tax registration, EMD & I.T. return for last 2 years. The 2nd bid will be the financial bid containing the quoted rate of the firm as per schedule. The bid papers containing schedule of work, specification, terms & conditions with model sketches can be available in the office of the undersigned on all working days from 21.09.2021 to 05.10.2021 (up to 5.00 P.M.) for an amount of Rs.1,000/-. The last date for submission of the quotations at this office is 07.10.2021 (upto 1.00 P.M.). The quotations will be opened in presence of the bidders or their authorized representatives on 07.10.2021 at 2.00 P.M.

Sd./- Director of Handicrafts, Odisha
OIPR-14008/11/0001/2122

## ସଂକ୍ଷେପରେ

### ଅକ୍ଟୋବର ୧ରୁ ଅଟୋଡେବିଟ୍ ପେମେଣ୍ଟ ନିୟମ

ନୂଆଦିଲ୍ଲୀ,୨୧।୯: ଅକ୍ଟୋବର ପହିଲାରୁ ଅଟୋଡେବିଟ୍ ପେମେଣ୍ଟ ନିୟମ ଲାଗୁ ହେବାକୁ ଯାଉଛି। ଏହାଦ୍ୱାରା ବ୍ୟାଙ୍କ ସମେତ ପେଟିଏମ୍, ଫୋନ୍ ପେ ଭଳି ଡିଜିଟାଲ ପେମେଣ୍ଟ ପ୍ଲାଟ୍‌ଫର୍ମଗୁଡ଼ିକ କିସ୍ତି କିମ୍ବା ବିଲ୍ ଦେୟ ପ୍ରଦାନ ପୂର୍ବରୁ ସବୁଥର ଗ୍ରାହକଙ୍କ ଅନୁମତି ନେବାକୁ ପଡ଼ିବ। ଏଥିପାଇଁ କମ୍ପାନୀଗୁଡ଼ିକୁ ସିଷ୍ଟମରେ ପରିବର୍ତ୍ତନ କରିବାକୁ ହେବ। ଥରେ ଅନୁମତିରେ ଏଣିକି କମ୍ପାନୀ ବାରମ୍ବାର ପଇସା କାଟିପାରିବେ ନାହିଁ। ନୂଆ ବ୍ୟବସ୍ଥା ଅନ୍ତର୍ଗତ ବ୍ୟାଙ୍କଗୁଡ଼ିକୁ ପେମେଣ୍ଟର ଧାର୍ଯ୍ୟ ଦିନର ୫ ଦିନ ଆଗରୁ ଗ୍ରାହକଙ୍କୁ ଏକ ନୋଟିଫିକେଶନ ପଠାଇବେ। ନୋଟିଫିକେଶନ ଉପରେ ଗ୍ରାହକଙ୍କ ମଞ୍ଜୁରୀ ଲୋଡା ପଡ଼ିବ। ୫ ହଜାରରୁ ଉର୍ଦ୍ଧ୍ୱ ପେମେଣ୍ଟ ଉପରେ ଓଟିପି ସିଷ୍ଟମ ଜରୁରୀ କରାଯାଇଛି। ଠକେଇ ରୋକିବାକୁ ଏଭଳି ବ୍ୟବସ୍ଥା କରାଯାଇଥିବା କୁହାଯାଇଛି।

### ବାଣିଜ୍ୟିକ ଯାନ ଦର ବୃଦ୍ଧିକଲା ଟାଟା ମୋଟର୍ସ

ଭୁବନେଶ୍ୱର,୨୧।୯: ଦେଶର ଅଗ୍ରଣୀ ଅଟୋମୋବାଇଲ ନିର୍ମାଣକାରୀ ସଂସ୍ଥା ଟାଟା ମୋଟର୍ସ ତା'ର ସମସ୍ତ ବାଣିଜ୍ୟକ ଯାନ ଉପରେ ଅକ୍ଟୋବର ପହିଲାରୁ ପ୍ରାୟ ୨% ଦର ବୃଦ୍ଧି କରିବ ବୋଲି ମଙ୍ଗଳବାର ସୂଚନା ଦେଇଛି। ଏହା ଆଗରୁ ଅନେକ ଅଟୋଶିଳ୍ପ ସଂସ୍ଥା ସେମାନଙ୍କର ଯାନର ଦର ବୃଦ୍ଧି କରି ସାରିଛନ୍ତି। କୋଭିଡ୍‌ର ମାନ୍ଦାବସ୍ଥା ସାଙ୍ଗକୁ ଅଟୋ ଶିଳ୍ପ ସାମଗ୍ରୀ ବିଶେଷ କରି ଆଲୁମିନିୟମ, ତମ୍ବା ସମେତ ବହୁ ଅତ୍ୟାବଶ୍ୟକ ଯନ୍ତ୍ରପାତି ବିଭିନ୍ନ କାରଣରୁ ଦର ବୃଦ୍ଧି ହୋଇଛି। ଫଳରେ କମ୍ପାନୀ ସବୁ ଦିଗକୁ ଆଖି ଆଗରେ ରଖି ଏଭଳି ନିଷ୍ପତ୍ତି ନେଇଥିବା ଜଣାପଡ଼ିଛି। ଏହି ବର୍ଦ୍ଧିତ ଦର ସାରା ଦେଶରେ ଲାଗୁ ହେବ ବୋଲି ସୂଚନା ମିଳିଛି। ନିକଟରେ ମାରୁତି ସୁଜିକି ସମେତ ହିରୋ ମୋଟୋକର୍ପ, ରେନୋ ଭଳି ଅନେକ କମ୍ପାନୀ ଦର ବୃଦ୍ଧି କରିଛନ୍ତି।

# କ୍ଲିନ୍ ଏନର୍ଜିରେ ଆଦାନୀ-ଅମ୍ବାନୀ ଟକ୍କର



ନୂଆଦିଲ୍ଲୀ,୨୧।୯

ଦେଶର କ୍ଲିନ୍ ଏନର୍ଜି କ୍ଷେତ୍ରରେ ପତିଆରା ଦଖଲ ଲାଗି ମୁକେଶ ଅମ୍ବାନୀଙ୍କ ନେତୃତ୍ୱାଧୀନ ରିଲାଏନ୍ସ ଗ୍ରୁପ୍ ଏବଂ ଗୌତମ ଆଦାନୀଙ୍କ ଆଦାନୀ ଏଣ୍ଟରପ୍ରାଇଜେସ୍ ମଧ୍ୟରେ କଡ଼ା ଟକ୍କର

**୧.୪୭ ଲକ୍ଷ କୋଟି ନିବେଶ କରିବ ଆଦାନୀ**

ଦେଖିବାକୁ ମିଳିବ। ଆଦାନୀ ଗ୍ରୁପ୍ କ୍ଲିନ୍ ଏନର୍ଜି ସମ୍ପର୍କିତ ଟେକ୍ନୋଲୋଜି କ୍ଷେତ୍ରରେ ଆଗାମୀ ୧୦ ବର୍ଷରେ ୨୦ ବିଲିୟନ ଡଲାର(୧.୪୭ ଲକ୍ଷ କୋଟି)ରୁ ଉର୍ଦ୍ଧ୍ୱ ମୂଲ୍ୟର ନିବେଶ କରିବାକୁ ଯୋଜନା ରଖିଛି। ମୁକେଶ ଅମ୍ବାନୀ ଏ କ୍ଷେତ୍ରରେ ୭୫ ହଜାର କୋଟି ଟଙ୍କା ନିବେଶ କରିବା ନେଇ ନିକଟରେ ଘୋଷଣା କରିଥିଲେ। ଏବେ ଆଦାନୀ ଗ୍ରୁପ୍ ମଧ୍ୟ ସମାନ କ୍ଷେତ୍ରରେ ବୃହତ୍ ନିବେଶ କରିବାକୁ ଯାଉଥିବାରୁ କ୍ଲିନ୍ ଏନର୍ଜି କ୍ଷେତ୍ରରେ ଦେଶର ୨ ବଡ଼ ବାଣିଜ୍ୟିକ ଗ୍ରୁପ୍ ମଧ୍ୟରେ କଡ଼ା ପ୍ରତିଯୋଗିତା ହେବ ବୋଲି ଆକଳନ କରାଯାଉଛି। ପରିବେଶ ପ୍ରତି କ୍ଷତିକାରକ ନ ଥିବା ସୌର ଶକ୍ତି, ପବନ ଶକ୍ତି ଏବଂ ଜଳକୁ ବାହାରୁଥିବା ଶକ୍ତି ଗ୍ରୀନ୍ ଏନର୍ଜି ପରିସରଭୁକ୍ତ ହୋଇଛି।

ଆଦାନୀ ଗ୍ରୁପ୍ ଅଧ୍ୟକ୍ଷ ଗୌତମ ଆଦାନୀ ମଙ୍ଗଳବାର କହିଛନ୍ତି, ପ୍ରସ୍ତାବିତ ନୂତନ ନିବେଶ ଗ୍ରୀନ୍ ଏନର୍ଜି ଇକ୍ୱିପମେଣ୍ଟ ମାନୁଫାକ୍ଚରିଂ ୟୁନିଟ ଏବଂ ଭିତ୍ତିଭୂମି ସଜାଡ଼ିବା କ୍ଷେତ୍ରରେ ବିନିଯୋଗ କରାଯିବ। ଗ୍ରୀନ୍ ହାଇଡ୍ରୋଜେନ କ୍ଷେତ୍ରରେ ପ୍ରବେଶ ନେଇ ମଧ୍ୟ ଯୋଜନା ରଖାଯାଇଛି। ସମସ୍ତ ଡାଟା ସେଣ୍ଟରକୁ ନବୀକରଣ ଯୋଗ୍ୟ ଶକ୍ତି ଦ୍ୱାରା କାର୍ଯ୍ୟକ୍ଷମ କରାଯିବ। ୨୦୨୫ ସୁଦ୍ଧା ଗ୍ରୁପ୍ ଦ୍ୱାରା ପରିଚାଳିତ ବନ୍ଦରଗୁଡ଼ିକୁ ନେଟ୍ କାର୍ବନ ଜିରୋ ବା ଅଙ୍ଗାରକାମ୍ଳ ମୁକ୍ତ କରିବା ଉପରେ ମଧ୍ୟ ଲକ୍ଷ୍ୟ ରଖାଯାଇଛି। ଜେପି ମୋର୍ଗାନ ଇଣ୍ଡିଆ ଇନ୍‌ଭେଷ୍ଟର୍ସ ସମିଟ୍‌ରେ ଆଦାନୀ କହିଛନ୍ତି, କ୍ଲିନ୍ ଏନର୍ଜି ଭାଲ୍ୟୁ ଚେନ୍‌ରେ ବଡ଼ ନିବେଶ ହେବ। କ୍ଲିନ୍ ଏନର୍ଜିର ଅଧିକାଂଶ କ୍ଷେତ୍ରରେ ପ୍ରମୁଖ ସ୍ଥାନରେ ରହିବା ଦିଗରେ ଏହା କାର୍ଯ୍ୟ କରିବ।

୨୦୩୦ ସୁଦ୍ଧା ଦୁନିଆର ସବୁଠାରୁ ବଡ଼ ବିଜୁଳି କମ୍ପାନୀ ହେବା ଦିଗରେ କମ୍ପାନୀ ଏବେ ଅଗ୍ରସର ହେଉଛି। ଗ୍ରୀନ୍ ଏନର୍ଜି ଉତ୍ପାଦନ, ଯନ୍ତ୍ରାଂଶ ମାନୁଫାକ୍ଚରିଂ, ବିତରଣ ଭଳି ବିଭିନ୍ନ କାର୍ଯ୍ୟରେ ଏହି ରାଶି ନିବେଶ ହେବ। ଗ୍ରୁପ୍ ଆଗାମୀ ୪ ବର୍ଷରେ ନବୀକରଣ ଯୋଗ୍ୟ ଶକ୍ତି ଉତ୍ପାଦନ କ୍ଷମତାକୁ ୩ ଗୁଣ କରିବାକୁ ଲକ୍ଷ୍ୟ ରଖିଛି। ଏହାକୁ ଧ୍ୟାନରେ ରଖି କମ୍ପାନୀ ନୂଆ ବିଜ୍‌ନେସ ସ୍ଥାପନ କରିବ। ଏହାକୁ ସ୍ୱାଧୀନ କମ୍ପାନୀ ଭାବେ ଷ୍ଟକ୍ ବଜାରରେ ସୂଚୀଭୁକ୍ତ ମଧ୍ୟ କରାଇବ। ଏୟାରପୋର୍ଟ ଏବଂ ଡିଜିଟାଲ ବିଜ୍‌ନେସ୍‌ର ବିସ୍ତାର ପାଇଁ କମ୍ପାନୀ ବଡ଼ ଯୋଜନା ବନାଇଥିବା ଆଦାନୀ ସ୍ପଷ୍ଟ କରିଛନ୍ତି।

**୧୦ ବିଲିୟନ ଡଲାର ନିବେଶ କରିବ ରିଲାଏନ୍ସ**

ମୁକେଶ ଅମ୍ବାନୀଙ୍କ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ଲିମିଟେଡ୍ ଏହାର ୪୪ତମ ବାର୍ଷିକ ସାଧାରଣ ବୈଠକରେ ଗ୍ରୀନ୍ ଏନର୍ଜି କ୍ଷେତ୍ରରେ ଆଗାମୀ ୩ ବର୍ଷରେ ୧୦ ବିଲିୟନ ଡଲାର(୭୫ ହଜାର କୋଟି ଟଙ୍କା) ଖର୍ଚ୍ଚ ନେଇ ଘୋଷଣା କରିଥିଲା। ୨୦୩୫ ସୁଦ୍ଧା ନିଜ ବାଣିଜ୍ୟର କାର୍ବନ ନିର୍ଗମନକୁ କମ୍ କରିବା ଦିଗରେ ଏହି ଖର୍ଚ୍ଚ କରିବାକୁ କମ୍ପାନୀର ଲକ୍ଷ୍ୟ ରଖିଛି। ୨୦୩୦ ସୁଦ୍ଧା ୧୦୦ ଗିଗାୱାଟ୍ ସବୁଜ ଶକ୍ତି ଉତ୍ପାଦନ ଦିଗରେ କମ୍ପାନୀ ଧ୍ୟାନ କେନ୍ଦ୍ରିତ କରିଛି। ଜାମନଗରରେ ସୋଲାର ପ୍ୟାନେଲ, ବ୍ୟାଟେରି, ଗ୍ରୀନ୍ ହାଇଡ୍ରୋଜେନ ଏବଂ ଫୁଏଲ ସେଲ୍ ଉତ୍ପାଦନ ଲାଗି ୬୦ ହଜାର କୋଟି ଟଙ୍କା ବିନିଯୋଗରେ ୪ ଗିଗା ଫ୍ୟାକ୍ଟ୍ରି ଏହା ବସାଇବ। ୧୫ ହଜାର କୋଟି, ଭାଲ୍ୟୁ ଚେନ୍, ସହଭାଗିତା ଏବଂ ଭବିଷ୍ୟତର ଟେକ୍ନୋଲୋଜି ଉପରେ ମଧ୍ୟ ଖର୍ଚ୍ଚ କରାଯିବ।

# କଞ୍ଜ୍ୟୁମର ଇଲେକ୍ଟ୍ରୋନିକ୍ସରେ ଏଟି ଟ୍ରେଡିଂର ପ୍ରବେଶ



ଭୁବନେଶ୍ୱର,୨୧।୯

ଏଟି ଟ୍ରେଡିଂ ପ୍ରାଇଭେଟ ଲିମିଟେଡ୍ କଞ୍ଜ୍ୟୁମର ଇଲେକ୍ଟ୍ରୋନିକ୍ସ କ୍ଷେତ୍ରରେ ପ୍ରବେଶ କରିଛି। ଏଟି ବ୍ରାଣ୍ଡ ନାମରେ କମ୍ପାନୀ ଏକ କଞ୍ଜ୍ୟୁମର ଇଲେକ୍ଟ୍ରୋନିକ୍ସ ଡିଭିଜନ ସ୍ଥାପନ ସମ୍ପର୍କରେ ନିକଟରେ ଘୋଷଣା କରିଛି। କମ୍ପାନୀ ପକ୍ଷରୁ କୋଲକାତାରେ ଏଥିଲାଗି ଏକ ଫାସିଲିଟି ସ୍ଥାପନ କରାଯାଇଛି। ପ୍ରାଥମିକ ପର୍ଯ୍ୟାୟରେ କମ୍ପାନୀ ଏଲ୍ଇଡି ଟିଭି ଏବଂ ହୋମ୍ ଥିଏଟର ପ୍ରସ୍ତୁତ କରିବ। ଗ୍ରାହକଙ୍କୁ ପ୍ରିମିୟମ ଗୁଣବତ୍ତା ଏବଂ ବିସ୍ତୃତ ବିକଳ୍ପ ମିଳିପାରିବ। ଏଟିର ପ୍ରଡକ୍ଟଗୁଡ଼ିକର ଶୀଘ୍ର ଆରମ୍ଭ ହେବ ବୋଲି ସୂଚନା ମିଳିଛି।

# ଆର୍ଥିକ ଆବଶ୍ୟକତାକୁ ସୁରକ୍ଷା ଦେବା ଜରୁରୀ

ଭୁବନେଶ୍ୱର,୨୧।୯

ପରିବାର ତଥା ପ୍ରିୟଜନଙ୍କ ଆର୍ଥିକ ଆବଶ୍ୟକତାକୁ ପୂରଣ ଲାଗି ବ୍ୟକ୍ତିବିଶେଷ କଠିନ ପରିଶ୍ରମ କରିବା ସହ ଆୟ ବୃଦ୍ଧି ଲାଗି ଉଦ୍ୟମ କରିଥାନ୍ତି। କୌଣସି କାରଣବଶତଃ ଯଦି ପରିବାର ସମ୍ଭାଳୁଥିବା ବ୍ୟକ୍ତିଙ୍କର ପରଲୋକ ହୁଏ, ପରିବାର ଅନେକ ସମସ୍ୟା ସାମ୍ନା କରିଥାନ୍ତି। ଏଭଳି ସମସ୍ୟାକୁ ନଜରରେ ରଖି ପ୍ରିୟଜନ ତଥା ପରିବାରର ନିରାପତ୍ତା ଏବଂ ଆର୍ଥିକ ସୁରକ୍ଷା ଲାଗି ଟର୍ମ ଇନ୍‌ସ୍ୟୁରାନ୍ସ ନେବା ବୁଦ୍ଧିମାନର କାମ ହେବ ବୋଲି ଏସ୍‌ବିଆଇ ଲାଇଫ୍ ଇନ୍‌ସ୍ୟୁରାନ୍ସର ଜୋନ ୩ ସଭାପତି ରବୀନ୍ଦ୍ର କୁମାର କହିଛନ୍ତି। ଏଭଳି ସ୍ଥିତିରେ ବୀମା ନେଇଥିବା ବ୍ୟକ୍ତି ପଲିସି କ୍ରୟ କରିବା ସମୟରେ ଯେଉଁ ସମ୍ ଆସ୍ୟୁଡ ବା ବୀମା ଦାବି ଚୟନ କରନ୍ତି ତାହା ଯେଭଳି ଆଗାମୀ ବର୍ଷଗୁଡ଼ିକରେ ପର୍ଯ୍ୟାପ୍ତ ହେବ ତାକୁ ମଧ୍ୟ ଗୁରୁତ୍ୱ ଦେବାକୁ କୁମାର ପରାମର୍ଶ ଦେଇଛନ୍ତି। ଏଭଳି ଗୁରୁତ୍ୱପୂର୍ଣ୍ଣ ଦିଗକୁ ବୀମା ନେଉଥିବା ବ୍ୟକ୍ତି ଅନେକ ସମୟରେ ଅବହେଳା କରିଥାନ୍ତି। ଆର୍ଥିକ ସ୍ଥିତି ବଦଳିବା ସହ ମୁଦ୍ରାସ୍ଫୀତି ମଧ୍ୟ ବଢୁଛି। ଜୀବନରେ ବିବାହ, ଘର କିଣା ସହ ଅନେକ କାମ ଲୋକମାନେ କରିଥାନ୍ତି। ଏହାକୁ ଦେଖିଲେ ଉଚ୍ଚ ପରିମାଣର ବୀମା କଭର ନେବା ଉପରେ କୁମାର ଗୁରୁତ୍ୱାରୋପ କରିଛନ୍ତି। ବୀମାଧାରୀ ପ୍ରୋଟେକ୍ସନ ପ୍ଲାନ୍ ବୀମା ପଲିସି ନେବା ସହ ବର୍ତ୍ତମାନ ଏବଂ ଭବିଷ୍ୟତର ଆର୍ଥିକ ଆବଶ୍ୟକତାକୁ ସୁରକ୍ଷିତ କରିପାରିବେ। ଏସ୍‌ବିଆଇର ଇ-ସିଲ୍ଡ ନେକ୍ସଟ ପରିବାରଗୁଡ଼ିକର ଆର୍ଥିକ ସୁରକ୍ଷାକୁ ନଜରରେ ରଖି ପ୍ରସ୍ତୁତ କରାଯାଇଥିବା ସେ ସୂଚନା ଦେଇଛନ୍ତି।

# ଆମାଜନ ଲାଞ୍ଚ ମାମଲା: ତଦନ୍ତ କରିବେ ସରକାର

ନୂଆଦିଲ୍ଲୀ,୨୧।୯



ବିଭିନ୍ନ ଆଇନଗତ କାର୍ଯ୍ୟକଳାପ ପାଇଁ ଆମାଜନର ଅଧିକାରୀମାନେ ଲାଞ୍ଚ କାରବାର କରିଥିବା ଅଭିଯୋଗ ଆସିବା ପରେ ଏହା ଉପରେ କମ୍ପାନୀ ବର୍ତ୍ତମାନ ଅନ୍ତରୀଣ ତଦନ୍ତ ଚଳାଇଛି। ଏହି ଅଭିଯୋଗ ଉପରେ ସରକାର ମଧ୍ୟ ତଦନ୍ତ କରିବେ ବୋଲି ମଙ୍ଗଳବାର ଜଣାପଡ଼ିଛି। ଏହି ପ୍ରସଙ୍ଗରେ ନାମ ଗୋପନ ରଖି ଜଣେ ସରକାରୀ ଅଧିକାରୀ କହିଛନ୍ତି, ଲାଞ୍ଚ କାରବାରକୁ ନେଇ ସରକାରଙ୍କ ଜିରୋ ଟଲରାନ୍ସ ନୀତି ରହିଛି। ମିଡିଆ ରିପୋର୍ଟ ମୁତାବକ, କମ୍ପାନୀ ନିଜ କାମ କରାଇବା ଲାଗି ଜଣେ ସ୍ୱାଧୀନ ଆଇନଜୀବୀ ନିଯୁକ୍ତ କରିବା ସହ ତାଙ୍କୁ ଯେଉଁ ଆଇନଗତ ଫି ଦେଇଥିଲା ତା'ର ବ୍ୟବହାର ସରକାରୀ ଅଧିକାରୀଙ୍କୁ ଲାଞ୍ଚ ଦେବାରେ ମଧ୍ୟ ଖର୍ଚ୍ଚ ହୋଇଛି।

**୮,୫୦୦ କୋଟି ଖର୍ଚ୍ଚ କରିଛି ଆମାଜନ**

ସରକାରୀ ଅଧିକାରୀଙ୍କ କହିବା ମୁତାବକ, ଆମାଜନ ଆଇନଗତ ଫି ବାବଦକୁ ଗତ ୨ ବର୍ଷରେ ୮,୫୦୦ କୋଟି ଟଙ୍କା ଖର୍ଚ୍ଚ କରିଛି। ଏତେ ଟଙ୍କା କେଉଁ ଉପାୟରେ ଖର୍ଚ୍ଚ ହୋଇଛି। ଏହା ଚିନ୍ତାର ବିଷୟ ବୋଲି ଏବେ ପ୍ରଶ୍ନ ଉଠିଛି। ପୂରା ସିଷ୍ଟମ ଲାଞ୍ଚରେ ଚାଲିଛି ବୋଲି ହ୍ୱିସିଲବ୍ଲୋୟର ଅଭିଯୋଗ ଆଣିଥିଲେ। କାରବାରର ଏହା ଠିକ୍ ତରିକା ନୁହେଁ। ଆମାଜନର କିଛି କମ୍ପାନୀର ପବ୍ଲିକ ଆକାଉଣ୍ଟର ଉଦାହରଣ ଦେଇ ଅଧିକାରୀ ଜଣକ କହିଛନ୍ତି। ମାମଲାରେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ(ସିବିଆଇ) ଯାଞ୍ଚ କରାଇବା ଲାଗି ସର୍ବ ଭାରତୀୟ ବ୍ୟବସାୟୀ ମହାସଂଘ(ସିଏଆଇଟି) ପକ୍ଷରୁ ଦାବି ଉଠିଛି।

# ୭୦୦ କୋଟି ଟଙ୍କାର ଟିକସ ଚୋରି ଠାବ

ନୂଆଦିଲ୍ଲୀ,୨୧।୯

ଇସ୍ପାତ ସାମଗ୍ରୀ ପ୍ରସ୍ତୁତ କରୁଥିବା ପଶ୍ଚିମବଙ୍ଗର ଏକ କମ୍ପାନୀ ୭୦୦ କୋଟି ଟଙ୍କାର ଟିକସ ଠକେଇ କରିଥିବା କେନ୍ଦ୍ରୀୟ ପ୍ରତ୍ୟକ୍ଷ ଟିକସ ବୋର୍ଡ (ସିବିଡିଟି) ପକ୍ଷରୁ ମଙ୍ଗଳବାର ସ୍ପଷ୍ଟ କରାଯାଇଛି। ଏହି ଘଟଣାରେ ମୋଟ ୨୫ଟି ସ୍ଥାନରେ ଆୟକର ବିଭାଗ ଚଢ଼ାଉ କରିଛି। କମ୍ପାନୀ ପ୍ରମୋଟରଙ୍କ ଅଫିସ, ଘର ସମେତ ଅନ୍ୟ ସ୍ଥାନ ଏହା ମଧ୍ୟରେ ସାମିଲ ଥିବା ଜଣାପଡ଼ିଛି। କଲିକତା, ଦୁର୍ଗାପୁର, ଆସାନସୋଲ, ପୁରୁଲିଆ ଭଳି ସ୍ଥାନଗୁଡ଼ିକ ଉପରେ ଚଢ଼ାଉ କରାଯାଇଛି।

## ଫୁରସତ୍

# ଏସି ଭଳି କାମ କରିବ ଅଲଟ୍ରା ହ୍ୱାଇଟ୍ ପେଣ୍ଟ୍



ନୂଆଦିଲ୍ଲୀ: ଘରେ ଧଳା ରଙ୍ଗ ଲଗାଇଲେ ଏୟାର କଣ୍ଡିଶନର ଦରକାର ପଡ଼ିବନି। ଏମିତି ଏକ କଥାକୁ ହୁଏତ ସହଜରେ ବିଶ୍ୱାସ କରିହେବ ନାହିଁ। କିନ୍ତୁ ବୈଜ୍ଞାନିକମାନେ ଏବେ ଏମିତି ଏକ ଧଳାରଙ୍ଗ ବାହାର କରିଛନ୍ତି, ଯାହା ଏବେ ତାପମାତ୍ରାକୁ କମ୍ କରିବାରେ ସହାୟକ ହୋଇପାରିବ। ଆମେରିକାର ପୁରଡୁଏ ୟୁନିଭର୍ସିଟିର ବୈଜ୍ଞାନିକମାନେ ଏମିତି ଏକ ଧଳା ରଙ୍ଗ ବାହାର କରିଛନ୍ତି, ଯାହା ଗ୍ଲୋବାଲ ୱାର୍ମିଂକୁ କମ୍ କରିଦେବ। ୭ ବର୍ଷ ତଳୁ ଏହି ୟୁନିଭର୍ସିଟିର ବୈଜ୍ଞାନିକମାନେ ଏନେଇ ରିସର୍ଚ୍ଚ ଆରମ୍ଭ କରିଥିଲେ। ଦିନକୁ ଦିନ ବିଶ୍ୱରେ ବଢୁଥିବା ତାପମାତ୍ରାକୁ ନିୟନ୍ତ୍ରଣ କରିବା ଉଦ୍ଦେଶ୍ୟରେ ଏଭଳି ଏକ ରିସର୍ଚ୍ଚ ଆରମ୍ଭ କରାଯାଇଥିଲା। ଏବେ ଏଥିରେ ବୈଜ୍ଞାନିକମାନେ ସଫଳତା ହାସଲ କରିଛନ୍ତି। ବିଶ୍ୱର ସବୁଠୁ ଅଧିକ ଧଳା ରଙ୍ଗ ବା ଅଲଟ୍ରା ହ୍ୱାଇଟ୍ ପେଣ୍ଟ ପ୍ରସ୍ତୁତ କରିଛନ୍ତି। ଏଥିପାଇଁ ଏହି ରଙ୍ଗ ବିଶ୍ୱର ସବୁଠୁ ଅଧିକ ଧଳା ରଙ୍ଗଭାବେ ଗିନିଜ୍ ବୁକ୍‌ରେ ମଧ୍ୟ ସ୍ଥାନ ପାଇଛି। ତେବେ ବୈଜ୍ଞାନିକଙ୍କ କହିବା ଅନୁସାରେ ରେକର୍ଡ କରିବା ପାଇଁ ଏଭଳି ରଙ୍ଗ ପ୍ରସ୍ତୁତ କରାଯାଇନାହିଁ, ବରଂ ଗ୍ଲୋବାଲ ୱାର୍ମିଂକୁ କମ୍ କରିବା ଉଦ୍ଦେଶ୍ୟରେ ଏହି ରଙ୍ଗ ଫଳପ୍ରଦ ହେବ ବୋଲି ଆଶା ରଖାଯାଇଛି। ଏହି ରଙ୍ଗ ପ୍ରଭାବରେ ଘରେ ଏୟାର କଣ୍ଡିଶନର ଆବଶ୍ୟକତା ବହୁତ କମ୍ ହୋଇଯିବ କିମ୍ବା ଆଦୌ ଦରକାର ପଡ଼ି ନ ପାରେ ବୋଲି ବୈଜ୍ଞାନିକମାନେ ଦାବି କରିଛନ୍ତି। କାରଣ ଏହି ରଙ୍ଗକୁ କୌଣସି ଘରେ ଲଗାଇଲେ ତାହା ସୂର୍ଯ୍ୟଙ୍କ କିରଣକୁ ପ୍ରତିଫଳିତ କରି ଦେଇଥାଏ, ଯାହାଫଳରେ ଘର ପରିବେଶ ଥଣ୍ଡା ରହିଥାଏ। ୟୁନିଭର୍ସିଟିର ମେକାନିକାଲ ଇଞ୍ଜିନିୟରିଂ ବିଭାଗର ପ୍ରଫେସର ଜିୟୁଲିନ୍ ରୁଆନ ଓ ତାଙ୍କ ଟିମ୍ ମିଳିତଭାବେ ଏହି ରଙ୍ଗ ପ୍ରସ୍ତୁତ କରିଛନ୍ତି। ତାଙ୍କ କହିବା ଅନୁସାରେ ଏସି ତୁଳନାରେ ଏହି ରଙ୍ଗ ଅଧିକ ପ୍ରଭାବଶାଳୀ। ୧ ହଜାର ବର୍ଗ ଫୁଟ ଛାତରେ ଏହି ରଙ୍ଗ ଲଗାଇଲେ ତାହା ୧୦ କିଲୋ ୱାଟ ପର୍ଯ୍ୟନ୍ତ ଥଣ୍ଡା କରିବାର କ୍ଷମତା ରଖିଥାଏ ବୋଲି ବୈଜ୍ଞାନିକମାନେ କହିଛନ୍ତି। ଏହି ରଙ୍ଗରେ ବେରିୟମ୍ ସଲଫେଟ୍‌ର ମାତ୍ରା ବହୁ ଅଧିକ ରହିଛି। ତେଣୁ ଏହା ସାଧାରଣ ଧଳା ରଙ୍ଗ ତୁଳନାରେ ସୂର୍ଯ୍ୟକିରଣର ପ୍ରଭାବକୁ ଏହା ୯୦ ପ୍ରତିଶତ କମ୍ କରି ଦେଇଥାଏ। ଖୁବ୍‌ଶୀଘ୍ର ଏହି ରଙ୍ଗ ବଜାରରେ ଉପଲବ୍ଧ ହେବ ବୋଲି ବୈଜ୍ଞାନିକମାନେ ସୂଚନା ଦେଇଛନ୍ତି।

# ସ୍ୱର ହରାଇବା ଖବରକୁ ଖଣ୍ଡନକଲେ ବାପି ଲାହିରି



ବମ୍ବେ: ଲୋକପ୍ରିୟ ଗାୟକ ବାପି ଲାହିରି ଅସୁସ୍ଥତା ଯୋଗୁ ତାଙ୍କ ସ୍ୱର ହରାଇଥିବା ନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା। ଏହି ଖବର ସମ୍ପୂର୍ଣ୍ଣ ମିଥ୍ୟା ବୋଲି ୬୮ ବର୍ଷୀୟ ବାପି କହିଛନ୍ତି। ଗଣମାଧ୍ୟମରେ ତାଙ୍କ ସ୍ୱାସ୍ଥ୍ୟ ଓ ସ୍ୱରକୁ ନେଇ ଭୁଲ ଖବର ପରିବେଷଣ କରାଯାଉଛି। ଏହା ତାଙ୍କୁ ବ୍ୟଥିତ କରିଛି ବୋଲି ସେ କହିଛନ୍ତି। ଶୁଭେଚ୍ଛୁମାନଙ୍କ ପ୍ରାର୍ଥନା ପାଇଁ ସେ ସୁସ୍ଥ ଅଛନ୍ତି ବୋଲି ନିଜ ଅଫିସିଆଲ ଇନ୍‌ଷ୍ଟାଗ୍ରାମରେ ବାପି ଲେଖିଛନ୍ତି। ଏହା ପରେ ପ୍ରଶଂସକମାନେ ଖୁସିବ୍ୟକ୍ତ କରିବା ସହ ଭୁଲ୍ ରିପୋର୍ଟିଂକୁ ନେଇ ସୋସିଆଲ ମିଡିଆରେ ଅସନ୍ତୋଷ ପ୍ରକାଶ କରିଛନ୍ତି। ପିଲାଟିଦିନରୁ ସଙ୍ଗୀତ ପ୍ରତି ଆକର୍ଷିତ ହୋଇଥିଲେ ବାପି। ମାତ୍ର ତିନି ବର୍ଷ ବୟସରେ ସେ ତବଲା ବଜାଇବା ଆରମ୍ଭ କରିଥିଲେ। କିଶୋର କୁମାର ତାଙ୍କର ମାମୁ ଥିଲେ। ସେ ହିଁ ବାପିଙ୍କୁ ସଙ୍ଗୀତ ଜଗତକୁ ଆଣିଥିଲେ। ସେ ୧୯ ବର୍ଷ ବୟସରେ କୋଲକାତାରୁ ମୁମ୍ବାଇ ଚାଲି ଆସିଥିଲେ। ବଲିଉଡ୍ ଗୀତରେ ତାଙ୍କ ସ୍ୱର ଦର୍ଶକଙ୍କୁ ନୂଆ ସ୍ୱାଦର ଅନୁଭୂତି ଦେଇଥିଲା।



କରିନା କପୁର ଖାନ୍

# ୪୧୩ କୋଟିର ମାଲିକାଣୀ କରିନା

ବମ୍ବେ: ପରିବାରକୁ ଗୁରୁତ୍ୱ ଦେଇ ବଡ଼ ପରଦାରୁ ଦୂରେଇ ଯାଇଛନ୍ତି ବଲିଉଡ୍ ବେବୋ କରିନା କପୁର ଖାନ୍। ହେଲେ ଦିନ ଥିଲା ବଲିଉଡ୍‌ରେ ସେ ଆଗଧାଡ଼ିର ଅଭିନେତ୍ରୀ ଥିଲେ। ହାତରେ ଥିଲା ଗୋଟିଏରୁ ବଳି ଗୋଟିଏ ଫିଲ୍ମ। ହେଲେ ବିବାହ ଏବଂ ସନ୍ତାନ ଜନ୍ମ ପରେ ଫିଲ୍ମ କରିବା ସେ କମ୍ କରିଦେଇଥିଲେ। ଏବେ ଦ୍ୱିତୀୟ ସନ୍ତାନ ଜନ୍ମ ହେବା ପରେ ସେ ପୁଣି କେବେ ଫେରିବେ ତାହା ସ୍ପଷ୍ଟ ହୋଇନାହିଁ। ପରଦାରୁ ଦୂରେଇ ଥିବା ଏହି ଅଭିନେତ୍ରୀ ଶତାଧିକ କୋଟି ଟଙ୍କା ସମ୍ପତ୍ତିର ମାଲିକାଣି। ରୋଜଗାର ଏବଂ ସମ୍ପତ୍ତି ମାମଲାରେ ସ୍ୱାମୀ ସୈଫ ଅଲ୍ଲୀ ଖାନ୍‌ଙ୍କଠାରୁ ସେ ପଛୁଆ ନାହାନ୍ତି। ଫିଲ୍ମ ପିଛା ମୋଟା ଅଙ୍କର ପାଉଣା ନେଉଥିବା କରିନା ଏକୁଟିଆ ୪୧୩ କୋଟି ଟଙ୍କା ସମ୍ପତ୍ତିର ମାଲିକାଣୀ। ଫିଲ୍ମରୁ ଦୂରେଇ ଥିଲେ ହେଁ କରିନା ବର୍ଷକୁ ୭୩ କୋଟି ଟଙ୍କା ରୋଜଗାର କରିଥାନ୍ତି। ସେ ସୈଫଙ୍କ ଘରେ ରହୁଥିଲେ ହେଁ ତାଙ୍କର ଅନେକ ଘର ବମ୍ବେରେ ରହିଛି। ସେଥିରୁ ବାନ୍ଦ୍ରାର ଫର୍ଚୁନ ହାଇଟ୍ସରେ ୪ ବିଏଚ୍‌କେ ଆପାର୍ଟମେଣ୍ଟ ଗୋଟିଏ। ଘର ଛଡ଼ା ଦାମୀ ଗାଡ଼ିର ସଉକ ରଖିଛନ୍ତି କରିନା। ୧.୪୦ କୋଟିର ମର୍ସିଡିଜ୍ ସହ ଅଡି, ରେଞ୍ଜ ରୋଭର ଭଳି ଗାଡ଼ି ତାଙ୍କର ରହିଛି। କରିନା ମଙ୍ଗଳବାର ୪୧ ବର୍ଷରେ ପଦାର୍ପଣ କରିଛନ୍ତି। ଜନ୍ମଦିନ ଉପଲକ୍ଷେ ବେବୋଙ୍କ ନିକଟକୁ ଶୁଭେଚ୍ଛାର ସୁଅ ଛୁଟିଛି।

# ଯୌତୁକ ନେଲେ ରଦ୍ଦହେବ ଡିଗ୍ରୀ

**ବିଶ୍ୱବିଦ୍ୟାଳୟରେ ଯୌତୁକ ବିରୋଧୀ ଅଭିଯାନ**

କାଲିକଟ୍: କେରଳର କାଲିକଟ୍ ବିଶ୍ୱବିଦ୍ୟାଳୟରେ ଯୌତୁକ ବିରୋଧରେ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରାଯାଇଛି। ଏହି ବିଶ୍ୱବିଦ୍ୟାଳୟରୁ ଡିଗ୍ରୀ ହାସଲ ପୂର୍ବରୁ ସମସ୍ତ ଶିକ୍ଷାର୍ଥୀଙ୍କ ପାଇଁ ଯୌତୁକ ବିରୋଧି ସ୍ୱୀକାର ପତ୍ରରେ ଦସ୍ତଖତ କରିବାକୁ ବାଧ୍ୟତାମୂଳକ କରାଯାଇଛି। ଯଦି ଭବିଷ୍ୟତରେ ସମ୍ପୃକ୍ତ ଶିକ୍ଷାର୍ଥୀ ଏହାକୁ ଅମାନ୍ୟ କରନ୍ତି ତେବେ ତାଙ୍କର ଡିଗ୍ରୀକୁ ରଦ୍ଦ କରାଯିବ ବୋଲି ବିଶ୍ୱ ବିଦ୍ୟାଳୟ ପକ୍ଷରୁ ଘୋଷଣା କରାଯାଇଛି। ଗତ ସପ୍ତାହରେ କୋଚିର କେରଳ ବିଶ୍ୱବିଦ୍ୟାଳୟର ଫିଶ୍ ଆଣ୍ଡ ଓସିନ୍ ଷ୍ଟଡିଜ୍‌ର ୩୮୬ ଜଣ ଶିକ୍ଷାର୍ଥୀ ଏହି ସ୍ୱୀକାର ପତ୍ରରେ ଦସ୍ତଖତ କରିଛନ୍ତି। ରାଜ୍ୟପାଳ ଆରିଫ୍ ମହମ୍ମଦ ଖାନ୍‌ଙ୍କ ଦ୍ୱାରା ପ୍ରଥମେ ଏଭଳି ଅଭିନବ ପ୍ରୟାସ ସମ୍ପର୍କରେ ଗୁରୁତ୍ୱାରୋପ କରାଯାଇଥିଲା। ଏହା ପରେ ରାଜ୍ୟ ସରକାର ଏହାକୁ ସମର୍ଥନ କରିଥିଲେ। ରାଜ୍ୟରେ ଯୌତୁକଜନିତ ମୃତ୍ୟୁ ମାମଲା ବୃଦ୍ଧି ପାଉଥିବାରୁ ଏଭଳି ଉଦ୍ୟମ ଆରମ୍ଭ ହୋଇଛି।




ମନେ ପଡ଼ନ୍ତି

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱ ବଟକୃଷ୍ଣ ବେହେରା
ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ
ସୋଲପାଟ ମ.ଇ. ବିଦ୍ୟାଳୟ
ଗ୍ରାମ-ସୋଲପାଟ, ପୋ.-ପାରିପଦା-ନିଜାମପୁର
ଭାୟା-ମଙ୍ଗଳପୁର, ଜିଲ୍ଲା- ଯାଜପୁର
ଆବିର୍ଭାବ-୨୩।୦୨।୧୯୪୭
ତିରୋଧାନ- ୨୨।୦୯।୨୦୨୦
ଚାହୁଁ ଚାହୁଁ ବର୍ଷଟିଏ ବିତିଗଲା। ମାଟିର ଆଲୋକ, ପଥ ପ୍ରଦର୍ଶକ ତଥା ଦିଗ୍‌ଦର୍ଶକ ମାଟିରେ ମିଶିଗଲେ । ଆପଣଙ୍କର କର୍ତ୍ତବ୍ୟନିଷ୍ଠା, ସମୟାନୁବର୍ତ୍ତିତା, ସ୍ନେହ, ଶ୍ରଦ୍ଧା, ଆଦର୍ଶ ଓ କାର୍ଯ୍ୟ ଦକ୍ଷତା ଆମମାନଙ୍କର ପାଥେୟ ହେଉ। ସେହି ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା ।
ଶୋକସନ୍ତପ୍ତ: ପୁଅବୋହୂ, ଝିଅଜ୍ୱାଇଁ, ନାତିନାତୁଣୀ, ବନ୍ଧୁବାନ୍ଧବ, ଆତ୍ମୀୟସ୍ୱଜନ ଓ ବେହେରା ପରିବାରବର୍ଗ।

CLASSIFIED DISPLAY
TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ଭାରତର ନଂ.1 Tower Company
ଦ୍ୱାରା ନିଜର ଖାଲି ପଡ଼ିଥିବା ଜମି, ଛାତ, ଖେତ, ପ୍ଲଟ୍‌ରେ 4G/5G Digital Tower ଲଗାନ୍ତୁ । ପାଆନ୍ତୁ ଅଗ୍ରିମ 90 ଲକ୍ଷ, ଭଡ଼ା 90000+ 20 ବର୍ଷର ଏଗ୍ରିମେଣ୍ଟ + 1 ବାଇକ୍, ରେଜିଷ୍ଟ୍ରେଶନ୍ ଫିସ୍ 999/- ସିଧାସଳଖ କମ୍ପାନୀ ସହ କଥା ହୁଅନ୍ତୁ
8004625362
9450762304

ମୁଦ୍ରା ଫାଇନାନ୍ସ
PM ମୁଦ୍ରା ଯୋଜନା ଅଧୀନରେ
1ରୁ 90 ଲକ୍ଷ ପର୍ଯ୍ୟନ୍ତ
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ସମସ୍ତ ଋଣ ।
2% ସୁଧ, 40% ରିହାତି ।
ମହିଳାଙ୍କ ପାଇଁ ବିଶେଷ ରିହାତି ।
ଅନ୍‌ଲାଇନ୍ ସୁବିଧା ।
Mob. 9999268493
Whatsapp: 8902923601

ଲୋନ୍ ଧମାକା
2% ସୁଧ, 50% ଛାଡ
ମହିଳାଙ୍କ ନିମନ୍ତେ ବିଶେଷ ଛାଡ
COVID-19 ମହାମାରୀ ସମୟରେ ସମସ୍ତଙ୍କୁ ୧ଲକ୍ଷ ରୁ ୯୦ଲକ୍ଷ ପର୍ଯ୍ୟନ୍ତ ଲୋନ୍ ଯୋଗାଇ ଦିଆଯାଉଛି । ପର୍ସନାଲ୍ ଲୋନ୍, ସମ୍ପତ୍ତି ଲୋନ୍, ହୋମ୍ ଲୋନ୍, ଏଗ୍ରିକଲଚରାଲ୍ କିମ୍ବା ପଶୁପାଳନ ନିମନ୍ତେ ସବୁ ପ୍ରକାରର ଲୋନ୍ ଉପଲବ୍ଧ । ଘରେ ବସି Online ମାଧ୍ୟମରେ ସୁବିଧାରେ ଲୋନ୍ ର ଲାଭ ଉଠାନ୍ତୁ ।
ମୁଦ୍ରା ଫାଇନାନ୍ସ
9471160476 / 9432985505
Whatsapp : 9953557897

ALL EDITION - B/W (Everyday)
for Booking Contact:
0674-2580385
8637280816, 9338757574
7894447167, 9338226625

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଦିଲ୍ଲୀ-ହାଇଦ୍ରାବାଦ ମୁକାବିଲା ଆଜି





ଅଭ୍ୟାସ ଅବସରରେ ଦିଲ୍ଲୀ କ୍ୟାପିଟାଲ୍ସର ମାର୍କସ ଷ୍ଟୋଇନିସ ଓ ସନ୍‌ରାଇଜର୍ସ ହାଇଦ୍ରାବାଦର ରିଦ୍ଧିମାନ ଶାହା।

**ଦୁବାଇ,୨୧।୯**

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ୧୪ ତମ ସଂସ୍କରଣରେ ଦିଲ୍ଲୀ କ୍ୟାପିଟାଲ୍ସ ବୁଧବାର ପୁଣି ଥରେ ଅଭିଯାନ ଆରମ୍ଭ କରିବ। ଲିଗ୍‌ର ଦ୍ୱିତୀୟ ପର୍ଯ୍ୟାୟରେ ଦିଲ୍ଲୀ ତା'ର ପ୍ରଥମ ମ୍ୟାଚ୍‌ରେ ସନ ରାଇଜର୍ସ ହାଇଦ୍ରାବାଦକୁ ଭେଟିବ। ଶ୍ରେୟାସ ଆୟାରଙ୍କ ପ୍ରତ୍ୟାବର୍ତ୍ତନ ପରେ ଦିଲ୍ଲୀ ଆହୁରି ଦୃଢ ହୋଇଛି। ପ୍ରଥମ ପର୍ଯ୍ୟାୟରେ ଦିଲ୍ଲୀ ଉଚ୍ଚକୋଟୀର ପ୍ରଦର୍ଶନ କରିଥିଲା ଓ ଏବେ ଏହି ଫର୍ମ ଦିଲ୍ଲୀ ବଜାୟ ରଖିବାକୁ ପ୍ରୟାସ କରିବ। ଦିଲ୍ଲୀ ଏପର୍ଯ୍ୟନ୍ତ ୮ ମ୍ୟାଚ୍ ଖେଳି ୬ ବିଜୟ ଓ ୨ ପରାଜୟ ସହ ୧୨ ପଏଣ୍ଟ ହାସଲ କରି ତାଲିକାର ଦ୍ୱିତୀୟ ସ୍ଥାନରେ ରହିଛି। ଅନ୍ୟପଟେ ହାଇଦ୍ରାବାଦ ୭ ମ୍ୟାଚ୍ ଖେଳି ୧ ବିଜୟ ଓ ୬ ପରାଜୟ ସହ ୨ ପଏଣ୍ଟ ହାସଲ କରି ତାଲିକାର ଅଷ୍ଟମ ତଥା ନିମ୍ନତମ ସ୍ଥାନରେ ରହିଛି। ଉଇକେଟକିପର ବ୍ୟାଟ୍ସମ୍ୟାନ ରିଷଭ ପନ୍ତଙ୍କ ନେତୃତ୍ୱାଧୀନ ଦିଲ୍ଲୀ ବିଜୟ ସହ ପ୍ରଥମ ପର୍ଯ୍ୟାୟ ଶେଷ କରିଥିଲା ଓ ଏଥର ବିଜୟରୁ ଦ୍ୱିତୀୟାର୍ଦ୍ଧ ଆରମ୍ଭ କରିବା ଲକ୍ଷ୍ୟରେ ରହିଛି। ଦିଲ୍ଲୀ ଦଳରେ ହିଟରମାନେ ରହିଛନ୍ତି। ଫଳରେ ଦିଲ୍ଲୀ ବଡ଼ ସ୍କୋର ହାସଲ କରିବାର କ୍ଷମତା ରଖୁଛି। ଅଭିଜ୍ଞ ଓପନର ଶିଖର ଧାୱନ ୩୮୦ ରନ ସଂଗ୍ରହ କରିଛନ୍ତି। ତାଙ୍କ ସାଥି ଓପନର ପୃଥ୍ୱୀ ଶ ୩୦୮ ରନ ସଂଗ୍ରହ କରିଛନ୍ତି। ଧାୱନ ଟପ୍ ସ୍କୋରର ହୋଇଥିଲେ ମଧ୍ୟ ଭାରତୀୟ ଟି୨୦ ବିଶ୍ୱକପ୍ ଦଳରେ ସ୍ଥାନ ପାଇନାହାନ୍ତି। ଏବେ ଏହି ଦୁଇ ଓପନର ଅଧିକ ରନ୍ ସଂଗ୍ରହ କରିବାକୁ ଚାହିଁବେ। ଆୟାର, ପନ୍ତ (୨୧୩ ରନ), ଅଷ୍ଟ୍ରେଲିଆର ଷ୍ଟିଭ୍ ସ୍ମିଥ୍ (୧୦୪ ରନ) ଓ ମାର୍କସ ଷ୍ଟୋଇନିସ୍ (୭୧ ରନ) ଏବଂ ଶିମରନ ହେଟମେୟାର (୮୪ ରନ)ଙ୍କୁ ନେଇ ଦିଲ୍ଲୀର ମିଡିଲ ଅର୍ଡର ବେଶ୍ ଦୃଢ ମନେହେଉଛି। ଯଦି ଓପନର ଫେଲ୍ ମାରନ୍ତି ତାହାହେଲେ ଏହି ବ୍ୟାଟ୍ସମ୍ୟାନମାନେ ଦିଲ୍ଲୀ ପାଇଁ ବଡ଼ ସ୍କୋର ଛିଡା କରିବାରେ ସଫଳ ହେବେ। ସୋଲଡର ଇଞ୍ଜୁରିରୁ ମୁକ୍ତ ହେବା ପରେ ଦଳକୁ ପ୍ରତ୍ୟାବର୍ତ୍ତନ କରିଥିବା ଆୟାର ଭଲ ଇନିଂସ ଖେଳି ଅଭିଯାନ ଆରମ୍ଭ କରିବା ଲକ୍ଷ୍ୟରେ ରହିଛନ୍ତି। ଦିଲ୍ଲୀର ବୋଲିଂ ବିଭାଗରେ ମଧ୍ୟ ସନ୍ତୁଳନ ରହିଛି। ଆଭେଶ ଖାଁ (୧୪ ଉଇକେଟ) ଓ କାଗିସୋ ରାବାଡା (୮ ଉଇକେଟ) ଆରମ୍ଭରୁ ଓ ଡେଥ୍ ଓଭରରେ ପ୍ରଭାବୀ ପ୍ରଦର୍ଶନ କରିଛନ୍ତ ଓ ଏହାକୁ ଦୋହରାଇବା ଲକ୍ଷ୍ୟରେ ଅଛନ୍ତି। ଦିଲ୍ଲୀ ଦଳରେ ରବିଚନ୍ଦ୍ରନ ଅଶ୍ୱିନ, ଅମିତ ମିଶ୍ରା, ଅକ୍ଷର ପଟେଲ, ଲଳିତ ଯାଦବ ଓ ପ୍ରବୀଣ ଦୁବେଙ୍କ ଭଳି ସ୍ପିନର ରହିଛନ୍ତି।

ଅପରପକ୍ଷରେ ପ୍ରଥମ ପର୍ଯ୍ୟାୟରେ ଭଲ ପ୍ରଦର୍ଶନ କରିପାରି ନ ଥିବା ସନରାଇଜର୍ସ ଦ୍ୱିତୀୟ ପର୍ଯ୍ୟାୟରେ ବିଜୟ ସହ ଅଭିଯାନ ଆରମ୍ଭ କରିବାକୁ ଚେଷ୍ଟା କରିବ। ଦଳ ତରଫରୁ ସର୍ବାଧିକ ରନ ସଂଗ୍ରହ କରିଥିବା ଜନି ବେୟାରଷ୍ଟୋ ଓହରିଯିବାକୁ ନିଷ୍ପତ୍ତି ନେଇଥିବାରୁ ଓପନର ଡେଭିଡ୍ ୱାର୍ନର(୧୯୩ ରନ)ଙ୍କ ଉପରେ ଦଳର ବ୍ୟାଟିଂ ବିଭାଗ ନିର୍ଭର କରିବ ଓ ତାଙ୍କ ଦାୟିତ୍ୱ ବଢିଯିବ। ସେହିପରି ଅଧିନାୟକ କେନ୍ ୱିଲିୟମସନ, ମନୀଷ ପାଣ୍ଡେ, ରିଦ୍ଧିମାନ ଶାହା, କେଦାର ଯାଦବ, ଅବଦୁଲ ସମାଦ ଓ ବିଜୟ ଶଙ୍କରଙ୍କୁ ଭଲ ପ୍ରଦର୍ଶନ କରିବାକୁ ହେବ। ସ୍ପିନ୍ ସେନସେସନ ରସିଦ ଖାଁ ବୋଲିଂ ବିଭାଗର ନେତୃତ୍ୱ ନେବେ। ଦିଲ୍ଲୀର ଶୃଙ୍ଖଳିତ ବ୍ୟାଟିଂକୁ ନିୟନ୍ତ୍ରଣରେ ରଖିବାକୁ ହେଲେ ଦୁବାଇ ଅନ୍ତର୍ଜାତୀୟ ଷ୍ଟାଡିୟମରେ ହାଇଦ୍ରାବାଦ ବୋଲରଙ୍କୁ ପ୍ରଭାବୀ ପ୍ରଦର୍ଶନ କରିବାକୁ ହେବ।

**ଦିଲ୍ଲୀ କ୍ୟାପିଟାଲ୍ସ ଦଳ:** ରିଷଭ ପନ୍ତ (ଅଧିନାୟକ), ଅଜିଙ୍କ୍ୟ ରାହାନେ, ପୃଥ୍ୱୀ ଶ, ରିପଲ ପଟେଲ, ଶିଖର ଧାୱନ, ଶିମରନ ହେଟମେୟର, ଶ୍ରେୟାସ ଆୟାର, ଷ୍ଟିଭ ସ୍ମିଥ୍, ଅମିତ ମିଶ୍ରା, ଅନରିଜ ନୋର୍ଜେ, ଆଭେସ ଖାଁ, ବେନ ଡ୍ୱାରଶଉଇସ୍, ଈଶାନ୍ତ ଶର୍ମା, କାଗିସୋ ରାବାଡ଼ା, କୁଲୱନ୍ତ ଖେଜ୍ରୋଲିୟା, ଲୁକମ୍ୟାନ ମେରିୱାଲା, ପ୍ରବୀଣ ଦୁବେ, ଟମ୍ କୁରାନ, ଉମେଶ ଯାଦବ, ଅକ୍ଷର ପଟେଲ, ଲଳିତ ଯାଦବ, ମାର୍କସ ଷ୍ଟୋଇନିସ୍, ରବିଚନ୍ଦ୍ରନ ଅଶ୍ୱିନ, ସାମ ବିଲିଙ୍ଗ୍ସ ଓ ବିଷ୍ଣୁ ବିନୋଦ।

**ସନରାଇଜର୍ସ ହାଇଦ୍ରାବାଦ ଦଳ:** କେନ୍ ୱିଲିୟମଶନ (ଅଧିନାୟକ), ଡେଭିଡ ୱାର୍ନର, ମନୀଷ ପାଣ୍ଡେ, ଶେର୍ଫାନ ରଦରଫର୍ଡ, ରିଦ୍ଧିମାନ ଶାହା, ଶ୍ରୀବତ୍ସ ଗୋସ୍ୱାମୀ, ରସିଦ ଖାଁ, ବିଜୟ ଶଙ୍କର, ମହମ୍ମଦ ନବୀ, ଅଭିଷେକ ଶର୍ମା, ଭୁବନେଶ୍ୱର କୁମାର, ସିଦ୍ଧାର୍ଥ କାଉଲ, ଖଲିଲ ଅହମ୍ମଦ, ଟି. ନଟରାଜନ, ବାସିଲ ଥମ୍ପି, ସନ୍ଦୀପ ଶର୍ମା, ଶାହାବାଜ ନଦୀମ, ଅବଦୁଲ ସମାଦ, ଜଗଦୀଶା ସୁଚିଥ, ଜାସନ ହୋଲ୍ଡର, ବିରାଟ ସିଂ, ପ୍ରିମ ଗର୍ଗ, କେଦାର ଯାଦବ, ମୁଜିବ-ଉର- ରହମାନ ଓ ଜାସନ ରୟ।




ଉଜବେକିସ୍ତାନର ତାସ୍‌କେଣ୍ଟରେ ଅନୁଷ୍ଠିତ ୧୮ ବର୍ଷରୁ କମ୍ ବାଳିକା ଏସିଆ ରଗ୍‌ବୀ ୭ଏସ୍ ଟୁର୍ନାମେଣ୍ଟରେ ରୌପ୍ୟ ପଦକ ହାସଲ କରିଥିବା ଭାରତୀୟ ଦଳର ସଦସ୍ୟମାନେ ମଙ୍ଗଳବାର ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିବା ପରେ ପଦକ ପ୍ରଦର୍ଶନ କରୁଛନ୍ତି।

# ଭାରତ ବିପକ୍ଷରେ ଅଷ୍ଟ୍ରେଲିଆର ସହଜ ବିଜୟ

**ମ୍ୟାକ୍‌କେ, ୨୧।୯ (ପି.ଟି.)**

**ମହିଳା କ୍ରିକେଟ**

ଭାରତ ବିପକ୍ଷ ପ୍ରଥମ ଅନ୍ତର୍ଜାତୀୟ ଦିନିକିଆ ମହିଳା କ୍ରିକେଟ ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ୯ ଉଇକେଟରେ ସହଜ ବିଜୟ ହାସଲ କରିଛି। ଫଳରେ ଦଳର କ୍ରମାଗତ ବିଜୟ ରେକର୍ଡ ସଂଖ୍ୟା ୨୫କୁ ବୃଦ୍ଧି ପାଇଛି। ଭାରତ ୫୦ ଓଭରରେ ୮ଉଇକେଟ ବିନିମୟରେ ୨୨୫ ରନ କରିଥିଲା। ଅଧିନାୟିକା ମିଥାଲି ରାଜ ୧୦୭ ବଲ୍‌ରୁ ୬୩ ରନ କରିଥିଲେ। ଏହାଥିଲା ତାଙ୍କର କ୍ରମାଗତ ୫ମ ଏବଂ ମୋଟ ଉପରେ ୫୯ତମ ଅର୍ଦ୍ଧଶତକ। ୟାସ୍ତିକା ଭାଟିଆ (୫୧ବଲ୍‌ର ୩୫ ରନ), ରିଚା ଘୋଷ (୨୯ ବଲ୍‌ରୁ ୩୨*) ଏବଂ ଭେଟେରାନ ପେସ୍ ବୋଲର ଝୁଲଣ ଗୋସ୍ୱାମୀ (୨୪ ବଲ୍‌ରୁ ୨୦ ରନ)। ଭାରତୀୟ ବୋଲରମାନଙ୍କ ପ୍ରଭାବହୀନ ବୋଲିଂ ଯୋଗୁ ଅଷ୍ଟ୍ରେଲିଆ ୪୧ତମ ଓଭରରେ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା। ୪ଥର ବିଶ୍ୱ ଚାମ୍ପିୟନ ଅଷ୍ଟ୍ରେଲିଆ ଶେଷଥର ପାଇଁ ଭାରତଠାରୁ ୨୦୧୭ ଅକ୍ଟୋବରରେ ଅନୁଷ୍ଠିତ ଏକ ଅନ୍ତର୍ଜାତୀୟ ଦିନିକିଆରେ ପରାସ୍ତ ହୋଇଥିଲା। ଏଠାରେ ଓପନର ଏଲିସା ହିଲି (୭୭ ବଲ୍‌ରୁ ୭୭ ରନ) ଓ ରାଚେଲ ହେନ୍ସ (୧୦୦ ବଲ୍‌ରୁ ୯୩*) ଚମତ୍କାର ବ୍ୟାଟିଂ କରି ମ୍ୟାଚକୁ ସମ୍ପୂର୍ଣ୍ଣ ନିୟନ୍ତ୍ରଣକୁ ନେଇ ଆସିଥିଲେ। ହିଲି ହେନ୍ସଙ୍କ ସହ ପ୍ରଥମ ଉଇକେଟରେ ୧୨୬ ରନର ପାର୍ଟନରଶିପ୍ କରିସାରିଥିଲେ। ସେ ୮ ଚୌକା ଓ ୨ ଛକା ଲଗାଇଥିଲେ। ହେନ୍ସ ଓ ଅଧିନାୟିକା ମେଗ୍ ଲାନିଂ (୬୯ବଲ୍‌ରୁ ୫୩*) ଦ୍ୱିତୀୟ ଉଇକେଟରେ ଅପରାଜିତ ୧୦୧ ରନ ଯୋଗ କରି ଅଷ୍ଟ୍ରେଲିଆକୁ ୪୧ ତମ ଓଭରରେ ସହଜ ବିଜୟ ଆଣି ଦେଇଥିଲେ।

**ସଂକ୍ଷିପ୍ତ ସ୍କୋର: ଭାରତୀୟ ମହିଳା ଦଳ:** ୫୦ ଓଭରରେ ୨୨୫/୮ (ମିଥାଲି–୬୩, ଭାଟିଆ– ୩୫, ରିଚା ଘୋଷ–୩୨*, ଝୁଲଣ ଗୋସ୍ୱାମୀ–୨୦ ; ଡାର୍ସି ବ୍ରାଉନ୍–୪/୩୩, ହାନ୍ନା ଡାର୍ଲିଂଟନ–୨/୨୯, ସୋଫି ମୋଲିନେକ୍ସ–୨/୩୯)। **ଅଷ୍ଟ୍ରେଲିଆ ମହିଳା ଦଳ:** ୪୧ ଓଭରରେ ୨୨୭/୧ ( ରାଚେଲ ହେନ୍ସ–୯୩*, ଏଲିସା ହିଲି–୭୭, ମେଗ୍ ଲାନିଂ–୫୩* ; ପୁନମ ଯାଦବ–୧/୪୮)।




ଶଟ୍ ଖେଳିବା ଅବସରରେ ରାଚେଲ ହେନ୍ସ ।

# ଦିଲ୍ଲୀ, ବେଙ୍ଗାଲୁରୁ କ୍ୱାର୍ଟରଫାଇନାଲରେ



ଦିଲ୍ଲୀ ଏଫ୍‌ସି ଓ କେରଳ ବ୍ଲାଷ୍ଟର୍ସ ମଧ୍ୟରେ ଅନୁଷ୍ଠିତ ମ୍ୟାଚ।

**କୋଲକାତା,୨୧।୯**

**ଡୁରାଣ୍ଡ କପ୍ ଫୁଟବଲ**

ଡୁରାଣ୍ଡ କପ୍ ଫୁଟବଲ ଟୁର୍ନାମେଣ୍ଟର ୧୩୦ତମ ସଂସ୍କରଣରେ ଦିଲ୍ଲୀ ଏଫ୍‌ସି ଓ ବେଙ୍ଗାଲୁରୁ ଏଫ୍‌ସି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଦିଲ୍ଲୀ କେରଳ ବ୍ଲାଷ୍ଟର୍ସ ଓ ବେଙ୍ଗାଲୁରୁ ଇଣ୍ଡିଆନ ନେଭିକୁ ହରାଇ ଏହି ସଫଳତା ହାସଲ କରିଛନ୍ତି। କଲ୍ୟାଣୀ ମ୍ୟୁନିସପାଲିଟି ଷ୍ଟାଡିୟମରେ ଦିଲ୍ଲୀ ୧–୦ରେ କେରଳକୁ ପରାସ୍ତ କରିଛି। ଦିଲ୍ଲୀ ତରଫରୁ ୫୩ତମ ମିନିଟ୍‌ରେ ୱିଲିସ୍ ପ୍ଲାଜା ମ୍ୟାଚ୍‌ର ଏକମାତ୍ର ଗୋଲ ସ୍କୋର କରିଥିଲେ। ସେହିପରି ଯୁବା ଭାରତୀ କ୍ରିଡାଙ୍ଗନ (ୟାଇବିକେ) ମଙ୍ଗଳବାର ଖେଳାଯାଇଥିବା ମ୍ୟାଚ୍‌ରେ ବେଙ୍ଗାଲୁରୁ ୫–୩ ଗୋଲରେ ଇଣ୍ଡିଆନ ନେଭିକୁ ହରାଇଛି।

୪ଟି ଗୋଲ ଦେଇ ପ୍ଲାଜା ଏବେ ଟୁର୍ନାମେଣ୍ଟର ଟପ୍‌ଗୋଲ ସ୍କୋରର ସାବ୍ୟସ୍ତ ହୋଇଛନ୍ତି। ବେଙ୍ଗାଲୁରୁ ଏଫ୍‌ସି ତରଫରୁ ଲିଅନ ଅଗଷ୍ଟିନ ୫୨, ହରମନପ୍ରୀତ ସିଂ ୬୦ ଓ ୮୦, ଅଜୟ ଛେତ୍ରୀ ୭୩ ଓ ଥୋଇ ସିଂ ଅତିରିକ୍ତ ସମୟରେ ୯୧ତମ ମିନିଟ୍‌ରେ ଗୋଲ ଦେଇଥିଲେ। ଇଣ୍ଡିଆନ ନେଭି ତରଫରୁ ଜିଜୋ ୧୯ ଓ ଶ୍ରେୟାସ ୨୯ତମ ମିନିଟ୍‌ରେ ଗୋଲଦେଇଥିଲେ। ସେହପରି ଅତିରିକ୍ତ ସମୟରେ ନେଭି ତରଫରୁ ବିଜୟ ୯୩ତମ ମିନିଟ୍‌ରେ ସାନ୍ତ୍ୱନାମୂଳକ ଗୋଲ ସ୍କୋର କରିଥିଲେ। ପ୍ରଥମାର୍ଦ୍ଧ ସୁଦ୍ଧା ୨–୦ ଗୋଲରେ ପଛରେ ପଡିଥିଲେ ମଧ୍ୟ ବେଙ୍ଗାଲୁରୁ ଜବରଦସ୍ତ ପ୍ରତ୍ୟାବର୍ତ୍ତନ କରିଥିଲା ଓ ବିଜୟୀ ହେବା ସହ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲା। ବେଙ୍ଗାଲୁରୁର ହରମନପ୍ରୀତ ଓ ଦିଲ୍ଲୀର ଅନୱର ଅଲି ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଗ୍ରୁପ୍ ସି'ରେ ବେଙ୍ଗାଲୁରୁ ଶୀର୍ଷରେ ରହି ଓ ଦିଲ୍ଲୀ ରନର୍ସଅପ ହୋଇ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଗୁରୁବାର କ୍ୱାର୍ଟର ଫାଇନାଲରେ ଗତଥରର ଚାମ୍ପିୟନ ଗୋକୁଲମ କେରଳ ଓ ସ୍ଥାନୀୟ କ୍ଲବ ମହମ୍ମଡାନ ସ୍ପୋର୍ଟିଂ ଭିୱାଇବିକେରେ ମୁହାଁମୁହିଁ ହେବେ।

## ଅଲିମ୍ପିକ୍ ସ୍ୱର୍ଣ୍ଣ ବିଜୟିନୀ ମାଡିସନ କୋଭିଡ୍ ସଂକ୍ରମିତ



**ନାପଲ୍ସ,୨୧।୯:** ଅଲିମ୍ପିକ ସ୍ୱର୍ଣ୍ଣ ପଦକ ହାସଲ କରିଥିବା ଅଷ୍ଟ୍ରେଲୀୟ ମହିଳା ସନ୍ତରଣକାରୀ ମାଡିସନ ୱିଲସନ କୋଭିଡ୍–୧୯ ସଂକ୍ରମିତ ହୋଇଛନ୍ତି। ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ତାଙ୍କ ସମ୍ପୂର୍ଣ୍ଣ ଟୀକାକରଣ ହୋଇଥିଲା। ତେବେ କରୋନା ସଂକ୍ରମିତ ହେବା କାରଣରୁ ସେ ଇଟାଲୀର ନାପଲ୍ସରେ ଆୟୋଜନ ହେବାକୁ ଥିବା ଅନ୍ତର୍ଜାତୀୟ ସୁଇମ ଲିଗ୍ (ଆଇଏସ୍‌ଏଲ୍) ପ୍ରତିଯୋଗିତାରୁ ସେ ଓହରିଯାଇଛନ୍ତି। ଚିକିତ୍ସା ପାଇଁ ସେ ହସ୍ପିଟାଲରେ ଭର୍ତ୍ତି ହୋଇଥିବା କଥା ନିଜ ଇନ୍‌ଷ୍ଟାଗ୍ରାମ ଏକାଉଣ୍ଟରେ ଉଲ୍ଲେଖ କରିଛନ୍ତି। ଖୁବଶୀଘ୍ର ସେ ସମ୍ପୂର୍ଣ୍ଣରୂପେ ସୁସ୍ଥ ହୋଇଯିବେ ବୋଲି ଆଶା ପ୍ରକାଶ କରିଛନ୍ତି। ୨୭ ବର୍ଷୀୟା ମାଡିସନ ଟୋକିଓ ଅଲିମ୍ପିକ୍ସରେ ୪x୪୦୦ ମିଟର ଫ୍ରିଷ୍ଟାଇଲରେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ସେହିପରି ୪x୨୦୦ ଫ୍ରି ରିଲେରେ ସେ ବ୍ରୋଞ୍ଜ ପଦକ ଜିତିଥିଲେ। ୨୦୧୬ ରିଓ ଅଲିମ୍ପିକ୍ସରେ ମଧ୍ୟ ସେ ରିଲେରେ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ହାସଲ କରିଥିଲେ।

# ରାଜ୍ୟ ସିନିୟର ଟେନିସ କ୍ରିକେଟ ୨୩ରୁ

**ଭୁବନେଶ୍ୱର, ୨୧।୯(କ୍ରୀଡ଼ା ପ୍ରତିନିଧି)**

ବାଲେଶ୍ୱରର ସୋରୋଠାରେ ପ୍ରଥମ ସିନିୟର ରାଜ୍ୟ ଟେନିସ କ୍ରିକେଟ ଚାମ୍ପିୟନଶିପ୍ ଚଳିତ ମାସ ୨୩ରୁ ଆରମ୍ଭ ହେବ। ଓଡ଼ିଶା ରାଜ୍ୟ ଟେନିସ କ୍ରିକେଟ ଆସୋସିଏଶନ ଏବଂ ବାଲେଶ୍ୱର ଜିଲା ଟେନିସ କ୍ରିକେଟ ଆସୋସିଏଶନର ମିଳିତ ଆନୁକୂଲ୍ୟରେ ଏହି ପ୍ରତିଯୋଗିତା ୨୬ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିରେ ବାଳିକା ବିଭାଗରେ ୬ଟି ଓ ବାଳକରେ ୧୬ଟି ଜିଲା ଦଳ ଅଂଶଗ୍ରହଣ କରିବେ। ଲିଗ୍ ଓ ନକ୍‌ଆଉଟ ଭିତ୍ତିରେ ଟୁର୍ନାମେଣ୍ଟ ପରିଚାଳିତ ହେବ। ଏହି ପ୍ରତିଯୋଗିତାରୁ ଜାତୀୟ ଟୁର୍ନାମେଣ୍ଟ ପାଇଁ ଓଡ଼ିଶା ଦଳଲାଗି ଖେଳାଳି ଚୟନ ହେବେ ବୋଲି ରାଜ୍ୟ ଆସୋସିଏଶନ ଏବଂ ଟେନିସ କ୍ରିକେଟ ଆସୋସିଏଶନ ଅଫ୍ ଇଣ୍ଡିଆର ସାଧାରଣ ସମ୍ପାଦକ ରିଣ୍ଟୁ ମିତ୍ର ପ୍ରକାଶ କରିଛନ୍ତି।

# ପ୍ରି-କ୍ୱାର୍ଟରରେ ଓଡ଼ିଶା ପରାସ୍ତ

**ଭୁବନେଶ୍ୱର, ୨୧।୯(କ୍ରୀଡ଼ା ପ୍ରତିନିଧି)**

**ଜାତୀୟ ସବ୍‌ଜୁନିୟର ସଫ୍ଟବଲ୍**

ଓଡ଼ିଶା ସଫ୍ଟବଲ୍ ଆସୋସିଏଶନ ଆନୁକୂଲ୍ୟରେ କଟକର ବାଲିଯାତ୍ରା ଉପର ପଡ଼ିଆରେ ଚାଲିଥିବା ୩୩ତମ ଜାତୀୟ ସବ୍‌ଜୁନିୟର ସଫ୍ଟବଲ୍ ପ୍ରତିଯୋଗିତାର ପ୍ରି–କ୍ୱାର୍ଟର ଫାଇନାଲ ମ୍ୟାଚ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହାର ଉଭୟ ବାଳିକା ଓ ବାଳକ ବିଭାଗରେ ଓଡ଼ିଶା ପରାଜିତ ହୋଇଛି। ବାଳିକା ବିଭାଗ ପ୍ରି–କ୍ୱାର୍ଟରରେ ଓଡ଼ିଶା ୧–୧୩ରେ ଆନ୍ଧ୍ରପ୍ରଦେଶଠାରୁ ଏବଂ ବାଳକରେ ୨–୫ ପଏଣ୍ଟରେ କେରଳଠାରୁ ହାରିଯାଇଛି। ବାଳିକା ବିଭାଗର ଅନ୍ୟ ମ୍ୟାଚଗୁଡ଼ିକ ମଧ୍ୟରେ ପଞ୍ଜାବକୁ ୨–୦ରେ ଉତ୍ତରାଖଣ୍ଡ, ଉତ୍ତର ପ୍ରଦେଶକୁ ୬–୦ରେ ଛତିଶଗଡ଼ ଓ ହରିୟାଣାକୁ ୭–୦ରେ ତେଲଙ୍ଗାନା ପରାସ୍ତ କରିଛି। ସେହିପରି ବାଳକ ବିଭାଗରେ ରାଜସ୍ଥାନ ୮–୦ରେ ହରିୟାଣା, ତେଲଙ୍ଗାନା ୧୦–୨ରେ ଦିଲ୍ଲୀ, ମହାରାଷ୍ଟ୍ର ୭–୦ରେ କର୍ଣ୍ଣାଟକ, ଛତିଶଗଡ଼ ୭–୦ରେ ଉତ୍ତର ପ୍ରଦେଶ ଏବଂ ଉତ୍ତରାଖଣ୍ଡ ୫–୦ରେ ଆନ୍ଧ୍ର ପ୍ରଦେଶକୁ ହରାଇ ଦେଇଛି।

# ଶୀର୍ଷ ସ୍ଥାନ ବଜାୟ ରଖିଲେ ମିଥାଲି

**ଦୁବାଇ,୨୧।୯:** ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ (ଆଇସିସି) ଦିନିକିଆ ର୍‍ୟାଙ୍କିଙ୍ଗରେ ଭାରତୀୟ ଅଧିନାୟିକା ମିଥାଲି ରାଜ ଶୀର୍ଷ ସ୍ଥାନରେ ପୂର୍ବପରି ରହିଛନ୍ତି। ନ୍ୟୁଜିଲାଣ୍ଡର ଆମି ସାଟର୍ଥୱେଟ୍ ବ୍ୟାଟିଂ ତାଲିକାର ଶ୍ରେଷ୍ଠ–୫କୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ମିଥାଲି ବ୍ୟାଟିଂ




ତାଲିକାରେ ୭୬୨ ରେଟିଂ ପଏଣ୍ଟ ହାସଲ କରି ୧ ନମ୍ବର ସ୍ଥାନ ବଜାୟ ରଖିଛନ୍ତି। ଓପନର ସ୍ମୃତି ମାନ୍ଧନା ସପ୍ତମ ସ୍ଥାନରେ ରହିଛନ୍ତି। ସେହିପରି ଦକ୍ଷିଣ ଆଫ୍ରିକା ଓପନର ଲିଜେଲ ଲି ଗତ ସପ୍ତାହରେ ମିଥାଲିଙ୍କ ସହ ଯୁଗ୍ମ ଶୀର୍ଷ ସ୍ଥାନରେ ଥିଲେ ଓ ଏବେ ସେ ଗୋଟିଏ ସ୍ଥାନ ତଳକୁ ଖସି ଦ୍ୱିତୀୟ ସ୍ଥାନରେ ରହିଛନ୍ତି।

# 'ଏଥର ଦୁଇଟି ନୂଆ କଥା'

**ଭିଭିଏସ୍ ଲକ୍ଷ୍ମଣ**

ୟୁଏଇରେ ଆରମ୍ଭ ହୋଇଥିବା ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ଦ୍ୱିତୀୟ ପର୍ଯ୍ୟାୟରେ ପ୍ରଥମ ଦୁଇଟି ମ୍ୟାଚ ଏକତରଫା ଥିଲା। ପୃଥକ୍ ପୃଥକ୍ ଭେନ୍ୟୁରେ ଖେଳାଯାଇଥିବା ମ୍ୟାଚ୍‌ରେ ଦୁଇଟି କଥା ଲକ୍ଷ୍ୟ କରାଯାଇଛି। ପ୍ରଥମେ ବ୍ୟାଟିଂ କରୁଥିବା ଦଳକୁ ସଂଘର୍ଷ କରିବାକୁ ପଡୁଛି। ଦ୍ୱିତୀୟତଃ ବିଶେଷ ପରିଚିତ ନ ଥିବା ଖେଳାଳିଙ୍କର ଉଲ୍ଲେଖନୀୟ ଅବଦାନ ରହୁଛି। ୟୁଏଇ ପିଚ୍‌ଗୁଡ଼ିକରେ ଏତେ ପରିମାଣରେ ଘାସ ମୁଁ କେବେ ଦେଖିବାକୁ ପାଇ ନ ଥିଲି। ଆଗକୁ ଟି୨୦ ବିଶ୍ୱକପ୍ ଖେଳାଯିବାକୁ ଥିବାରୁ ପିଚ୍ ଯେପରି ଶୀଘ୍ର ନଷ୍ଟ ହୋଇ ନ ଯାଏ ତାହାକୁ ଲକ୍ଷ୍ୟ ରଖି କ୍ୟୁରେଟର ହୁଏତ ଏପରି କରିଥାଇପାରନ୍ତି। ଦୁବାଇରେ ଅନୁଷ୍ଠିତ ପ୍ରଥମ ମ୍ୟାଚରେ ପାୱାର ପ୍ଲେ ସମୟରେ ମୁମ୍ବାଇ ଇଣ୍ଡିଆନ୍ସ ବୋଲରମାନେ ଚମତ୍କାର ବୋଲିଂ କରିଥିଲେ। ସେମାନେ ମାତ୍ର ୨୪ ରନ ବିନିମୟରେ ଚେନ୍ନାଇ ସୁପର କିଙ୍ଗ୍ସର ୪ ଉଇକେଟ ଖସାଇବାରେ ସକ୍ଷମ ହୋଇପାରିଥିଲେ। ଅମ୍ବାତି ରାୟୁଡୁ ରିଟାର୍ଡ ହର୍ଟ ହୋଇଥିଲେ। ଏହା ସତ୍ତ୍ୱେ ଚେନ୍ନାଇ ଦଳ ବିଜୟ ଲାଭ କରିଥିଲା। ଚଳିତ ସିଜନରେ ଚମତ୍କାର ଫର୍ମରେ ଥିବା ଯୁବ ଓପନ ଋତୁରାଜ ଗାଏକ୍ୱାଡ ଚମତ୍କାର ବ୍ୟାଟିଂ କରି ଅନ୍ୟମାନଙ୍କ ଦୃଷ୍ଟି ଆକର୍ଷଣ କରିପାରିଛନ୍ତି। ପୂର୍ବରୁ ପ୍ରସିଦ୍ଧ କ୍ରିଷ୍ଣା ଓ ବରୁଣ ଚକ୍ରବର୍ତ୍ତୀ ଏହିଭଳି ସଫଳତା ହାସଲ କରିଥିଲେ। ଏଥର ଆହୁରି କମ୍ ଜଣାଶୁଣା ଭେଙ୍କଟେଶ ଆୟାରଙ୍କ ପ୍ରଦର୍ଶନ ପ୍ରଶଂସନୀୟ ଥିଲା। ଏଠାରେ ପୁଣି ପ୍ରମାଣିତ ହୋଇଛି ଯେ, ଖେଳାଳିମାନଙ୍କୁ ସେମାନଙ୍କ ଦକ୍ଷତା ପ୍ରତିପାଦନ କରିବା ଲାଗି ଆଇପିଏଲ୍ ଏକ ବଡ଼ ମଞ୍ଚ। ବୁଧବାର ଦିଲ୍ଲୀ କ୍ୟାପିଟାଲ୍ସ ବିପକ୍ଷ ପ୍ରଥମ ମ୍ୟାଚ ପ୍ରସ୍ତୁତ ହୋଇସାରିଛି। ଦଳକୁ କ'ଣ ସବୁ ଚ୍ୟାଲେଞ୍ଜର ସମ୍ମୁଖୀନ ହେବାକୁ ପଡ଼ିବ ସନରାଇଜର୍ସ ହାଇଦ୍ରାବାଦ ସେ ନେଇ ସଚେତନ ଅଛି। ଆମର ବର୍ତ୍ତମାନ ପ୍ଲେ–ଅଫ୍‌ରେ ସ୍ଥାନ ପାଇବା କଥା ଚିନ୍ତା କରୁ ନାହୁଁ। ରଣନୀତି କିପରି କାର୍ଯ୍ୟକାରୀ କରିପାରିବୁ ସେ ଦିଗରେ ମନୋନିବେଶ କରୁଛୁ। ଆମେ ଜନି ବେୟାରଷ୍ଟୋଙ୍କ ଭଳି ଖେଳାଳିଙ୍କୁ ମିସ୍ କରିବୁ। ଡେଭିଡ୍ ୱାର୍ନର ଯଦିଓ ବର୍ତ୍ତମାନ ଅଧିନାୟକ ନାହାନ୍ତି ତାଙ୍କଠାରୁ ଆମେ ବହୁତ କିଛି ଆଶା କରୁଛୁ। ସନରାଇଜର୍ସ ଦଳ ପାଇଁ ତାଙ୍କର ସବୁବେଳେ ଉଲ୍ଲେଖନୀୟ ଅବଦାନ ରହିଆସିଛି। ଆଇପିଏଲ୍‌ର ପ୍ରଥମ ଓ ଦ୍ୱିତୀୟ ପର୍ଯ୍ୟାୟ ମଧ୍ୟରେ ଭାରତର ବହୁ ଯୁବ ଖେଳାଳିଙ୍କ ପ୍ରଦର୍ଶନ ମୋତେ ପ୍ରଭାବିତ କରିଛି। ଦ୍ୱିତୀୟ ପର୍ଯ୍ୟାୟରେ ଆମେ ସତେଜ ମନୋବୃତ୍ତି ନେଇ ଖେଳିବୁ। ସତର୍କତା ଅବଲମ୍ବନ ସହ ସକାରାତ୍ମକ ଭାବ ନେଇ ଖେଳିବା ଲାଗି ଆମେ ଦୃଢ଼ପରିକର। -(**ଗେମ୍‌ପ୍ଲାନ**)

SEAGRAM'S
ROYAL STAG
PACKAGED DRINKING WATER



କଟକର ବାଲିଯାତ୍ରା ପଡ଼ିଆରେ ଚାଲିଥିବା ଜାତୀୟ ସବ୍‌ଜୁନିୟର ସଫ୍ଟବଲ୍ ପ୍ରତିଯୋଗିତାରେ ମଙ୍ଗଳବାର ମହାରାଷ୍ଟ୍ର ଓ କର୍ଣ୍ଣାଟକ ମଧ୍ୟରେ ଅନୁଷ୍ଠିତ ବାଳକ ବିଭାଗ ମ୍ୟାଚ।

# ଧରିତ୍ରୀ
DHARITRI

www.orissakhabar.com/ www.dharitri.com | ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ବୁଧବାର, ସେପ୍ଟେମ୍ବର ୨୨/୨୦୨୧ | Bhubaneswar, Wednesday, September 22/ 2021


# ଶିବା, ସଞ୍ଜିତ, ଦୀପକ, ରୋହିତଙ୍କୁ ସ୍ୱର୍ଣ୍ଣ




**ଜାତୀୟ ବକ୍ସିଂ ଚାମ୍ପିୟନଶିପ୍**

**ବେଲରୀ, ୨୧ା୯**

ଏଠାରେ ଚାଲିଥିବା ପୁରୁଷ ଜାତୀୟ ବକ୍ସିଂ ଚାମ୍ପିୟନଶିପ୍‌ରେ ତାରକା ବକ୍ସର ଶିବା ଥାପ୍ପା, ସଞ୍ଜିତ, ଦୀପକ କୁମାର, ରୋହିତ ମୋର ସେମାନଙ୍କ ବର୍ଗରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ରୋହିତ ଗତଥରର ଚାମ୍ପିୟନ ମହମ୍ମଦ ହୁସାମୁଦ୍ଦିନଙ୍କୁ ହରାଇ ସ୍ୱର୍ଣ୍ଣିମ ସଫଳତା ପାଇଛନ୍ତି।

ଦୀପକ କୁମାର (୫୧ କେ.ଜି.), ଆକାଶ (୫୪), ସୁମିତ (୭୫), ସଚିନ କୁମାର (୮୦), ଲକ୍ଷ୍ୟ (୮୬ କେ.ଜି.) ଓ ନରେନ୍ଦର (+୯୨ କେ.ଜି.)ରେ ସେମାନଙ୍କ ବର୍ଗର ଫାଇନାଲ ବାଉଟରେ ବିଜୟୀ ହୋଇ ସ୍ୱର୍ଣ୍ଣ ଜିତିଛନ୍ତି। ଜାତୀୟ ଚାମ୍ପିୟନଶିପ୍‌ର ସବୁ ସ୍ୱର୍ଣ୍ଣ ପଦକ ବିଜେତା ସର୍ବିୟାର ବେଲଗ୍ରେଡ୍‌ରେ ଅକ୍ଟୋବର ୨୪ରୁ ନଭେମ୍ବର ୬ ତାରିଖ ମଧ୍ୟରେ ଆୟୋଜନ ହେବାକୁ ଥିବା ବିଶ୍ୱ ଚାମ୍ପିୟନଶିପ୍‌ରେ ଭାରତ ତରଫରୁ ଅଂଶଗ୍ରହଣ କରିବାର ସୁଯୋଗ ହାସଲ କରିବେ। ଶିବଙ୍କୁ ବାଦ୍ ଦେଲେ ଅନ୍ୟମାନେ ପ୍ରଥମଥର ପାଇଁ ବିଶ୍ୱ ଚାମ୍ପିୟନଶିପ୍‌ରେ ଅଂଶଗ୍ରହଣ କରିବେ।

ଦିଲ୍ଲୀର ରୋହିତ ୫-୦ରେ ରାଜ୍ୟଗୋଷ୍ଠୀ କ୍ରୀଡ଼ା ବ୍ରୋଞ୍ଜ ପଦକ ବିଜେତା ହୁସାମୁଦ୍ଦିନଙ୍କୁ ୫୭ କେ.ଜି. ବର୍ଗରେ ହରାଇ ଟାଇଟଲ ହାସଲ କରିଥିଲେ। ସେହିପରି ଏସିଆନ ଚାମ୍ପିୟନ ତଥା ସର୍ଭିସେସ ବକ୍ସର ହରିୟାଣାର ନବୀନ କୁମାରଙ୍କୁ ଫାଇନାଲ ବାଉଟରେ ପରାସ୍ତ କରିଥିଲେ। ସେହିପରି ୨୦୧୫ ବିଶ୍ୱ ଚାମ୍ପିୟନଶିପ୍ ବ୍ରୋଞ୍ଜ ପଦକ ବିଜେତା ତଥା ୫ଥର ଏସିଆନ ମେଡାଲିଷ୍ଟ ଆସାମର ଅଭିଜ୍ଞ ବକ୍ସର ଶିବ ଥାପ୍ପା ୫-୦ରେ ଦଲବୀର ସିଂ ତୋମାରଙ୍କୁ ୬୩.୫ କେ.ଜି. ବର୍ଗରେ ହରାଇ ବାଜି ମାରିଛନ୍ତି। କର୍ଣ୍ଣାଟକର ନିଶାନ୍ତ ଦେବ ଡାମନ, ଡିୟୁ ଓ ନଗର ହାଭେଳିର ଅମିତ କୁମାରଙ୍କୁ ୭୧ କେ.ଜି.ରେ ହରାଇ ସ୍ୱର୍ଣ୍ଣ ଜିତିଛନ୍ତି।

ସର୍ଭିସେସ ସଫଳତାର ସହ ଟିମ୍ ଚାମ୍ପିୟନଶିପ୍ ଟାଇଟଲ ବଜାୟ ରଖିଛି। ଏହି କ୍ରମରେ ସର୍ଭିସେସ ୮ ସ୍ୱର୍ଣ୍ଣ, ୩ ରୌପ୍ୟ ଓ ଏକ ବ୍ରୋଞ୍ଜ ପଦକ ସହ ମୋଟ ୧୨ ପଦକ ହାସଲ କରିଛି। ସେହିପରି ରେଲୱେ ୨ଟି ଲେଖାଏ ସ୍ୱର୍ଣ୍ଣ ଓ ବ୍ରୋଞ୍ଜ ସହ ୩ଟି ରୌପ୍ୟ ପଦକ ଜିତିଛି। ଦିଲ୍ଲୀ ୪ ବ୍ରୋଞ୍ଜ ସହ ଗୋଟିଏ ସ୍ୱର୍ଣ୍ଣ ପଦକ ହାସଲ କରିଛି।

ରେଲୱେ ପାଇଁ ବରିନ୍ଦର ସିଂ (୬୦ କେ.ଜି.), ଗୋବିନ୍ଦ ସାହାଣୀ (୪୮ କେ.ଜି.) ସ୍ୱର୍ଣ୍ଣ ଜିତିଛନ୍ତି। କୋଭିଡ୍-୧୯ ପାଇଁ ଏହି ଚାମ୍ପିୟନଶିପ ଗୋଟିଏ ବର୍ଷ ବ୍ୟବଧାନରେ ଆୟୋଜିତ ହୋଇଛି। ଏଥିରେ ୩୫ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରୁ ୪୦୦ ବକ୍ସର ଅଂଶଗ୍ରହଣ କରିଥିଲେ। ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ଜିତିଥିବା ବକ୍ସରମାନେ ସିଧାସଳଖ ଜାତୀୟ କୋଚିଂ କ୍ୟାମ୍ପରେ ଅଂଶଗ୍ରହଣ କରିବେ। ବ୍ରୋଞ୍ଜ ପଦକ ହାସଲ କରିଥିବା ବକ୍ସରମାନେ ସିଲେକ୍ସନ ଟ୍ରାଏଲରେ ଭାଗନେବେ। ଏଥିରେ ସେମାନେ ସର୍ଭିସେସ୍, ରେଲୱେ ଓ ହରିୟାଣାର ଦ୍ୱିତୀୟ ଟିମ୍ ସହିତ ପ୍ରତିଯୋଗିତାରେ ଅବତୀର୍ଣ୍ଣ ହେବେ।

# ରାଜସ୍ଥାନର ସଂଘର୍ଷପୂର୍ଣ୍ଣ ବିଜୟ

**ଦୁବାଇ, ୨୧ା୯**

ଅର୍ଶଦୀପ ସିଂଙ୍କ ୫ ଉଇକେଟ ସଫଳତା ଏବଂ ଓପନିଂ ଯୋଡ଼ିରେ ଲୋକେଶ ରାହୁଲ ଓ ମୟଙ୍କ ଅଗ୍ରୱାଲଙ୍କ ଶତକୀୟ ଭାଗୀଦାରି ଫିକା ପଡ଼ିଲା। ଶେଷ ଓଭରରୁ ବିଜୟ ପାଇଁ ୪ ରନ ଆବଶ୍ୟକ ହେଉଥିଲେ ହେଁ ପଞ୍ଜାବ କିଙ୍ଗ୍ସ ମାତ୍ର ୧ ରନ ସଂଗ୍ରହ କରି ୨ ଉଇକେଟ ହରାଇଲା। ରାଜସ୍ଥାନ ପକ୍ଷରୁ ଶେଷ ଓଭର ବୋଲିଂ କରିଥିବା କାର୍ତ୍ତିକ ତ୍ୟାଗୀ ହିରୋ ବିବେଚିତ ହେଲେ। ଇଣ୍ଡିଆନ ପ୍ରିମିୟର ଲିଗ୍‌ର ମଙ୍ଗଳବାର ଅନୁଷ୍ଠିତ ମ୍ୟାଚରେ ରାଜସ୍ଥାନ ରୟାଲ୍ସ ସଂଘର୍ଷପୂର୍ଣ୍ଣଭାବେ ମାତ୍ର ୨ ରନରେ ପଞ୍ଜାବ କିଙ୍ଗ୍ସକୁ ହରାଇଲା। ରାଜସ୍ଥାନ ୨୦ ଓଭରରେ ୧୮୫ ରନ କରି ଅଲ୍‌ଆଉଟ ହୋଇଥିବାବେଳେ ପଞ୍ଜାବ ୨୦ ଓଭରରେ ଓଭରରେ ୪ ଉଇକେଟ ହରାଇ ୧୮୩ରେ ସୀମିତ ରହିଲା।

୧୮୬ ରନ ବିଜୟ ଲକ୍ଷ୍ୟ ନେଇ ପଡ଼ିଆକୁ ଓହ୍ଲାଇଥିବା ପଞ୍ଜାବ ଅଧିନାୟକ ଲୋକେଶ ରାହୁଲ ଓ ମୟଙ୍କ ଅଗ୍ରୱାଲଙ୍କ ଓପନିଂ ଯୋଡ଼ିରେ ଶତକୀୟ ଭାଗୀଦାରି ଗଢ଼ି ଦଳପାଇଁ ବିଜୟ ପଥ ପରିଷ୍କାର କରିଥିଲେ। ପ୍ରଥମ ଉଇକେଟରେ ୭୨ ବଲ୍‌ରୁ ୧୨୦ ରନ ଯୋଗ ହେବାପରେ ରାହୁଲ ବ୍ୟକ୍ତିଗତ ୪୯ (୩୩ ବଲ୍, ୪ ଚୌକା, ୨ ଛକା) ରନ କରି ଆଉଟ ହୋଇଥିଲେ। ଅର୍ଦ୍ଧଶତକ ହାସଲକାରୀ ଅଗ୍ରୱାଲ ମଧ୍ୟ ଏହାପରେ ଆଉ ଅଧିକ ସମୟ ତିଷ୍ଠିପାରି ନ ଥିଲେ। ସେ ୪୩ ବଲ୍‌ରୁ ୭ ଚୌକା ଓ ୨ ଛକା ସହ ୬୭ ରନ କରିଥିବାବେଳେ ରାହୁଲ ଟେୱାଟିଆଙ୍କ ବଲ୍‌ରେ ଡିପ୍ ପଏଣ୍ଟ ଅଞ୍ଚଳରେ ଲିଭିଂଷ୍ଟୋନଙ୍କୁ କ୍ୟାଚ ଦେଇ ପ୍ୟାଭିଲିୟନ ଫେରିଥିଲେ। ଏଡେନ ମାରାକ୍ରମ ଓ ନିକୋଲାସ ପୁରନ ଅର୍ଦ୍ଧଶତକୀୟ ଭାଗୀଦାରି ଗଢ଼ି ଦଳକୁ ବିଜୟର ଦ୍ୱାରଦେଶରେ ପହଞ୍ଚାଇଥିଲେ। ମାତ୍ର ଏହି ଯୋଡ଼ି ଭାଙ୍ଗିବାପରେ ସ୍ଥିତି ବଦଳିଗଲା। ପଞ୍ଜାବ ବିଜୟ ଲକ୍ଷ୍ୟଠାରୁ ୨ ରନ ଦୂରରେ ରହିଗଲା। ପୁରନ ୨୨ ବଲ୍‌ରୁ ୩୨(୧ ଚୌକା, ୨ ଛକା) ରନ କରି ଆଉଟ ହୋଇଥିବାବେଳେ ମାରକ୍ରାମ ୨୦ ବଲ୍‌ରୁ ୨୬(୨ ଚୌକା, ୧ ଛକା) ରନରେ ଅପରାଜିତ ରହି ଦଳର ପରାଜୟରେ ମୁକସାକ୍ଷୀ ରହିଲେ। ତ୍ୟାଗୀ ଶେଷ ଓଭରରେ ପୁରନ ଓ ଦୀପକ ହୁଦାଙ୍କୁ ଆଉଟ କରି ମ୍ୟାଚର ରୋମାଞ୍ଚକ ପରିସମାପ୍ତି ଘଟାଇଲେ। ରାଜସ୍ଥାନ ପକ୍ଷରୁ ତ୍ୟାଗୀ ୨ଟି ଏବଂ ଚେତନ ସାକାରିଆ ଓ ରାହୁଲ ଟେୱାଟିଆ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।




୫ ଉଇକେଟ ସଫଳତାରେ ଉଲ୍ଲସିତ ଅର୍ଶଦୀପ ସିଂ।

## ଅର୍ଶଦୀପଙ୍କୁ ୫ ଉଇକେଟ

ଟସ୍ ହାରି ପ୍ରଥମେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ରାଜସ୍ଥାନ ଭଲ ଆରମ୍ଭ କରିଥିଲା। ଦୁଇ ଓପନର ଇଭିନ ଲିୱିସ ଓ ଯଶସ୍ୱି ଜୟସ୍ୱାଲ ୩୩ ବଲ୍‌ରୁ ୫୪ ରନ ସଂଗ୍ରହ କରି ଦଳର ବଡ଼ ସ୍କୋର ପାଇଁ ପ୍ଲାଟଫର୍ମ ପ୍ରସ୍ତୁତ କରିଥିଲେ। ୨୧ ବଲ୍‌ରୁ ୭ ଚୌକା ଓ ୧ ଛକା ସହାୟତାରେ ୩୬ ରନ କରିଥିବା ଲିୱିସଙ୍କୁ ଆଉଟ କରି ପଞ୍ଜାବକୁ ବ୍ରେକ୍ ଥ୍ରୁ ଦେଇଥିଲେ ଅର୍ଶଦୀପ। ଅଧିନାୟକ ସଞ୍ଜୁ ସାମସନ (୪ ରନ) ଫେଲ୍ ମାରିଥିଲେ ହେଁ ଜୟସ୍ୱାଲ ଓ ଲିଆମ ଲିଭିଂଷ୍ଟୋନ ଦଳୀୟ ସ୍କୋରକୁ ଦ୍ରୁତ ହାରରେ ଆଗେଇ ନେଇଥିଲେ। ଲିଭିଂଷ୍ଟୋନ ୧୭ ବଲ୍‌ରୁ ୨ ଚୌକା ଓ ୧ ଛକା ସହ ୨୫ ରନ କରିଥିବାବେଳେ ଅର୍ଶଦୀପଙ୍କ ଦ୍ୱିତୀୟ ଶିକାର ବନିଥିଲେ। ଜୟସ୍ୱାଲ ଅର୍ଦ୍ଧଶତକର ନିକଟତର ହୋଇଥିଲେ ହେଁ ମାତ୍ର ୧ ରନ ପାଇଁ ବଞ୍ଚିତ ହୋଇଥିଲେ। ସେ ୩୮ ବଲ୍‌ରୁ ୬ ଚୌକା ଓ ୨ ଛକା ସହାୟତାରେ ୪୯ ରନ କରିଥିବାବେଳେ ହରପ୍ରୀତ ବ୍ରାରଙ୍କ ବଲ୍‌ରେ ମୟଙ୍କ ଅଗ୍ରୱାଲଙ୍କୁ କ୍ୟାଚ ଦେଇ ପ୍ୟାଭିଲିୟନ ଫେରିଥିଲେ। ଏହିଠାରୁ ରାଜସ୍ଥାନ ଦଳର ବ୍ୟାଟିଂ ବିପର୍ଯ୍ୟୟ ଆରମ୍ଭ ହୋଇଥିଲା। ବିସ୍ଫୋରକ ବ୍ୟାଟିଂ କରୁଥିବା ମହିପାଲ ଲୋମରୋର ୧୭ ବଲ୍‌ରୁ ୨ ଚୌକା ଓ ୪ ଛକା ସହାୟତାରେ ୪୩ ରନ କରି ଅର୍ଶଦୀପଙ୍କ ତୃତୀୟ ଶିକାର ହୋଇଥିଲେ। ରିୟାନ ପରାଗ ୪, ରାହୁଲ ଟେୱାଟିଆ ୨ ଓ ଆଇପିଏଲର ଦାମୀ ବିଦେଶୀ ଖେଳାଳି କ୍ରିସ୍ ମୋରିସ ୫ ରନରେ ଆଉଟ ହେବାରୁ ରାଜସ୍ଥାନ ଇନିଂସ ଦିଗହରା ହୋଇ ଯାଇଥିଲା। ଇନିଂସର ଶେଷ ୨ଟି ବଲ୍‌ରେ ଚେତନ ସାକାରିଆ (୭) ଓ କାର୍ତ୍ତିକ ତ୍ୟାଗୀ (୧)ଙ୍କୁ ଆଉଟ କରି ଅର୍ଶଦୀପ ୫ ଉଇକେଟ ପୂରଣ କରିଥିଲେ। ଫଳରେ ରାଜସ୍ଥାନ ଇନିଂସ ୨୦ ଓଭରରେ ୧୮୫ ରନରେ ଶେଷ ହୋଇ ଯାଇଥିଲା। ପଞ୍ଜାବ ପକ୍ଷରୁ ଅର୍ଶଦୀପ ୫ଟି, ମହମ୍ମଦ ଶାମି ୩ଟି ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ରାଜସ୍ଥାନ ରୟାଲ୍ସ ୨୦ ଓଭରରେ ୧୮୫/ଅଲଆଉଟ (ଯଶସ୍ୱି ଜୟସ୍ୱାଲ-୪୯, ମହିପାଲ ଲୋମରୋର-୪୩, ଇଭିନ ଲିୱିସ-୩୬, ଲିଆମ ଲିଭିଂଷ୍ଟୋନ-୨୫, ଅର୍ଶଦୀପ ସିଂ-୫/୩୨, ମହମ୍ମଦ ଶାମି-୩/୨୧, ହରପ୍ରୀତ ବ୍ରାର-୧/୧୭, ଇଶାନ ପୋରେଲ-୧/୩୯)। ପଞ୍ଜାବ କିଙ୍ଗ୍ସ ୨୦ ଓଭରରେ ୧୮୩/୪ (ମୟଙ୍କ ଅଗ୍ରୱାଲ-୬୭, ଲୋକେଶ ରାହୁଲ-୪୯, ନିକୋଲାସ ପୁରନ-୩୨, ଏଡେନ ମାରକ୍ରାମ-୨୬*, କାର୍ତ୍ତିକ ତ୍ୟାଗୀ-୨/୨୯, ଚେତନ ସାକାରିଆ-୧/୩୧, ରାହୁଲ ଟେୱାଟିଆ-୧/୨୩)।

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ଜିତିଛି | ହାରିଛି | ପଏଣ୍ଟ | ରନ ହାର |
|---|---|---|---|---|---|
| ଚେନ୍ନାଇ ସୁପରକିଙ୍ଗ୍ସ | ୮ | ୬ | ୨ | ୧୨ | +୧.୨୨୩ |
| ଦିଲ୍ଲୀ କ୍ୟାପିଟାଲ୍ସ | ୮ | ୬ | ୨ | ୧୨ | +୦.୫୪୭ |
| ରୟାଲ ଚ୍ୟାଲେଞ୍ଜର୍ସ | ୮ | ୫ | ୩ | ୧୦ | -୦.୭୦୬ |
| ମୁମ୍ବାଇ ଇଣ୍ଡିଆନ୍ସ | ୮ | ୪ | ୪ | ୮ | -୦.୦୭୧ |
| ରାଜସ୍ଥାନ ରୟାଲ୍ସ | ୮ | ୪ | ୪ | ୮ | -୦.୧୫୪ |
| ନାଇଟ ରାଇଡର୍ସ | ୮ | ୩ | ୫ | ୬ | +୦.୧୧୦ |
| ପଞ୍ଜାବ କିଙ୍ଗ୍ସ | ୯ | ୩ | ୬ | ୬ | -୦.୩୪୫ |
| ସନ୍‌ରାଇଜର୍ସ | ୭ | ୧ | ୬ | ୨ | -୦.୬୨୩ |

**ବୁଧବାର ମ୍ୟାଚ**

ଦିଲ୍ଲୀ କ୍ୟାପିଟାଲ୍ସ **ବନାମ** ସନରାଇଜର୍ସ



ସ୍ଥାନ : ଆବୁଧାବି
ସମୟ : ରାତି ୭.୩୦
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

# ଆଇପିଏଲ୍ ପ୍ରସାରଣକୁ ବାରଣ

**ନୂଆଦିଲ୍ଲୀ, ୨୧ା୯ (ପି.ଟି.):** ଆଫଗାନିସ୍ତାନରେ ଲୋକପ୍ରିୟ ଆଇପିଏଲ୍ ପ୍ରସାରଣକୁ ବାରଣ କରିଛି ତାଲିବାନ। କାରଣ ଏହି ଟୁର୍ନାମେଣ୍ଟକୁ ଷ୍ଟାଡିୟମରେ ମହିଳାମାନେ ମଧ୍ୟ ଦେଖିଥାନ୍ତି। ଖେଳକୁ ସେମାନେ ହର୍ଷ ଉଲ୍ଲାସର ସହ ମନଭରି ଉପଭୋଗ କରିଥାନ୍ତି। ଗତ ମାସରେ ତାଲିବାନ ଯୁଦ୍ଧଗ୍ରସ୍ତ ଆଫଗାନିସ୍ତାନରେ ଶାସନ ଭାର ଗ୍ରହଣ କରିଛନ୍ତି। ଏହି ମୌଳବାଦୀ ଗୋଷ୍ଠୀ ଖେଳରେ ମହିଳାଙ୍କ ଅଂଶଗ୍ରହଣକୁ ବାରଣ କରିଛି। ଆଫଗାନିସ୍ତାନ କ୍ରିକେଟ ବୋର୍ଡ (ଏସିବି)ର ପୂର୍ବତନ ମିଡିଆ ମ୍ୟାନେଜର ତଥା ଜର୍ନାଲିଷ୍ଟ ଏମ୍. ଇବ୍ରାହିମ ମୋମାନ୍ଦ କହିଛନ୍ତି, ଆଇପିଏଲ୍ ମ୍ୟାଚର ସିଧା ପ୍ରସାରଣ ହେଉଛି ଇସ୍‌ଲାମ ବିରୋଧୀ। ତେଣୁ ଏଥିରୁ ବିରତ ରହିବା ଲାଗି ଆଫଗାନ ମିଡିଆକୁ ତାଲିବାନ ଚେତାବନୀ ଦେଇଛି। ଆଇପିଏଲ୍ ୨୦୨୧ରେ ରଶିଦ ଖାଁ, ମହମ୍ମଦ ନବି ଓ ମୁଜିବୁର ରହମନଙ୍କ ଭଳି ଆଫଗାନିସ୍ତାନର ଟପ୍ କ୍ରିକେଟର ଭାଗ ନେଉଛନ୍ତି। ଆଫଗାନିସ୍ତାନର ନୂଆ କ୍ରୀଡ଼ା ମୁଖ୍ୟଙ୍କ କହିବା ଅନୁସାରେ ତାଲିବାନ ଦେଶରେ ୪୦୦ କ୍ରୀଡ଼ାକୁ ଅନୁମତି ଦେଇଛି। କିନ୍ତୁ ଏଥିରେ ମହିଳାଙ୍କ ଅଂଶଗ୍ରହଣକୁ ନେଇ କିଛି ସ୍ପଷ୍ଟ କରି ନାହିଁ। ଏହି କଠୋରପନ୍ଥୀ ଗୋଷ୍ଠୀ ୧୯୯୬ରୁ ୨୦୦୧ ପର୍ଯ୍ୟନ୍ତ ଶାସନ କ୍ଷମତାରେ ରହିଥିବାବେଳେ ମହିଳାମାନଙ୍କୁ ସମସ୍ତ ପ୍ରକାର ଖେଳରୁ ବାରଣ କରିଥିଲା।

# ଆଫଗାନ କ୍ରିକେଟ ନିର୍ଦ୍ଦେଶକ ବହିଷ୍କୃତ

**କାବୁଲ ୨୧ା୯**

ସୋମବାର ତାଲିବାନର ନୂଆ ଆଭ୍ୟନ୍ତରୀଣ ବ୍ୟାପାର ମନ୍ତ୍ରୀ ସିରାଜୁଦ୍ଦିନ ହକାନିଙ୍କ ସାନ ଭାଇ ଆନାସ ହକାନି ଆଫଗାନ କ୍ରିକେଟ ବୋର୍ଡ (ଏସିବି) କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ହମିଦ ସିନ୍‌ୱାରିଙ୍କୁ ବହିଷ୍କୃତ କରିଛନ୍ତି। ତାଙ୍କ ବିରୋଧରେ କାହିଁକି ଏହି ପଦକ୍ଷେପ ନିଆଗଲା ସେ ସମ୍ପର୍କରେ କିନ୍ତୁ କୌଣସି ସୂଚନା ଦିଆଯାଇ ନାହିଁ। ତେବେ ନସିବୁଲା ହକାନିଙ୍କୁ ଏହି ପଦବୀରେ ନିଯୁକ୍ତି ମିଳିଛି। ସେ ଆଫଗାନିସ୍ତାନ କ୍ରିକେଟ ବୋର୍ଡର ନୂତନ ମୁଖ୍ୟ ସିରାଜୁଦ୍ଦିନ ହକାନୀଙ୍କ ସମ୍ପର୍କୀୟ କି ନା ତାହା ସ୍ପଷ୍ଟ ହୋଇନାହିଁ। ଯୁକ୍ତରାଷ୍ଟ୍ର ଆମେରିକା ସମର୍ଥିତ ସରକାରଙ୍କ ସହ ତାଲିବାନର ୨୦ ବର୍ଷ ଧରି ଯୁଦ୍ଧ ସମୟରେ କାବୁଲରେ ବହୁ ହାଇପ୍ରୋଫାଇଲ ଆକ୍ରମଣ ଘଟଣାରେ ସମ୍ପୃକ୍ତ ଥିବା ଅଭିଯୋଗରେ ଜେରା ପାଇଁ ଏଫ୍‌ବିଆଇ (ଫେଡେରାଲ ବ୍ୟୁରୋ ଅଫ୍ ଇନ୍‌ଭେଷ୍ଟିଗେଶନ) ସିରାଜୁଦ୍ଦିନଙ୍କ ସନ୍ଧାନରେ ଥିଲା।


**ଆପଣ ଅଣ୍ଟା, କାନ୍ଧ, ପିଠି, ଆଣ୍ଠୁ ଏବଂ ଅନ୍ୟ ବ୍ୟଥା କାରଣରୁ ଚିନ୍ତିତ କି?**



ଯୁଧିଷ୍ଠିର ପାତ୍ର
HOME MADE
ବାରପଥର, ବକ୍ସିବଜାର, କଟକ, ଓଡ଼ିଶା

ଯୁଧିଷ୍ଠିର ପାତ୍ର, ବୟସ 70 ବର୍ଷ । କଟକ (ଓଡ଼ିଶା)ର ବକ୍ସିବଜାର ଅଞ୍ଚଳରେ ତାଙ୍କର ହୋମ୍ ମେଡ୍ ଆଚାରର ସବୁଠାରୁ ପ୍ରସିଦ୍ଧ ଓ ପୁରୁଣା ଦୋକାନ ଅଛି । ସେ କୁହନ୍ତି ଯେ, ସାରାଦିନ ଦୋକାନରେ ବସିରହିବା କାରଣରୁ ଅଣ୍ଟା, ପିଠି ଓ ଆଣ୍ଠୁରେ ନିରନ୍ତର ବ୍ୟଥା ରହିବାକୁ ଲାଗିଥିଲା । ବ୍ୟଥା ଅସହନୀୟ ଥିଲା । କୌଣସି ତେଲ କିମ୍ବା ଉପଚାରରୁ ଆଦୌ କୌଣସି ଲାଭ ମିଳିଲା ନାହିଁ ଏବଂ ବିଜ୍ଞାପନ ବାଲା ପ୍ରଡକ୍ଟସ୍ ଉପରୁ ବିଶ୍ୱାସ ହିଁ ଉଠିଯାଇଥିଲା । ହେଲେ ଅନେକ ଦିନ ଧରି ସେ **ଓଜୋନ୍ ଫାର୍ମାସ୍ୟୁଟିକାଲ୍ସ**ର **କ୍ୱିକ୍ ପୀଡ଼ାନାଶକ ତେଲ**ର ବିଜ୍ଞାପନ ଦେଖିଆସୁଥିଲି। କମ୍ପାନୀର ହେଲ୍ପଲାଇନ୍ ସହ କଥା ହେବାରୁ ସେମାନେ ଜଣାଇଲେ ଯେ **ଓଜୋନ୍ ଫାର୍ମା** ବିଗତ 30ରୁ ଅଧିକ ବର୍ଷ ଧରି ମାନବ ସେବାରେ ସମର୍ପିତ ଅଟେ ଏବଂ ତାଙ୍କର ସବୁ ଉତ୍ପାଦ ରିସର୍ଚ୍ଚ ଏବଂ G.M.P. ପ୍ରକ୍ରିୟା ଅଧୀନରେ ନିର୍ମିତ ହୋଇଥାଏ, ସେମାନେ ଜଣାଇଲେ ଯେ **କ୍ୱିକ୍ ପୀଡ଼ାନାଶକ ଅଏଲ୍** ବିଷଗର୍ଭା, ମହାମାଷ ଏବଂ ମହାନାରାୟଣ ଭଳି ବାତନାଶକ ତେଲ ଅତିରିକ୍ତ ଅନ୍ୟ ଦୁର୍ଲଭ ଚେରମୂଳିରେ ନିର୍ମିତ ଅଟେ, ଯାହା କାରଣରୁ ବ୍ୟଥାରୁ ଉପଶମ ମିଳିବା ନିଶ୍ଚିତ ଏବଂ ଲୋକମାନେ ଏହାଦ୍ୱାରା ଲାଭ ପାଉଛନ୍ତି । ମୁଁ ତୁରନ୍ତ ନିକଟତମ ମେଡିକାଲ ଷ୍ଟୋର୍‌ରୁ **କ୍ୱିକ୍ ପୀଡ଼ାନାଶକ ଅଏଲ୍**ର ଏକ ବୋତଲ ଆଣି ଲଗାଇଲି । ସତ କଥା କହୁଛି କି, ମୋତେ ବହୁତ ଭଲ ଲାଭ ମିଳିଛି । ମୁଁ ମୋ ସମବୟସ୍କ ବ୍ୟକ୍ତିମାନଙ୍କୁ କହିବାକୁ ଚାହୁଁଛି କି ଏହାକୁ ଥରେ ନିଶ୍ଚୟ ବ୍ୟବହାର କରି ଦେଖନ୍ତୁ, ଯାହାଦ୍ୱାରା ଅନ୍ୟମାନେ ମଧ୍ୟ ଉପକୃତ ହୋଇପାରିବେ । କାରଣ **ବ୍ୟଥାର ବ୍ୟଥାକୁ କେବଳ ସେହି ବୁଝିପାରିବେ ଯାହାକୁ ବ୍ୟଥା ହେଉଥିବ** । ଅତି ଜରୁରୀ ହୋଇଥିଲେ ଯେକୌଣସି ବ୍ୟକ୍ତି କ୍ୱିକ୍ ବିଷୟରେ ମୋର ଅନୁଭୂତିକୁ ଜାଣିବା ପାଇଁ କମ୍ପାନୀ ହେଲ୍ପଲାଇନ୍‌ରୁ ମୋର ନମ୍ବର ନେଇ ମୋ ସହ କଥା ହୋଇପାରିବେ । ମୋ ଅନୁଭୂତିକୁ ଜଣାଇ ମୁଁ ଖୁସି ହେବି । ଅଧିକ ସୂଚନା ପାଇଁ ହେଲ୍ପଲାଇନ୍ ନମ୍ବର 7328008854, 8127080666 ରେ ଯୋଗାଯୋଗ କରିପାରନ୍ତି ।




କ୍ୱିକ୍ ଅଏଲ୍ Flipkart | amazon ରେ ଅନ୍‌ଲାଇନ୍‌ରେ ମଧ୍ୟ ଉପଲବ୍ଧ ।









3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

## ସଂକ୍ଷେପରେ

### ଚୋରି ଅଭିଯୋଗରେ ଯୁବକ ଗିରଫ

ଦଶପଲ୍ଲା,୨୧।୯(ଡି.ଏନ.ଏ.): ଦଶପଲ୍ଲାର ଆଦିବାସୀ ବହୁଳ କଳସାଖମଣ ସ୍କୁଲରୁ ଫ୍ୟାନ ଚୋରି ଅଭିଯୋଗରେ ସେହି ଗ୍ରାମର ଚନ୍ଦନ ନାୟକ(୨୩)ଙ୍କୁ ପୋଲିସ ଗିରଫ କରିଛି । ଏ ସଂକ୍ରାନ୍ତରେ ବାଣୀଗୋଛା ଥାନାରେ ଅଭିଯୋଗ ହୋଇଥିଲା । ସେହି ଅଭିଯୋଗକୁ ଭିତ୍ତି କରି ଥାନା ଅଧିକାରୀ ତଦନ୍ତ କରିଥିଲେ । ମଙ୍ଗଳବାର ଚନ୍ଦନଙ୍କୁ କୋର୍ଟ ଚାଲାଣ କରାଯାଇଛି ।

### ଚଢ଼ାଉ ରୋକି ପାରୁନାହିଁ ନିଶା କାରବାର

ନୟାଗଡ଼ ଅଫିସ,୨୧।୯: ଇଟାମାଟି ଥାନା ପୋଲିସ ୪ଦିନରେ ୫ଜଣ ମଦ ବ୍ୟବସାୟୀଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି । ୪ଦିନରେ ୫ ମକଦ୍ଦମା ରୁଜୁ ହୋଇଛି । ସମୁଦାୟ ୧୩ ଲିଟର ଦେଶୀ ଓ ୧୦୦ ଲିଟର ବିଦେଶୀ ମଦ ଜବତ କରିଛି ପୋଲିସ। ତେବେ ଚଢ଼ାଉ ରୋକି ପାରୁନାହିଁ ମଦ କାରବାର । ପୁଣି ଏହି ଥାନା ଅଞ୍ଚଳରେ ବ୍ରାଉନସୁଗାର କାରବାର ବଢ଼ି ଚାଲିଛି । ଏନେଇ ଥାନା ଅଧିକାରୀ ରମେଶ ଦେବତା କୁହନ୍ତି, ନିଶା କାରବାର ରୋକିବାକୁ ଥାନା ପକ୍ଷରୁ ଧରପଗଡ଼ ଜାରି ରହିଛି । ଏପରି କାରବାର ବନ୍ଦ ପାଇଁ ପୋଲିସ ଚେଷ୍ଟା ଚଳାଇଛି ।

### ରଣପୁର ରେଞ୍ଜରଙ୍କ ବଦଳି ହେଲା

ନୟାଗଡ଼ ଅଫିସ,୨୧।୯: ଖୋର୍ଦ୍ଧା ବନଖଣ୍ଡ ରଣପୁର ଭରପ୍ରାପ୍ତ ରେଞ୍ଜର ଶରତ ଚନ୍ଦ୍ର ଶତପଥୀଙ୍କ ନୟାଗଡ଼ ବନଖଣ୍ଡ ଖଣ୍ଡପଡ଼ା ରେଞ୍ଜକୁ ବଦଳି ହୋଇଛି । ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ମନୋଜ ମହାପାତ୍ର ଭୁବନେଶ୍ୱର ଅଫିସ ଅର୍ଡ଼ର ନଂ. ୯୫/୨୦ଡି୯ଡି୨୦୨୧ ରେ ରଣପୁର ବନବିଭାଗ ର ଡେପୁଟି ରେଞ୍ଜର ଶତପଥୀଙ୍କ ବଦଳି କରାଯାଇଛି । ସଂପୃକ୍ତ ଡେପୁଟି ରେଞ୍ଜରଙ୍କ ବିରୋଧରେ ବିଭିନ୍ନ ଅଭିଯୋଗ ଆସିବା ପରେ ତାଙ୍କର ବଦଳି ହୋଇଥିବା ସୂଚନା ମିଳିଛି । ତେବେ ତାଙ୍କ ବଦଳରେ କାହାକୁ ବଦଳି କରାଯାଇନାହିଁ ।

### ୫ରେ ଭାପୁର ବ୍ଲକ ଅଧ୍ୟକ୍ଷ ନିର୍ବାଚନ

ନୟାଗଡ଼ ଅଫିସ,୨୧।୯: ଅକ୍ଟୋବର ୫ରେ ନୟାଗଡ଼ ଜିଲା ଭାପୁର ବ୍ଲକ ଅଧକ୍ଷ ପଦ ପାଇଁ ନିର୍ବାଚନ ହେବ । ଏଥିପାଇଁ ରାଜ୍ୟ ନିର୍ବାଚନ କମିଶନରଙ୍କ ପକ୍ଷରୁ ବିଜ୍ଞପ୍ତି ଜାରି ହୋଇଛି । ଭାପୁର ବ୍ଲକ ଅଧକ୍ଷ୍ୟା ଶାନ୍ତିଲତା ବେହେରା ଅନାସ୍ଥା ଭୋଟରେ ହାରିବା ପରେ ଅଧକ୍ଷ୍ୟା ପଦ ଖାଲି ପଡ଼ିଥିଲା । ନିର୍ବାଚନ ତାରିଖ ଜଣାପଡିବା ପରେ ଭାପୁର ବ୍ଲକ ରାଜନୀତି ଚଳଚଞ୍ଚଳ ହୋଇଛି ।

### ଛେଳି ଚରାଳିଙ୍କୁ ଆକ୍ରମଣ ଅଭିଯୋଗ

ଦିଗପହଣ୍ଡି,୨୧।୯(ଡି.ଏନ.ଏ.):ଦିଗପହଣ୍ଡି ବ୍ଲକ ସିଦ୍ଧେଶ୍ୱର ଗ୍ରାମର ଛେଳିଚରାଳି ବି. ପଞ୍ଚୁ ପାତ୍ରଙ୍କୁ କୋଟିନଡ଼ା ଗ୍ରାମର ମଙ୍ଗୁଲୁ ସ୍ୱାଇଁ ନିସ୍ତୁକ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ପଞ୍ଚୁଙ୍କ ଏତଲାକ୍ରମେ ଦିଗପହଣ୍ଡି ପୋଲିସ ନଂ.୨୪୧/୨୧ ଅନୁଯାୟୀ ଅଭିଯୁକ୍ତଙ୍କ ବିରୋଧରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଗତ ରବିବାର ପଞ୍ଚୁ ତାଙ୍କ ଗ୍ରାମ ପୋଖରୀ ନିକଟରେ ଛେଳି ମେଣ୍ଢା ଚରାଉଥିବା ବେଳେ ମଙ୍ଗୁଲୁ ସେଠାରେ ପହଞ୍ଚି ପଞ୍ଚୁଙ୍କୁ ଗାଳିଗୁଲଜ କରିଥିଲେ। ସେ ପ୍ରତିବାଦ କରିବାରୁ ମଙ୍ଗୁଲୁ ତାଙ୍କୁ ଆକ୍ରମଣ କରିଥିବା ଏତଲାରେ ଉଲ୍ଲେଖ ରହିଛି।

# ଲଗାଣ ବର୍ଷାରେ ଉଜୁଡ଼ିଲା ପରିବା ଚାଷ

- ବିଲରେ ପଚିଲା କାକୁଡି, ଝୁଡ଼ଙ୍ଗ, ଲଙ୍କା
- ବିରିଡିହି, ଗୋଡିପଲ୍ଲୀରେ ୧୧୦ ଏକର ଜମିର ଫସଲ ନଷ୍ଟ
- କ୍ଷୟକ୍ଷତିର ଆକଳନ କରୁନାହାନ୍ତି ଜିଲା ପ୍ରଶାସନ
- ଋଣ ପରିଶୋଧ ଚିନ୍ତାରେ ଚାଷୀ

ନୟାଗଡ଼ ଅଫିସ,୨୧।୯

ଗତ ଲଗାଣ ବର୍ଷାରେ ନୟାଗଡ଼ ଜିଲାର ପରିବା ଫସଲ ନଷ୍ଟ ହୋଇଛି । କିଆରିରେ ବର୍ଷା ପାଣି ଜମି ରହିବା ଯୋଗୁ କାକୁଡି, ଝୁଡ଼ଙ୍ଗ, ଲଙ୍କା, ବାଇଗଣ, କଲରା, କୋବି, ବିଲାତି ଓ କଖାରୁ ଆଦି ପରିବା ଗଛ ମୂଳରୁ ପଚି ଯାଇଛି । ଯେଉଁଠି ଗଛ ବଞ୍ôଛି ସେଥିରେ ଆଉ ଫଳ ଆସୁନାହିଁ । ଏପରି ପରିସ୍ଥିତିରେ ଧାନ ଚାଷ କରିଥିବା କୃଷକଙ୍କ ପରି ପରିବାଚାଷୀ ମୁଣ୍ଡରେ ହାତଦେଇ ବସିଛନ୍ତି । ଧାରକରଜ କରି ବିଭିନ୍ନ ପନିପରିବା ଚାଷ କରିଥିବା ଚାଷୀ କିପରି ଋଣ ପରିଶୋଧ କରିବେ ସେହି ଚିନ୍ତାରେ ଅଛନ୍ତି । ଏଣେ ପରିବା ଅଭାବ ଯୋଗୁ ଖୋଲା ବଜାରରେ ଦର ବଢ଼ିଛି। ଫଳରେ ଗ୍ରାହକମାନେ କମ ପରିବା କିଣି କାମ ଚଳାଉଥିବା ଦେଖିବାକୁ ମିଳିଛି । ଲଗାଣ ବର୍ଷାରେ ବ୍ୟାପକ କ୍ଷତି ହୋଇଥିଲେ ମଧ୍ୟ ସରକାରୀସ୍ତରରେ କ୍ଷୟକ୍ଷତିର ଆକଳନ କରାଯାଉନାହିଁ, ଯାହା ଚାଷୀଙ୍କୁ ବାଧୁଛି ବୋଲି ବହୁ ଚାଷୀ କହିଛନ୍ତି ।

ସୂଚନା ଅନୁଯାୟୀ, ଖଣ୍ଡପଡ଼ା ବ୍ଲକ ରାଣିପଡ଼ା ପଞ୍ଚାୟତ ବିରିଡିହି ଗାଁରେ ପ୍ରାୟ ୪୦ ଏକର ଓ ଓଡ଼ଗାଁ ବ୍ଲକ ଶରଣକୂଳ ନିକଟସ୍ଥ ଗୋଡ଼ିପଲ୍ଲୀ ପଞ୍ଚାୟତରେ ୭୦ଏକର ପନିପରିବା ଫସଲ ନଷ୍ଟ ହୋଇଛି। ଧାରକରଜ କରି ଚାଷୀ କରିଥିବା ଫସଲ ଉଜୁଡ଼ିବା ପରେ ଋଣ ପରିଶୋଧ ଚିନ୍ତା ଘାରିଛି। ଏନେଇ ବିରିଡିହି ଗାଁର ଚାଷୀ କାଳନ୍ଦୀ ଚରଣ ନାୟକ କୁହନ୍ତି, ମୁଁ ୫ମାଣ ଭାଗ ଜମିରେ କାକୁଡି, ଝୁଡ଼ଙ୍ଗ, ମକା, ଲଙ୍କା, ବାଇଗଣ ଆଦି ଗଛ ଲଗାଇଥିଲି । ଭଲ ଫସଲ ହୋଇଥିଲା। କୁସୁମୀ ନଦୀର ବନ୍ୟାଜଳ ଜମିରେ ଜମା ହୋଇ ରହିଲା। କିଛି ଜମିରେ ଏବେ ବି ପାଣି ରହିଛି । ଆଉ କିଛି ଜମିରୁ ବନ୍ୟାଜଳ କମି ଯାଇଛି । ଫଳରେ କାକୁଡି, ଝୁଡ଼ଙ୍ଗ, ଲଙ୍କା, ବାଇଗଣ ଆଦି ଫସଲ ପଚି ଯାଇଛି। ମକା ଗଛ ବଞ୍ôଛି ହେଲେ ସେଥିରେ ଆଉ ଫଳ ଆସିବ ନାହିଁ। ଧାନ ଫସଲରେ ପାଣି ରହିଥିଲେ ମଧ ତାହା ବର୍ତ୍ତି ଯାଇଛି। କିଛି ଫସଲ ମିଳିବ ବୋଲି ଆଶା ରହିଛି। ଧାରକରଜ କରି ଏହି ଫସଲ କରିଥିଲେ ମଧ୍ୟ କିପରି ଋଣ ଶୁଝିବି ସେହି ଚିନ୍ତା ଘାରିଛି। ସରକାର ପନିପରିବା ଫସଲ ପାଇଁ ଟଙ୍କାଟିଏ କ୍ଷତିପୂରଣ ଦେଉ ନାହାନ୍ତି। ପୁଣି ନୂଆ ଫସଲ କରିବାକୁ ପଡ଼ିବ ବୋଲି ସେ କହିଛନ୍ତି। ବିରିଡିହିର ଚାଷୀ ନବ କିଶୋର ପଣ୍ଡା କୁହନ୍ତି, ମୋ ଗାଁରେ କ୍ଷେତ୍ରବାସୀ ପଣ୍ଡା, ସତ୍ୟନାରାୟଣ ପଣ୍ଡାଙ୍କ ପରି ୨୦ରୁ ଊର୍ଦ୍ଧ୍ୱ ଚାଷୀଙ୍କ ପ୍ରାୟ ୪୦ ଏକର(୧୬୦ମାଣ) ଜମିରେ ପନିପରିବା ଚାଷ ହୋଇଥିଲା। ଏଥିରୁ ୯୭ ପ୍ରତିଶତ ଜମିର ପନିପରିବା ଚାଷକୁ କୁସୁମୀ ନଦୀର ବନ୍ୟା ଜଳ ନଷ୍ଟ କରି ଦେଇଛି । ଶାଳଝରିଆ ପଞ୍ଚାୟତ ଶାଳଝରିଆ ଗାଁରେ ମଧ ଅନୁରୂପ ଭାବେ ପନିପରିବା ଫସଲ ନଷ୍ଟ ହୋଇଛି। ମୋର ଅଢ଼େଇ ମାଣ ଜମିରେ ଝୁଡଙ୍ଗ, କାକୁଡି, କଲରା ପଚିଯାଇଛି ବୋଲି ସେ କହିଛନ୍ତି। ଅନ୍ୟପକ୍ଷେ ଚଢ଼େୟାପଲ୍ଲୀ ଗାଁର ଚାଷୀ ଧନେଶ୍ୱର ପ୍ରଧାନ, ସଞ୍ଜୟ ପାଳ, ଅଭିମାନପୁରର ଚାଷୀ ପ୍ରମୋଦ ପାତ୍ର, ତେଲପଡ଼ାର ରବି ନାୟକ, ଖଳିପାଟଣାର ଅଚ୍ୟୁତ ପାତ୍ର, ଗୋଡିପଲ୍ଲୀର ଭଗବାନ ପାଳ କୁହନ୍ତି, ଚଢ଼େୟାପଲ୍ଲୀ, ଗୋଡିପଲ୍ଲୀ ଓ ଖଳିପାଟଣା ଗାଁରେ ୭୦ ଏକର ଜମିରେ ହୋଇଥିବା ପନିପରିବା ଫସଲ ନଷ୍ଟ ହୋଇଛି। ଗୋଡିପଲ୍ଲୀର ଚାଷୀ ବେଣୁଧର ସ୍ୱାଇଁ କୁହନ୍ତି, ବର୍ଷାଜଳ ଜମିବା ପରେ ବାଇଗଣ ଗଛ ଝାଉଁଳି ପଡିଛି । ବିଲାତି, କଖାରୁ, ଝୁଡଙ୍ଗ, କଖାରୁ ପରି ପନିପରିବା ପଚିଗଲା। ମୋର ୧୨ ମାଣ ଜମିର ଫସଲ ନଷ୍ଟ ହୋଇଛି। ଧାନ ଫସଲ ମରୁଡ଼ିରୁ ବର୍ତ୍ତିଗଲା ସିନା ପରିବା ଚାଷ ଦୁଃଖ ଦେଇଛି । ଲଗାଣ ବର୍ଷା ଚାଷୀର ଆର୍ଥିକ ମେରୁଦଣ୍ଡକୁ ଭାଙ୍ଗି ଦେଇଛି । ସରକାରୀ ସହାୟତା ନ ଥିବାରୁ ଚାଷୀ ନୂଆ ଫସଲ କରିବାକୁ ପୁଣି ଧାରକରଜ କରି ସୁଧ ଗଣିବ । ସରକାର କ୍ଷତିପୂରଣ ଦେବାକୁ ଚାଷୀମାନେ ଦାବି କରିଛନ୍ତି ।


ପାଣିରେ ବୁଡ଼ିଥିବା ପରିବା ଫସଲ।


ଉଜୁଡ଼ି ଯାଇଥିବା ପରିବା ଫସଲ ଦେଖି ଚିନ୍ତିତ ଚାଷୀ।

# ସ୍କୁଲରୁ ବର୍ଷାପାଣି ନିଷ୍କାସନ ହେଲା ନାହିଁ

- ପାଠପଢ଼ାରୁ ବଞ୍ଚିତ ହେଲେ ଛାତ୍ରୀଛାତ୍ର
- ଜିଲା ପ୍ରଶାସନକୁ ଅବଗତ କଲେ ପ୍ରଧାନଶିକ୍ଷକ

ଖଣ୍ଡପଡ଼ା,୨୧।୯(ସ୍ୱ.ପ୍ର.)

ନିଷ୍କାସନ ପଥ ବନ୍ଦ ଯୋଗୁ କଣ୍ଟିଲୋ ନୀଳମାଧବ ନୋଡାଲ ବିଦ୍ୟାପୀଠ ପରିସରରେ ବର୍ଷାପାଣି ଜମି ରହିଛି । ଗତ ଲଗାଣ ବର୍ଷା ପରେ ଏପରି ପରିସ୍ଥିତି ସୃଷ୍ଟି ହୋଇଛି । ଏଥିପାଇଁ ଛାତ୍ରୀଛାତ୍ର ସ୍କୁଲ ଆସିପାରୁନାହାନ୍ତି । ପାଠପଢ଼ା ବନ୍ଦ ରହିଛି। ଏହାକୁ ନେଇ ଅଭିଭାବକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ତୁରନ୍ତ ଏ ସଂକ୍ରାନ୍ତରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପ୍ରଧାନଶିକ୍ଷକ ଜିଲା ପ୍ରଶାସନକୁ ଅନୁରୋଧ କରିଛନ୍ତି। ଅଭିଯୋଗ ପରେ ଖଣ୍ଡପଡ଼ା ଅଗ୍ନିଶମ ବାହିନୀ ସୋମବାର ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ସାଢ଼େ ୫ଟା ପର୍ଯ୍ୟନ୍ତ ମୋଟର ପମ୍ପ ଲଗାଇ ପାଣି ନିଷ୍କାସନ କରିଥିଲେ। ହେଲେ ମଙ୍ଗଳବାର ସ୍କୁଲର ପଶ୍ଚିମ ପାର୍ଶ୍ୱ ମାଘମେଳା ପଡ଼ିଆରେ ଜମାହୋଇ ରହିଥିବା ବର୍ଷାପାଣି ଝରି ବିଦ୍ୟାଳୟ ପରିସରକୁ ଜଳମଗ୍ନ କରିଛି । ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ବିଦ୍ୟାଳୟ ପରିସରରେ ଆଣ୍ଠୁଏ ଉଚ୍ଚର ପାଣି ଜମି ରହିଥିବା ପ୍ରଧାନଶିକ୍ଷକ ମନୋଜ କୁମାର ନାୟକ ସୂଚନା ଦେଇଛନ୍ତି। ଜମା ହୋଇଥିବା ପାଣିରେ ବିଭିନ୍ନ ସରୀସୃପ ବିଚରଣ କରୁଥିବା ଦେଖିବାକୁ ମିଳିଛି। ବିଦ୍ୟାଳୟର ଏପରି ଅବସ୍ଥା ଯୋଗୁ ପ୍ରଧାନଶିକ୍ଷକ ନାୟକ ଜିଲା ପ୍ରଶାସନକୁ ଲିଖିତ ଭାବେ ଅବଗତ କରିଥିବା ପ୍ରକାଶ କରିଛନ୍ତି । ସୂଚନାଯୋଗ୍ୟ, ଆସନ୍ତା ୨୨ ତାରିଖ ଅର୍ଥାତ୍ ବୁଧବାର ପିଲାମାନଙ୍କ ପରୀକ୍ଷା ଥିବାରୁ ତୁରନ୍ତ ଏ ସଂକ୍ରାନ୍ତରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ଅନୁରୋଧ କରିଛନ୍ତି ।


ସ୍କୁଲ ପରିସରରେ ଜମି ରହିଥିବା ବର୍ଷାପାଣି ।

# କୋଭିଡ୍ ଟିକା ନେଇ ଜ୍ୱରରେ ମହିଳାଙ୍କ ମୃତ୍ୟୁ

**ପରିବାର ଲୋକଙ୍କ ସ୍ୱାସ୍ଥ୍ୟକେନ୍ଦ୍ରରେ ଉତ୍ତେଜନା**

ନୟାଗଡ ଅଫିସ/ଓଡଗାଁ, ୨୧।୯: (ସ୍ୱ.ପ୍ର.)

ଓଡ଼ଗାଁ ଥାନା ବାହାଡାପିଠା ଗାଁର ଶାନ୍ତି ନାୟକ(୨୦) କୋଭିଡ୍ ଟିକା ସୋମବାର ପୂର୍ବାହ୍ନ ୧୦ଟାରେ ନେଇଥିଲେ। ସେ ଘରକୁ ଯିବା ପରେ ତାଙ୍କୁ ଜ୍ୱର ହୋଇଥିଲା। ଜ୍ୱର ନ କମିବାରୁ ପରିବାର ଲୋକେ ରାତି ୧୦ଟାରେ ଓଡ଼ଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଡାକ୍ତର ଶାନ୍ତିଙ୍କୁ ମୃତ ଘୋଷଣା କରିଥିଲେ। କୋଭିଡ୍ ଟିକା ନେବାରୁ ତାଙ୍କର ମୃତ୍ୟୁ ହୋଇଥିବା ଦର୍ଶାଇ ପରିବାର ଲୋକ ରାତି ୧୧ଟାରୁ ସ୍ୱାସ୍ଥ୍ୟକେନ୍ଦ୍ରରେ ଉତ୍ତେଜନା ପ୍ରକାଶ ପାଇଥିଲା। ପରିବାର ଓ ଆତ୍ମୀୟ ସ୍ୱଜନ ମୃତଦେହ ନ ନେଇ ବେଡରେ ପକାଇ ରଖି ପାଟିତୁଣ୍ଡ କରିଥିଲେ। ଖବରପାଇ ଓଡ଼ଗାଁ ଥାନା ପୋଲିସ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିଥିଲା। ରେଡକ୍ରସ୍ ପାଣ୍ଠିରୁ ମୃତକଙ୍କ ପରିବାରକୁ ୧୦ ହଜାର ଟଙ୍କା ସହାୟତା ଦିଆଯାଇଥିଲା। ପରେ ପରିବାର ଲୋକମାନେ ମୃତଦେହ ନେଇ ଗାଁରେ ଦାହ କରିଥିଲେ। ଶାନ୍ତିଙ୍କ ଏକ ୩ ବର୍ଷର ପୁଅ ଅଛି। ତେବେ ଶାନ୍ତିଙ୍କ ମୃତଦେହ ବ୍ୟବଚ୍ଛେଦ ହୋଇ ନ ଥିଲା। ସରକାରଙ୍କ ନିୟମ ରହିଛି, କୋଭିଡ୍ ଟିକା ନେବା ପରେ ଯଦି କୌଣସି ବ୍ୟକ୍ତିଙ୍କ ମୃତ୍ୟୁ ହୁଏ, କେଉଁ କାରଣ ପାଇଁ ତାଙ୍କର ମୃତ୍ୟୁ ଘଟିଲା ତାହା ଜାଣିବା ପାଇ ମୃତଦେହ ବ୍ୟବଚ୍ଛେଦ କରାଯିବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ। ହେଲେ ଶାନ୍ତିଙ୍କ ମୃତ୍ୟୁ ପରେ ସ୍ୱାସ୍ଥ୍ୟକେନ୍ଦ୍ର କର୍ତ୍ତୃପକ୍ଷ ଓ ପୋଲିସ ପକ୍ଷରୁ ମୃତଦେହକୁ ରଖି ବ୍ୟବଚ୍ଛେଦ କରାଗଲା ନାହିଁ ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଏ ସମ୍ପର୍କରେ ପୋଲିସ ଓ ସ୍ୱାସ୍ଥ୍ୟ ବିଭାଗ ଚୁପ ରହିଛନ୍ତି।

# ପିତୃଋଣ ଶୁଝିବା ପାଇଁ ଶ୍ରାଦ୍ଧ,ପିଣ୍ଡଦାନ

ଖଣ୍ଡପଡ଼ା,୨୧।୯(ସ୍ୱ.ପ୍ର.)

ମଙ୍ଗଳବାର ଭାଦ୍ରବ ଶୁକ୍ଳପକ୍ଷ ଅପରପକ୍ଷ(ପିତୃପକ୍ଷ)ଠାରୁ ପିତୃଋଣ ଶୁଝିବା ଲକ୍ଷ୍ୟରେ ଆରମ୍ଭ ହୋଇଛି ଶ୍ରାଦ୍ଧ, ତର୍ପଣ ଓ ପିଣ୍ଡଦାନ କାର୍ଯ୍ୟକ୍ରମ। ଏହି ଅବସରରେ କେତେଜଣ ବ୍ୟକ୍ତି ଶ୍ରାଦ୍ଧ କାର୍ଯ୍ୟ କରୁଥିବା ଦେଖିବାକୁ ମିଳିଛି । ଜଣେ ଗୃହସ୍ଥ ପକ୍ଷରେ ଜୀବଦଶାରେ ପାଞ୍ଚଗୋଟି ଋଣ ଶୁଝିବାର ବ୍ୟବସ୍ଥା ଅଛି । ସେଥିମଧ୍ୟରୁ ପିତୃଋଣ ଅନ୍ୟତମ। ଶାସ୍ତ୍ର ପୁରାଣରେ ଏହାର ଅବତାରଣା ଛଳରେ ପ୍ରତିପାଦନ କରାଯାଇଛି– ମାତା ପିତାଙ୍କ ବିଶେଷତ୍ୱ । ମାତା ପିତାଙ୍କ ଋଣ ଶୁଝିବା ପୁତ୍ର ପକ୍ଷେ ଆଦୌ ସମ୍ଭବ ନୁହେଁ । ତେଣୁ ମାତା ପିତାଙ୍କ ତୃପ୍ତି ବିଧାନ ପାଇଁ ଏବଂ ଏହି ପରମ୍ପରା କ୍ରମେ ପିତୃଋଣରୁ ମୁକ୍ତି ପାଇବା ପାଇଁ ସେଦିନଠାରୁ ପିତୃ ପୁରୁଷଙ୍କ ନାମରେ ଶ୍ରାଦ୍ଧ,ତର୍ପଣ ଓ ପିଣ୍ଡଦାନର କାର୍ଯ୍ୟକ୍ରମ ପାଳନ କରାଯାଉଛି ।


ଜଣେ ବ୍ୟକ୍ତି ନିଜ ଘରେ ପିଣ୍ଡଦାନ କରୁଛନ୍ତି।

# ହୋଲ୍ଡିଂ ଟିକସ ବୃଦ୍ଧିକୁ ଭାଜପାର ବିରୋଧ

ନୟାଗଡ଼ ଅଫିସ,୨୧।୯:ନୟାଗଡ଼ ମ୍ୟୁନିସିପାଲିଟିରେ ନୂଆ ହୋଲ୍ଡିଂ ଟିକସ ବୃଦ୍ଧିକୁ ନେଇ କଂଗ୍ରେସ ପରେ ଭାଜପା ଆନ୍ଦୋଳନ କରିବାକୁ ଚେତାବନୀ ଦେଇଛି। ଭାଜପାର ଅଭିଯୋଗ ନୂଆ ହୋଲ୍ଡିଂ ଟିକସ ଲାଗୁ ହେଲେ ବର୍ତ୍ତମାନର ଟିକସ୍ ଠାରୁ ୫ ରୁ ୨୦ ଗୁଣା ଅଧିକ ନୟାଗଡ଼ ବାସିନ୍ଦାଙ୍କୁ ଦେବାକୁ ପଡିବ। କାଉନସିଲିଂ ବଡି ନ ଥିବାବେଳେ ଭାଲ୍ୟୁଏଶନ କର୍ମଚାରୀଙ୍କୁ ଡାକି ନୂଆ ହୋଲ୍ଡିଂ ଟିକସ ଲାଗୁ କରିବାକୁ ନିଷ୍ପତ୍ତି ଦୁର୍ଭାଗ୍ୟଜନକ। ଏ ନେଇ ମ୍ୟୁନିସିପାଲିଟିର ନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ଜେନା ଯାହା କହିଲେ ବି ଗାଡି ବୁଲାଇ ନୂଆ ହୋଲ୍ଡିଂ ଟିକସ ଲାଗୁ କରିବା ଉପରେ ପ୍ରଚାର କରୁଛନ୍ତି। ପ୍ରଶ୍ନ ଉଠୁଛି ୩ ବର୍ଷ ତଳେ ହୋଲ୍ଡିଂ ଟିକସ ଲାଗୁ ହୋଇଥିବାବେଳେ ଏବେ ପୁଣି କାହିଁକି। ସେହିପରି କାଉନସିଲ ବଡି ନ ଥିବାବେଳେ କାହିଁକି ହୋଲ୍ଡିଂ ଟିକସ ବୃଦ୍ଧି ଉପରେ ପ୍ରାଧାନ୍ୟ ଦିଆଯାଉଛି। ଏହା ବନ୍ଦ ନ କରାଗଲେ ଭାଜପା ବାଧ ହୋଇ ଆନ୍ଦୋଳନ କରିବ ବୋଲି ସେ କହିଛନ୍ତି।

# ଦୁର୍ଗାପୂଜା କମିଟିର ପ୍ରସ୍ତୁତି ବୈଠକ

ନୟାଗଡ ଅଫିସ,୨୧।୯

ପାର୍ବଣ ଅବକାଶରେ ନୟାଗଡ଼ ସାର୍ବଜନୀନ ଦୁର୍ଗାପୂଜା କମିଟିର ପ୍ରସ୍ତୁତି ବୈଠକ ସଭାପତି ନିର୍ମଳ ଚନ୍ଦ୍ର ଶୂରଦେଓଙ୍କ ପୌରୋହିତ୍ୟରେ ସ୍ଥାନୀୟ ସାମ୍ବାଦିକ ଭବନ ପରିସରରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସରକାରଙ୍କ କୋଭିଡ୍ ନିୟମାନୁସାରେ ଚଳିତ ବର୍ଷ ଦୁର୍ଗାପୂଜା ନିରାଡ଼ମ୍ବର ତଥା ପାଳନ କରାଯିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଜିଲା ପ୍ରଶାସନ ସହ ଆଲୋଚନା କରାଯାଇ ନୟାଗଡ଼ ସାର୍ବଜନୀନ ଦୁର୍ଗାପୂଜା ପାଇଁ ସ୍ଥାୟୀ ପୂଜା ମଣ୍ଡପ ନିର୍ମାଣ ଦିଗରେ ପଦକ୍ଷେପ ନେବାକୁ କମିଟି ପକ୍ଷରୁ ସ୍ଥିର କରାଯାଇଥିଲା। ଚଳିତ ବର୍ଷ ଦୁର୍ଗାପୂଜା ପାଳନ ପାଇଁ ନୟାଗଡ଼ ଅଧିବାସୀଙ୍କଠାରୁ ପାରମ୍ପରିକ ଚୁଲି ଚାନ୍ଦା ଆଦାୟ କରାଯିବା ସହ ଅଧିକ ସ୍ଥାୟୀ ସଭ୍ୟ ଗ୍ରହଣ ପାଇଁ ନିଷ୍ପତ୍ତି ନିଆଯାଇଛି। ସମ୍ପାଦକ ସୁମନ କୁମାର ସାହୁ, କୋଷାଧକ୍ଷ ବିଭୂପ୍ରସାଦ ହୋତା, ଉପଦେଷ୍ଟା ଭବରଞ୍ଜନ ଦାସ, ପ୍ରମୋଦ ପଟ୍ଟନାୟକ, ନିରଞ୍ଜନ ମିଶ୍ର, ଗୁରୁପ୍ରସାଦ ଜେନା, ପ୍ରଦୀପ ସାହୁ, ଲକ୍ଷ୍ମୀଧର ସାହୁ, ରଞ୍ଜନରଶ୍ମୀ ଜେନା ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ।

# ବିଦ୍ୟୁତ୍ ତାର ଛିଡ଼ି ବୃଦ୍ଧା ଗୁରୁତର

- ବିଦ୍ୟୁତ୍ ସରବରାହ ୧୪ ଘଣ୍ଟା ବନ୍ଦ
- ଉତ୍ତେଜନା, କ୍ଷତିପୂରଣ ଦାବି

ଖଣ୍ଡପଡ଼ା,୨୧।୯(ସ୍ୱ.ପ୍ର.)

ନୟାଗଡ଼ରୁ ଖଣ୍ଡପଡ଼ାକୁ ଆସିଥିବା ୩୩କେଭି ବିଦ୍ୟୁତ୍ ଲାଇନରେ ବିଭ୍ରାଟ ଦେଖା ଦେଇଛି । ଫଳରେ ୧୪ ଘଣ୍ଟା ଧରି ଖଣ୍ଡପଡ଼ା ଓ ଭାପୁର ବ୍ଲକକୁ ବିଦ୍ୟୁତ୍ ସରବରାହ ବନ୍ଦ ରହିଛି । ଫଳରେ ଉପଭୋକ୍ତାମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ସୂଚନା ଅନୁଯାୟୀ, ନୟାଗଡ଼ ବ୍ଲକ ଲକ୍ଷ୍ମୀପ୍ରସାଦ ପଞ୍ଚାୟତ ଅଧୀନ ଗୋଡିସାହି ଗ୍ରାମରେ ମଙ୍ଗଳବାର ଭୋରରୁ ୩୩ କେଭି ବିଦ୍ୟୁତ୍ ତାର ଛିଣ୍ଡି ପଡିବାରୁ ସଂପୃକ୍ତ ଗ୍ରାମର ବୃଦ୍ଧା ବଦନୀ ଦେଇ(୬୫) ଗୁରୁତର ଆହାତ ହୋଇଛନ୍ତି। ତାଙ୍କୁ ନୟାଗଡ଼ ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି । ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଉତ୍ୟକ୍ତ ଲୋକେ ବୃଦ୍ଧାଙ୍କୁ କ୍ଷତିପୂରଣ ଦେବାକୁ ଦାବି କରିଥିଲେ। ଉତ୍ତେଜନା ପ୍ରକାଶ ପାଇବା ଯୋଗୁ ମରାମତି କାମ ବାଧାପ୍ରାପ୍ତ ହୋଇଥିଲା । ବିଭାଗୀୟ ଅଧିକାରୀ ବୃଦ୍ଧାଙ୍କ ଚିକିତ୍ସା ଖର୍ଚ୍ଚ ବହନ କରିବା ପାଇଁ ପ୍ରତିଶ୍ରୁତି ଦେବା ସହିତ ନଗଦ ୧୦ ହଜାର ଟଙ୍କା ପ୍ରଦାନ କରିବା ପରେ ଛିଣ୍ଡି ଯାଇଥିବା ବିଦ୍ୟୁତ ଲାଇନକୁ ସଜଡା ଯାଇଥିଲା । ପ୍ରାୟ ୧୪ ଘଣ୍ଟା ପରେ ବିଦ୍ୟୁତ ସରବରାହ ସ୍ୱାଭାବିକ ହୋଇଥିଲା ।


ଛିଡ଼ି ପଡ଼ିଥିବା ବିଦ୍ୟୁତ୍ ତାର ।


ଆହତ ବୃଦ୍ଧା ।

# ଖଣ୍ଡପଡ଼ାରେ ଡେଙ୍ଗୁ, ମ୍ୟାଲେରିଆ ଆତଙ୍କ

- ମଶାଙ୍କ ଉପଦ୍ରବ ବଢ଼ିଛି, ଚିନ୍ତାରେ କରଦାତା
- ନାଳ,ନର୍ଦ୍ଦମା ସଫେଇ ହେଉନାହିଁ
- ଆବର୍ଜନା ଉଠିବାରେ ବିଳମ୍ବ

ଖଣ୍ଡପଡ଼ା,୨୧।୯(ସ୍ୱ.ପ୍ର.)

ଖଣ୍ଡପଡ଼ା ଅଞ୍ଚଳର ବିଭିନ୍ନ ସାହି ବସ୍ତି ଓ ମୁଖ୍ୟ ରାସ୍ତା କଡ଼ରେ ଥିବା ଡ୍ରେନଗୁଡିକ ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବରୁ ପୋତି ହୋଇଛି । କେତେକ ଡ୍ରେନ ପାଣି ରାସ୍ତା ଉପରେ ପ୍ରବାହିତ ହୋଇ ଦୂଷିତ ପରିବେଶ ସୃଷ୍ଟି କରୁଛି । ଏଥିସହିତ ବିଭିନ୍ନ ଦୋକାନ ବଜାରଠାରୁ ଆରମ୍ଭ କରି ଗ୍ରାମର ବର୍ଜ୍ୟବସ୍ତୁକୁ ଓ ନର୍ଦ୍ଦମା ପାଣିକୁ ନିଷ୍କାସନ କରିବା ପାଇଁ ଥିବା ଡ୍ରେନଗୁଡିକ ପୋତି ହୋଇପଡିଛି । ସେଥିରେ ବର୍ଷା ପାଣି ଜମି ରହିଥିବାରୁ ମଶାଙ୍କ ପ୍ରାଦୁର୍ଭାବ ବଢ଼ିଛି । ସେଥିପାଇଁ ସହରରେ ଡେଙ୍ଗୁ ଓ ମ୍ୟାଲେରିଆ ଜ୍ୱରରେ ବହୁ ଲୋକ ଆକ୍ରାନ୍ତ ହୋଇଥିବା ଅଭିଯୋଗ ହୋଇଛି।

ବିଶେଷ କରି ଖଣ୍ଡପଡ଼ା ଏନଏସି ଅଧୀନ ୧୨ ନଂ. ୱାର୍ଡରେ ଥିବା ଡ୍ରେନ ଦୀର୍ଘ ବର୍ଷ ଧରି ସଫା ହୋଇନାହିଁ । ଏନଏସି କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିବା ପରେ ମଧ କୌଣସି ସୁଫଳ ମିଳି ନ ଥିବା ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି । ଏ ସମ୍ପର୍କରେ ଏନଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ସଞ୍ଜୀବ କୁମାର ମହାପାତ୍ରଙ୍କ ସହ ଯୋଗାଯୋଗ କରିବାରେ ସୋମବାର ସଂପୃକ୍ତ ଡ୍ରେନଟି ସଫା କରାଯାଇଛି। ଆବଶ୍ୟକ ମରାମତି ପାଇଁ ପଦକ୍ଷେପ ଗ୍ରହଣ କରାଯାଉଛି ବୋଲି କହିଛନ୍ତି ।

ଖଣ୍ଡପଡ଼ା ବ୍ଲକ ଅଧୀନ ମର୍ଦ୍ଦରାଜପୁର ଗ୍ରାମ ପଞ୍ଚାୟତ ଅଧୀନରେ ଥିବା ତଥା କଣ୍ଟିଲୋ–ଖଣ୍ଡପଡ଼ା ପୂର୍ତ୍ତ ବିଭାଗ ରାସ୍ତା ନିକଟ ୧୪ ନମ୍ବର ୱାର୍ଡ ରାସ୍ତା କଡ଼ରେ ଏବଂ ହାଟମୁଣ୍ଡପାଟଣା ଜନକଲ୍ୟାଣ କ୍ଲବ ପଛପାଖରେ ଥିବା ଡ୍ରେନଗୁଡିକ ଆବଶ୍ୟକ ମୁତାବକ ତଥା ଠିକ ସମୟରେ ସଫା ନ ହେବା ଫଳରେ ପୋତି ହୋଇ ପଡୁଛି । ଏଥିଯୋଗୁ ଉଦ୍‌ବୃତ୍ତ ନର୍ଦ୍ଦମା ପାଣି ରାସ୍ତା ଉପର ଦେଇ ପ୍ରବାହିତ ହେଉଛି। ଆବର୍ଜନା ପଚି ଦୂଷିତ ପରିବେଶ ସୃଷ୍ଟି କରୁଛି। ଏହି ଦୂଷିତ ପାଣିରେ ମଶା ବଂଶ ବୃଦ୍ଧିର କାରଣ ହୋଇଛି । ଏଥିପାଇଁ ବହୁ ଲୋକ ଜ୍ୱରରେ ଆକ୍ରାନ୍ତ ହୋଇଥିବାରୁ ଡେଙ୍ଗୁ ଓ ମ୍ୟାଲେରିଆ ଆତଙ୍କ ସୃଷ୍ଟି ହୋଇଛି ।


ନାଳରେ ଆବର୍ଜନା ଜମା ହୋଇ ରହିଛି।

## ନିଖୋଜ ନାବାଳିକା ଉଦ୍ଧାର

**ଧରାକୋଟ,(ଡି.ଏନ୍.ଏ.):** ଧରାକୋଟ ଥାନା ଅଞ୍ଚଳର ନିଖୋଜ ହୋଇଥିବା ଜଣେ ୧୩ ବର୍ଷୀୟା ନାବାଳିକାଙ୍କୁ ସୋମବାର ପୋଲିସ ଉଦ୍ଧାର କରିଛି। ନାବାଳିକା ଜଣକ ନିଖୋଜ ହୋଇଥିବା ନେଇ ତାଙ୍କ ପରିବାର ଲୋକେ ଶନିବାର ସ୍ଥାନୀୟ ଥାନାରେ ଏତଲା ଦେଇଥିଲେ। ପୋଲିସ ନଂ. ୧୬୧/୨୧ରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ସୋମବାର ଶେରଗଡ଼ ଥାନା ଅଞ୍ଚଳର ଜଣେ ଯୁବକଙ୍କ ଘରୁ ନାବଳିକାଙ୍କୁ ପୋଲିସ ଉଦ୍ଧାର କରିଥିଲା। ପରିବାର ଲୋକେ ନାବାଳିକାଙ୍କୁ ନ ଅପାଣାଇବାରୁ ପ୍ରଶାସନର ହସ୍ତକ୍ଷେପ ପରେ ଧରାକୋଟ ପୋଲିସ ବ୍ରହ୍ମପୁର ସ୍ଥିତ ଉତ୍କଳ ବାଳାଶ୍ରମ ସୁଧାର ଗୃହରେ ଛାଡ଼ିଥିଲା।

# ୧୯୫୧ ରୁ ୨୦୧୯ ମଧ୍ୟରେ ୧୬ ବିଧାନସଭା ନିର୍ବାଚନ

- ଛତ୍ରପୁର, ଖଲ୍ଲିକୋଟରୁ ହୋଇନାହାନ୍ତି ମନ୍ତ୍ରୀ
- ସୁଞ୍ଜାନ ୯ ଥର ବିଧାୟିକା
- ଛତ୍ରପୁରରୁ ହୋଇଛନ୍ତି ୮ ସିପିଆଇ ବିଧାୟକ

ନରସିଂହ ସାହୁ
ବ୍ରହ୍ମପୁର ଅଫିସ,୨୧।୯

ସ୍ୱାଧୀନତା ପରବର୍ତ୍ତୀ ୧୯୫୧-୫୨ରୁ ୨୦୧୯ ମଧ୍ୟରେ ରାଜ୍ୟରେ ହୋଇଛି ୧୬ ବିଧାନସଭା ନିର୍ବାଚନ। ଗଞ୍ଜାମ ଜିଲା ଛତ୍ରପୁର ଓ ଖଲ୍ଲିକୋଟ ବିଧାନସଭା କ୍ଷେତ୍ରରୁ ବିଭିନ୍ନ ସମୟରେ ନିର୍ବାଚିତ ବିଧାୟିକା ଓ ବିଧାୟକଙ୍କ ମଧ୍ୟରୁ ଏଯାବତ କେହି ହୋଇନାହାନ୍ତି ମନ୍ତ୍ରୀ। ସୂଚନାଯୋଗ୍ୟ, ଜିଲା ସଦର ମହକୁମା ଛତ୍ରପୁର ନିର୍ବାଚନ ମଣ୍ଡଳୀ ବାମପନ୍ଥୀ ସିପିଆଇର ଦୁର୍ଗ ଥିଲା। ୧୬ ନିର୍ବାଚନରୁ କମ୍ୟୁନିଷ୍ଟ ପ୍ରାର୍ଥୀମାନେ ୮ ଥର ବିଧାୟକ ଭାବେ ନିର୍ବାଚିତ ହୋଇଛନ୍ତି। କଂଗ୍ରେସରୁ ୩, ଉତ୍କଳ କଂଗ୍ରେସ, ଭାଜପା ଓ ସ୍ୱାଧୀନରୁ ଜଣେ ଲେଖାଏ ନିର୍ବାଚିତ ହୋଇଥିବା ତଥ୍ୟ ରହିଛି। ବହୁ ବର୍ଷ ପରେ ୨୦୧୪ ଓ ୨୦୧୯ ନିର୍ବାଚନରେ ବିଜେଡି ପ୍ରାର୍ଥୀ ଦ୍ୱୟ ବିଧାୟକ ହୋଇଛନ୍ତି।

ଅତୀତରେ ଜିଲାରେ ୧୨ ବିଧାନସଭା କ୍ଷେତ୍ର ଥିଲା। ୨୦୦୯ ନିର୍ବାଚନ ଅବ୍ୟବହିତ ପୂର୍ବରୁ ସୀମା ନିର୍ଦ୍ଧାରଣ ଓ ପୁନର୍ଗଠନ ପରେ ସଂଖ୍ୟା ୧୩କୁ ବୃଦ୍ଧି ପାଇଛି। ପୂର୍ବ ଜଗନ୍ନାଥପ୍ରସାଦ ଆସନ ଉଚ୍ଛେଦ ହୋଇଛି ଓ ସେହି ବ୍ଲକ ଭଞ୍ଜନଗର ନିର୍ବାଚନ ମଣ୍ଡଳୀରେ ମିଶାଇ ଦିଆଯାଇଛି। ସୋରଡ଼ା ଆସନରୁ ବେଲଗୁଣ୍ଠା ବ୍ଲକକୁ ବାଦ ଦେଇ ଭଞ୍ଜନଗରରେ ସାମିଲ ହୋଇଛି। ସେହିପରି ଧରାକୋଟ ଓ ସାନଖେମୁଣ୍ଡି ବ୍ଲକକୁ ନେଇ ସାନଖେମୁଣ୍ଡି ବିଧାନସଭା କ୍ଷେତ୍ର କରାଯାଇଛି। କବିସୂର୍ଯ୍ୟନଗର ଆସନରୁ ସାନଖେମୁଣ୍ଡି ବ୍ଲକ ହଟିଯାଇଛି। ପୂର୍ବ କୋଦଳା ନିର୍ବାଚନ ମଣ୍ଡଳୀରେ ଥିବା ପୋଲସରା ବ୍ଲକ ଏବଂ ଜଗନ୍ନାଥପ୍ରସାଦରେ ଥିବା ବୁଗୁଡ଼ା ବ୍ଲକକୁ ନେଇ ପୋଲସରା ନିର୍ବାଚନ ମଣ୍ଡଳୀ ହୋଇଛି।

ଖଲ୍ଲିକୋଟ ନିର୍ବାଚନ ମଣ୍ଡଳୀରୁ ୭ ଥର ଏବଂ କବିସୂର୍ଯ୍ୟନଗର ଆସନରୁ ୨ ଥର ବିଧାୟିକା ହୋଇଥିଲେ ଭି.ସୁଞ୍ଜାନ କୁମାରୀ ଦେଓ। ସେ ବିଭିନ୍ନ ନିର୍ବାଚନରେ ଉତ୍କଳ କଂଗ୍ରେସ, ଜନତା ପାର୍ଟି, ଜନତା ଦଳ ଓ ବିଜେଡିରୁ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ତାଙ୍କ ରାଜନୈତିକ ଜୀବନରେ ୯ ଥର ବିଧାୟିକା ହୋଇଥିଲେ ମଧ୍ୟ ଥରେ ବି ମନ୍ତ୍ରୀ ପଦ ପାଇ ନ ଥିଲେ। ମନ୍ତ୍ରୀ ହେବା ଲାଳସା ନ ଥିବା ତାଙ୍କ ସମର୍ଥକମାନେ କହୁଥିବା ବେଳେ ଅନ୍ୟମାନେ ଭିନ୍ନ ଆଲୋଚନା କରୁଥିଲେ। ୨୦୧୯ ନିର୍ବାଚନରେ ସେ ପ୍ରାର୍ଥୀ ହୋଇ ନ ଥିଲେ। ଖଲ୍ଲିକୋଟର ସ୍ୱର୍ଗତ ରାଜା ତଥା ସୁଞ୍ଜାନଙ୍କ ଶ୍ୱଶୁର ରାମଚନ୍ଦ୍ର ମର୍ଦ୍ଦରାଜ ଦେଓ ୧୯୫୭ ନିର୍ବାଚନ ପରେ ଯଦିଓ ରାଜ୍ୟର ମନ୍ତ୍ରୀ ହୋଇଥିଲେ ତେବେ ଖଲ୍ଲିକୋଟ ପାଖ ଅତୀତର ପୂର୍ବ କୋଦଳା ଆସନରୁ ନିର୍ବାଚିତ ହୋଇଥିବା ତଥ୍ୟ ରହିଛି। ତେଣୁ ଖଲ୍ଲିକୋଟରୁ କେହି ମନ୍ତ୍ରୀ ହୋଇ ନ ଥିବା ସ୍ପଷ୍ଟ ହୋଇଛି। ସେହିପରି ଛତ୍ରପୁର ନିର୍ବାଚନ ମଣ୍ଡଳୀରୁ ୧୯୫୧-୫୨ ପ୍ରଥମ ନିର୍ବାଚନରେ ସ୍ୱାଧୀନ ପ୍ରାର୍ଥୀ ଭି.ସୀତାରାମେୟା, ୧୯୫୭ ନିର୍ବାଚନରେ କଂଗ୍ରେସରୁ ଜ୍ୟୋତିରାଜ ପ୍ରହରାଜ ବିଧାୟକ ହୋଇଥିଲେ। ସିପିଆଇରୁ ସ୍ୱର୍ଗତ ଲକ୍ଷ୍ମଣ ମହାପାତ୍ର ୧୯୬୧, ୬୭ ଓ ୭୧ ନିର୍ବାଚନରେ ଲଗାତର ଜିତିଥିଲେ। ୧୯୭୭ ଓ ୧୯୮୦ ନିର୍ବାଚନରେ କମ୍ୟୁନିଷ୍ଟ ପାର୍ଟି ନେତା ସ୍ୱର୍ଗତ ବିଶ୍ୱନାଥ ସାହୁ, ୧୯୯୦ ନିର୍ବାଚନରେ ପର୍ଶୁରାମ ପଣ୍ଡା, ୨୦୦୪ ନିର୍ବାଚନରେ ଏନ୍.ନାରାୟଣ ରେଡ୍ଡୀ ଓ ୨୦୦୯ ନିର୍ବାଚନରେ ଆଦିକନ୍ଦ ସେଠୀ କମ୍ୟୁନିଷ୍ଟ ବିଧାୟକ ହୋଇଥିଲେ। ୧୯୭୪ ନିର୍ବାଚନରେ ଉତ୍କଳ କଂଗ୍ରେସରୁ ଓ ୧୯୯୫ ନିର୍ବାଚନରେ କଂଗ୍ରେସରୁ ଜିତିଥିଲେ ଦୈତାରି ବେହେରା। ୧୯୮୫ ନିର୍ବାଚନରେ ଅଶୋକ ଚୌଧୁରୀ କଂଗ୍ରେସରୁ ବିଧାୟକ ହୋଇଥିଲେ। ୨୦୦୦ ନିର୍ବାଚନରେ ରାମଚନ୍ଦ୍ର ପଣ୍ଡା ଭାଜପାରୁ ଜିତିବା ପରେ ତତ୍କାଳୀନ ମେଣ୍ଟ ଶାସନ ବେଳେ ତାଙ୍କୁ ଉପବାଚସ୍ପତି ପଦ ମିଳିଥିଲା। ପରବର୍ତ୍ତୀ ୨୦୧୪ ନିର୍ବାଚନରେ ପ୍ରଥମ କରି ବିଜେଡିରୁ ପ୍ରିୟାଂଶୁ ପ୍ରଧାନ ଏବଂ ୨୦୧୯ ନିର୍ବାଚନରେ ସୁବାସ ଚନ୍ଦ୍ର ବେହେରା ବିଜେଡି ବିଧାୟକ ହୋଇଛନ୍ତି। ଜିଲାର ଅନ୍ୟ ନିର୍ବାଚନ ମଣ୍ଡଳୀଗୁଡ଼ିକରୁ ନିର୍ବାଚିତ ହୋଇଥିବା ବିଧାୟକମାନେ ବିଭିନ୍ନ ସମୟରେ ଓ ଭିନ୍ନ ଭିନ୍ନ ସରକାରରେ ମନ୍ତ୍ରୀ ପଦ ପାଇଛନ୍ତି। ତେବେ କେବଳ ଖଲ୍ଲିକୋଟ ଓ ଛତ୍ରପୁରରୁ କେହି ମନ୍ତ୍ରୀ ହୋଇନାହାନ୍ତି। ଆଗାମୀ ଦିନରେ ରାଜ୍ୟ ମନ୍ତ୍ରିମଣ୍ଡଳ ଅଦଳବଦଳ ଓ ସମ୍ପ୍ରସାରଣ ହେବା ନେଇ ବିଜେଡି କର୍ମୀଙ୍କ ମଧ୍ୟରେ ଜୋରଦାର ଚର୍ଚ୍ଚା ହେଉଛି। ଖଲ୍ଲିକୋଟ ଓ ଛତ୍ରପୁରକୁ ମିଳିବ କି ନାହିଁ ଅପେକ୍ଷା କରାଯାଉଛି।

## ସଂକ୍ଷେପରେ

### ଗୁଳିମାଡ଼ରେ ଜଣେ ଗୁରୁତର

**ଭଞ୍ଜନଗର,୨୧।୯ (ଡି.ଏନ.ଏ):** ଗଞ୍ଜାମ ଜିଲା ଭଞ୍ଜନଗର ଥାନା ଅନ୍ତର୍ଗତ କୁଟୁଣିକୁମ୍ଭା ଗ୍ରାମ ନିକଟସ୍ଥ ଜଙ୍ଗଲରେ ମଙ୍ଗଳବାର ସକାଳେ ଏକ ଗୁଳିକାଣ୍ଡ ଘଟିଛି। ଏଥିରେ ଶିବ ନାୟକ ଗୁରୁତର ହୋଇଛନ୍ତି। ତାଙ୍କୁ ପ୍ରଥମେ ଭଞ୍ଜନଗର ପରେ ବ୍ରହ୍ମପୁର ବଡ଼ ମେଡ଼ିକାଲକୁ ନିଆଯାଇଛି । କେଉଁ କାରଣରୁ ଗୁଳିକାଣ୍ଡ ଘଟିଲା ସେନେଇ ଜଣାପଡ଼ିନାହିଁ। ପୋଲିସ ଏନେଇ ଘଟଣାର ତଦନ୍ତ ଚଳାଇଛି। ଶିବ ଓ ତାଙ୍କର ଆଉ ଜଣେ ସାଙ୍ଗ ମିଶି ଜଙ୍ଗଲକୁ କୌଣସି କାମରେ ଯାଇଥିଲେ। ଏହାପରେ କୌଣସି କାରଣରୁ ଶିବଙ୍କ ଦେହରେ ୨ଟି ଗୁଳି ବାଜିଥିଲା। ପରେ ଶିବଙ୍କ ସାଙ୍ଗ ସେଠାରୁ ଚାଲି ଯାଇଥିଲେ। ଜଙ୍ଗଲକୁ କାଠ ସଂଗ୍ରହ କରିବାକୁ ଯାଉଥିବା ଅନ୍ୟ ଲୋକେ ଶିବଙ୍କୁ ଆହତ ଅବସ୍ଥାରେ ଦେଖି ତାଙ୍କ ପରିବାର ଲୋକଙ୍କୁ ସୂଚନା ଦେଇଥିଲେ। ପରିବାର ଲୋକେ ଶିବଙ୍କୁ ଜଙ୍ଗଲରୁ ଉଦ୍ଧାର କରି ଚିକିତ୍ସା ପାଇଁ ହସ୍ପିଟାଲକୁ ଆଣିଥିଲେ। ପୂର୍ବ ଶତ୍ରୁତାରୁ ଗୁଳିକାଣ୍ଡ ଘଟିଥିବା କୁହାଯାଉଥିବା ବେଳେ ବାର୍ହାକୁ ଗୁଳି ମାରିବା ବେଳେ ଶିବଙ୍କ ଦେହରେ ବାଜିଥିଲା ବୋଲି କହୁଛନ୍ତି। ତଦନ୍ତ ପରେ ପ୍ରକୃତ ଘଟଣା ଜଣାପଡ଼ିବ ।

### ଆସ୍କାରୋଡ୍ ବାଳିକା ଉଚ୍ଚ ବିଦ୍ୟାଳୟରେ ଦନ୍ତ ପରୀକ୍ଷା ଶିବିର



**ବ୍ରହ୍ମପୁର ଅଫିସ,୨୧।୯:** ଆସିକାରୋଡ଼ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ମଙ୍ଗଳବାର ଦନ୍ତ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଡ. ଅର୍ଚ୍ଚନା ପଣ୍ଡା, ଡ. ରଶ୍ମିତା ଦେବୀ ଓ ଡ. ସାହିତ୍ୟା ଦେବୀ ଯୋଗ ଦେଇଥିଲେ। ଶିବିରରେ ପ୍ରାୟ ୧୫୦ଛାତ୍ରୀଙ୍କ ଦାନ୍ତ ପରୀକ୍ଷା କରାଯାଇଥିଲା। କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷକ ବିଜୟ କୁମାର ବେହେରାଙ୍କ ସମେତ ବିଦ୍ୟାଳୟର ଅନ୍ୟ ଶିକ୍ଷକମାନେ ସହଯୋଗ କରିଥିଲେ। ବିଦ୍ୟାଳୟ ପକ୍ଷରୁ ଡାକ୍ତରଙ୍କୁ ମାନପତ୍ର ଓ ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ବିଦ୍ୟାଳୟର ଗୀତାଞ୍ଜଳି ପ୍ରଧାନ, ଦୁଃଖୀଶ୍ୟାମ ପ୍ରଧାନ, ମିନତି ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।

# ୨୭ ରେ ପ୍ରକାଶ ପାଇବ ଦ୍ୱିତୀୟ କଟ୍ଅଫ୍ ମାର୍କ

## ପ୍ରଥମ ପର୍ଯ୍ୟାୟ ନାମଲେଖା ଶେଷ

ବ୍ରହ୍ମପୁର ଅଫିସ,୨୧।୯

ଯୁକ୍ତ ୨ ପ୍ରଥମ ବର୍ଷ ପାଠପଢ଼ା ନିମନ୍ତେ ପ୍ରଥମ ପର୍ଯ୍ୟାୟ ନାମଲେଖା ମଙ୍ଗଳବାର ଶେଷ ହୋଇଛି। ଏଥିରେ ଖଲ୍ଲିକୋଟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପକ୍ଷରୁ କଳାରେ ୫୧୨ ସିଟରୁ ୪୧୦, ବିଜ୍ଞାନରେ ୫୧୨ ରୁ ୩୫୬ ଓ ବାଣିଜ୍ୟରେ ୩୮୪ ରୁ ୩୨୦ ଛାତ୍ରୀଛାତ୍ର ନାମ ଲେଖାଇଥିବା ଅଧକ୍ଷ ଡ଼.ରାଧାକାନ୍ତ ନାୟକ କହିଛନ୍ତି। ସେହିପରି ଶଶିଭୂଷଣ ରଥ ସରକାରୀ ମହିଳା ମହାବିଦ୍ୟାଳୟରେ କଳାରେ ୩୨୦ ସିଟରୁ ୨୫୮, ବିଜ୍ଞାନରେ ୨୫୬ରୁ ୧୯୧ ଓ ବାଣିଜ୍ୟରେ ୧୨୮ ରୁ ୧୦୮ ସିଟରେ ଛାତ୍ରୀ ନାମ ଲେଖାଇଛନ୍ତି। ମହାମାୟୀ ମହିଳା ମହାବିଦ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, କଳାରେ ୩୨୦ ମଧ୍ୟରୁ ୨୭୩ , ବିଜ୍ଞାନରେ ୨୫୬ ରୁ ୨୦୫ ଓ ବାଣିଜ୍ୟରେ ୨୫୬ ସିଟରୁ ୧୩୮ ଛାତ୍ରୀ ନାମ ଲେଖାଇଛନ୍ତି। ସେହିପରି ବିନାୟକ ଆଚାର୍ଯ୍ୟ ମହାବିଦ୍ୟାଳୟରେ କଳାରେ ୨୯୮ ଜଣଙ୍କ ମଧ୍ୟରୁ ୨୫୩, ବିଜ୍ଞାନରେ ୩୧୫ରୁ ୨୪୫ ଓ ବାଣିଜ୍ୟରେ ୩୧୫ ରୁ ୨୧୨ ଛାତ୍ରୀଛାତ୍ର ଯୁକ୍ତ ୨ ପ୍ରଥମ ବର୍ଷ ପାଇଁ ନାମ ଲେଖାଇ ଥିବା ଅଧକ୍ଷା ପ୍ରମିଳା ଖାଡ଼ଙ୍ଗା ସୂଚନା ଦେଇଛନ୍ତି। ଆସନ୍ତା ୨୭ ରେ ଦ୍ୱିତୀୟ ପର୍ଯ୍ୟାୟ କଟଅଫ ମାର୍କ ତାଲିକା ପ୍ରକାଶିତ ହେବ। ସେପ୍ଟେମ୍ବର ୨୯ରୁ ଅକ୍ଟୋବର ୧ ଯାଏ ଦ୍ୱିତୀୟ ପର୍ଯ୍ୟାୟ ନାମ ଲେଖା ହେବ।

# ଏକ୍ସକ୍ଲୁସିଭ୍ ୱାର୍ଲଡ୍ ରେକର୍ଡ, ଇଣ୍ଡିଆ ବୁକ୍ ଅଫ୍ ରେକର୍ଡରେ ସତ୍ୟ

ବ୍ରହ୍ମପୁର ଅଫିସ,୨୧।୯

ବାଲୁକା ଶିଳ୍ପୀ ସତ୍ୟନାରାୟଣ ମହାରଣା କ୍ଷୁଦ୍ର ପ୍ରତିମୂର୍ତ୍ତି ପାଇଁ ପୁଣି ଥରେ ରେକର୍ଡ ହାସଲ କରିଛନ୍ତି। ସେ କାଠରେ ନିର୍ମାଣ କରିଥିବା ୧ ମିଲିମିଟର ଉଚ୍ଚତା ବିଶିଷ୍ଟ କ୍ଷୁଦ୍ର ଜଗନ୍ନାଥ ପ୍ରତିମୂର୍ତ୍ତି ବର୍ତ୍ତମାନ ଏକ୍ସକ୍ଲୁସିଭ୍ ୱାର୍ଲଡ୍ ରେକର୍ଡ ଓ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡରେ ସ୍ଥାନ ପାଇଛି। ଆଗାମୀ ଦିନରେ ଏହା ଏସିଆ ବୁକ୍ ଅଫ୍ ରେକର୍ଡରେ ସ୍ଥାନ ହାସଲ କରିବ ବୋଲି ସତ୍ୟ ଆଶା ରଖିଛନ୍ତି। ପୂର୍ବରୁ ସେ ୧ ମିଲିମିଟର ଉଚ୍ଚତା ବିଶିଷ୍ଟ ଅବିକଳ ନନ୍ଦିଘୋଷ ରଥ ନିର୍ମାଣ କରି ଏକ୍ସକ୍ଲୁସିଭ୍ ୱାର୍ଲଡ ରେକର୍ଡ ହାସଲ କରିଥିଲେ। ତତ୍ସହିତ ସତ୍ୟ ବିଶ୍ୱର ସବୁଠାରୁ ଛୋଟ ପ୍ରତିମୂର୍ତ୍ତି ଭାବେ ଗଣେଶ, ଦୁର୍ଗା, କାଳୀ, କୃଷ୍ଣ, ରାମ, ଲକ୍ଷ୍ମୀ, ସରସ୍ୱତୀ, ବୁଦ୍ଧ, ହନୁମାନ, ବୁଢ଼ୀ ଠାକୁରାଣୀ ଓ କନ୍ଧୁଣୀ ଦେବୀ ନିର୍ମାଣ କରି ଅନେକ ରେକର୍ଡ ହାସଲ କରିଛନ୍ତି। ଆଜିର ଏହି ରେକର୍ଡକୁ ନେଇ ସତ୍ୟ ନିଜ ଗ୍ରାମ ସୋରଡା ବାସିନ୍ଦା ଓ ବ୍ରହ୍ମପୁର ବାସିନ୍ଦାଙ୍କୁ କୃତଜ୍ଞତା ଜଣାଇଛନ୍ତି।




ରେକର୍ଡ ପ୍ରମାଣ ପତ୍ର ସହ ସତ୍ୟ।

# ମହିଳାଙ୍କୁ ବଳାତ୍କାର ଅଭିଯୋଗ

ବ୍ରହ୍ମପୁର ଅଫିସ,୨୧।୯

ଜଣେ ମହିଳାଙ୍କୁ ବଳାତ୍କାର କରାଯାଇଥିବା ନେଇ ବ୍ରହ୍ମପୁର ବଡବଜାର ଥାନାରେ ଅଭିଯୋଗ ହୋଇଛି। ପୀଡ଼ିତାଙ୍କ ଅଭିଯୋଗ ପ୍ରକାରେ ପୋଲିସ ନଂ. ୧୯୦/୨୧ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ମଙ୍ଗଳବାର କୋର୍ଟରେ ପୀଡ଼ିତାଙ୍କ ବୟାନ ରେକର୍ଡ କରାଯାଇଛି। ସୂଚନାଯୋଗ୍ୟ, ପୀଡ଼ିତା ମହିଳା ଜଣଙ୍କ ନିଜ ସ୍ୱାମୀଠାରୁ ଅଲଗା ହୋଇ ବଡବଜାର ଅଞ୍ଚଳରେ ଥିବା ତାଙ୍କ ବାପ ଘରେ ରହୁଥିଲେ। ତାଙ୍କ ସହ ଛତ୍ରପୁର ଅଞ୍ଚଳର ଜଣେ ଯୁବକଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢି ଉଠିଥିଲା। ଯୁବକ ଜଣଙ୍କ ମହିଳାଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ଦିଗହପଣ୍ଡି ଅଞ୍ଚଳକୁ ନେଇ ଯାଇଥିଲେ। ସେଠାରେ ଏକ ଭଡା ଘର ନେଇ ୪ ମାସରୁ ଅଧିକ ସମୟ ରଖିଥିଲେ। ହେଲେ ବିବାହ କରିବାକୁ ମନା କରିବାରୁ ମହିଳା ଜଣଙ୍କ ସମ୍ପୃକ୍ତ ଯୁବକଙ୍କ ନାଁରେ ବଳାତ୍କାର ଅଭିଯୋଗ ଆଣିଛନ୍ତି। ଅଭିଯୁକ୍ତଙ୍କୁ ଧରିବାକୁ ପୋଲିସ ଉଦ୍ୟମ ଜାରି ରଖିଛି।

**CAREER APPOINTMENT** ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings Call : 0674-2580385
Email : advt@dharitri.com

**WANTED**
ସିଙ୍ଗାପୁର (SINGAPORE)
ରକ୍ଷଣା ବେକ୍ଷଣ କମ୍ପାନୀ ସମସ୍ତ ପ୍ରକାରର ନିର୍ମାଣ କାମ ଯେପରିକି ଶ୍ରମିକ, ରୋଷେଇ, ସିକ୍ୟୁରିଟି ଗାର୍ଡ, ଅଫିସ୍ ଆସିଷ୍ଟାଣ୍ଟ, ପିଅନ, ଡ୍ରାଇଭର, ହେଲପର ଇତ୍ୟାଦି (ଭଲ ବେତନ, ଭଲ ସୁବିଧା । ଭାରତୀୟ ପରିଚାଳନା କମ୍ପାନୀ, ଗ୍ୟାରେଣ୍ଟି ସହିତ ପଠେଇବା)
କମଲ ପ୍ଲେସ୍‌ମେଣ୍ଟ ସୁରଟ, ଗୁଜୁରାଟ
9157312448, 9104103242, 9157012447

A leading Health Organization required staff for all over Odisha
DISTRICT MANAGER - (All Districts (M/F), Graduation.
BLOCK COORDINATOR (For all Blocks) +2 above(M/F).
RSP SOLUTIONS
Plot No. -18, Krisna Garden, Phase-2, Jagamara, Bhubaneswar
Contact No. - 8455966556/ 7656007439

**WANTED**
Reputed Real Estate Company, Bhubaneswar requires experienced SALES OFFICER- 20 Nos. (M/F). Attractive salary + incentives.
Contact: 9437323319

**REQUIRED**
ONE DIPLOMA CIVIL ENGINEER FOR OTELP PLUS PROJECT.
Salary: Rs.20,000/-
Contact: 9040268680

**JOBS IN AIRPORT**
(PERMANENT JOB)ରେ ଡାଇରେକ୍ଟ ଭର୍ତ୍ତି
Ground Staffs, Store Keeper, Supervisors, Checkers, Loaders, Drivers, Guards and Helpers.
Qualification: ପାଠ ପଢିନଥିବା + Graduate
Salary: Rs 25000 - 75000 + Bonus + Cab ( ରହିବା + ଖାଇବା Free )
9724880119, 7202099236

ଗୋଆରେ ଅକ୍ଟୋବରଠାରୁ ପେସାଦାର କିଚେନ୍ ଅଭିଜ୍ଞତାଧାରୀ ଓଡ଼ିଆ ସେଫ୍ (Chef) ଆବଶ୍ୟକ । ଖାଇବା ଓ ରହିବା ସୁବିଧା ଦିଆଯିବ ।
ଯୋଗାଯୋଗ: 9920027635

**APPOINTMENT**
Excellent Career & Earning opportunity 150 yrs. Legacy Company hiring Male/ Female in Bhubaneswar. Work full / part time. Any one can apply.
Mobile: 8686933457 9866320431
Email ID: pratyush.rout2@gmail.com

**WANTED**
MARKETING EXECUTIVE for Plywood. Graduate / under Graduate, Age- 31 +, vehicle must. Salary- 10,000/- + free accommodation for BBSR.
Contact: 9338023979 9692133979

**TPWODL**
**TP WESTERN ODISHA DISTRIBUTION LIMITED**
(A Tata Power & Odisha Govt. Joint Venture)
Corporate Office, Burla, Dist.- Sambalpur (Odisha) - 768017
**NOTICE INVITING TENDER**
Tender Notice No. TPWODL/PM/O/SU/043
TP Western Odisha Distribution Limited, invites quotations (in 2 part) from eligible vendors/suppliers for the following packages:
**Rate contract for Supply of 500 Nos. Laptop**
Interested bidders to submit Tender Participation Fee and Authorization letter by e-mail on or before **30th Sept. 2021, 15.00 hrs.** in order to become eligible to participate in the bidding process.
All correspondence regarding the tender details bid submission, date extension etc. shall only take place with the eligible bidders through E-Tender system.
For detailed tender documents you may visit Tender section of TPWODL website: **www.tpwesternodisha.com**.
**Sd./- Chief Contracts and Stores**

NATION TAX MARKET
**COMMISSIONERATE OF CT & GST**
(Under Finance Department)
(GOVERNMENT OF ODISHA)
No. S-19
**ଜିଏସ୍‌ଟି ଟିକସଦାତା, ଦୟାକରି ଧ୍ୟାନ ଦିଅନ୍ତୁ ।**
**ରଦ୍ଦୀକରଣ ପ୍ରତ୍ୟାହାର ନିମିତ୍ତ ଦରଖାସ୍ତ ଦାଖଲ କରିବାର ଶେଷ ତାରିଖ ୩୦ ସେପ୍ଟେମ୍ବର ୨୦୨୧ ପର୍ଯ୍ୟନ୍ତ ବୃଦ୍ଧି**
ଯେଉଁ ଟିକସଦାତାଙ୍କ ଜିଏସ୍‌ଟି ପଞ୍ଜୀକରଣ ''ରିଟର୍ଣ୍ଣ ଦାଖଲ ନ କରିବା'' ଯୋଗୁ ରଦ୍ଦ କରାଯାଇଅଛି ଏବଂ ଯେଉଁଠି ପଞ୍ଜୀକରଣ ରଦ୍ଦୀକରଣ ପ୍ରତ୍ୟାହାର ନିମିତ୍ତ ଦରଖାସ୍ତ ଦାଖଲ କରିବାର ସମୟ ସୀମା ୨୦୨୦ ମସିହା ମାର୍ଚ୍ଚ ତାରିଖରୁ ୨୦୨୧ ମସିହା ଅଗଷ୍ଟ ୩୧ ତାରିଖ ମଧ୍ୟରେ ରହିଥିଲା (ବିଜ୍ଞପ୍ତି ସଂଖ୍ୟା ୩୪/୨୦୨୧ ତାରିଖ ୨୯ ଅଗଷ୍ଟ ୨୦୨୧ ଓ ସର୍କୁଲାର ସଂଖ୍ୟା ୧୫୮/୪/୨୦୨୧- ଜିଏସ୍‌ଟି ତାରିଖ ୬ ସେପ୍ଟେମ୍ବର ୨୦୨୧ ଅନୁଯାୟୀ), ସେମାନଙ୍କ ପାଇଁ ଜିଏସ୍‌ଟି ପଞ୍ଜୀକରଣ ରଦ୍ଦୀକରଣ ପ୍ରତ୍ୟାହାର ନିମିତ୍ତ ଦରଖାସ୍ତ ଦାଖଲ କରିବାର ସମୟ ସୀମାକୁ ୩୦ ସେପ୍ଟେମ୍ବର ୨୦୨୧ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି ।
**ନିମ୍ନୋକ୍ତ କ୍ଷେତ୍ରରେ ଏହି ସୁବିଧା ପ୍ରଯୁଜ୍ୟ ହେବ:**
(୧) ଟିକସଦାତାଙ୍କ ଦ୍ୱାରା ରଦ୍ଦୀକରଣ ପ୍ରତ୍ୟାହର ପାଇଁ ଦରଖାସ୍ତ ଦାଖଲ ହୋଇ ନ ଥିବ।
(୨) ରଦ୍ଦୀକରଣ ଆଦେଶ ବିରୋଧରେ ଅପିଲ ହୋଇଥିବ ଓ ଏହି ଅପିଲକୁ ପ୍ରତ୍ୟାଖ୍ୟାନ କରାଯାଇଥିବ।
(୩) ରଦ୍ଦୀକରଣ ପ୍ରତ୍ୟାହାର ନିମିତ୍ତ ଦରଖାସ୍ତକୁ ପ୍ରପର ଅଫିସରଙ୍କ ଦ୍ୱାରା ଅଗ୍ରାହ୍ୟ କରାଯାଇଥିବ।
(୪) ରଦ୍ଦୀକରଣ ଆଦେଶ ବିରୋଧରେ ଟିକସଦାତାଙ୍କ ଦ୍ୱାରା ଅପିଲ ହୋଇଥିବ ଏବଂ ଏହାର ନିଷ୍ପତ୍ତି ଟିକସଦାତାଙ୍କ ବିରୋଧରେ ସ୍ଥିରୀକୃତ ହୋଇଥିବ।
ଉପରୋକ୍ତ ସମସ୍ତ ମାମଲାରେ ରଦ୍ଦୀକରଣ ପ୍ରତ୍ୟାହାର ନିମିତ୍ତ ସାନି ଅନ୍‌ଲାଇନ ଦରଖାସ୍ତ ୩୦ ସେପ୍ଟେମ୍ବର ୨୦୨୧ ସୁଦ୍ଧା ଦାଖଲ କରିବା ପାଇଁ ଟିକସଦାତାଙ୍କୁ ଏହି ସୁବିଧା ବର୍ତ୍ତମାନ ଉପଲବ୍ଧ କରାଯାଇଛି ।
**ବାଣିଜ୍ୟକର ଓ ଜିଏସ୍‌ଟି ଆୟୁକ୍ତ**
**ଓଡ଼ିଶା ସରକାର, କଟକ**
Help Desk: 1800-345-6753 (Toll Free)
email: ctdho@odishatax.gov.in
OIPR-05006/11/0006/2122

# କନ୍‌ଷ୍ଟେବଲଙ୍କୁ ହତ୍ୟା ଉଦ୍ୟମ

## ଏନ୍‌ଏଚ୍ କଡ଼ରୁ ରକ୍ତାକ୍ତ ଅବସ୍ଥାରେ ଉଦ୍ଧାର

ବ୍ରହ୍ମପୁର ଅଫିସ,୨୧।୯

ବ୍ରହ୍ମପୁର ପୋଲିସ ଜିଲାରେ କାର୍ଯ୍ୟରତ ଜଣେ କନଷ୍ଟେବଲଙ୍କୁ ରକ୍ତାକ୍ତ ଅବସ୍ଥାରେ ଲାଞ୍ଜିପଲ୍ଲୀ ବାଇପାସ୍ ୧୬ ନମ୍ବର ଜାତୀୟ ରାଜପଥ (ଏନ୍‌ଏଚ) କଡ଼ରୁ ଉଦ୍ଧାର କରାଯାଇଛି। ତାଙ୍କ ଶରୀରର ବିଭିନ୍ନ ସ୍ଥାନରେ ଗୁରୁତର ଆଘାତ ଲାଗିଥିବା ବେଳେ ମୁହଁ ଓ ମୁଣ୍ଡରେ କଟା ଦାଗ ରହିଛି। ତାଙ୍କୁ କୌଣସି ଧାରୁଆ ଅସ୍ତ୍ରରେ ଆକ୍ରମଣ କରାଯାଇଥିବା ସନ୍ଦେହ ହେଉଛି। ହତ୍ୟା ଉଦ୍ୟମ କରାଯାଇଛି। ଅବସ୍ଥା ଗୁରୁତର ଥିବାରୁ କନଷ୍ଟେବଳ ଜଗନ୍ନାଥ ପ୍ରଧାନଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ଅଭିଯୋଗ ପରେ ଏ ନେଇ ବୈଦ୍ୟନାଥପୁର ଥାନାରେ ନଂ.୨୯୧/୨୧ରେ ଏକ ହତ୍ୟା ଉଦ୍ୟମ ମାମଲା ରୁଜୁ ହୋଇଛି। ପୋଲିସ ଘଟଣାର ଅନୁସନ୍ଧାନ ଜାରି ରଖିଥିବା କହିଛି। ଚିକିଟି ଅଞ୍ଚଳର ଜଗନ୍ନାଥ ବ୍ରହ୍ମପୁର ପୋଲିସ ଜିଲାରେ କନଷ୍ଟେବଳ ଭାବେ କାମ କରୁଛନ୍ତି। ଗତ ୩ଦିନ ହେଲା ସେ ଛୁଟିରେ ଥିଲେ। ସୋମବାର ବ୍ରହ୍ମପୁର ଯିବା ପାଇଁ କହି ଘରୁ ବାହାରିଥିଲେ। ମଙ୍ଗଳବାର ସେ ଟାଉନ୍ ଥାନାରେ କାର୍ଯ୍ୟରେ ଯୋଗ ଦେଇଥାନ୍ତେ। ହେଲେ ସକାଳେ ଲାଞ୍ଜିପଲ୍ଲୀ ବାଇପାସ୍ ଜାତୀୟ ରାଜପଥ କଡ଼ରୁ ତାଙ୍କୁ ରକ୍ତାକ୍ତ ଅବସ୍ଥାରେ ଉଦ୍ଧାର କରାଯାଇଛି। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ତୁରନ୍ତ ଏମ୍‌କେସିଜି ମେଡିକାଲକୁ ସ୍ଥାନାନ୍ତର କରିଥିଲେ। ସେଠାରେ ତାଙ୍କର ପରିଚୟ ସ୍ପଷ୍ଟ ହୋଇଥିଲା। ଖବର ପାଇ ତାଙ୍କ ଶାଳକ ସନ୍ତୋଷ କୁମାର ପ୍ରଧାନ ଏମ୍‌କେସିଜି ମେଡିକାଲରେ ପହଞ୍ଚିଥିଲେ। ତାଙ୍କ ଅଭିଯୋଗ ଅନୁସାରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ପୋଲିସ ଘଟଣାସ୍ଥଳରୁ ଜଗନ୍ନାଥଙ୍କ ବାଇକ୍ ଉଦ୍ଧାର କରିଛି। ଅବସ୍ଥା ଗୁରୁତର ଥିବାରୁ ଅଧିକ ଚିକିତ୍ସା ପାଇଁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ତାଙ୍କୁ ସଂଘବଦ୍ଧ ଆକ୍ରମଣ କରାଯାଇଥିବା ପୋଲିସ ଅନୁମାନ କରୁଛି।

# ଗଞ୍ଜାମ ଜିଲା ଯୁବକଂଗ୍ରେସ କାର୍ଯ୍ୟକାରିଣୀ ବୈଠକ

ବ୍ରହ୍ମପୁର ଅଫିସ,୨୧।୯

ଗଞ୍ଜାମ ଜିଲା ଯୁବ କଂଗ୍ରେସ ପକ୍ଷରୁ ମଙ୍ଗଳବାର ବାପୁଜୀ ଆଶ୍ରମ ସ୍ଥିତ କଂଗ୍ରେସ ଭବନଠାରେ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା କଂଗ୍ରେସ ସଭାପତି ରମେଶ ଚନ୍ଦ୍ର ଜେନାଙ୍କ ନିର୍ଦ୍ଦେଶ କ୍ରମେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲା ଯୁବ କଂଗ୍ରେସ ସଭାପତି ଚିନ୍ମୟ କୁମାର ହୋତା ସଭାପତିତ୍ୱ କରିଥିଲେ। ରାଜ୍ୟ ଯୁବ କଂଗ୍ରେସ ଉପସଭାପତି ତଥା ଜିଲା ପ୍ରଭାରୀ ରାଜୀବ ପଟ୍ଟନାୟକ ଓ ରାଜ୍ୟ ସାଧାରଣ ସମ୍ପାଦକ ଗୋପନ ମାର୍ଥା ଅତିଥି ଭାବେ ଯୋଗ ଦେଇଥିଲେ। ଗଞ୍ଜାମ ଜିଲାରେ ଯୁବ ସଂଗଠନ କିଭଳି ସୁଦୃଢ଼ ହେବ, ଆଗାମୀ ପଞ୍ଚାୟତ ନିର୍ବାଚନରେ ଯୁବ କଂଗ୍ରେସର ଭୂମିକା, ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଅପାରଗତା, ଦୁର୍ନୀତି ଲୋକଙ୍କ ସମ୍ମୁଖକୁ ଅଣାଯିବ ବୋଲି ଆଲୋଚନା ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବିକାଶ ନାୟକ, ସଂଗ୍ରାମ ରାଉତ, କହ୍ନେୟା ଲାଲ ସାବତ, ପ୍ରଭାକର ତ୍ରିପାଠୀ, ଶିବ ପ୍ରସାଦ ବେହେରା, ଭବାନୀ ସାହୁ, ସିଦ୍ଧାନ୍ତ ସାହୁଙ୍କ ସମେତ ବହୁ ଯୁବ କଂଗ୍ରେସ କର୍ମୀ ଯୋଗ ଦେଇଥିଲେ।

**GHANASHYAM HEMALATA VIDYAMANDIR, PURI**
(A CBSE Affiliated Fully Residential School)
R.J Vihar, Bhuan, Chhaitana, Puri-2
Ph. No: - 7735629062 / 7873480470
E-mail: - puri.ghvm@gmail.com
**REQUIREMENT OF TEACHERS**

| POST | SUBJECTS |
| --- | --- |
| PGT | MATH, BIOLOGY, PHYSICS, CHEMISTRY, COMPUTER SCIENCE |
| TGT | ENGLISH, HINDI, MATH, SCIENCE |
| PRT | ENGLISH, HINDI, MATH, SCIENCE, SST, COMPUTER |
| PET | MALE AND FEMALE |
| NTT | FEMALE |

- Qualification :- As Per CBSE norms
- Competent & Experienced teachers with fluency in English
- Salary :- Negotiable Salary
- Free Accommodation, Fooding & Laundry for all the above posts.
- Interested candidate can apply by mailing their resume (with photograph) at puri.ghvm@gmail.com and send the hard copy to the address given above.

PRINCIPAL

# ଗ୍ୟାସ୍ ଲିକ୍‌ରୁ ଅଗ୍ନିକାଣ୍ଡ

## ଦୁଇ ଆହତ, ଜଳିଗଲା ସ୍କୁଟି

ବ୍ରହ୍ମପୁର ଅଫିସ,୨୧।୯

ବ୍ରହ୍ମପୁର ବଡ଼ବଜାର ଥାନା ଅନ୍ତର୍ଗତ ଆସିକା ରୋଡ୍ ଶ୍ରୀରାମନଗର ପ୍ରଥମ ଲାଇନ୍‌କରେ ମଙ୍ଗଳବାର ସକାଳେ ବଡ଼ଧରଣର ଅଗ୍ନିକାଣ୍ଡ ଘଟିଛି। ଗ୍ୟାସ୍ ଲିକ୍‌ରୁ ଅଗ୍ନିକାଣ୍ଡରେ ଦୁଇଜଣ ଆହତ ହୋଇଛନ୍ତି। ଜଣଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ଏଥିରେ ଏକ ସ୍କୁଟି ଜଳିଯାଇଛି। ସୂଚନା ଅନୁସାରେ, ଶ୍ରୀରାମନଗର ନିବାସୀ ଶ୍ରୀହରି ରାଓ ଔଷଧ ବ୍ୟବସାୟ କରନ୍ତି। ତାଙ୍କ ଭାଇ ଭି.ଶ୍ୟାମ ସୁନ୍ଦର ରାଓ ଏବଂ ପରିବାରବର୍ଗ ଘରେ ବିଭିନ୍ନ ପ୍ରକାର ଖାଦ୍ୟ ସାମଗ୍ରୀ ବେପାର କରନ୍ତି। ମଙ୍ଗଳବାର ସକାଳେ ଶ୍ରୀହରିଙ୍କ ସ୍ତ୍ରୀ ଭି.ସୁପ୍ରିୟା ଗ୍ୟାସରେ ଖାଦ୍ୟ ସାମଗ୍ରୀ ପ୍ରସ୍ତୁତ କରୁଥିଲେ। ଏହି ସମୟରେ ହଠାତ୍ ଗ୍ୟାସ୍ ଲିକ୍ ହୋଇ ନିଆଁ ଜଳି ଥିଲା। ସୁପ୍ରିୟା ପାଟି କରିବାରୁ ନିକଟରେ ଥିବା ଦିଅର ଘଟଣାସ୍ଥଳରେ ପହଞ୍ଚି ଲିଭାଇବା ପାଇଁ ଉଦ୍ୟମ କରିଥିଲେ। ହେଲେ ତାହା ଚାରିଆଡ଼େ ବ୍ୟାପି ଯାଇଥିଲା। ଏଥିରେ ଉଭୟେ ପୋଡ଼ି ଆହତ ହୋଇଥିଲେ। ନିଆଁ ଲାଗି ଘରେ ଥିବା ଏକ ଫ୍ରିଜ୍, ସ୍କୁଟି ଓ ଆସବାବପତ୍ର ପୋଡ଼ି ନଷ୍ଟ ହୋଇଯାଇଛି। ଘରୁ ପ୍ରବଳ ଧୂଆଁ ବାହାରୁଥିବା ଦେଖି ଉପର ମହଲାରେ ଥିବା ଶ୍ରୀହରି ଭୟଭୀତ ହୋଇ ତଳକୁ ଡେଇଁ ପଡ଼ିଥିଲେ। ଫଳରେ ତାଙ୍କର ଗୋଟିଏ ଗୋଡ଼ ଭାଙ୍ଗି ଯାଇଛି। ସମସ୍ତଙ୍କୁ ଉଦ୍ଧାର କରି ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରାଯାଇଛି। ଶ୍ୟାମ ସୁନ୍ଦରଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ କଟକ ଏସ୍‌ସିବି ମେଡିକାଲ ସ୍ଥାନାନ୍ତର କରାଯାଇଛି।

**BIJU PATTANAIK FILM & TELEVISION INSTITUTE OF ORISSA**
BOSE Campus, Cuttack-753 007
Tel No. 0671-2413968 /2415480
e-mail : bpftio123@gmail.com
**EXTENSION DATE OF ADMISSION NOTICE-2021**
The Last date of process of online application for the Entrance Examination for 4 years Bachelor Programme in Cinematic Art and Technology in i) Cinematography ii) Sound Recording & Sound Design iii) Film Editing is hereby extended **upto 24.09.2021. Fees can be paid till 25-09-2021 (05:00PM).**
The detailed schedule regarding dates of the Examination and downloading of Admit Cards etc. will be notified in due course of time.
Candidates are advised to visit the official websites of OJEE (**www.ojee.nic.in**) and of BPFTIO (**www.bpftio.org**) regularly for updated information.
**For any Queries Contact :**
**8249889162, 9437069564, 9439978071**
Sd/-
Director

## ଜଳ ଓ ପରିମଳ ବିଭାଗର ବୈଠକ

ପୋଲସରା,(ଡି.ଏନ.ଏ.): ଗଞ୍ଜାମ ଜିଲା ପୋଲସରା ବ୍ଲକ କାର୍ଯ୍ୟାଳୟ ସମିତି ବୈଠକ ଗୃହରେ ମଙ୍ଗଳବାର ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ପକ୍ଷରୁ ସ୍ୱଚ୍ଛତାକୁ ନେଇ ବୈଠକ ସହ ଶପଥପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଡିଓ ସୁରଞ୍ଜନ ସାହୁ ଅଧକ୍ଷତା କରି ଜିଲାପାଳଙ୍କ ଯେଉଁ ସ୍ୱଚ୍ଛତା ବାର୍ତ୍ତା ମୋ ସ୍ୱାଭିମାନ, ସ୍ୱଚ୍ଛ ଗଞ୍ଜାମ ରହିଛି ତାକୁ ଚରିତାର୍ଥ କରିବାକୁ ହେଲେ ସମସ୍ତଙ୍କୁ ନିଜର ବ୍ୟକ୍ତିଗତ ପାଇଖାନା ନିୟମିତ ବ୍ୟବହାର କରିବା ସହ ନିଜ ଘରର ୫ ମିଟର କ୍ଷେତ୍ର ପରିସରକୁ ପରିଷ୍କାର ଓ ପରିଚ୍ଛନ୍ନ ରଖିବା ଆବଶ୍ୟକ ବୋଲି କହିଥିଲେ। ଏଥି ସହିତ ସ୍ୱଚ୍ଛତାର ଶପଥପାଠ କରାଯାଇଥିଲା। କାର୍ଯ୍ୟକ୍ରମରେ ଅତିରିକ୍ତ ବିଡ଼ିଓ ଧର୍ମରାଜ ପରିଡା, ଜଳ ଓ ପରିମଳ ବିଭାଗ ଯନ୍ତ୍ରୀ ସ୍ୱରୂପ କୁମାର ତ୍ରିପାଠୀ, ଜିଲା ଜଳ ଓ ପରିମଳ ପରାମର୍ଶଦାତା ରଞ୍ଜିତ ପରିଡାଙ୍କ ସମେତ ସମସ୍ତ ସରପଞ୍ଚ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ, ଜଳ ଓ ଜୀବିକା ମିଶନ ବ୍ଲକ ସଂଯୋଜକ ସୂର୍ଯ୍ୟ ନାରାୟଣ ସାହୁ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଫି ବୃଦ୍ଧିକୁ ନେଇ ଛାତ୍ରୀଛାତ୍ରଙ୍କ ଧାରଣା

ବାଲିଗୁଡ଼ା,୨୧।୯(ଡି.ଏନ.ଏ.): କନ୍ଧମାଳ ଜିଲାର ସର୍ବ ପୁରାତନ ଆଦିବାସୀ ମହାବିଦ୍ୟାଳୟରେ ଫି ବୃଦ୍ଧିକୁ ନେଇ ମଙ୍ଗଳବାର ଶତାଧିକ ଛାତ୍ରୀଛାତ୍ର ବିକ୍ଷୋଭ କରିଛନ୍ତି। ଦୀର୍ଘ ଦିନ ହେବ ଉକ୍ତ ବିଦ୍ୟାଳୟରେ ସ୍ଥାୟୀ ଅଧକ୍ଷ ପଦ ଖାଲି ଥିବା ବେଳେ ଦିନକୁ ଦିନ ଫି ବୃଦ୍ଧି ହେଉଛି। ମହାବିଦ୍ୟାଳୟର ପରିବେଶ ଓ ଶ୍ରେଣୀ କୋଠରୀ ଗୁଡ଼ିକ ମରାମତି ନ ହେବା ଓ ଆନୁଷାଙ୍ଗିକ ସୁବିଧା ସୁଯୋଗ ନଥିବାରୁ ଦୀର୍ଘ ଦିନ ହେଲା ଛାତ୍ର ଅଶାନ୍ତି ଲାଗି ରହିଥିଲା। ଏହାର ପ୍ରତିବାଦରେ ଶତାଧିକ ଛାତ୍ରୀଛାତ୍ର ଏକତ୍ରିତ ହୋଇ କଲେଜ ଫାଟକରେ ତାଲା ପକାଇବା ସହ ଧାରଣାରେ ବସି ବିଭିନ୍ନ ସମସ୍ୟାର ସମାଧାନ ପାଇଁ ଦାବି କରିଥିଲେ। ବିଭାଗୀୟ କର୍ତ୍ତୃପକ୍ଷ ଓ ଛାତ୍ରଛାତ୍ରୀଙ୍କ ମଧ୍ୟରେ କୌଣସି ସମାଧାନର ପନ୍ଥା ନ ବାହାରିବାରୁ ଛାତ୍ରୀଛାତ୍ରମାନେ ଧାରଣାରୁ ହଟିଥିଲେ। ପୁଣି ୫୯ ନଂ. ଜାତୀୟ ରାଜପଥକୁ ଅବରୋଧ କରିବାକୁ ଚେତାବନୀ ଦେଇଛନ୍ତି। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ଦୃଷ୍ଟି ଦେଇ ଛାତ୍ରୀଛାତ୍ରୀଙ୍କ ଦାବିଗୁଡ଼ିକୁ ପୂରଣ କରିବାକୁ ବୁଦ୍ଧିଜୀବୀ ମହଲରୁ ମତ ପ୍ରକାଶ ପାଇଛି।

### ଦିବ୍ୟାଙ୍ଗ ଯୁବତୀଙ୍କ ବଳାତ୍କାରୀ ଗିରଫ

ଫୁଲବାଣୀ ଅଫିସ, ୨୧।୯: ଫୁଲବାଣୀ ସଦର ଥାନା ଅଞ୍ଚଳରେ ଦିବ୍ୟାଙ୍ଗ ଯୁବତୀଙ୍କୁ ବଳାତ୍କାର ଅଭିଯୋଗରେ ମଙ୍ଗଳବାର ପୋଲିସ ଅଭିଯୁକ୍ତ ଧ୍ରୁବ ଚରଣ ବେହେରାଙ୍କୁ ଗିରଫ କରିଛି। ଦିବ୍ୟାଙ୍ଗ ଯୁବତୀ ଗତ ରବିବାର ନିଜ ଘର ପାଖରେ ଥିବା ପାଇଖାନାକୁ ଯାଇଥିବା ବେଳେ ଅଭିଯୁକ୍ତ ତାଙ୍କୁ ବଳାତ୍କାର କରିଥିଲେ। ପୀଡ଼ିତାଙ୍କ ଏତଲା କ୍ରମେ ପୋଲିସ ନଂ.୧୧୧/୨୧ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଚାଳାଇଥିଲା।

### ଭାଜପା କର୍ମୀ ସମ୍ମିଳନୀ

ଛତ୍ରପୁର ୨୧।୯(ଡି.ଏନ.ଏ.): ଛତ୍ରପୁର ବ୍ଲକ ଅଗସ୍ତିନୂଆଗାଁ ବାତ୍ୟା ଆଶ୍ରୟସ୍ଥଳୀଠାରେ ଭାରତୀୟ ଜନତା ପାର୍ଟିର କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ କଣମଣା ମଣ୍ଡଳ ସଭାପତି ପଦ୍ମ ଚରଣ ସାହୁ ଅଧକ୍ଷତା କରିଥିଲେ। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତଥା ଜିଲା ଅନୁସୂଚିତ ଜାତି ମୋର୍ଚ୍ଚା ସଭାପତି ପ୍ରଶାନ୍ତ କୁମାର କର,ବରିଷ୍ଠ ନେତା ଡ଼. ସୁବାଷ ଚନ୍ଦ୍ର ସାହୁ ,ଗଞ୍ଜାମ ବ୍ଲକ ଅଧକ୍ଷ ପ୍ରଶାନ୍ତ କୁମାର ନାୟକ, କୃଷକ ମୋର୍ଚ୍ଚା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବିଜୟ କୁମାର ମୁଦୁଲି, ଜିଲା ଉପ ସଭାପତି ରଶ୍ମି ରାଣୀ ମହାପାତ୍ର, ଜିଲା ସମ୍ପାଦକ ଲକ୍ଷ୍ମୀ ନାରାୟଣ ପଣ୍ଡା, କୃଷକ ମୋର୍ଚ୍ଚା ଜିଲା ଉପ ସଭାପତି ଗଣପତି ବାରିକ, ପୂର୍ବତନ ଏନ୍ଏସି ଅଧକ୍ଷ ରାମଚନ୍ଦ୍ର ବେହେରା, ପୂର୍ବତନ ଉପାଧକ୍ଷ ତଥା କଣମଣା ମଣ୍ଡଳ ପ୍ରଭାରୀ ବସନ୍ତ ବେହେରା ଓ ରାଜେନ୍ଦ୍ର ପଲାଇ ବହୁ କର୍ମୀ ଯୋଗ ଦେଇଥିଲେ।

# ଅବ୍ୟବସ୍ଥାରେ ମୋହନା ବ୍ଲକର ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ର

ପାରଳାଖେମୁଣ୍ଡି,୨୧।୯




- ରହୁନାହାନ୍ତି ଡାକ୍ତର, ଚାଲୁଛି ଏସି, ଜଳୁଛି ଲାଇଟ୍
- ମେଡିକାଲ ବାହାରେ ତାଲା

ମୋହନା ବ୍ଲକରେ ଥିବା ଅନେକ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଅବ୍ୟବସ୍ଥା ଲାଗି ରହିଛି। ଦିନେ ଡାକ୍ତର ରହିଲେ ୬ଦିନ ଅନୁପସ୍ଥିତ ରହୁଛନ୍ତି। ଫଳରେ ଫାର୍ମାସିଷ୍ଟ କରୁଛନ୍ତି ଡାକ୍ତରୀ ଚିକିତ୍ସା। ବ୍ଲକରେ ରହିଥିବା ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରରେ ଅବ୍ୟବସ୍ଥା ସମ୍ପର୍କରେ ଆଗରୁ ବହୁବାର ଖବର କାଗଜରେ ପ୍ରକାଶ ପାଇଛି ହେଲେ କୌଣସି ପଦକ୍ଷେପ ନିଆଯାଉନାହିଁ। ଚୁଡଙ୍ଗପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ରାହୁନାହାନ୍ତି କି ଗୋବିନ୍ଦପୁରରେ ଯେଉଁ ଡାକ୍ତରଙ୍କୁ ନିଯୁକ୍ତି କରାଯାଇଛି ସେ ମଧ୍ୟ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଉନାହାଁନ୍ତି। ମୋହନା ମେଡ଼ିକାଲରେ ହାତ ଗଣତି କିଛି ଡାକ୍ତର ଦିନେ କାର୍ଯ୍ୟରେ ଯୋଗ ଦେଇ ଅନେକ ଦିନ ବ୍ରହ୍ମପୁରରେ ରହୁଛନ୍ତି। ସେହିଭଳି ଶିକୁଲିପଦର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ନିୟୋଜିତ ଥିବା ଡାକ୍ତରଙ୍କ ବିରୋଧରେ ବାରମ୍ବାର ଅଞ୍ଚଳବାସୀ ଅଭିଯୋଗ କରି ଆସୁଥିଲେ ମଧ୍ୟ ପ୍ରଶାସନ ନୀରବ। ଡାକ୍ତର କେନ୍ଦ୍ରରେ ଉପସ୍ଥିତ ରାହୁନାହାନ୍ତି କି ରୋଗୀଙ୍କୁ ଭଲ ବ୍ୟବହାର ଦେଖାଉନାହାନ୍ତି। ଏପରିକି ଏକ୍ସପାୟାର ଔଷଧ ଦେଉଥିବା ମଧ୍ୟ ଲୋକେ ଅଭିଯୋଗ ଆଣିଥିଲେ। ତଥାପି କୌଣସି ପଦେକ୍ଷେପ ନ ନେଇ ଘଣ୍ଟ ଘୋଡାଉଛନ୍ତି ଜିଲା ସ୍ୱାସ୍ଥ୍ୟ ଅଧିକାରୀ ବୋଲି ଗ୍ରାମବାସୀ କହିଛନ୍ତି। ସୂଚନାଯୋଗ୍ୟ, ଗତ ୧୮ରୁ ଜଣେ ଡାକ୍ତର ସ୍ୱାସ୍ଥ୍ୟ କେନ୍ଦ୍ରରେ ଉପସ୍ଥିତ ନ ରହି ୨୦ ପର୍ଯ୍ୟନ୍ତ ଉପସ୍ଥିତ ଥିବା ଉପସ୍ଥାନ ଖାତାରେ ଦସ୍ତଖତ କରିଛନ୍ତି। ଡାକ୍ତର ରହୁଥିବା ସରକାରୀ ବାସ ଗୃହରେ ବାହାରେ ତାଲା ଝୁଲୁଥିବା ବେଳେ ଭିତରେ ଏସି, ଫ୍ୟାନ୍, ଲାଇଟ୍ ଜଳୁଛି। ସୋମବାର ସ୍ୱାସ୍ଥ୍ୟ କେନ୍ଦ୍ରକୁ ରୋଗୀମାନେ ଆସିଥିଲେ କିନ୍ତୁ ଡାକ୍ତର ଉପସ୍ଥିତ ନଥିଲେ । ଫଳରେ କମ୍ପାଉଣ୍ଡର ରୋଗୀଙ୍କୁ ଚିକିତ୍ସା କରିଥିଲେ। ସେହିପରି ଚୁଡଙ୍ଗପୁର ସ୍ୱାସ୍ଥ୍ୟକେନ୍ଦ୍ରରେ କର୍ଯ୍ୟରତ ଥିବା ଡାକ୍ତର ସପ୍ତାହରେ ଗୋଟିଏ ଦିନ ରହି ନିଜ ଗାଁକୁ ଚାଲିଯାଉଛନ୍ତି ବୋଲି ଚୁଡଙ୍ଗପୁରବାସୀ ଅଭିଯୋଗ କରିଛନ୍ତି। ରାଜ୍ୟ ସରକାରଙ୍କ ୫ଟି ଶାସନ ଚାଲିଛି କିନ୍ତୁ ମୋହନା ବ୍ଲକରେ ଥିବା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଗୁଡିକର ଅବ୍ୟବସ୍ଥାର ସମାଧାନ ହେଉନଥିବାରୁ ରୋଗୀମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି। ତେବେ ଏଥିପ୍ରତି ଜଲା ପ୍ରସାଶନ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସର୍ବସାଧାରଣରେ ଦାବି ହେଉଛି।

# ସ୍ୱାମୀଙ୍କ ବିରୋଧରେ ମାମଲା ରୁଜୁ

ଦିଗପହଣ୍ଡି,୨୧।୯(ଡି.ଏନ.ଏ.)

- ଅନ୍ୟ ମହିଳାଙ୍କ ସହ ସମ୍ପର୍କ
- ପ୍ରତିବାଦ କରିବାରୁ ନିସ୍ତୁକ ମାଡ଼

ଦିଗପହଣ୍ଡି ଥାନା ଗୋପାଳପୁର ଗାଁର କୈଳାସ ମହାରଣା ତାଙ୍କ ସ୍ତ୍ରୀ ଝିଲିଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେବା ସହ ନିସ୍ତୁକ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ଏନେଇ ସ୍ତ୍ରୀ ଝିଲିଙ୍କ ଏତଲାକୁ ଭିତ୍ତିକରି ମାମଲା ନଂ.୨୩୯/୨୧ ଅନୁଯାୟୀ ଅଭିଯୁକ୍ତ ସ୍ୱାମୀ କୈଳାସଙ୍କ ବିରୋଧରେ ମକଦ୍ଦମା ରୁଜୁ କରି ପୋଲିସ ତଦନ୍ତ ଚଳାଇଛି। ଗତ ୧୦ ବର୍ଷ ହେଲା ସ୍ୱାମୀ ତାଙ୍କୁ ନିର୍ଯାତନା ଦେଉଛନ୍ତି। ତାଙ୍କ ସ୍ୱାମୀ ଅନ୍ୟଜଣେ ମହିଳାଙ୍କ ସହ ଅନୈତିକ ସମ୍ପର୍କ ରଖିଛନ୍ତି। ପ୍ରତିବାଦ କରିବାରୁ ଗତ ଶନିବାର ଭୋର ପ୍ରାୟ ୪ ଟାରେ ସ୍ୱାମୀ ତାଙ୍କୁ ନିସ୍ତୁକ ମାଡ଼ ମାରିବା ସହ ତଣ୍ଟି ଚିପି ମାରିଦେବାକୁ ଉଦ୍ୟମ କରିଥିଲେ। ସେ ପାଟି କରିବାରୁ ଛାଡ଼ି ଦେଇଥିଲେ। ସେ ପ୍ରାଣ ଭୟରେ ବାପ ଘର ଗଣିଆନାଳ ଗ୍ରାମକୁ ଚାଲି ଯାଇଥିଲେ। ତାଙ୍କ ସ୍ୱାମୀ କାଠ ଚୋରା କାରବାରରେ ସମ୍ପୃକ୍ତ ଅଛନ୍ତି। ତାଙ୍କୁ ଏକାଧିକ ଥର ମରଣାନ୍ତକ ଆକ୍ରମଣ କରାଯାଇଥିବା ଏତଲାରେ ଉଲ୍ଲେଖ ରହିଛି।

# ୯ ଜିଲାର ଅଧିକାରୀ ଦେଖିବେ ଗଞ୍ଜାମ ବିକାଶ ମଡେଲ

ଛତ୍ରପୁର,୨୧।୯(ଡି.ଏନ.ଏ.)

ଗଞ୍ଜାମର ବିକାଶ ମଡେଲକୁ ଓଡ଼ିଶାର ଅନ୍ୟ ସମସ୍ତ ୨୯ ଜିଲାରେ କାର୍ଯ୍ୟକାରୀ କରିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ଏଠାରେ ୫-ଟି ପ୍ଲାଟଫର୍ମରେ ହୋଇଥିବା ଏବଂ ଚାଲିଥିବା ବିଭିନ୍ନ ବିକାଶମୂଳକ ଓ ଉନ୍ନୟନ କାର୍ଯ୍ୟକୁ ଦେଖିବା ଲାଗି ପୂର୍ବରୁ ରାଜ୍ୟର ବିଜେଡି ବିଧାୟକ ଓ ଏମ୍‌ପି ଦୁଇଟି ପର୍ଯ୍ୟାୟରେ ଆସିଥିଲେ । ପୁଣି ରାଜ୍ୟର ଅନ୍ୟ ୨୯ ଜିଲାର ଡିଆରଡିଏ ପିଡି, ବିଡିଓ ଓ ସହକାରୀଯନ୍ତ୍ରୀମାନେ ଏଠାକୁ ଆସିବେ। ଏନେଇ କାର୍ଯ୍ୟକ୍ରମ ଚୂଡାନ୍ତ ହୋଇଥିବା ସୂଚନା ମିଳିଛି। ବୁଧବାରଠାରୁ ଅକ୍ଟୋବର ୨୫ ପର୍ଯ୍ୟନ୍ତ ୧୨ଟି ପର୍ଯ୍ୟାୟରେ ୨୯ ଜିଲାର ୭୨୧ ଅଧିକାରୀ ଓ ଷ୍ଟାଫ୍ ଗଞ୍ଜାମ ଜିଲା ପରିଦର୍ଶନରେ ଆସିବେ। ସେଥିରେ ୫୫୧ ଅଧିକାରୀ ଓ ୧୭୦ ଷ୍ଟାଫ୍ ଅଛନ୍ତି। ବିଶେଷକରି ଜିଲାରେ ଚାଲିଥିବା ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ବିଭିନ୍ନ ପର୍ଯ୍ୟଟନ, ପୋଖରୀର ଉନ୍ନତୀକରଣ ଓ ସୌନ୍ଦର୍ଯ୍ୟକରଣ, ଗ୍ରାମାଞ୍ଚଳ ମଡେଲ ପାର୍କ, ମିଶନ ଶକ୍ତି ବିଲ୍ଡିଂ, ଗାଁରେ ପ୍ରତିଷ୍ଠା ହୋଇଥିବା ଜିମ୍, କ୍ୟାଟେଲ ହଷ୍ଟେଲ, ବିଜୁ ପଞ୍ଚାୟତ ପାଠାଗାର, ମଡେଲ ପୋଖରୀ, ଅଙ୍ଗନୱାଡି କେନ୍ଦ୍ର, ଗଞ୍ଜାମ ହାଟ, ଭିୟୁ ପଏଣ୍ଟ, କଲ୍ୟାଣ ମଣ୍ଡପ, ଦେଶୀ କୁକୁଡା ଫାର୍ମ, ସ୍କୁଲ ରୂପାନ୍ତରୀକରଣ କାର୍ଯ୍ୟକ୍ରମରେ ମଡେଲ ହାଇସ୍କୁଲ ପରିଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି। ବୁଧବାର କଳାହାଣ୍ଡି, ବୌଦ୍ଧ ଓ ଖୋର୍ଦ୍ଧା ଜିଲାର ୬୬ ଅଧିକାରୀ ଗଞ୍ଜାମ ଆସିବେ। ଏମାନଙ୍କୁ ନେଇ ୩ଟି ଟିମ୍‌ରେ ବିଭକ୍ତ କରାଯାଇଛି । ବୁଧବାର ଉକ୍ତ ୩ ଜିଲାର ୩ ଟିମ୍ ସାନଖେମୁଣ୍ଡି, ଦିଗପହଣ୍ଡି, ରଙ୍ଗେଇଲୁଣ୍ଡା, କୁକୁଡାଖଣ୍ଡି, ହଞ୍ଜିଳି, ଶେରଗଡ, ଆସିକା, ପୁରୁଷୋତ୍ତମପୁର, ଗଞ୍ଜାମ ଓ ଛତ୍ରପୁର ବ୍ଲକ ଏବଂ ବ୍ରହ୍ମପୁର ସହରର ବିଭିନ୍ନ ବିକାଶ ମଡେଲ୍ ଦେଖିବାର କାର୍ଯ୍ୟକ୍ରମ ରହିଛି ।

# ନାବାଳିକାଙ୍କୁ ବଳାତ୍କାର, ଅସଦାଚରଣ ମାମଲା, ୬ ନିର୍ଦ୍ଦୋଷ

ଛତ୍ରପୁର,୨୧।୯(ଡି.ଏନ.ଏ.)

ଗଞ୍ଜାମ ଥାନା ଆଲିଆବାଦ ଗାଁରେ ଜଣେ ନାବାଳିକାଙ୍କ ଉପରେ ହୋଇଥିବା ବଳାତ୍କାର ଓ ଅସଦାଚରଣ ମାମଲାରେ ୬ ନିର୍ଦ୍ଦୋଷରେ ଖଲାସ ହୋଇଛନ୍ତି। ବଳାତ୍କାର ମାମଲାରେ ଆଲିବାଦ ଗାଁର ଅନ୍ତର୍ଯ୍ୟାମୀ ନାହାକ ଏବଂ ଅସଦାଚରଣ ମାମଲାରେ ଦେବରାଜ ନାହାକ, ଭଗବାନ ନାହାକ, ପୂର୍ଣ୍ଣବାସୀ ନାହାକ, ରାମଚନ୍ଦ୍ର ନାହାକ ଓ ପ୍ରଶାନ୍ତ ନାହାକଙ୍କୁ ଛତ୍ରପୁର ଅତିରିକ୍ତ ଜିଲା ଦୌରାଜଜ୍ ରାଜା ରଞ୍ଜନ ପାଢୀ ମଙ୍ଗଳବାର ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି । ସୂଚନାଯୋଗ୍ୟ, ଅନ୍ତର୍ଯ୍ୟାମୀ ୧୫ ବର୍ଷ ପୂର୍ବେ ଗଞ୍ଜାମ ଥାନା ଆଲିଆବାଦ ଗାଁର ଜଣେ ନାବାଳିକାଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ଆସୁଥିଲେ । ପରେ ସେ ୧୦ ମାସ ଧରି ତାଙ୍କୁ ବଳାତ୍କାର କରି ଆସୁଥିବା ଅଭିଯୋଗ ହୋଇଥିଲା । ତେବେ ଅନ୍ତର୍ଯ୍ୟାମୀଙ୍କର ଅନ୍ୟତ୍ର ବିବାହ ପ୍ରସ୍ତାବ ଖୋଜାଯାଉଥିବା ଜାଣି ଉକ୍ତ ନାବାଳିକା ତାଙ୍କୁ ବିବାହ କରିବାକୁ କହିଥିଲେ । ମାତ୍ର ବିବାହ ପାଇଁ ଅନ୍ତର୍ଯ୍ୟାମୀ ମନାକରି ଦେଇଥିଲେ । ପରେ ପୀଡିତା ତାଙ୍କ ଘରକୁ ଯାଇ ଏ ସମ୍ପର୍କରେ ଅଭିଯୋଗ କରିବା ସହ ବିବାହ କରାଇବାକୁ ପରିବାର ଲୋକଙ୍କୁ କହିଥିଲେ । ତେବେ ଅନ୍ତର୍ଯ୍ୟାମୀଙ୍କ ମା’ ପୂର୍ଣ୍ଣମାସୀ, ତାଙ୍କର ଭିଣୋଇ ରାମ ଏବଂ ଅନ୍ୟ ୩ ଭାଇ ଦେବରାଜ, ଭଗବାନ ଓ ପ୍ରଶାନ୍ତ ନାବାଳିକାଙ୍କୁ ମାଡମାରି ଅସଦାଚରଣ କରିଥିବା ନାବାଳିକା ଜଣଙ୍କ ଅଭିଯୋଗ କରିଥିଲେ। ଏନେଇ ସେ ଗଞ୍ଜାମ ଥାନାରେ ଏତଲା ଦେଇଥିଲେ। ଏହାକୁ ଭିତ୍ତିକରି ଉକ୍ତ ୬ ଜଣଙ୍କ ନାଁରେ ମାମଲା ରୁଜୁ କରି ପରେ କୋର୍ଟରେ ଅଭିଯୋଗ ଦାଖଲ କରିଥିଲେ। ଏସ୍‌ଟି କେସ ନଂ-୧୫୬୧/୧୩। ସରକାରଙ୍କ ପକ୍ଷରୁ ୧୭ ଜଣ ଓ ଅଭିଯୁକ୍ତଙ୍କ ପକ୍ଷରୁ ୩ ସାକ୍ଷ୍ୟ ପ୍ରଦାନ କରିଥିଲେ । ଅଭିଯୁକ୍ତଙ୍କ ପକ୍ଷରୁ ଓକିଲ ଦିଲୀପ କୁମାର ପଟ୍ଟନାୟକ ମାମଲା ପରିଚାଳନା କରୁଥିଲେ।

# ସଂଘବଦ୍ଧ ଆକ୍ରମଣ ମାମଲା, ମୁଖ୍ୟ ଅଭିଯୁକ୍ତ ଗିରଫ

ଗୋପାଳପୁର,୨୧।୯(ଡି.ଏନ.ଏ.)

ଜନୈକ ଯୁବକଙ୍କୁ ସଂଘବଦ୍ଧ ଆକ୍ରମଣ ଅଭିଯୋଗରେ ଗୋଳନ୍ଥରା ଥାନା ପୋଲିସ ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ଗିରଫ ଜଣକ ହେଲେ ଦୁବପଲୀ ଗ୍ରାମର ଦୁର୍ଯ୍ୟୋଧନ ମହାପାତ୍ର। ପୂର୍ବରୁ ଉକ୍ତ ମାମଲାରେ ୩ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଥିଲା। ସୂଚନାନୁସାରେ ଏହି ଥାନା ଅନ୍ତର୍ଗତ ଦୁବପଲୀ ଗ୍ରାମର ଶିବ ଶଙ୍କର ମହାପାତ୍ର ଘରେ ଥିବା ବେଳ ଗତ ୧୪ ତାରିଖରେ ଦୁର୍ଯ୍ୟୋଧନ ସମେତ କିଛି ବ୍ୟକ୍ତି ଆସି ଶିବ ଶଙ୍କରଙ୍କୁ ଘରୁ ଡ଼ାକି ନେଇ ଅସଭ୍ୟ ଭାଷାରେ ଗାଳିଗୁଲଜ ସହ ସଂଘବଦ୍ଧ ଭାବେ ଖଣ୍ଡାରେ ଆକ୍ରମଣ କରି ରକ୍ତାକ୍ତ କରି ଦେଇଥିଲେ। ତାଙ୍କ ଠାରୁ ମନିପର୍ସ ଓ ଏଟିଏମ କାର୍ଡ ଲୁଟି ନେଇ ଚମ୍ପଟ ମାରିଥିଲେ। ପରିବାର ଲୋକେ ଗୁରୁତର ଶିବ ଶଙ୍କରଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲରେ ଭର୍ତ୍ତି କରିଥିଲେ। ଏନେଇ ୧୭ ତାରିଖରେ ଶିବ ଶଙ୍କରଙ୍କ ମା’ ଅମୂଲ୍ୟ ମହାପାତ୍ର ଗୋଳନ୍ଥରା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ନଂ.୨୬୨/୨୧ରେ ହତ୍ୟା ଉଦ୍ୟମ ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଥିଲା। ଏହି ମାମଲାରେ ଗତ ରବିବାର ଶଙ୍କର ଆଚାର୍ଯ୍ୟ, ଗୋପାଳକୃଷ୍ଣ ମହାପାତ୍ର ଓ ତିରୁପତି ମହାପାତ୍ରଙ୍କୁ ଗିରଫ କରି ପୋଲିସ କୋର୍ଟଚାଲାଣ କରିଥିଲା। ମଙ୍ଗଳବାର ଦୁର୍ଯ୍ୟୋଧନ କନିଷି ହାଟ ଆସୁଥିବା ବେଳେ ଗୋଳନ୍ଥରା ଥାନା ପୋଲିସ ଚଢ଼ାଉ କରି ତାଙ୍କୁ କାବୁ କରିଥିଲା।

# ଏଆଇଟିୟୁସି ଜିଲା କାର୍ଯ୍ୟକାରୀ କମିଟି ପରିବର୍ଦ୍ଧିତ ବୈଠକ

ବ୍ରହ୍ମପୁର ଅଫିସ,୨୧।୯


ବୈଠକରେ ଉପସ୍ଥିତ ସଂଘର କର୍ମକର୍ତ୍ତା।

ଅଖିଳ ଭାରତ ଟ୍ରେଡ୍ ୟୁନିୟନ୍ କଂଗ୍ରେସ (ଏଆଇଟିୟୁସି) ଗଞ୍ଜାମ ଜିଲା କାର୍ଯ୍ୟକାରୀ କମିଟି ପରିବର୍ଦ୍ଧିତ ବୈଠକ ମଙ୍ଗଳବାର ପାର୍କ ସାହି ସ୍ଥିତ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏଆଇଟିୟୁସିର ରାଜ୍ୟ କାର୍ଯ୍ୟକାରୀ ସଭାପତି ପ୍ରଶାନ୍ତ କୁମାର ପାଢୋଶୀ ଅଧକ୍ଷତା କରିଥିଲେ। ସଂଘ ଜିଲା ସମ୍ପାଦକ ଅଳକ ନାଥ ମିଶ୍ର କାର୍ଯ୍ୟ ବିବରଣୀ ସମ୍ବନ୍ଧରେ ଉପସ୍ଥାନ କରିଥିଲେ। ଆସନ୍ତା ୨୭ ତାରିଖରେ କୃଷକ ସଂଘର୍ଷ ସମିତି ଆହ୍ୱାନରେ ଭାରତ ବନ୍ଦ ଡାକରାକୁ ସଫଳ କରିବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଥିଲା। ଅକ୍ଟୋବର ୩୧ ରେ ଏଆଇଟିୟୁସିର ୧୦୧ ତମ ଦିବସ ହୋଇଥିବା ସମଗ୍ର ଗଞ୍ଜାମ ଜିଲାରେ ଏହାକୁ ପାଳନ କରିବା ପାଇଁ ବୈଠକରେ ଆଲୋଚନା ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଏଆଇଟିୟୁସିର ବରିଷ୍ଠ ନେତା ପ୍ରକାଶ ପାତ୍ର, ଦଣ୍ଡପାଣି ସାମଲ, ରାଜେନ୍ଦ୍ର ଦାସ, ପ୍ରଦୀପ ସେଠୀ, କାମଦେବ ନାହାକ, ବି.ଦଣ୍ଡପାଣି ପାତ୍ର, ସୁରେନ୍ଦ୍ର ନାଥ ମହାରଣା ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# ଡକାୟତି ଯୋଜନା କରିଥିବା ଡ୍ରାଇଭର ଗିରଫ


ବ୍ୟବସାୟୀଙ୍କୁ ଟଙ୍କା ଓ ଗାଡ଼ି ଚାବି ପ୍ରଦାନ କରୁଛନ୍ତି ଆଇଆଇସି ।

- ସାନଘାଟି ଲୁଟ୍ ଘଟଣାର ପର୍ଦ୍ଦାଫାଶ
- ୧ ଲକ୍ଷ ୩୦ ହଜାର ଜବତ

ଖଲ୍ଲିକୋଟ,୨୧।୯(ଡି.ଏନ.ଏ.): ଖଲ୍ଲିକୋଟ ଥାନା ସାନଘାଟି ନିକଟରେ ସୋମବାର ମାଡ଼ ମାରି ଡ୍ରାଇଭର ନିକଟରୁ ୧ ଲକ୍ଷ ୩୦ ହଜାର ଟଙ୍କା ଲୁଟ ସହ ମୋବାଇଲ ଓ ଗାଡ଼ି ଚାବି ଦୁର୍ବୃତମାନେ ଛଡ଼ାଇ ନେଇଥିବା ଅଭିଯୋଗ ହୋଇଥିଲା। ଏହି ଘଟଣାର ମଙ୍ଗଳବାର ପୋଲିସ ଡକାୟତି ଯୋଜନା କରିଥିବା ଅଭିଯୁକ୍ତ ଗାଡ଼ି ଚାଳକଙ୍କୁ କୋର୍ଟ ଚାଲାଣ କରିଛି। ସେ ହେଲେ ଖୋର୍ଦ୍ଧା ଟାଉନ ଥାନା ହଳଦିଆ ଗ୍ରାମର ଜ୍ୟୋତି ରଞ୍ଜନ ସାହୁ (୨୧)। ଏ ନେଇ ନଂ. ୫୭୮/୨୧ରେ ପୋଲିସ ମାମଲା ରୁଜୁ କରିଛି। ଅଭିଯୁକ୍ତ ଡ୍ରାଇଭରଙ୍କଠାରୁ ୧ ଲକ୍ଷ ୩୦ ହଜାର ଟଙ୍କା ଜବତ କରାଯାଇଥିବା ମଙ୍ଗଳବାର ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ପୋଲିସ ସୂଚନା ଦେଇଛି। ଖୋର୍ଦ୍ଧା ସଦର ଥାନା ଅନ୍ତର୍ଗତ ଅଣ୍ଡା ବ୍ୟବସାୟୀ ପ୍ରତାପ କୁମାର ସାହୁ ଗଞ୍ଜାମ ଜିଲା ଛତ୍ରପୁର ଅଞ୍ଚଳରୁ ଅଣ୍ଡା ନେଇ ବ୍ୟବସାୟ କରୁଥିଲେ। ତାଙ୍କ ବୋଲେରୋ (ନଂ ଓଡିଶା୩୩ଏବି୬୭୧୯)ରେ ଜ୍ୟୋତି ଡ୍ରାଇଭର ରୂପେ ୯ ମାସ ହେବ କାମ କରୁଥିଲେ। ପୂର୍ବପରି ଡ୍ରାଇଭର ହାତରେ ୧ ଲକ୍ଷ ୩୦ ହଜାର ଟଙ୍କା ଦେଇ ଅଣ୍ଡା ନେବା ପାଇଁ ଖୋର୍ଦ୍ଧାରୁ ଛତ୍ରପୁର ଗାଡ଼ି ଆସୁଥିଲା। ଡ୍ରାଇଭର ଟଙ୍କା ହଡ଼ପ କରିବା ପାଇଁ ଏକ ସୁଚିନ୍ତିତ ଯେଜାନା କରି ଖଲ୍ଲିକୋଟ ଥାନା ସାନଘାଟି ନିକଟ ନିଛାଟିଆ ଜାଗାରେ ଟଙ୍କା ଭର୍ତ୍ତି ପଲିଥିନକୁ ରଖିଥିଲେ। ସେହିପରି ନିଜର ମୋବାଇଲ ଓ ଗାଡ଼ି ଚାବିକୁ କିଛି ଦୂରରେ ପକାଇ ଦେଇଥିଲେ। ସାନଘାଟିର ଆଗକୁ କିଛି ଦୂର ଯାଇ ଏକ ଚା ଦୋକାନରେ ତାଙ୍କୁ ମାଡ଼ ମାରି ଟଙ୍କା, ମୋବାଇଲ ଓ ଗାଡ଼ି ଚାବି ଲୁଟି ନେଇଥିବାର ପ୍ରକାଶ କରିଥିଲେ। ଚା’ ଦୋକାନୀଙ୍କ ମୋବାଇଲ ମାଗି ଗାଡ଼ି ମାଲିକ ପ୍ରତାପ କୁମାର ସାହୁଙ୍କୁ ଜଣାଇଥିଲେ। ପ୍ରତାପ ପହଞ୍ଚି ଡ୍ରାଇଭରଙ୍କ ସହ ରମ୍ଭା ଥାନାରେ ଜଣାଇଥିଲେ। କିନ୍ତୁ ଉକ୍ତ ସ୍ଥାନଟି ଖଲ୍ଲିକୋଟ ଥାନା ଅଧିନରେ ଯାଉଥିବାରୁ ଖଲ୍ଲିକୋଟ ଥାନାକୁ ପଠାଇଥିଲେ। ପ୍ରତାପଙ୍କଠାରୁ ଏତଲା ପାଇଁ ଖଲ୍ଲିକୋଟ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଅନୁସନ୍ଧାନ କରି ଡ୍ରାଇଭରକୁ ପ୍ରଥମେ ଜେରା କରିଥିଲେ। କିଛି ସମୟ ପରେ ଡ୍ରାଇଭର ସବୁ ସତ କଥା ମାନିଯାଇଥିଲା। ଟଙ୍କା ରଖିଥିବା ସ୍ଥାନ, ମୋବାଇଲ ଓ ଗାଡ଼ି ଚାବି ସମସ୍ତ ଉଦ୍ଧାର ହୋଇଥିଲା।


**GOVERNMENT OF ODISHA**
**"e" PROCUREMENT NOTICE**
No.O-725:- **Bid Identification No.08 of 2021-22**

| | | | |
|---|---|---|---|
| 1 | Number of works | : | 19 Nos. of works |
| 2 | Estimated cost (Approx.) | : | Rs.1.30 lakhs to Rs.20.50 lakh (Approx.) |
| 3 | Period of completion | : | Mention against NIT Table Col.06 |
| 4 | Date & time of availability of bid documents in the portal: | : | 29.09.2021 at 11.00 hrs. |
| 5 | Last date & time for receipt of bids in the portal | : | 11.10.2021 at 17.00 hrs. |
| 6 | Date of opening of tender | : | 16.10.2021 at 11.00 hrs. |
| 7. | Name and address of the officer inviting bid | : | Executive Engineer, Rural Works Division, Jagatsinghpur |

Further details can be seen from the Government website: www.tendersorissa.gov.in.
Sd./- Executive Engineer, Rural Works Division, Jagatsinghpur
OIPR- 25056/11/0008/2122

**ROURKELA MUNICIPAL CORPORATION**
**UDITNAGAR, ROURKELA, Pin - 769012**
Mail ID: rourkelamunicipality@gmail.com Telephone: (0661) 2500388

EOI No. 12482 Date: 18.09.2021

**Notice Inviting Expression of Interest for Selection of Agency for Operation and Management of Beggars Rehabilitation Centre in Rourkela, Odisha**

**No. C-986**:- Rourkela Municipal Corporation (RMC), Rourkela invites Proposals from reputed Agencies for the **Operation & Management of Beggars Rehabilitation Centres in Rourkela** under SAHAYA Scheme as specified in this EOI Document. The detailed EOI document can be downloaded from the website link **http://www.rmc.nic.in** with effect from **18.09.2021 (3 PM)** onwards.

The last date and time for submission of EOI document by speed post/ registered post/ courier/ hand in all working days at the Rourkela Municipal Corporation, Uditnagar, Rourkela-769012 upto **03.00 PM of 01.10.2021**. Based on the eligibility criteria as mentioned in the EOI, the applicant agency will be selected. Commissioner, Rourkela Municipal Corporation, Rourkela reserves the right to accept or reject any application without assigning any reason thereof.

For any queries, please contact **rourkelamunicipality@gmail.com**

**Sd./- Commissioner**
OIPR-13131/11/0034/2122 **Rourkela Municipal Corporation**

**ତହସିଲ କାର୍ଯ୍ୟାଳୟ, କାଶୀନଗର, ଜିଲ୍ଲା: ଗଜପତି**
**ଲଘୁ ଖଣିଜ ଦ୍ରବ୍ୟ ସଇରାତ ଉତ୍ସ ଦୀର୍ଘ ମିଆଦୀ ଲିଜ୍ ନିମନ୍ତେ ବିଜ୍ଞାପନ**

ସଂଖ୍ୟା: ୪୮୯୮/ସଇରାତ ତା୨୦।୦୮।୨୦୨୧

No. F-141: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, କାଶୀନଗର ତହସିଲ କାର୍ଯ୍ୟାଳୟ ଦ୍ୱାରା ପ୍ରକାଶିତ ନିଲାମ ଇସ୍ତାହାର ସଂଖ୍ୟା ୪୮୯୮/ସଇରାତ, ତା୨୦।୦୮।୨୦୨୧ ଅନୁଯାୟୀ ନୋଟିସ୍‌ରେ ସଂଲଗ୍ନ ଥିବା କାଶୀନଗର ତହସିଲ ଅଧୀନରେ ଥିବା ସଇରାତ ଉତ୍ସ (ଲଘୁ ଖଣିଜ ଦ୍ରବ୍ୟ) ଉତ୍ସ ଗୁଡ଼ିକ ଆଗାମୀ ୫ (ପାଞ୍ଚ) ବର୍ଷ (୨୦୨୧-୨୨ ଆର୍ଥିକ ବର୍ଷଠାରୁ ୨୦୨୫-୨୬) ପାଇଁ ଦୀର୍ଘ ମିଆଦୀ ଲିଜ୍ ସୂତ୍ରେ ଦିଆଯିବା ସକାଶେ ଓଡ଼ିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ନିୟମାବଳୀ ୨୦୧୬ (Rule 27) ଅନୁଯାୟୀ ଦରଖାସ୍ତ ଆହ୍ୱାନ କରାଯାଉଛି। ଦରଖାସ୍ତ ଆହ୍ୱାନ/ଗ୍ରହଣର ତାରିଖ ତା୦୮।୧୦।୨୦୨୧ଠାରୁ ତା୦୩।୧୧।୨୦୨୧ରିଖ ଅପରାହ୍ନ ୦୫.୩୦ ଘଟିକା ଧାର୍ଯ୍ୟ କରାଯାଇଅଛି। ଦରଖାସ୍ତ ତନଖି ତା୦୫।୧୧।୨୦୨୧ରିଖ ପୂର୍ବାହ୍ନ ୧୧.୦୦ ଘଟିକା।

ସଇରାତ ଉତ୍ସଗୁଡ଼ିକର ଲିଜ୍ ସମ୍ବନ୍ଧୀୟ ସମସ୍ତ ତଥ୍ୟ, ସବିଶେଷ ବିବରଣୀ ଏବଂ ଅନ୍ୟାନ୍ୟ ନିୟମାବଳୀ ଜାଣିବା ପାଇଁ ଇଚ୍ଛୁକ ବ୍ୟକ୍ତି ସମ୍ପୃକ୍ତ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ କିମ୍ବା ତହସିଲଦାରଙ୍କ କାର୍ଯ୍ୟାଳୟ ସହ ଯେକୌଣସି କାର୍ଯ୍ୟଦିବସରେ ଯୋଗାଯୋଗ କରିପାରନ୍ତି। ଏହା ଗଜପତି ଜିଲ୍ଲା ୱେବସାଇଟ୍ **http://gajapati.nic.in** ସଇରାତ/ଟେଣ୍ଡର ଅଧୀନରେ ମଧ ଉପଲବ୍ଧ ହେବ।

ସ୍ୱା./- ତହସିଲଦାର, କାଶୀନଗର
OIPR-24215/11/0001/2122

**Government of Odisha "e" Procurement Notice**
E-Mail ID - rwd.padampur@yahoo.co.in, Ph.No. 9437255440
**Bid Identification No: Online- 04-OF 2021-22**
No.O-726:-

| | | | |
|---|---|---|---|
| 1 | Name of the work | : | Providing, fitting & fixing of Sign Boards and Road Furniture of approved quality and specification as per IRC:67-2012 to 177 nos. of roads under R.W.Division, Padampur as per Annexure-'A' |
| 2 | Amount put to Bid Excluding GST | : | As per Annexure-'A' |
| 3 | Class of contractor | : | 'B' & 'A' |
| 4 | Cost of Tender paper | : | As per Annexure-'A' |
| 5 | Date & Time of availability of bid document in the portal | : | From Dt. 21.09.2021 at 10.00 A.M. |
| 6 | Last date & Time for receipt of bids in the portal | : | Dt. 30.09.2021 up to 05:00 P.M. |
| 7 | Last date of seeking clarification | : | Dt. 29.09.2021 up to 5.00 P.M. |
| 8 | Date & Time of technical bid opening | : | Dt. 01.10.2021 at 11.00 A.M. |
| 9 | Date & Time of Financial bid opening | : | Dt. 05.10.2021 at 11.00 A.M. |
| 10 | Name and address of the Officer Inviting Bid | : | Executive Engineer, R.W. Division, Padampur, At/PO- Padampur, Dist.- Bargarh, Pin- 768036 |

(1) Other details can be seen from DTCN available in website www.tendersorissa.gov.in. (2) Corrigendum if any shall only be published in the above website
Executive Engineer, Rural Works Division, Padampur
OIPR-25069/11/0006/2122

See Career Appointment on every Wednesday & Saturday

**ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼, ଓଡ଼ିଶା**
(ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ)
ପରିବେଶ ଭବନ, ଏ/୧୧୮, ନୀଳକଣ୍ଠ ନଗର, ୟୁନିଟ୍-୮, ଭୁବନେଶ୍ୱର - ୭୫୧୦୧୨
ସଂଖ୍ୟା 14231/IND-IV/PCP(M)93 ତା 18.09.2021

**ସର୍ବସାଧାରଣ ବିଜ୍ଞପ୍ତି**

No. CAD-1240: ଏତଦ୍ୱାରା ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଇଲେକ୍ଟ୍ରୋନିକ୍ ବର୍ଜ୍ୟବସ୍ତୁରେ ଥିବା ତମ୍ବା, ସୀସା, ପାରଦ, କ୍ୟାଡ଼ମିୟମ୍, କ୍ରୋମିୟମ୍ ଭଳି ଅନେକ ରାସାୟନିକ ଭାରି ଧାତୁ ପରିବେଶ ତଥା ମାନବ ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ କ୍ଷତିକାରକ ଅଟେ। ଯଦି ଉପରୋକ୍ତ ବର୍ଜ୍ୟବସ୍ତୁଗୁଡ଼ିକ ବୈଜ୍ଞାନିକ ପଦ୍ଧତିରେ ପ୍ରକ୍ରିୟାକରଣ ନ କରାଯାଏ, ତାହା ମାନବ ସ୍ୱାସ୍ଥ୍ୟ ଏବଂ ପରିବେଶ ଉପରେ କୁପ୍ରଭାବ ପକାଇବ। ତେଣୁ ଉପରୋକ୍ତ ପ୍ରତିକୂଳ ପ୍ରଭାବକୁ ବିଚାରକୁ ନେଇ ଗୃହ ଏବଂ ନଗର ଉନ୍ନୟନ ବିଭାଗ ସମସ୍ତ ମ୍ୟୁନିସିପାଲିଟି କର୍ପୋରେସନ/ମ୍ୟୁନିସିପାଲିଟି/ବିଜ୍ଞାପିତ ଅଞ୍ଚଳ ପରିଷଦମାନଙ୍କୁ ଇଲେକ୍ଟ୍ରୋନିକ୍ ବର୍ଜ୍ୟବସ୍ତୁ ଯଥା: ସିଏଫ୍ଏଲ୍ ବଲ୍‌ବ, ଟ୍ୟୁବଲାଇଟ୍ ଇତ୍ୟାଦିକୁ ପ୍ରତି ଶନିବାର ଦିନ ସଂଗ୍ରହ କରିବାକୁ ନିର୍ଦ୍ଦେଶ ଦେଇଅଛନ୍ତି। ଏତଦ୍‌ବ୍ୟତୀତ ସମସ୍ତ ଗୃହକର୍ତ୍ତା ମାନଙ୍କୁ ଅନୁରୋଧ କରାଯାଉଅଛି ଯେ, ସେମାନେ ଇଲେକ୍ଟ୍ରୋନିକ୍ ବର୍ଜ୍ୟବସ୍ତୁଗୁଡ଼ିକୁ ସହରାଞ୍ଚଳ ପରିମଳ ସଂସ୍ଥାର ଇ-ବର୍ଜ୍ୟବସ୍ତୁ ସ୍ୱଚ୍ଛ ସୁପରଭାଇଜର କିମ୍ବା ସ୍ୱଚ୍ଛ ସାଥୀମାନଙ୍କୁ ହସ୍ତାନ୍ତର କରିବେ। ଏହି ବର୍ଜ୍ୟବସ୍ତୁଗୁଡ଼ିକୁ ଅନ୍ୟାନ୍ୟ ଘରୋଇ ବର୍ଜ୍ୟବସ୍ତୁ ସହିତ ନ ମିଶାଇ ଏକ ସପ୍ତାହ ପର୍ଯ୍ୟନ୍ତ ପୃଥକ୍ ଭାବେ ରଖାଯିବା ଉଚିତ୍। ପରିମଳ ସଂସ୍ଥା ଏହି ଆବର୍ଜନା ଗୁଡ଼ିକୁ ପୃଥକ୍ ପୃଥକ୍ ଭାବେ ପୁନରୁଦ୍ଧାର କେନ୍ଦ୍ର ଗୃହରେ ଇ-ବର୍ଜ୍ୟବସ୍ତୁ ନାମରେ ଚିହ୍ନଟ ସ୍ଥାନରେ ଗଚ୍ଛିତ ରଖିବେ। ମ୍ୟୁନିସିପାଲିଟି କର୍ତ୍ତୃପକ୍ଷ ସଂଗୃହୀତ ଇଲେକ୍ଟ୍ରୋନିକ୍ ବର୍ଜ୍ୟବସ୍ତୁକୁ ପ୍ରାଧିକୃତ ବିସ୍ଥାପନ କିମ୍ବା ପୁନରୁଦ୍ଧାର କେନ୍ଦ୍ରକୁ ହସ୍ତାନ୍ତର କରିବେ। ପଞ୍ଜିକୃତ ବିସ୍ଥାପନ ଏବଂ ପୁନରୁଦ୍ଧାର କେନ୍ଦ୍ରଗୁଡ଼ିକର ତାଲିକା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ର ୱେବସାଇଟ୍ **www.oscpboard.org**ରେ ଉପଲବ୍ଧ ଅଛି।

ସ୍ୱା./- ସଦସ୍ୟ ସଚିବ
OIPR-08012/11/0095/2122

**Directorate of Handicrafts, Odisha**
**1st Floor, Heads of Department Building, Unit-V, Bhubaneswar - 1**

**Tender Call Notice**

No. 3887/ dt.20.09.2021

**No. PP-33:-** The Directorate of Handicrafts, Odisha is organizing handicraft exhibitions inside the state during the year 2021-22.

Sealed quotations are invited from registered event management firms / decorators having valid GST registration Certificate for designing, fabrication and erection of stalls with allied activities. The firm must have executed 2 (two) Nos. of assignment for design and erection of stalls / pavillions worth Rs.15 lakhs each (Rupees fifteen lakhs only) or above for PSUs / Central Govt. / State Govt. during the financial year (2018-19, 2019-20 & 2020-21). The firms need to apply in 2 bids for the above events to be organized during the year 2021-22. The 1st bid will be Technical Bid containing documents of experience in executing similar works, copies of GST Registration Certificate & Income tax registration, EMD & I.T. return for last 2 years. The 2nd bid will be the financial bid containing the quoted rate of the firm as per schedule. The bid papers containing schedule of work, specification, terms & conditions with model sketches can be available in the office of the undersigned on working days from 21.09.2021 to 05.10.2021 (up to 5.00 P.M.) for an amount of Rs.1,000/-. The last date for submission of the quotations at this office is 07.10.2021 (upto 1.00 P.M.). The quotations will be opened in presence of the bidders or their authorized representatives on 07.10.2021 at 2.00 P.M.

**Sd./- Director of Handicrafts, Odisha**
OIPR-14008/11/0001/2122